# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୧୧/୨୦୨୬ (୧୬ ପୃଷ୍ଠା) | Bhubaneswar, Wednesday, March 11/2026 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 105 | ମୂଲ୍ୟ ₹୭/-





**କ୍ଷମା ମାଗିଲେ ସୁନିଧି**

ଲକ୍ଷ୍ନୌରେ ଏକ ଲାଇଭ କନ୍‌ସର୍ଟରେ କାନ୍ଦି କାନ୍ଦି ସେ ଗଳା ସମସ୍ୟା ସହ ସଂଘର୍ଷ କରୁଥିବା କହି ଦର୍ଶକଙ୍କୁ କ୍ଷମା ମାଗିଥିଲେ ସୁନିଧି ଚୌହାନ। **୦୨**

**୧୬** **ବୁମ୍‌ରାଙ୍କ ପାଇଁ ୱାର୍କଲୋଡ୍ ମ୍ୟାନେଜମେଣ୍ଟ**

ଦିନିକିଆ ବିଶ୍ୱକପ୍ ୨୦୨୭କୁ ନଜରରେ ରଖି ଭାରତର ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମ୍‌ରାଙ୍କ ଲାଗି ପ୍ରସ୍ତୁତ କରାଯିବ ୱାର୍କଲୋଡ୍ ମ୍ୟାନେଜମେଣ୍ଟ।




## ଏଲ୍‌ପିଜି ସଙ୍କଟ

# ରୋଷେଇ ଘରେ ଯୁଦ୍ଧ ଯନ୍ତ୍ରଣା

ମଧ୍ୟପ୍ରାଚ୍ୟ ଯୁଦ୍ଧର ଯନ୍ତ୍ରଣା ଏବେ ଭାରତୀୟମାନେ ନିଜ ରୋଷେଇ ଘରେ ଅନୁଭବ କଲେଣି। ପଶ୍ଚିମ ଏସୀୟ ରାଷ୍ଟ୍ରଗୁଡ଼ିକରୁ ହର୍ମୁଜ ପ୍ରଣାଳୀ ଦେଇ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନ ହୋଇପାରୁ ନ ଥିବାରୁ ଭାରତରେ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ସିଲିଣ୍ଡର ଯୋଗାଣ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧା ଦେଖାଦେଇଛି। ବିଶେଷକରି ତୈଳ ବିପଣନ କମ୍ପାନୀଗୁଡ଼ିକ ୧୪.୨ କେ.ଜି.ର ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ୬୦ ଟଙ୍କା ଏବଂ କମର୍ସିଆଲ ସିଲିଣ୍ଡର ପ୍ରତି ୧୫୦ ଟଙ୍କା ବୃଦ୍ଧି କରିବା ପରଠୁ ଗ୍ୟାସ୍ ଦର ଆହୁରି ବଢ଼ିବା ଆଶଙ୍କାରେ ଲୋକେ ଛାନିଆ ହୋଇଯାଇଛନ୍ତି। ଏହାର ଅନୁଚିତ ଲାଭ ଉଠାଇବାକୁ ଯାଇ ବ୍ୟବସାୟୀ ଓ ଡିଲରମାନେ ଅନୈତିକ ଭାବେ ଆବଶ୍ୟକତାଠାରୁ ଅଧିକ ଏଲ୍‌ପିଜି ସିଲିଣ୍ଡର ମହଜୁଦ ରଖି କଳାବଜାର କରୁଥିବା ଅଭିଯୋଗ ଦେଶର ବିଭିନ୍ନ ଭାଗରୁ ଆସିବାରେ ଲାଗିଛି। ସ୍ଥିତି ଏଭଳି ହେଲାଣି ଯେ ଇରାନ୍ ସହ ଆମେରିକା-ଇସ୍ରାଏଲ୍ ଯୁଦ୍ଧ ପୂର୍ବରୁ ଅର୍ଡର କରାଯାଇଥିବା ଗ୍ୟାସ୍ ଲୋକଙ୍କ ଘରକୁ ପହଞ୍ଚିପାରିନାହିଁ। ଭୁବନେଶ୍ୱର ସମେତ ଓଡ଼ିଶାର ଅନେକ ସ୍ଥାନରେ ଉପଭୋକ୍ତାମାନେ ଗ୍ୟାସ୍ ଏଜେନ୍ସିରେ ଖାତା ଧରି ଲମ୍ବା ଲାଇନ୍‌ରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। କେବଳ ଏତିକି ନୁହେଁ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ ଓ ଅନ୍ୟ ବଡ଼ ସହରଗୁଡ଼ିକରେ ହୋଟେଲଗୁଡ଼ିକୁ ଗ୍ୟାସ୍ ଯୋଗାଣ ହୋଇପାରୁନାହିଁ। ଫଳରେ ୨୦ରୁ ୫୦% ହୋଟେଲ ବନ୍ଦ ହୋଇଗଲାଣି। ଏଥିଯୋଗୁ ଭାରତର ହୋଟେଲ ଶିଳ୍ପକୁ ବଡ଼ ଝଟକା ଲାଗିଛି। ଗ୍ୟାସ୍ ସଙ୍କଟର ତୁରନ୍ତ ସମାଧାନ ପାଇଁ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ି ହୋଟେଲ ଓ ରେଷ୍ଟୁରାଷ୍ଟ ସଂଘ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ପତ୍ର ଲେଖିଛି।



ଭୁବନେଶ୍ୱରସ୍ଥିତ ଏକ ଗ୍ୟାସ୍ ଏଜେନ୍ସି ସମ୍ମୁଖରେ ସିଲିଣ୍ଡର ବୁକିଂ ପାଇଁ ଲୋକଙ୍କ ଭିଡ଼।

- **କେନ୍ଦ୍ର ମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଚ୍‌ଆର୍‌ଏଓ**
- **ଯଥେଷ୍ଟ ଗ୍ୟାସ୍ ମହଜୁଦ ରହିଛି: ମୁଖ୍ୟ ଶାସନ ସଚିବ**

ନୂଆଦିଲ୍ଲୀ(ପି.ଟି./ଏଜେନ୍ସି)/ ଭୁବନେଶ୍ୱର(ରବିନାରାୟଣ ଜେନା),୧୦।୩

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ମିଳିତ ଆକ୍ରମଣ ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଜଳପଥ ଦେଇ ପ୍ରାକୃତିକ ବାଷ୍ପ ଭାରତକୁ ଆସିପାରୁ ନାହିଁ। ଏହାର ସିଧାସଳଖ ପ୍ରଭାବ ଏଲ୍‌ପିଜି ଉପରେ ପଡ଼ିଥିବାରୁ ଅର୍ଥବୋଝ ସାଧାରଣ ଖାଉଟିଙ୍କୁ ବାଧିଲାଣି। ମାର୍ଚ୍ଚ ୭ରେ ଘରୋଇ ଓ ବ୍ୟବସାୟିକ ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ସାଙ୍ଗକୁ ଯୋଗାଣ ବାଧାପ୍ରାପ୍ତ ହେବା ପରେ ଓଡ଼ିଶାରେ ହାଣ୍ଡିଶାଳଠାରୁ ଆରମ୍ଭକରି ହୋଟେଲ ଶିଳ୍ପ ଓ ବିଭିନ୍ନ କ୍ଷେତ୍ର ପର୍ଯ୍ୟନ୍ତ ହାହାକାର ଦେଖିବାକୁ ମିଳିଛି। ଏପରି କି ବଜାରରେ କୃତ୍ରିମ ଚାହିଦା ସୃଷ୍ଟି ହୋଇଛି। ଘରୋଇ ଗ୍ୟାସ୍ ସିଲିଣ୍ଡର ପିଛା ୨୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଚଢ଼ାଦରରେ ବିକ୍ରି ହେଉଥିବାବେଳେ ବ୍ୟବସାୟିକ କ୍ଷେତ୍ରରେ ମଧ୍ୟ ଅନୁରୂପ ପ୍ରଭାବ ପଡ଼ିଛି। ଖାଲି ସେତିକି ନୁହେଁ, ରାଜଧାନୀରେ ଲୋକେ ପ୍ରାୟ ୨୦ଦିନ ଧରି ଗ୍ୟାସ୍ ବୁକିଂ କରିଥିଲେ ହେଁ ଏପର୍ଯ୍ୟନ୍ତ ସିଲିଣ୍ଡର ପାଇନାହାନ୍ତି। ବଡ଼ଗଡ଼ ବ୍ରିଟ୍ କଲୋନିର ଲକ୍ଷ୍ମୀଧର ☞ପୃଷ୍ଠା-୪

## ୧୩ରେ ଆସିବ ପିଏମ୍ କିଷାନର ୨୨ତମ କିସ୍ତି

ନୂଆଦିଲ୍ଲୀ,୧୦।୩(ପି.ଟି.)

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୨ତମ କିସ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୩ ତାରିଖରେ ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ଡିଜିଟାଲି ଟ୍ରାନ୍ସଫର କରିବେ। ୯.୩୨ କୋଟି କୃଷକ ଏଥିରୁ ଉପକୃତ ହେବାକୁ ଥିବାବେଳେ ପ୍ରାୟ ୧୯,୦୦୦ କୋଟି ଟଙ୍କା ପଠାଯିବ ବୋଲି କୃଷି ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆସାମର ଗୁଆହାଟୀରୁ ପ୍ରଧାନମନ୍ତ୍ରୀ ଉକ୍ତ କିସ୍ତି ପ୍ରଦାନ କରିବେ। ୨୦୧୯ ଫେବୃଆରୀରେ କେନ୍ଦ୍ର ସରକାର ଏହି ଯୋଜନା କାର୍ଯ୍ୟକାରୀ କରିଥିଲେ। କୃଷକମାନଙ୍କୁ ବାର୍ଷିକ ୩ଟି କିସ୍ତିରେ ମୋଟ ୬,୦୦୦ ଟଙ୍କା ଯୋଗାଇ ଦିଆଯାଇଥାଏ। ଖରିଫ୍ ବୁଣାବୁଣି ପୂର୍ବରୁ ୨୨ତମ କିସ୍ତି ମିଳିବାକୁ ଥିବାରୁ ଏହା କୃଷକମାନଙ୍କ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି।

## ଇଣ୍ଡିଗୋ ସିଇଓଙ୍କ ଇସ୍ତଫା



ପିଟର୍ ଏଲବର୍ସ

ନୂଆଦିଲ୍ଲୀ,୧୦।୩

ଇଣ୍ଡିଗୋ ଏୟାରଲାଇନ୍ସ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ପିଟର୍ ଏଲବର୍ସ ମଙ୍ଗଳବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ବର୍ତ୍ତମାନ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ରାହୁଲ ଭାଟିଆ ଅନ୍ତରୀଣ ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଦାୟିତ୍ୱ ତୁଲାଇବେ। ଗତ ସୋମବାର ଇଣ୍ଡିଗୋ ଏୟାରଲାଇନ୍ସର ବୋର୍ଡ ବୈଠକରେ ପିଟର୍‌ଙ୍କ ଇସ୍ତଫା ବିଷୟରେ ନିଷ୍ପତ୍ତି ନିଆଯାଇଥିଲା। ତାଙ୍କୁ ତୁରନ୍ତ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଥିଲା ବେଳେ ସେ ମଙ୍ଗଳବାର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଇନ୍ଧନ ଓ ରନ୍ଧନ ସଙ୍କଟ**


## ଟ୍ରେନ୍ ଆଗକୁ ଡେଇଁ ଗର୍ଭବତୀ ଶାଳୀ, ଭିଣୋଇଙ୍କ ଆତ୍ମହତ୍ୟା

ଜଳେଶ୍ୱର,୧୦।୩(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ରେଳଷ୍ଟେଶନ ଦକ୍ଷିଣ କ୍ୟାବିନ ଅନତି ଦୂରରେ ଖଡଗପୁର-ଯାଜପୁର ମେମୋ ଟ୍ରେନ ଆଗକୁ ଡେଇଁ ସୋମବାର ସନ୍ଧ୍ୟାରେ ଶାଳୀ, ଭିଣୋଇ ଆତ୍ମହତ୍ୟା କରିଛନ୍ତି। ପ୍ରଥମେ ପ୍ରେମ ଓ ପରେ ଶାଳୀ ଗର୍ଭବତୀ ହେବାରୁ ଘରେ ପାରିବାରିକ ଅଶାନ୍ତି ଆତ୍ମହତ୍ୟାର କାରଣ ବୋଲି କୁହାଯାଉଛି। ମୃତକ ଭିଣୋଇ ଜଳେଶ୍ୱର ଥାନା ରାଜପୁର ଗ୍ରାମର ବିଜୟ ସାହୁଙ୍କ ବୟସ ୩୫ ଏବଂ ଶାଳୀ ବାଲିଆପାଳ ଥାନା ଅଞ୍ଚଳର ବନ୍ଦିତା ସାହୁଙ୍କ ବୟସ ୧୮। ଶାଳୀ ୫ ମାସ ଗର୍ଭବତୀ ଥିବା କୁହାଯାଉଛି। ସେମାନେ ହାତ ଧରାଧରି ହୋଇ ଟ୍ରେନ ଆଗକୁ ଡେଇଁଥିବା ଓ ଶାଳୀଙ୍କ ମୁଣ୍ଡରେ ସିନ୍ଦୂର ଲାଗିଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଭିଣୋଇ ବିଜୟ ଓ ଶାଳୀ ବନ୍ଦିତାଙ୍କ ସମ୍ପର୍କକୁ ନେଇ ଉଭୟ ପରିବାର ମଧ୍ୟରେ ଅସନ୍ତୋଷ ଲାଗିରହିଥିଲା। ବନ୍ଦିତା ଗର୍ଭବତୀ ଥିବା ଜଣାପଡିବା ପରେ ତାଙ୍କୁ ଘରେ ରଖିବାକୁ ତାଙ୍କ ପରିବାର ଲୋକେ ଅରାଜି ହୋଇଥିଲେ। ଅନ୍ୟପକ୍ଷେ ବିଜୟଙ୍କ ଦାମ୍ପତ୍ୟ ଜୀବନରେ ମଧ୍ୟ ମନୋମାଳିନ୍ୟ ଦେଖାଦେଇଥିଲା। ଏଥିରେ ଅତିଷ୍ଠ ହୋଇ ଶାଳୀ, ଭିଣୋଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଉଭୟେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଜଳେଶ୍ୱର ରେଳଷ୍ଟେଶନର ଦକ୍ଷିଣ କ୍ୟାବିନ ଅନତି ଦୂରକୁ ଆସି ହାତ ଧରାଧରି ହୋଇ ଟ୍ରେନ ଆଗକୁ ଡେଇଁପଡିଥିଲେ। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ପଠାଇ ତଦନ୍ତ ଜାରି ରଖିଛି।

## ଏସ୍‌ଆଇଆର୍ ପାଇଁ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଆରମ୍ଭ

ଭୁବନେଶ୍ୱର,୧୦।୩(ସୁନିତ୍ ମିଶ୍ର)

ରାଜ୍ୟରେ ହେବାକୁ ଥିବା ଆଗାମୀ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ଉଦ୍ଦେଶ୍ୟରେ ନିର୍ବାଚନ ଅଧିକାରୀଙ୍କ ପାଇଁ ୪ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଗୋଠପାଟଣାସ୍ଥିତ ରେଭିନ୍ୟୁ ଅଫିସର୍ସ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଆୟୋଜନ ହେଉଛି।

ପ୍ରଥମଦିନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ . ଏସ୍. ଗୋପାଳନ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେଉଁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାର ନିର୍ବାଚନ ପଞ୍ଜୀକରଣ ଅଧିକାରୀ, ଅତିରିକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ଡେପୁଟି କଲେକ୍ଟରମାନେ ଯୋଗଦେଇଥିଲେ। ପ୍ରଶିକ୍ଷଣ ସମୟରେ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା, ଭୋଟର ତାଲିକା ସଂଶୋଧନ ପଦ୍ଧତି, ପୁରୁଣା ଭୋଟର ତାଲିକା ସହ ମତଦାତାଙ୍କ ମ୍ୟାପିଂ, ତଥ୍ୟ ସଂଗ୍ରହ ଏବଂ କ୍ଷେତ୍ରସ୍ତରରେ କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଅଧିକାରୀଙ୍କୁ ଅବଗତ କରାଯାଇଛି। ଏହି ପ୍ରଶିକ୍ଷଣରେ ପ୍ରତିଷ୍ଠାନଗତ ଓ ମାନବ ସମ୍ବଳ ପ୍ରସ୍ତୁତିକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରକ୍ରିୟାର ପାରଦର୍ଶିତା ଓ ସକ୍ରିୟ ☞ପୃଷ୍ଠା-୪

## ୨ ବାଇକ୍ ମୁହାଁମୁହିଁ, ୩ ମୃତ


ବିଷମକଟକ,୧୦।୩(ପ୍ରସନ୍ନ କୁମାର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ଥାନା ଅନ୍ତର୍ଗତ ଦୁର୍ଗୀ ଜଗନ୍ନାଥ ମନ୍ଦିର ନିକଟ ଢାବା ପାଖରେ ସୋମବାର ବିଳମ୍ବିତ ରାତିରେ ୨ ବାଇକ୍ ମୁହାଁମୁହିଁ ଧକ୍କାହେବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକମାନେ ହେଲେ ରାମନାଗୁଡ଼ା ବ୍ଲକ୍ ଡମପଲିସି ଗାଁର ଆକାଶ ମଣ୍ଡାଙ୍ଗୀ, ଥେରୁବାଲି ବୁରୁଜୁଗୁଡ଼ା ଗାଁର ବିରିସିଙ୍ଗ ହିକ୍‌କା ଓ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ଭରତ ସିକକା ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଉଭୟେ ଦୁର୍ଗୀରୁ ଦୋଳଯାତ୍ରା ଦେଖି ଫେରିବାବେଳେ ☞ପୃଷ୍ଠା-୪

## ଆଦାନୀ ହାତକୁ ଯିବ ରାଜ୍ୟର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନ

ପାରାଦୀପ,୧୦।୩(ଶରତ ରାଉତ)

ରାଜ୍ୟରେ ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ବ୍ୟାପକ ପ୍ରଚାର ପ୍ରସାର ହେଉଛି। କିନ୍ତୁ ଓଡ଼ିଆଙ୍କ ପ୍ରାଚୀନ ସଂସ୍କୃତି ସହ ଜଡ଼ିତ ରାଜ୍ୟର ଏକମାତ୍ର ନୌବାଣିଜ୍ୟ ଶିକ୍ଷାନୁଷ୍ଠାନ ଏବେ ଘରୋଇକରଣ ହେବାକୁ ଯାଉଛି। ଏ ନେଇ ସରକାରୀସ୍ତରରେ ଆଲୋଚନା, ସମୀକ୍ଷା, ବୈଠକ ଆଦି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସମ୍ଭବତଃ ଚଳିତ ମାର୍ଚ୍ଚ ଶେଷ ସୁଦ୍ଧା ଏହା ଘରୋଇକରଣ ହେବ। ଉକ୍ତ ଶିକ୍ଷାନୁଷ୍ଠାନକୁ ଆଦାନୀ ସ୍କିଲ ଡେଭଲପ ସେଣ୍ଟର (ଏଏସ୍‌ଡିସି) ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ(ପିପିପି) ମୋଡ୍‌ରେ ଅଧିଗ୍ରହଣ କରିବ ବୋଲି ଜଣାପଡ଼ିଛି। ଏ ନେଇ ଡାଇରେକ୍ଟୋରେଟ ଅଫ୍ ପୋର୍ଟ ଆଣ୍ଡ ଇନ୍‌ଲାଣ୍ଡ ୱାଟର ଟ୍ରାନ୍ସପୋର୍ଟ, ଓଡ଼ିଶା ପକ୍ଷରୁ ୨୦୨୬ ଫେବୃଆରୀ ୨୦ରେ ଜାରି କରାଯାଇଥିବା ଚିଠି (ନଂ-୮୧୧)ରୁ ସ୍ପଷ୍ଟ ହୋଇଛି। ସୂଚନାଯୋଗ୍ୟ, ୧୯୯୩ ଏପ୍ରିଲ ୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପରେ ଓଡ଼ିଶା ନୌବାଣିଜ୍ୟ ଶିକ୍ଷାନୁଷ୍ଠାନର ଭିତ୍ତିପ୍ରସ୍ତର କରିଥିଲେ। ସେହି ବର୍ଷ ଶେଷବେଳକୁ ଓଡ଼ିଶା ମେରିଟାଇମ ଏକାଡେମୀ (ଓମା) ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ଏଠାରେ ସମୁଦାୟ ୪୦ ଜଣ ପିଲାଙ୍କ ପାଇଁ ପାଠ ପଢ଼ିବା ଓ ରହିବା ଲାଗି ବ୍ୟବସ୍ଥା ରହିଛି। ସେମାନଙ୍କ ମଧ୍ୟରେ ଓଡ଼ିଶାର ୨୦ ଓ ଅନ୍ୟ ରାଜ୍ୟର ୨୦ ଜଣ ଛାତ୍ରଙ୍କ ପାଇଁ ସଂରକ୍ଷିତ ରହିଛି। ପ୍ରତ୍ୟେକ ପାଠ୍ୟକ୍ରମ ୬ ମାସ ଥିବାରୁ ବର୍ଷକୁ ୮୦ ଜଣ ଛାତ୍ର ପାଠ ପଢ଼ିବାର ସୁଯୋଗ ପାଉଛନ୍ତି। ଏପର୍ଯ୍ୟନ୍ତ ସେଠାରେ ଛାତ୍ରୀମାନଙ୍କ ପଢ଼ିବା ପାଇଁ ବ୍ୟବସ୍ଥା ହୋଇନାହିଁ। ଏହା ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ପରିଚାଳିତ ହେଉଛି। ☞ପୃଷ୍ଠା-୪



**Directorate of Ports & Inland Water Transport,**
**Zone-A, Ground Floor, Fortune Tower,**
**Chandrasekharpur, Bhubaneswar-751023**
***Phone: 0674-2300885, Email: - portsniwt.od@nic.in***

Letter No. 811(2) /P & IWT, Date. 20.02.2026

To,

The Principal,
Crew Training Institute,
Chandbali
The Principal,
Odisha Maritime Academy,
Paradip

Sub: Stakeholders meeting in connection to "Operation, Maintenance and Management of Crew Training Institute (CTI), Chandbali and Odisha Maritime Academy (OMA), Paradip under the PPP mode".

Sir,

In inviting a reference to the aforementioned subject, it is to inform that, an agreement has been executed between Government of Odisha and Adani Skill Develop Centre (ASDC) for operation and maintenance of the Crew Training Institute, Chandbali and Odisha Maritime Academy, Paradip through Public-Private Partnership (the "PPP") mode. The timely completion of ongoing civil works is critical for operationalisation of the institutes under the agreed framework.

ASDC has intimated that their team will be visiting Bhubaneswar from 24th to 26th February, 2026 and has specifically requested a structured meeting on 24.02.2026 with the concerned contractors and architects engaged in the civil works at both locations. The meeting will focus on finalisation of design aspects, alignment of infrastructure with operational requirements, review of present progress, and firm timelines for completion of the balance works.

It has further been proposed to undertake site visits to Chandbali and Paradip to physically assess the status of construction and identify bottlenecks, if any. The presence of authorised representatives of the executing agencies (Contractors) & architects and the Heads of the two Institutes during the meeting as well as site inspections is necessary to facilitate immediate clarifications and decision-making.

ବନ୍ଦର ଓ ଅନ୍ତର୍ଦେଶୀୟ ଜଳ ପରିବହନ ନିର୍ଦ୍ଦେଶାଳୟ ଭୁବନେଶ୍ୱର ପକ୍ଷରୁ ଜାରି ଚିଠିର ନକଲ।


3001/10/2526



**ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ୨୦୨୬**

**ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**

ଆମ ଓଡ଼ିଆ ଭାଷା ଏକ ଶାସ୍ତ୍ରୀୟ ଭାଷା । ଏହା ଆମ ଗୌରବ, ଆମ ଅସ୍ମିତା । ଏହାର ମାଧୁର୍ଯ୍ୟ ଆମକୁ କରିଛି ସ୍ୱତନ୍ତ୍ର । ଆମ ଭାଷାର ସୁରକ୍ଷା ଓ ପ୍ରସାର ଦ୍ୱାରା ହିଁ, ଆମ ପରମ୍ପରା, ଆମ ସଂସ୍କୃତି ଓ ଆମ ଐତିହ୍ୟ ସୁରକ୍ଷିତ ରହିବ । ଆସନ୍ତୁ, ଆମେ ସମସ୍ତେ ମିଶି ଆମ ଭାଷାର ସ୍ୱତନ୍ତ୍ରତା ଓ ଗରିମାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଉଦ୍ୟମ କରି ଚାଲିବା ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR- 3001/3029/2/25-26/0005




ତିବ୍ବତର ୬୭ତମ ଜାତୀୟ ବିଦ୍ରୋହ ଦିବସ ଅବସରରେ ମଙ୍ଗଳବାର ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ତିବ୍ବତୀୟମାନେ ପ୍ଲାକାର୍ଡ ଧରି ବିକ୍ଷୋଭ କରୁଛନ୍ତି।

# ଭୋଟର ବାଦ୍ ପଡ଼ିବା ଆବେଦନର ଶୁଣାଣି ପାଇଁ ଟ୍ରିବ୍ୟୁନାଲ ଗଠନ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୦।୩(ପି.ଟି.)**

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବେଳେ ବାଦ୍ ପଡ଼ିଥିବା ଭୋଟରମାନଙ୍କ ଆବେଦନର ଶୁଣାଣି ପାଇଁ ନିରପେକ୍ଷ ଆପିଲେଟ୍ ଟ୍ରିବ୍ୟୁନାଲ ଗଠନ କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବତନ ହାଇକୋର୍ଟ ବିଚାରପତିମାନଙ୍କ ନେତୃତ୍ୱରେ ଏହି ଟ୍ରିବ୍ୟୁନାଲଗୁଡ଼ିକ ଗଠନ କରାଯିବ। ଭୋଟର ତାଲିକାରୁ ନାଁ ବାଦ୍ ପ୍ରତିବାଦର ବିଚାର ପାଇଁ ନିୟୋଜିତ ନ୍ୟାୟିକ ଅଧିକାରୀମାନଙ୍କ ସଚ୍ଚୋଟତାକୁ ନ୍ୟୂନ କରିବା ପ୍ରୟାସକୁ ନେଇ ସର୍ବୋଚ୍ଚ ଅଦାଲତ କଡ଼ା ତାଗିଦ କରିଛନ୍ତି। ଏଭଳି ପଦକ୍ଷେପ ନ୍ୟାୟପାଳିକା ପ୍ରତି ଅପମାନ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି। ଏଭଳି ଆବେଦନ କରିବାକୁ ସାହସ କଲ କିପରି ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ନ୍ୟାୟିକ ଅଧିକାରୀଙ୍କୁ କେହି ପ୍ରଶ୍ନ କରିବାକୁ ସାହସ କରିବା ଉଚିତ ନୁହେଁ। ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ସିଜେଆଇ କହିଛନ୍ତି।

ତାଲିକାରୁ ନାଁ କଟିଥିବା ଲୋକଙ୍କ

**ପଶ୍ଚିମବଙ୍ଗ ଏସ୍‌ଆଇଆର୍**

ଆବେଦନର ବିଚାର ପାଇଁ ନ୍ୟାୟିକ ଅଧିକାରୀମାନଙ୍କୁ ଅନୁମତି ଦିଆ ନ ଯାଉ ବୋଲି ସାନି ପିଟିଶନ୍‌ରେ ନିବେଦନ କରାଯାଇଥିବାବେଳେ ଖଣ୍ଡପୀଠରେ ଥିବା ଜଷ୍ଟିସ୍ ଆର୍. ମହାଦେବନ ଏବଂ ଜୟମାଲ୍ୟ ବାଗ୍‌ଚୀ ଏଥିରେ କ୍ଷୁବ୍ଧ ହୋଇଛନ୍ତି। ମଙ୍ଗଳବାର ଖଣ୍ଡପୀଠ କୋଲକାତା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କଠାରୁ ସାନି ରିପୋର୍ଟ ମାଗିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାରେ ଆପତ୍ତି ଅଭିଯୋଗର ସମାଧାନ ପାଇଁ ନିୟୋଜିତ ନ୍ୟାୟିକ ଅଧିକାରୀମାନଙ୍କୁ ସମସ୍ତ ଲଜିଷ୍ଟିକ୍ ସହାୟତା ଯୋଗାଇଦେବାକୁ ଖଣ୍ଡପୀଠ ପଶ୍ଚିମବଙ୍ଗ ସରକାର ଏବଂ ନିର୍ବାଚନ କମିଶନଙ୍କୁ କହିଛନ୍ତି। ମୁଖ୍ୟ ବିଚାରପତିଙ୍କ ଅନୁମୋଦନ ବିନା ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ଭଳି କୌଣସି ବାଧତାମୂଳକ ଆବଶ୍ୟକତା ଲାଗୁ ନ କରିବାକୁ ଇସିଆଇଙ୍କୁ କୁହାଯାଇଛି। ଅନ୍‌ଲାଇନ୍ ପୋର୍ଟାଲରେ ଦେଖାଦେଇଥିବା ପ୍ରଯୁକ୍ତିଗତ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଖଣ୍ଡପୀଠ କହିଛନ୍ତି।

## ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ଗଣିତ ପ୍ରଶ୍ନପତ୍ରରେ କ୍ୟୁଆର୍ କୋଡ୍‌କୁ ନେଇ ବିବାଦ

**ନୂଆଦିଲ୍ଲୀ,୧୦।୩**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷାବୋର୍ଡ (ସିବିଏସ୍‌ଇ)ର ଦ୍ୱାଦଶ ଶ୍ରେଣୀ ଗଣିତ ପ୍ରଶ୍ନପତ୍ରରେ କ୍ୟୁଆର୍ କୋଡ୍‌କୁ ନେଇ ବିବାଦ ଦେଖାଦେଇଛି। ଏହି ଖବର ସହ ବ୍ରିଟିଶ ଗାୟକ ରିକି ଅଷ୍ଟେଲେଙ୍କ 'ନେଭର ଗୋନା ଗିଭ୍ ୟୁ ଅପ୍' ମ୍ୟୁଜିକ୍ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବୋର୍ଡ ପକ୍ଷରୁ ମଙ୍ଗଳବାର ସ୍ପଷ୍ଟୀକରଣ ଦିଆଯାଇ ପ୍ରଶ୍ନପତ୍ର ଅସଲି ବୋଲି କୁହାଯାଇଛି। ସୋମବାର ଗଣିତ ପରୀକ୍ଷା ଥିବାବେଳେ କେତେକ ପ୍ରଶ୍ନପତ୍ରରେ ଭୁଲକ୍ରମେ କ୍ୟୁଆର୍ କୋଡ୍ ଛାପାଯାଇଥିବା ଦେଖାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ଘଟଣାରେ ଯାଞ୍ଚ ବେଳେ ଅସଲି ପ୍ରଶ୍ନପତ୍ରକୁ ଚିହ୍ନଟ ପାଇଁ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ଏଭଳି କ୍ୟୁଆର୍ କୋଡ୍ ଛାପାଯାଇଛି। ଏଥିରେ ସୁରକ୍ଷାର ଉଲ୍ଲଂଘନ ହୋଇ ନ ଥିବା ସିବିଏସ୍‌ଇ କହିଛି।

# ସତର୍କ ରୁହ, ନଚେତ୍ ଉଡ଼ାଇଦେବୁ

**ଟ୍ରମ୍ପଙ୍କୁ ଇରାନ୍‌ର ଧମକ**

**ତେହରାନ୍,୧୦।୩**

ଇରାନ-ଆମେରିକା ଯୁଦ୍ଧ ଦିନକୁ ଦିନ ଭୟାବହ ହେବା ସହ ସ୍ଥିତିକୁ ଆହୁରି ଗମ୍ଭୀର କରିବାରେ ଲାଗିଛି। କାରଣ ଉଭୟ ପକ୍ଷ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଗୋଟିଏ ପଟେ ଆମେରିକା ଇରାନରେ ମନମୁତାବକ ସରକାର ପ୍ରତିଷ୍ଠା କରିବାକୁ ଚାହୁଁଥିଲାବେଳେ ଇରାନ ଆମେରିକାର କୌଣସି ପ୍ରକାରର ଦାମ୍ଭିକତା ଓ ବଶତାକୁ ସ୍ୱୀକାର କରିବାକୁ ନାରାଜ। ଏହାକୁ ନେଇ ଆକ୍ରମଣ ଓ ପ୍ରତ୍ୟାକ୍ରମଣ ବଢ଼ିବାରେ ଲାଗିଛି। ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଚାଲିଥିଲେ ମଧ୍ୟ ଇରାନ୍‌ର ନବନିଯୁକ୍ତ ସର୍ବୋଚ୍ଚ ନେତା ମୋଜ୍‌ତାବା ଖାମେନେଇଙ୍କ ନେତୃତ୍ୱରେ ଇରାନ ସେନା ଆହୁରି ପ୍ରତିହିଂସା ପରାୟଣ ହୋଇପଡ଼ିଛି। ଇରାନର ଆଇଆର୍‌ଜିସି ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶରେ ତୈଳ ରିଫାଇନେରି ସମେତ ପ୍ରମୁଖ ଭିତ୍ତିଭୂମି ଉପରେ ଆକ୍ରମଣ



ଡୋନାଲ୍ଡ ଟ୍ରମ୍ପ



ଅଲୀ ଲାରିଜାନୀ

ଜାରି ରଖିଛି। ଏହାଛଡ଼ା ବିଶ୍ୱର ପ୍ରମୁଖ ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ପ୍ରତିବନ୍ଧକ ଜାରି କରି ବୈଶ୍ୱିକ ତୈଳ ଯୋଗାଣ ପ୍ରକ୍ରିୟାକୁ ଠପ୍ କରିଦେଇଛି। ଏହାଦ୍ୱାରା ଏବେ ଉର୍ଜାକୁ ନେଇ ସାରା ବିଶ୍ୱରେ ସଙ୍କଟ ସୃଷ୍ଟି ହୋଇଥିଲାବେଳେ ଇରାନ ଆମେରିକା ସମେତ ଏହାର ସହଯୋଗୀ ରାଷ୍ଟ୍ରଗୁଡିକୁ ହାତରେ ନ ମାରି ଭାତରେ ମାରିବାକୁ ରଣନୀତି ଆପଣେଇଛି। ଇରାନର ଏଭଳି ଆଭିମୁଖ୍ୟ ବିଭିନ୍ନ ସ୍ତରରେ ଉଦ୍‌ବେଗ ସୃଷ୍ଟି କରିଥିଲାବେଳେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରି ତୈଳ ଯୋଗାଣ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ଲକ୍ଷ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆକ୍ରମଣ ଆହୁରି ଜୋର୍‌ଦାର କରିବାକୁ ଇରାନକୁ ଧମକ ଦେଇଛନ୍ତି। ଇରାନ ଯଦି ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ ନ କରେ , ତେବେ ଏଭଳି ଆକ୍ରମଣ କରାଯିବ ତାହା ଇରାନ କେବେ ବି ଚିନ୍ତା କରି ନଥିବ ବୋଲି ଟ୍ରମ୍ପ କହିଛନ୍ତି। ଏପରିକି ଇରାନ ପୁଣିଥରେ ତା'ର ଅସ୍ତିତ୍ୱ ଫେରି ପାଇବା କଷ୍ଟକର ହୋଇପଡ଼ିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ହେଲେ ଇରାନ ଟ୍ରମ୍ପଙ୍କ ଏହି ଧମକକୁ ଆଦୌ ଖାତିର କରିନାହିଁ। ବରଂ ଓଲଟା ଧମକ ଦେଇ ଟ୍ରମ୍ପ ସତର୍କ ରୁହନ୍ତୁ ବୋଲି ଇରାନର ସାମରିକ ମୁଖ୍ୟ ଅଲୀ ଲାରିଜାନୀ କହିଛନ୍ତି। ଆମେରିକା ଯେତେ ବଡ଼ ଏବଂ ଶକ୍ତିଶାଳୀ ହେଉ ନା କାହିଁକି, ଟ୍ରମ୍ପ ସତର୍କ ରୁହନ୍ତୁ ନହେଲେ ତାଙ୍କୁ ଉଡ଼ାଇ ଦିଆଯିବ ବୋଲି ଲାରିଜାନୀ ସୋସିଆଲ ମିଡିଆ ଟୁଥ୍‌ରେ କହିଛନ୍ତି। ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଟୋପାଏ ବି ତୈଳ ଛଡ଼ାଯିବ ନାହିଁ ବୋଲି ଇରାନ ଦୃଢ଼ୋକ୍ତି କରିଥିଲା ବେଳେ ଇସ୍ରାଏଲଠାରୁ ଆରମ୍ଭ କରି ସାଉଦି ଆରବ, କାତାର, କୁଏଟ୍ , ବାହାରିନ୍ , ୟୁଏଇ , ଜୋର୍ଡାନ୍ ଭଳି ବହୁ ଉପସାଗରୀୟ ଦେଶଗୁଡିକ ଉପରେ ଘନ ଘନ ଆକ୍ରମଣ କରି ଆମେରିକା ଉପରେ ଚାପ ସୃଷ୍ଟି କରିଚାଲିଛି। ଏଥିସହିତ ଯୁଦ୍ଧରେ ୧୦ ଟନ୍‌ର ବୋମା ବ୍ୟବହାର କରିବାକୁ ମଧ୍ୟ ଇରାନ ଆମେରିକାକୁ ଧମକ ଦେଇଛି।

**ଯୁଦ୍ଧ ବନ୍ଦ କରିବାକୁ ଟ୍ରମ୍ପଙ୍କ ଉପରେ ଚାପ**

ଅନ୍ୟପକ୍ଷରେ ଯୁଦ୍ଧ ବନ୍ଦ କରିବାକୁ ରାଷ୍ଟ୍ରପତି ଟ୍ରମ୍ପଙ୍କ ଉପରେ ତାଙ୍କର ହିତୈଷୀମାନେ ଚାପ ପକାଇଥିବା ଏକ ରିପୋର୍ଟ ୱାର୍ଲଡ୍ ଷ୍ଟ୍ରିଟ୍ ଜର୍ନାଲ୍‌ରେ ପ୍ରକାଶିତ ହୋଇଛି। କିନ୍ତୁ ଏହାକୁ ହ୍ୱାଇଟ୍ ପକ୍ଷରୁ ଅସ୍ୱୀକାର କରାଯାଇଛି।

## ଖାଲି ହାତରେ ଲଢ଼ି ବାଘକୁ ମାରିଦେଲେ ଯୁବକ



ପ୍ରଭେଶ ଶର୍ମା

**ଶିମ୍‌ଲା ,୧୦।୩**

ହିମାଚଳ ପ୍ରଦେଶରେ ଜଣେ ଯୁବକ କଲରାପତରିଆ ବାଘ ହାବୁଡ଼ରେ ପଡ଼ିବା ପରେ ଜୀବନରକ୍ଷା ପାଇଁ ଖାଲି ହାତରେ ଲଢ଼େଇ କରିବା ଏବଂ ଚିତାକୁ ମାରିଦେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ଘଟଣା ସୋମବାର ହିମାଚଳ ପ୍ରଦେଶର ସୋଲାନ ଜିଲାରେ ଘଟିଛି। ମିଳିଥିବା ଖବର ଅନୁସାରେ ଆର୍କିସ୍ଥିତ ଆଇଟିଆଇରେ ପଢୁଥିବା ଯୁବକ ପ୍ରଭେଶ ଶର୍ମା ଗତ ସୋମବାର ସକାଳେ କ୍ଷୀର ଆଣିବାକୁ ବାହାରକୁ ଯାଇଥିଲାବେଳେ ସାର୍ଲି ଗ୍ରାମ ନିକଟରେ ଏକ ବାଘ ହାବୁଡ଼ରେ ପଡ଼ିଥିଲେ। ଚିତାଟି ପ୍ରଭେଶଙ୍କୁ ଦେଖିବା ମାତ୍ରେ ତାଙ୍କ ଉପରକୁ ଝାମ୍ପ ଦେଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ହେଲେ ପ୍ରଭେଶ ସାହସ ଜୁଟାଇ ଚିତା ସହ ଲଢ଼ିଥିଲେ। ତାଙ୍କ ହାତରେ କିଛି ନ ଥିଲାବେଳେ ବାଘକୁ ପ୍ରତିହତ କରିବାକୁ କିଛି ବି ପାଇ ନ ଥିଲେ। ଏଥିପାଇଁ ସେ ଉପସ୍ଥିତ ବୁଦ୍ଧି ଖଟାଇ ଖାଲି ହାତରେ ବାଘ ସହ ଲଢ଼ି ଜୀବନରକ୍ଷା କରିବାକୁ ସ୍ଥିର କରିନେଇଥିଲେ। ପ୍ରାୟ ୧୨ରୁ ୧୫ ମିନିଟ୍ ଧରି ସେ ଲଢ଼େଇ କରିବା ପରେ ବାଘର ପାଟିକୁ ମାଡ଼ି ବସିଥିଲେ। ଏହାପରେ ବାଘର ବେକ ଓ ମୁଣ୍ଡକୁ ବାରମ୍ବାର ଆଘାତ କରିବା ପରେ ବାଘଟି ମରିଯାଇଥିଲା। ବାଘ ସହ ଲଢ଼େଇରେ ପ୍ରଭେଶ ସାମାନ୍ୟ ଆହତ ହୋଇଥିଲେ ମଧ୍ୟ ତାଙ୍କର ବିଶେଷ କ୍ଷତି ହୋଇ ନାହିଁ। ଏହି ଘଟଣା ପ୍ରଚାର ହେବା ପରେ ଜଙ୍ଗଲ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିବା ସହିତ ପ୍ରଭେଶଙ୍କୁ ୫ ହଜାର ଟଙ୍କାର ସହାୟତା ଦେଇଛନ୍ତି।

## ମେଘାଳୟରେ ହିଂସା: ୨ ମୃତ

**ଗୁଆହାଟୀ,୧୦।୩**

ମେଘାଳୟର ୱେଷ୍ଟ ଗାରୋ ହିଲ୍ସ ଜିଲାରେ ସୋମବାର ରାତିରେ ହିଂସାକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ହୋଇଛି। ଏପ୍ରିଲ ୧୦ରେ ଗାରୋ ହିଲ୍ସ ସ୍ୱାୟତ୍ତ ଜିଲା ପରିଷଦ (ଜିଏଚ୍‌ଏଡିସି) ନିର୍ବାଚନ ହେବାକୁ ଥିବାବେଳେ ଅଣଆଦିବାସୀଙ୍କୁ ନିର୍ବାଚନ ଲଢ଼ିବାକୁ ବାରଣ କରି ନୋଟିସ ଜାରିକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ଆଦିବାସୀ ଓ ଅଣଆଦିବାସୀ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଅନେକ ଦୋକାନ ଭଙ୍ଗାଯିବା ସହ ପୋଡ଼ିଦିଆଯାଇଥିବା ପୋଲିସ କହିଛି।

## ମଧ୍ୟପ୍ରାଚ୍ୟରେ ତେଲ ପରେ ଏବେ ଜଳଯୁଦ୍ଧ

**ତେହରାନ୍,୧୦।୩**

ଇରାନ୍ ସାଉଦି ଆରବର ବୃହତ୍ତମ ରିଫାଇନେରି ଆରାମ୍‌କୋ ସମେତ କାତାର, ବାହରିନ୍ ଏବଂ କୁଏଟ୍‌ର ପ୍ରମୁଖ ତୈଳ ରିଫାଇନେରି ଉପରେ ଆକ୍ରମଣ କରିବାରୁ ତୈଳ ଓ ଗ୍ୟାସ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିଲା। ଏହାପରେ ଇସ୍ରାଏଲ ତେହରାନ୍‌ସ୍ଥିତ ଅନେକ ତୈଳ ଡିପୋ ଉପରେ ବୋମାମାଡ଼ କରିବାରୁ ତେହରାନ୍ ଓ ଏହାର ଆଖପାଖ ଅଞ୍ଚଳରେ ରାସ୍ତା, ପାଣି ପାଇପ୍ ଏବଂ ସ୍ୱେରେଜ୍‌ରେ ତେଲ ମିଶିଯିବା ସହିତ ଆକାଶ ନିଆଁ ପିଣ୍ଡୁଳାରେ ଭର୍ତ୍ତି ହୋଇଯାଇଥିଲା। ଏହାକୁ ମଧ୍ୟପ୍ରାଚ୍ୟର ତୈଳ ଯୁଦ୍ଧ ବୋଲି କୁହାଯାଇଥିଲାବେଳେ ଏବେ ଉଭୟ ପକ୍ଷ ମଧ୍ୟରେ ଜଳଯୁଦ୍ଧ ଆରମ୍ଭ ହୋଇଛି। ଏବେ ଉଭୟ ପକ୍ଷ ଲୁଣମୁକ୍ତ ପ୍ରକ୍ରିୟାକରଣ ପାଇଁ ରହିଥିବା 'ୱାଟର୍ ଡି-ସାଲାଇନେଶନ୍' ପ୍ଲାଣ୍ଟଗୁଡିକ ଉପରେ ଆକ୍ରମଣ କରିବା ଆରମ୍ଭ କରିଦେଇଛନ୍ତି।

ଉପସାଗରୀୟ ଅଞ୍ଚଳର ପ୍ରାୟ ସବୁ ଦେଶରେ ସାଧାରଣ ପାନୀୟ ଜଳର ଅଭାବ ରହିଥିବା ବେଳେ ଏଠାରେ ଉପଲବ୍ଧ ୬୦ ପ୍ରତିଶତ ଜଳ ପାନୀୟ ଅନୁପଯୁକ୍ତ। କୁଏଟ୍‌ର ୯୦%,ଓମାନ ୮୬%,ସାଉଦି ଆରବ ୭୦% ଏବଂ ୟୁଏଇର ପ୍ରାୟ ୪୨% ଜଳ ପିଇବା ପାଇଁ ଅନୁପଯୁକ୍ତ। ଏଥିପାଇଁ ଏହିସବୁ ଦେଶ ସମୁଦ୍ରଜଳକୁ ଲୁଣମୁକ୍ତ କରି ପାନୀୟ ଜଳ ପ୍ରସ୍ତୁତ କରିବାକୁ ପ୍ଲାଣ୍ଟ ପ୍ରତିଷ୍ଠା କରିଛନ୍ତି। ତେହରାନ୍‌ରେ ମଧ୍ୟ ପାନୀୟ ଜଳକୁ ନେଇ ଉତ୍କଟ ସମସ୍ୟା ରହିଛି। ହେଲେ ଆମେରିକା ଇରାନ୍‌ର ଏଭଳି ପ୍ଲାଣ୍ଟଗୁଡିକ ଉପରେ କ୍ଷେପଣାସ୍ତ୍ର ମାଡ଼ କରି ନଷ୍ଟକରିବା ପରେ ଇରାନ୍ ମଧ୍ୟ ଅନ୍ୟ ଉପସାଗରୀୟ ଦେଶରେ ରହିଥିବା ପ୍ଲାଣ୍ଟ ଉପରେ ଆକ୍ରମଣ କରିଛି।

## ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ବହି ପ୍ରତ୍ୟାହାର କରିନେଲା ଏନ୍‌ସିଇଆର୍‌ଟି

**ନୂଆଦିଲ୍ଲୀ,୧୦।୩**

ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପାଠ୍ୟପୁସ୍ତକରେ ନ୍ୟାୟିକ ଦୁର୍ନୀତି ବିଷୟ ପାଇଁ ଜାତୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ମଙ୍ଗଳବାର ସର୍ବସାଧାରଣରେ ନିଃସର୍ତ୍ତ କ୍ଷମା ମାଗିବା ସହ ସମ୍ପୂର୍ଣ୍ଣ ବହିକୁ ପ୍ରତ୍ୟାହାର କରିନେଇଥିବା ଘୋଷଣା କରିଛି। ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ପୁସ୍ତକରେ 'ଆମ ସମାଜରେ ନ୍ୟାୟପାଳିକାର ଭୂମିକା' ଅଧ୍ୟାୟରେ ନ୍ୟାୟପାଳିକାରେ ଦୁର୍ନୀତି ଯୋଗୁ ବିପୁଳ ମାମଲା ବିଚାର ଅପେକ୍ଷାରେ ଦୀର୍ଘଦିନ ପଡ଼ିରହୁଛି ଏବଂ ନ୍ୟାୟିକ ବ୍ୟବସ୍ଥା ଆହ୍ୱାନର ସମ୍ମୁଖୀନ ହେଉଛି ବୋଲି ଉଲ୍ଲେଖ ଥିଲା। ଏହାକୁ ନେଇ ସୁପ୍ରିମକୋର୍ଟ ଆପତ୍ତି ଉଠାଇବା ସହ କେହି ନ୍ୟାୟପାଳିକାକୁ ବଦନାମ କରିପାରିବେ ନାହିଁ ଓ ଏହାର ସଚ୍ଚୋଟତାକୁ ମଳିନ କରିପାରିବେ ନାହିଁ ବୋଲି କହିଥିଲେ।

## ବାଚସ୍ପତି ସରକାରଙ୍କ ଚାପରେ କାମ କରୁଛନ୍ତି: ବିରୋଧୀ

**ନୂଆଦିଲ୍ଲୀ,୧୦।୩(ପି.ଟି.)**

ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ସରକାରଙ୍କ ଚାପରୁ ମୁକ୍ତ ହୋଇ ଗୃହକୁ ନିରପେକ୍ଷ ଭାବେ ଚଳାଇବା ବିରୋଧୀ ଚାହାନ୍ତି ବୋଲି ମଙ୍ଗଳବାର କହିଛନ୍ତି। ବାଚସ୍ପତିଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ସଦସ୍ୟମାନେ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବାବେଳେ ମଙ୍ଗଳବାର ଏହା ଉପରେ ବିତର୍କ ହୋଇଥିଲା। ଡିଏମ୍‌କେ ସାଂସଦ ଟି.ଆର୍. ବାଲୁ ବାଚସ୍ପତିଙ୍କୁ ଜଣେ ଭଦ୍ରଲୋକ କହିଥିବାବେଳେ ବିରୋଧୀଙ୍କ ବିରୋଧରେ ତାଙ୍କର କଠୋର ପଦକ୍ଷେପକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ବାଚସ୍ପତି ଗତ ୭ ବର୍ଷ ମଧ୍ୟରେ ବହୁସଂଖ୍ୟାରେ ଏମ୍‌ପିଙ୍କୁ ନିଲମ୍ବନ କରିଛନ୍ତି। ସେ କ'ଣ ପାଇଁ ଏଭଳି କଠୋର ପଦକ୍ଷେପ ନେଉଛନ୍ତି ବୋଲି ବାଲୁ ପ୍ରଶ୍ନ କରିଥିଲେ। ତେବେ ବିରୋଧୀଙ୍କ



ଗୌରବ ଗୋଗୋଇ

ବିଶୃଙ୍ଖଳିତ ଆଚରଣକୁ ରୋକିବା ପାଇଁ ବାଚସ୍ପତି କାର୍ଯ୍ୟ କରିଥିବା ଶାସକ ମେଣ୍ଟ ପକ୍ଷରୁ କୁହାଯାଇଥିଲା। ଅନାସ୍ଥା ପ୍ରସ୍ତାବ କିଛି ନୁହେଁ, କେବଳ ବାଚସ୍ପତିଙ୍କୁ ଚାପରେ ରଖିବା ପାଇଁ ଉଦ୍ୟମ ବୋଲି ଜେଡିୟୁ ନେତା ତଥା କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ କହିଥିଲେ। ଅନ୍ୟପକ୍ଷରେ ଶିବସେନା(ୟୁବିଟି) ସଦସ୍ୟ ଅରବିନ୍ଦ ସାୱନ୍ତ କହିଥିଲେ, ବିରୋଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବାଚସ୍ପତିଙ୍କ ଉପରେ ଚାପ ପକାଯାଉଛି। ଗୃହରେ ଉପବାଚସ୍ପତି ନିଯୁକ୍ତ ହୋଇନାହାନ୍ତି ବୋଲି ସେ ପ୍ରଶ୍ନ କରିଥିଲେ।

କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ବାଚସ୍ପତିଙ୍କ ପକ୍ଷପାତ ଆଚରଣ, ମହିଳା ଏମ୍‌ପିଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ ଏବଂ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ଆଲୋଚନା ପାଇଁ ସୁଯୋଗ ନ ଦେବା ଆଦିକୁ ସମାଲୋଚନା କରିଥିଲେ। ସମ୍ବିଧାନ ଏବଂ ଗୃହର ମର୍ଯ୍ୟାଦା ରକ୍ଷା ପାଇଁ ବାଚସ୍ପତିଙ୍କୁ ବହିଷ୍କାର ଲାଗି ବିରୋଧୀ ପ୍ରସ୍ତାବ ଆଣିବାକୁ ବାଧ୍ୟ ହୋଇଥିବା ଗୋଗୋଇ କହିଥିଲେ। ଅନାସ୍ଥା ପ୍ରସ୍ତାବକୁ ନେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କଂଗ୍ରେସକୁ କଡ଼ା ସମାଲୋଚନା କରିଥିଲେ। ବାଚସ୍ପତି ବିର୍ଲା ନିରପେକ୍ଷ ରହିବା ସହ ବିରୋଧୀଙ୍କୁ ମତାମତ ରଖିବା ଲାଗି ଅଧିକ ସୁଯୋଗ ଦେଇଥାନ୍ତି ବୋଲି କହିଥିଲେ।

## କ୍ଷମା ମାଗିଲେ ସୁନିଧି

**ମୁମ୍ବାଇ**

ସୁନିଧି ଚୌହାନ ଏବର ଭାରତୀୟ ସଙ୍ଗୀତ ଜଗତର ପ୍ରଶଂସନୀୟ ଗାୟିକାମାନଙ୍କ ମଧ୍ୟରୁ ଅନ୍ୟତମ। ତାଙ୍କୁ ଭାରତର ଶକିରା ବୋଲି କୁହାଯାଏ। ତାଙ୍କର ଗୀତ ଗାଇବା ଶୈଳୀ ସମସ୍ତଙ୍କୁ ନାଚିବାକୁ ପ୍ରେରିତ କରେ। ତାଙ୍କ କନ୍‌ସର୍ଟରେ ମଧ୍ୟ ପ୍ରଶଂସକଙ୍କ ଭିଡ଼ ଜମେ। ନିକଟରେ ସୁନିଧି ଲକ୍ଷ୍ନୌରେ ଏକ ଲାଇଭ କନ୍‌ସର୍ଟ କରିଥିଲେ। କିନ୍ତୁ ସେ ମଞ୍ଚରେ ଭାବପ୍ରବଣ ହୋଇ କାନ୍ଦିବାକୁ ଲାଗିଥିଲେ। ହଠାତ୍ ଏହା ଦେଖି ପ୍ରଶଂସକ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଆଜିକାଲି ସେ ଗଳା ସମସ୍ୟା ସହ ସଂଘର୍ଷ କରୁଛନ୍ତି। ଏହା ତାଙ୍କୁ ଭଲ ପ୍ରଦର୍ଶନ କରିବାରେ ବାଧା ସୃଷ୍ଟି କରୁଛି। ଏଥିପାଇଁ ସୁନିଧି ଦର୍ଶକଙ୍କୁ କ୍ଷମା ମଧ୍ୟ ମାଗିଥିଲେ।

ସୁନିଧି ଚୌହାନ ମାର୍ଚ୍ଚ ୭ରେ ଲକ୍ଷ୍ନୌର 'ଆଇ ଆମ୍ ହୋମ୍ ଇଣ୍ଡିଆ ଟୁର୍'ର ଅଂଶ ଭାବରେ ପ୍ରଦର୍ଶନ କରିଥିଲେ। କିନ୍ତୁ ମଞ୍ଚ ଉପରେ ହଠାତ୍ ସେ ଗୀତ ଗାଇବା ବନ୍ଦ କରି କାନ୍ଦିବାକୁ ଲାଗିଥିଲେ। କାନ୍ଦି କାନ୍ଦି ସେ କହିଥିଲେ, ମୋ ଗଳା ବହୁତ ଖରାପ ହେଉଛି। ହେ ଭଗବାନ୍, ପୂର୍ବରୁ ମୋ ସହ ଏଭଳି କେବେ ହୋଇନାହିଁ। ଏହା ବହୁ ଲଜ୍ଜାଜନକ। କିନ୍ତୁ ମୁଁ ଜାଣେ ଆପଣମାନେ ସମସ୍ତେ ମୋ ସହ ଅଛନ୍ତି। ମୁଁ ଆପଣଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଛି। ମୁଁ ସବୁବେଳେ ମୋର ୧୦୦ ପ୍ରତିଶତ ପ୍ରଦର୍ଶନ ଦେବାକୁ ଚାହେଁ।



ସୁନିଧି ଚୌହାନ



ଇସ୍ରାଏଲ୍ ଏୟାର୍ ଷ୍ଟ୍ରାଇକ୍‌ରେ ଲେବାନନ୍‌ର ବେରୁଟସ୍ଥିତ କୋଠାଗୁଡ଼ିକ ଧ୍ୱଂସ ହୋଇଯାଇଛି। (ଫଟୋ ସୌଜନ୍ୟ: ରଏଟର୍ସ)






# ମହିଳାଙ୍କୁ ସମାନ ଅଧିକାର ପାଇଁ ୟୁସିସି ଏକମାତ୍ର ମାର୍ଗ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୦।୩(ପି.ଟି.)**

ସବୁ ମହିଳାଙ୍କୁ ସମାନ ଅଧିକାର ସୁନିଶ୍ଚିତ କରିବାକୁ ହେଲେ ଭାରତରେ ସମାନ ନାଗରିକ ସଂହିତା (ୟୁସିସି) ଲାଗୁ କରିବା ଏକମାତ୍ର ମାର୍ଗ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ କହିଛନ୍ତି। ମୁସ୍‌ଲିମ୍ ପର୍ସନାଲ ଲ' (ଶାରିଆତ୍) ଅଧୀନରେ ଥିବା ଉତ୍ତରାଧିକାର ଆଇନଗୁଡ଼ିକରେ ମହିଳାମାନଙ୍କ ଅଧିକାରର ଉଲ୍ଲଂଘନ ହେଉଥିବା ଆବେଦନଗୁଡ଼ିକର ଶୁଣାଣି କରି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ୧୯୩୭ର ଶାରିଆତ୍ ଆଇନରେ ଥିବା ବ୍ୟବସ୍ଥାଗୁଡ଼ିକୁ ରଦ୍ଦ କରିବା ପାଇଁ ହୋଇଥିବା ଆବେଦନକୁ ନେଇ ଖଣ୍ଡପୀଠ କହିଛନ୍ତି, ଏବେ ୟୁସିସି ଲାଗୁ ହେବା ସମୟ ଆସିଯାଇଛି। ଏହା ଏକ ଭଲ ମାମଲା ଏବଂ କେବଳ ବ୍ୟବସ୍ଥାପିକା ଏହାକୁ ବିଚାରକୁ ନେବା ଆବଶ୍ୟକ। ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଆର୍. ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ଅଦାଲତ ଯଦି ଶାରିଆତ୍ ଉତ୍ତରାଧିକାର ଆଇନକୁ ରଦ୍ଦ କରିଦିଅନ୍ତି, ତେବେ ଆଇନଗତ ଶୂନ୍ୟସ୍ଥାନ ସୃଷ୍ଟିହେବ, କାରଣ ମୁସଲମାନ ଉତ୍ତରାଧିକାର ମାମଲା ପରିଚାଳନା ପାଇଁ କୌଣସି ବୈଧାନିକ ଆଇନ ନାହିଁ।

ଆବେଦନକାରୀମାନଙ୍କ ତରଫରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କୁ ସିଜେଆଇ କହିଥିଲେ, ଆମେ ☞ପୃଷ୍ଠା-୧୧

# ବିଜେଡି ଛାଡ଼ିଲେ ରବୀନ୍ଦ୍ର ଜେନା

**ବାଲେଶ୍ୱର, ୧୦।୩ (ବାଞ୍ଛାନିଧି ଦେ)**



ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଶେଷରେ ବିଜେଡି ଛାଡ଼ିଲେ ବାଲେଶ୍ୱରର ପୂର୍ବତନ ଏମ୍ପି ରବୀନ୍ଦ୍ର କୁମାର ଜେନା। ସେ ମଙ୍ଗଳବାର ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ଇସ୍ତଫାପତ୍ର ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ଦଳ ଛାଡ଼ିଥିବା ତାଙ୍କ ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ଏଥିସହ ସେ ଦଳ ସହିତ ଦୀର୍ଘ ଦିନର ଯାତ୍ରା ସ୍ମରଣୀୟ ହୋଇରହିବ, ଉକ୍ତ ସମୟ ମଧ୍ୟରେ ମିଳିଥିବା ସହଯୋଗ, ସମ୍ମାନ ଓ ସୁଯୋଗ ପାଇଁ ସେ ରାଜ୍ୟ ନେତୃବୃନ୍ଦ, ସହକର୍ମୀ ଓ ଜିଲାର ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳର ସମସ୍ତ ଦାୟିତ୍ୱରୁ ତୁରନ୍ତ ଅବ୍ୟାହତି ପ୍ରଦାନ ଲାଗି ସେ ପତ୍ରରେ ଉଲ୍ଲେଖ କରିଛନ୍ତି। ବାଲେଶ୍ୱର ବିଜେଡିର ପୂର୍ବତନ ଜିଲା ସଭାପତି ଥିଲେ ରବୀନ୍ଦ୍ର ଜେନା। ପୂର୍ବତନ ଏମ୍ପି ଜେନା ହଠାତ ବିଜେଡି ଛାଡ଼ିବା ପ୍ରସଙ୍ଗ ରାଜ୍ୟ ରାଜନୀତିକୁ ସରଗରମ କରିଛି। ଜିଲାରେ ରାଜନୀତି ସମୀକରଣକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ତାଙ୍କ ସ୍ତ୍ରୀ ସୁବାସିନୀ ଜେନା ଏବେ ବସ୍ତା ନିର୍ବାଚନମଣ୍ଡଳୀରୁ ବିଜେଡିର ବିଧାୟିକା ଅଛନ୍ତି ।

# ୧୦ ବର୍ଷରେ ଜଳିଲାଣି ୯୪,୫୭୧ ହେକ୍ଟର ଜଙ୍ଗଲ

## ଓଡ଼ିଶା ବନାଗ୍ନି: ବିଧାନସଭାରେ ମନ୍ତ୍ରୀଙ୍କ ତଥ୍ୟ

ରାଜ୍ୟରେ ୬୧,୨୦୪.୧୭ ବର୍ଗ କିଲୋମିଟର ଅର୍ଥାତ୍ ୬୧ଲକ୍ଷ ୨୦ହଜାର ୪୧୭ ହେକ୍ଟର ଜଙ୍ଗଲ ରହିଛି। ଏହା ଓଡ଼ିଶାର ଭୌଗୋଳିକ ପରିସୀମାର ୩୩.୩୧% । ସମୟକ୍ରମେ ଶିଳ୍ପ ପ୍ରତିଷ୍ଠା ଏବଂ ଜନବସତି ଯୋଗୁ ବ୍ୟାପକ ଜଙ୍ଗଲ ଜମି କ୍ଷୟ ହେଉଥିବାବେଳେ ବନାଗ୍ନି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ପ୍ରତ୍ୟେକ ବର୍ଷ ନିଆଁରେ ବହୁ ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ବିଧାନ ସଭାରେ ରଖାଯାଇଥିବା ତଥ୍ୟ ଅନୁସାରେ ଗତ ୧୦ବର୍ଷରେ ବନାଗ୍ନିରେ ୯୪,୫୭୧.୫୯୭ ହେକ୍ଟର ଜଙ୍ଗଲ ଜଳି ଯାଇଛି। ଏହା ଜଳବାୟୁ ଉପରେ ବିଶେଷ ପ୍ରଭାବ ପକାଇଥିବାବେଳେ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି।

**ଭୁବନେଶ୍ୱର,୧୦।୩ (ବନ୍ଦନା ସେଠୀ)**



ଭାରତୀୟ ବନ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ୨୦୧୬ରେ ବନାଗ୍ନି ଯୋଗୁ ରାଜ୍ୟର ବିଭିନ୍ନ ବନଖଣ୍ଡରେ ୧୯୪୪.୪୬ ହେକ୍ଟର ଜଙ୍ଗଲ ଜଳିଯାଇଥିବାବେଳେ ୨୦୧୭ରେ ୧୪୧୨୧ ହେକ୍ଟର, ୨୦୧୮ରେ ୯୭୩୦.୦୭ ହେକ୍ଟର, ୨୦୧୯ରେ ୭୧୬୪.୯୫ହେକ୍ଟର, ୨୦୨୦ରେ ୬୨୧୪.୬୯ ହେକ୍ଟର, ୨୦୨୧ରେ ୨୮୫୬୯.୯୮ ହେକ୍ଟର, ୨୦୨୨ରେ ୮୪୩୮.୨୩ ହେକ୍ଟର, ୨୦୨୩ରେ ୯୭୧୧.୭୨ ହେକ୍ଟର, ୨୦୨୪ରେ ୪୦୬୭.୦୫ ହେକ୍ଟର ଏବଂ ୨୦୨୫ରେ ୪୬୦୯.୩୪୭ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୂଚନା ଦେଇଛନ୍ତି।

ମଙ୍ଗଳବାର ବିଧାନସଭାରେ କଂଗ୍ରେସ ବିଧାୟକ କାଡ୍ରାକା ଆପଲା ସ୍ୱାମୀଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସିଂଖୁଣ୍ଟିଆ ଏହି ତଥ୍ୟ ରଖିବା ସହିତ ବନାଗ୍ନିରେ ମୃତାହତ ବନ୍ୟପ୍ରାଣୀଙ୍କ ସଂଖ୍ୟାର ଆକଳନ କରାଯାଇ ନ ଥିବା କହିଛନ୍ତି। ସେହିପରି ବନାଗ୍ନିକୁ ରୋକିବା ପାଇଁ ରାଜ୍ୟ ସରକାର ରିଅଲ୍ ଟାଇମ୍ ଆଧାରରେ ତୁରନ୍ତ ଅଗ୍ନିକାଣ୍ଡ ସ୍ଥଳ ଚିହ୍ନଟ ସହ ଏହାର ଫଟୋ ପଠାଇବା ନିମନ୍ତେ ଏଆଇ/ଏମ୍‌ଏଲ୍ କ୍ୟାମେରା ବ୍ୟବହାର କରୁଛନ୍ତି। ଏଥିସହ ବନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ଓ ବନଖଣ୍ଡ କାର୍ଯ୍ୟାଳୟର ବନାଗ୍ନି ପରିଚାଳନା ନିମନ୍ତେ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ସ୍ଥାପନ କରିବା, ବନାଗ୍ନି ସଙ୍କେତ ଗ୍ରହଣ କରିବା ପାଇଁ ବନ ସର୍ବେକ୍ଷଣ ସଂସ୍ଥାର ୱେବ୍‌ସାଇଟ୍ ସହିତ କାର୍ଯ୍ୟାଳୟର ମୋବାଇଲ ନମ୍ବର ଓ ରେଞ୍ଜ, ସେକ୍ସନ, ବିଟ୍ ସ୍ତରୀୟ ମୋବାଇଲ୍ ନମ୍ବର ପଞ୍ଜୀକୃତ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲ ନିଆଁରେ ସମଗ୍ର ଦେଶରେ ଓଡ଼ିଶା ଏକ ପ୍ରମୁଖ ସ୍ଥାନରେ ରହୁଥିବାବେଳେ ଏଥିପାଇଁ ରାଜ୍ୟ ସରକାର ବହୁ ପଦକ୍ଷେପ ନେଉଥିବା କହୁଛନ୍ତି। ମାତ୍ର ପ୍ରତିବର୍ଷ ବନାଗ୍ନି ଋତୁ ଆରମ୍ଭ ହୋଇଗଲେ ଜଙ୍ଗଲ ନିଆଁ ବନ ବିଭାଗର ମୁଣ୍ଡବିନ୍ଧା ସାଜୁଛି।

# ତମାଖୁ କଟକଣା ଉପରେ ସ୍ଥଗିତାଦେଶ

## ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ

## ଏପ୍ରିଲ ୧୦ରେ ପରବର୍ତ୍ତୀ ଶୁଣାଣି

**କଟକ,୧୦।୩(କାର୍ତ୍ତିକ ସାହୁ)**



ରାଜ୍ୟରେ ତମାଖୁ, ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା କିମ୍ବା ନିକୋଟିନ୍‌ଯୁକ୍ତ ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି ଏବଂ ବିକ୍ରୟ ଉପରେ ରାଜ୍ୟ ସରକାର ଲଗାଇଥିବା ନିଷେଧାଜ୍ଞା ସମ୍ପର୍କିତ ବିଜ୍ଞପ୍ତି ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ରାଜ୍ୟ ସରକାରଙ୍କ ଉକ୍ତ ବିଜ୍ଞପ୍ତିକୁ ବିରୋଧ କରି ଆଗତ ଏକ ଆବେଦନର ଶୁଣାଣି କରି ହାଇକୋର୍ଟ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ନୋଟିସ କରିବା ସହ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଆବେଦନକାରୀଙ୍କ ଉପରେ କୌଣସି ପ୍ରକାର ଆର୍ଥିକ କିମ୍ବା ଦଣ୍ଡାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଏକ ଅନ୍ତରୀଣ ଆଦେଶ ଦେଇଛନ୍ତି। ଏଥିସହିତ ଆସନ୍ତା ଏପ୍ରିଲ ୧୦ତାରିଖକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଗତ ଜାନୁଆରୀ ୨୧ ତାରିଖରେ ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବିଜ୍ଞପ୍ତି ସଂଖ୍ୟା ୨୦୬୫ରେ ରାଜ୍ୟରେ ଗୁଟ୍‌ଖା, ପାନ ମସଲା, ଜର୍ଦ୍ଦା, ଖଇନି ଓ ତମାଖୁ କିମ୍ବା ନିକୋଟିନ୍‌ଯୁକ୍ତ ସମସ୍ତ ପ୍ରକାର ଖାଦ୍ୟ ପଦାର୍ଥର ଉତ୍ପାଦନ, ପ୍ରସ୍ତୁତି, ପ୍ୟାକେଜିଂ, ଗଚ୍ଛିତ ରଖିବା, ପରିବହନ, ବାଣିଜ୍ୟ ଓ ବିକ୍ରୟ ଉପରେ ପ୍ରତିବନ୍ଧକ ଜାରି କରିଥିଲେ। ଉକ୍ତ ନିଷେଧାଜ୍ଞା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ (ବିକ୍ରୟ ଉପରେ ପ୍ରତିବନ୍ଧକ ଓ ନିୟନ୍ତ୍ରଣ) ବିଧି-୨୦୧୧ର ଧାରା ୨.୩.୪ ଅନୁଯାୟୀ ଜାରି କରାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ)ଙ୍କ ଗାଇଡଲାଇନ୍ ଅନୁସାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଥିଲା। ଉକ୍ତ ବିଜ୍ଞପ୍ତିକୁ ବିରୋଧ କରି ଆବେଦନକାରୀ ଗୋପାଳ ଅରୋମେଟିକ ପ୍ରାଇଭେଟ୍ ଲିମିଟେଡ୍ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ରାଜ୍ୟ ସରକାରଙ୍କ ଉପରୋକ୍ତ ବିଜ୍ଞପ୍ତି ଦ୍ୱାରା ସମ୍ବିଧାନର ଧାରା ୧୪ ଓ ଧାରା ୧୯(୧) ଉଲ୍ଲଂଘନ ହେଉଛି। ସିଗାରେଟ ଓ ଅନ୍ୟ ତମାଖୁ ପଦାର୍ଥର ବିକ୍ରି, ଉତ୍ପାଦନ ଓ ଯୋଗାଣ ନିଷେଧ ଆଇନ ୨୦୦୩, ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ୨୦୦୬ ଏବଂ ଖାଦ୍ୟ ସୁରକ୍ଷା ଓ ମାନ ନିୟାମକ ଆଇନ ୨୦୧୧କୁ ଅଣଦେଖା କରାଯାଇ ବେଆଇନ ଭାବେ ଉକ୍ତ ବିଜ୍ଞପ୍ତି ପ୍ରକାଶ କରାଯାଇଥିବା ଆବେଦନକାରୀ ଦର୍ଶାଇଛନ୍ତି। ତମାଖୁ ଚୋବାଇବା କେବେ ଖାଦ୍ୟ ଭାବେ ଗ୍ରହଣୀୟ ନୁହେଁ। କୌଣସି ଖାଦ୍ୟ ପଦାର୍ଥରେ ନିକୋଟିନ୍ ମିଶ୍ରଣକୁ ବାରଣ କରାଯାଇଛି। ତେଣୁ ଖାଦ୍ୟ ସାମଗ୍ରୀ ଭାବେ ପରିଗଣିତ ହେବାକୁ ରହିଥିବା ସରକାରୀ ନିୟମାବଳୀକୁ ଏହା ବିରୋଧାଚରଣ କରୁଛି। ତମାଖୁରେ ନିକୋଟିନ୍ ରହିଛି, ଯାହାକି ଖାଦ୍ୟ ପଦାର୍ଥର ଏକ ଉପାଦାନ ନୁହେଁ। ତେଣୁ ତମାଖୁ ପଦାର୍ଥ ଏବଂ ଖାଦ୍ୟ ପଦାର୍ଥ ମଧ୍ୟରେ ସ୍ୱଷ୍ଟତା ରହିବା ଆବଶ୍ୟକ। ତମାଖୁ ଚୋବାଇବାକୁ ସରକାରଙ୍କ ଏଫ୍‌ଏସଏସ୍‌ଏଆଇ ଅଧୀନରେ ଖାଦ୍ୟ ଭାବେ ପରିଗଣନା ଏବଂ ଖାଦ୍ୟରେ ନିକୋଟିନ ନ ମିଶାଇବା ପାଇଁ ରହିଥିବା ନିୟମ ଏକକାଳୀନ ଉପଯୁକ୍ତ ବିବେଚିତ ହୋଇପାରିବ ନାହିଁ। ଦୁଇ ନିୟମ ପରସ୍ପର ବିରୋଧୀ। ଏହାଦ୍ୱାରା ଜନସ୍ୱାସ୍ଥ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ତେଣୁ ହାଇକୋର୍ଟ ଏ ଦିଗରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବା ପାଇଁ ଆବେଦନକାରୀ ଗୋପାଳ ଅରୋମେଟିକ ପ୍ରାଇଭେଟ୍ ଲିମିଟେଡ୍ ଦର୍ଶାଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସି.ଏସ୍. ବୈଦ୍ୟନାଥନ, ବରିଷ୍ଠ ଆଇନଜୀବୀ ବିବେକ କୋହଲି, ଆଇନଜୀବୀ ମନୋଜ ଗୁପ୍ତା, ଆଇନଜୀବୀ ୟେଶୀ ରିଚେନ୍ ଏବଂ ପ୍ରତିପକ୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ଏଏସ୍‌ସି ଗାୟତ୍ରୀ ପାତ୍ର ମାମଲା ପରିଚାଳନା କରୁଛନ୍ତି।

# ପଡ଼ୋଶୀ ରାଷ୍ଟ୍ରଙ୍କ ପାଇଁ ସହଜ ହେଲା ଏଫ୍‌ଡିଆଇ ନୀତି

**ନୂଆଦିଲ୍ଲୀ ,୧୦।୩**

ଚାଇନା ସମେତ ଅନ୍ୟ ପଡ଼ୋଶୀ ରାଷ୍ଟ୍ରଙ୍କ ପାଇଁ କେନ୍ଦ୍ର ସରକାର ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି(ଏଫ୍‌ଡିଆଇ) ନିବେଶକୁ ନେଇ ରହିଥିବା ନୀତିରେ ସଂଶୋଧନ କରିବା ସହ ଏହାକୁ ଆହୁରି ସହଜ କରିଛନ୍ତି। ଚାଇନା ବ୍ୟତୀତ ଭାରତ ସୀମାକୁ ଲାଗି ରହିଥିବା ବାଂଲାଦେଶ,ପାକିସ୍ତାନ, ଭୁଟାନ୍, ନେପାଳ, ମ୍ୟାନ୍‌ମାର୍ ଏବଂ ଆଫଗାନିସ୍ତାନ ଭଳି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ କ୍ଷେତ୍ରରେ ଏହି ପରିବର୍ତ୍ତିତ ନୀତି ଲାଗୁହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କ୍ୟାବିନେଟ୍ କମିଟି ବୈଠକରେ ଏହି ନିଷ୍ପତ୍ତି ହେବା ସହ ଏଫ୍‌ଡିଆଇ ନୀତିକୁ ନେଇ ୨୦୨୦ରେ ଜାରି କରାଯାଇଥିବା ପ୍ରେସ୍‌ନୋଟ୍ ୩ରେ ସଂଶୋଧନ କରାଯାଇଛି। ଗତ ୪ ମାସ ଧରି ଲଗାତର ଭାବେ ଭାରତରେ ଏଫ୍‌ଡିଆଇ ନିବେଶ ହ୍ରାସ ପାଇ ଚାଲିଥିବାରୁ କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଇଛି। ସଂଶୋଧିତ ନୀତି ଅନୁସାରେ ଉପରୋକ୍ତ ଦେଶଗୁଡ଼ିକରେ ଅଂଶୀଦାର ରହିଥିବା ବିଦେଶୀ କମ୍ପାନୀ ଭାରତରେ ଯେକୌଣସି କ୍ଷେତ୍ରରେ ନିବେଶ କରିବାକୁ ଚାହିଁଲେ ପ୍ରଥମେ ସରକାରଙ୍କ ଅନୁମୋଦନ ନେବାକୁ ପଡ଼ିବ।

୨୦୦୦ ଏପ୍ରିଲରୁ ୨୦୨୫ ମଧ୍ୟରେ ଭାରତର ମୋଟ ଏଫ୍‌ଡିଆଇ ନିବେଶ ମଧ୍ୟରୁ ଚାଇନାର ଅଂଶ ମାତ୍ର ୦.୩୨ % ରହିଥିଲାବେଳେ ଭାରତରେ ନିବେଶ ☞ପୃଷ୍ଠା-୧୧




# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ଅଲ୍ ଓଡ଼ିଶା ବ୍ୟାଙ୍କ ରିଟାୟର୍ସ ଫେଡରେଶନ ପକ୍ଷରୁ ବିଭିନ୍ନ ଦାବିରେ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ୧୬ତମ ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୫ମ କୁମାର କୃଷ୍ଣଚନ୍ଦ୍ର ରାୟ ସ୍ମୃତି ବ୍ୟାଖ୍ୟାନମାଳା, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ, ଝୁମୁକା ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ''ମା' ମାଟି ଓ ମାତୃଭାଷା'' ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।

**କଟକ**
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଆଲୋଚନାସଭା, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସକାଳ ୮ଟା ୩୦।
- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପିଜି ଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ମଧୁସୂଦନ ପ୍ରେକ୍ଷାଳୟ, ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କବି ରାଜେନ୍ଦ୍ର କୁମାର ପ୍ରଧାନଙ୍କ ସପ୍ତମ କାବ୍ୟ 'ବୃହନ୍ନଳା'ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**
- ସହଯୋଗ ଅନୁଷ୍ଠାନ ପକ୍ଷରୁ ପୋଷ୍ଟର ପ୍ରତିଯୋଗିତା ଏବଂ ସଚେତନତା ଶୋଭାଯାତ୍ରା, ସ୍ଥାନ: ବାଉରିବନ୍ଧୁ ମହାବିଦ୍ୟାଳୟ, ଛତାବର, ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ସଫେଇ ମିତ୍ର ସୁରକ୍ଷା ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ଠାକୁରାଣୀ ଯାତ୍ରା ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ: ଭଞ୍ଜନଗର ମୁଖ୍ୟ ସଡକ, ସମୟ: ପୂର୍ବାହ୍ନ ୧୦ଟା।
- ଆଲୋଚନାଚକ୍ର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ ଟା

**କନ୍ଧମାଳ**
- ଦିବ୍ୟ ଜୀବନ ସଂଘର ବାର୍ଷିକୋତ୍ସବ, ସ୍ଥାନ: ପାତ୍ର କଲୋନୀ, କ.ନୂଆଗାଁ, ବାଲିଗୁଡ଼ା, ସମୟ: ସନ୍ଧ୍ୟା ୬ ଟା।
- ଶ୍ରୀମଦ ଭାଗବତ ଗୀତା ଜ୍ଞାନ ଯଜ୍ଞ ଉପଲକ୍ଷେ ପ୍ରବଚନ, ସ୍ଥାନ: ଦିବ୍ୟ ଜୀବନ ସଂଘ ପରିସର, କ.ନୂଆଗାଁ, ବାଲିଗୁଡ଼ା, ସମୟ: ସନ୍ଧ୍ୟା ୭ ଟା।

**ଅନୁଗୋଳ**
- ମହିଳାମାନଙ୍କ ଦ୍ୱାରା ବିରାଟ କଳସ ଯାତ୍ରା, ସ୍ଥାନ: ଆଠମଲ୍ଲିକସ୍ଥିତ ମା' ବିନ୍ନିକେୟୀ ଶକ୍ତିପୀଠ, ସମୟ: ସକାଳ ୭ଟା।
- ବିନ୍ନିକେୟୀ ଯାତ୍ରାର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ଦରୁହା ମା' ବିନ୍ନିକେୟୀ ଶକ୍ତିପୀଠ, ସମୟ: ସନ୍ଧ୍ୟା ୬ଟା।
- ଏମ୍ଆର୍‌ସିସି ନାଇଟ୍ ଚ୍ୟାଲେଞ୍ଜ କପ୍ ଚତୁର୍ଥ ଦିବସରେ କ୍ରିକେଟ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା କ୍ରିକେଟ ପଡ଼ିଆ, ସମୟ: ରାତି ୮ଟା।
- ନିଶୁଳ୍କ ଅପେରା ପ୍ରଦର୍ଶନ, ସ୍ଥାନ: ଆଠମଲ୍ଲିକ ମା' ବିନ୍ନିକେୟୀ ଶକ୍ତିପୀଠ, ସମୟ: ରାତି ୧୧ଟା।

**ଜଗତସିଂହପୁର**
- ମହିଳା ସାଂସ୍କୃତିକ କାର୍ଯ୍ୟକ୍ରମର ଚତୁର୍ଥ ସନ୍ଧ୍ୟାରେ ନାଟକ 'ସାବଧାନ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଦନୀପାଳ ପଞ୍ଚାୟତ କାର୍ଯ୍ୟାଳୟ, ଆଳି ବ୍ଲକ, ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟ, ରାଜନଗର ବ୍ଲକ, କଣ୍ଟାପଡା ପଞ୍ଚାୟତ କାର୍ଯ୍ୟାଳୟ, ରାଜକନିକା ବ୍ଲକ, ପେଣ୍ଠପାଳ ପଞ୍ଚାୟତ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ ବ୍ଲକ, ସୁନିତି ପଞ୍ଚାୟତ କାର୍ଯ୍ୟାଳୟ, ମହାକାଳପଡା ବ୍ଲକ, ଦର୍ଶିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ ବ୍ଲକ, ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର ବ୍ଲକ, ବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟ, ଡେରାବିଶ ବ୍ଲକ, କୁତରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଫ୍ରେଣ୍ଡସ ୟୁଥ କ୍ଲବ ପକ୍ଷରୁ ପାଇକା ମହୋତ୍ସବ, ସ୍ଥାନ: ପୋତାରି ଖେଳପଡିଆ, ମଙ୍ଗରାଜପୁର, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଜିଲା ପରିଷଦର ସମୀକ୍ଷା ବୈଠକ, ସ୍ଥାନ: ଯାଜପୁର ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ଦୀକ୍ଷାନ୍ତ ସମାରୋହ, ସ୍ଥାନ: ନୟାଗଡ଼ ପୋଲିସ ଟ୍ରେନିଂ ସ୍କୁଲ ପଡିଆ,ସମୟ:ସକାଳ ୮ଟା ୩୦ରୁ ପୂର୍ବାହ୍ନ ୧୧ଟା।
- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ୨ୟ ସେମି ଫାଇନାଲ ଯଦୁମଣି କ୍ଲବ ଇଟାମାଟିକୁ ବିଶ୍ୱଜିତ ଫୁଟ୍‌ବଲ କ୍ଲବ ଭୁବନେଶ୍ୱର, ସ୍ଥାନ: ଭାପୁର ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।
- ବ୍ଲକସ୍ତରୀୟ କ୍ରୀଡା ସମାରୋହ ୨ୟ ଦିବସ, ସ୍ଥାନ:ଖଣ୍ଡପଡା ଭଲିବଲ ଗ୍ରାଉଣ୍ଡର ବାଇପାସ୍ ନିକଟରେ, ସମୟ: ଅପରାହ୍ନ ୩ଟା ୩୦।
- ପଞ୍ଚୁଦୋଳ ଯାତ୍ରା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ବନମାଳିପୁର ସୋମନାଥ ମନ୍ଦିର ପଞ୍ଚୁ ଦୋଳ ପଡିଆ, ସମୟ:ସନ୍ଧ୍ୟା ୭ଟା।

**ନବରଙ୍ଗପୁର**
- ଜିପିଡିପି ତାଲିମ ଶିବିର, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଆର୍‌ଟିଆଇ କର୍ମଶାଳା, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ବାପୁଜୀ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଡାବୁଗାଁ ସ୍କୁଲ ପରିସର, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**
- ଜିଲା ଶିକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ସଚେତନତା ପ୍ରଶିକ୍ଷଣ ପ୍ରସ୍ତୁତି ବୈଠକ, ସ୍ଥାନ: ଅସ୍ଥାୟୀ ଭାଜପା କାର୍ଯ୍ୟାଳୟ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଲମତାପୁଟ ବ୍ଲକ ପରିଦର୍ଶନ, ସ୍ଥାନ: ଲମତାପୁଟ ବ୍ଲକ ଅଞ୍ଚଳ, ସମୟ: ଅପରାହ୍ନ ୩ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ଶାବର ଶ୍ରୀକ୍ଷେତ୍ର ପରିସର, କୋରାପୁଟ, ସମୟ: ରାତି ୭ଟା

**ସମ୍ବଲପୁର**
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ରେଳବାଇ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ୬୯ତମ ସର୍ବ ଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ରବି ଧାନ ସଂଗ୍ରହ ସକାଶେ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ, ସ୍ଥାନ: ବିଭିନ୍ନ ପାକ୍ସ ଅଫିସ, ସମୟ: ସକାଳ ୯ଟା।
- ୨୪ ପ୍ରହର ଅଖଣ୍ଡ ନାମଯଜ୍ଞର ପ୍ରସ୍ତୁତି କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ବିର୍ଲା ଓପନ ମାଇଣ୍ଡ ସ୍କୁଲର ଉଦ୍‌ଘାଟନୀ ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ: ଓଡ଼ିଶା ସାଂସ୍କୃତିକ ସମାଜ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ମାରୱାଡ଼ି ସମ୍ମେଳନର ରାଜ୍ୟସ୍ତରୀୟ ସମାବେଶ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ-୨୦୨୬ରେ କଟକ ଥିଏଟର ମାରାଥନ ନାଟ୍ୟାନୁଷ୍ଠାନର ନାଟକ ମୁଖାଗ୍ନି ମଞ୍ଚସ୍ଥ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୧୫।

**ବଲାଙ୍ଗୀର**
- ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାଉରକେଲା**
- ହରିନାମ ସଂକୀର୍ତ୍ତନ ଓ ଗୋସେବା କାର୍ଯ୍ୟକ୍ରମ, ସ୍ଥାନ: ଗୋଶାଳା, କୋଏଲନଗର, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱି ଦିବସୀୟ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ସେକ୍ଟର-୪, ରାଉରକେଲା କଲେଜ, ସମୟ: ଅପରାହ୍ନ ୨ଟା।
- କିଡ୍‌ନୀ ହେଲ୍‌ଥ ୱାକାଥନ୍, ସ୍ଥାନ: ଆପୋଲୋ ହସ୍ପିଟାଲ ଗେଟ୍, ସମୟ: ଅପରାହ୍ନ ୫ଟା ୩୦।
- ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ, ସ୍ଥାନ: ବାସନ୍ତୀ କଲୋନୀ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ଦିବସ ପାଳନ, ସ୍ଥାନ: ସେକ୍ଟର-୭ ପ୍ରଗତି ଉତ୍କଳ ସଂଘ, ସମୟ: ସନ୍ଧ୍ୟା ୬ଟା ୪୫।

**ବରଗଡ଼**
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ: ସକାଳ ୮ଟା।
- ଦୟାନିଧି ମିଶ୍ର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ମାଲିପାଲି ଫୁଟବଲ ପଡ଼ିଆ, ବରଗଡ଼, ସମୟ: ଅପରାହ୍ନ ୫ଟା।

**କଳାହାଣ୍ଡି**
- ନର୍ଲା ସ୍ୱାଭିମାନ ମଞ୍ଚ ପକ୍ଷରୁ ଜନ ଆନ୍ଦୋଳନ, ସ୍ଥାନ: ନର୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖ, ସମୟ: ସକାଳ ୮ଟା।
- ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା'ଲଙ୍କେଶ୍ୱରୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଚୈଗୁଡ଼ା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ସୁଭଦ୍ରା ଶକ୍ତି ମେଳାର ଷଷ୍ଠ ଦିବସ, ସ୍ଥାନ: କଚେରୀ ଖେଳ ପଡ଼ିଆ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

**ଦେବଗଡ଼**
- ପୋଷଣ ସମସ୍ୟା ସମ୍ପର୍କିତ ଦୁଇ ଦିନିଆ ରାଜ୍ୟସ୍ତରୀୟ ସେମିନାର, ସ୍ଥାନ: ଦେବଗଡ଼ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମହିଳା କୃଷକ ସମ୍ମିଳନୀ, ସ୍ଥାନ: ସିଡ଼ିଏଓ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ସୁବର୍ଣ୍ଣପୁର**
- ମହିଳା କମିଶନ ସଦସ୍ୟାଙ୍କ ସମୀକ୍ଷା ବୈଠକ, ସ୍ଥାନ: ବିନିକା ଚନ୍ଦ୍ରମା ହୋଟେଲ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: କେଶଲଗା ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ, ସ୍ଥାନ: ଗୋପପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ମହିଳା ସୁରକ୍ଷା ସମ୍ପର୍କରେ ଆଇନ ସଚେତନତା ଶିବିର, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ଅପରାହ୍ନ ୩ଟା।
- ତରଭା ବ୍ଲକ ନକଟିକନାରେ ରାମନବମୀ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ନକଟିକନା ଗ୍ରାମ୍ୟ ପ୍ରହରୀ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଅମଲାପାଲି ଗାଁ, ସମୟ: ସକାଳ ୭ଟା ୩୦।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେମି ଫାଇନାଲ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁ, ସମୟ: ସକାଳ ୮ଟା।
- ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: ନ୍ୟାଶନାଲ ମହାବିଦ୍ୟାଳୟ ପଡିଆ ନୂଆପଡା, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ କ୍ରିଷ୍ଟା ଗାଁ, ସମୟ: ପ୍ରାତଃ ୪ଟା ୪୩।
- ଏକୋଇଶିଆ ଉପଲକ୍ଷେ ପାରାୟଣ ଓ କୀର୍ତ୍ତନ ଧାରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ପଞ୍ଚାୟତ ଗୋହିରାପର ଗାଁ, ସମୟ: ପୂର୍ବାହ୍ନ ୧୧ଟା।

**ଝାରସୁଗୁଡ଼ା**
- ଜିଲାସ୍ତରୀୟ ଡିଏଲ୍‌ସି ବୈଠକ, ସ୍ଥାନ: ଡିଏମ୍‌ଏଫ୍ ହଲ୍, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।
- ଶିକ୍ଷା ବିଭାଗର ରିଭ୍ୟୁ ବୈଠକ, ସ୍ଥାନ: ଡିଏମ୍‌ଏଫ୍ ହଲ୍, ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅଷ୍ଟମଚନ୍ଦ୍ର ଯୋଗୁ ମନ ଚଞ୍ଚଳ ରହିବ କିନ୍ତୁ ଅର୍ଥପ୍ରାପ୍ତିରେ ବାଧା ଉପୁଜିବ ନାହିଁ। ଦ୍ୱିଜା ନକ୍ଷତ୍ରର ପାରିବାରିକ ସୁଖ, ସୌଭାଗ୍ୟ ସଙ୍ଗକୁ ଯାତ୍ରା, ବାଣିଜ୍ୟ ମନ୍ଦ ହେବନି। ଏକ ଭିନ୍ନ ପରିବେଶରେ ଦୂରେଇ ଯାଇଥିବା ବନ୍ଧୁ ପାଖେଇ ଆସିବେ। କିନ୍ତୁ ଖଳଲୋକଙ୍କ ଅପପ୍ରଚାର କ୍ରମେ ସଙ୍ଗଦୋଷ ପାଇଁ ସମାଲୋଚିତ ହୋଇପାରନ୍ତି।

**ବୃଷ** ଉଚ୍ଚାରୋହୀ ଶୁକ୍ର ହେତୁ ଦୈହିକ ସୁସ୍ଥତା ସହ ପୂର୍ବରୁ ଯୋଗାଯୋଗ ରଖିଥିବା ଆତ୍ମୀୟଙ୍କ ନିକଟରୁ ଅର୍ଥଲାଭ ହେବ। ଶନିଙ୍କ କୁଦୃଷ୍ଟିରୁ ଜଣେ ବନ୍ଧୁଙ୍କ ପ୍ରରୋଚନାରେ ଅପରିଚିତଙ୍କ ସହ ମିତ୍ରତା କରିବାକୁ ମନ ବଳାଇବେ। କର୍ମକ୍ଷେତ୍ରରେ ଗୁଡ଼ିଏ କାମ ହାତକୁ ନେଇ ବ୍ୟସ୍ତ ହେବେ। କଚେରି ମାମଲାର ଶୁଣାଣି ଦୁଶ୍ଚିନ୍ତାର କାରଣ ହୋଇପାରେ।

**ମିଥୁନ** ମୃଗଶିରା ନକ୍ଷତ୍ରର ଅବସ୍ଥା ଚକ୍ରରେ ପଡ଼ି ହାତରୁ ଖାଇ ଘୋଡ଼ା ପଛରେ ଧାଇଁଲା ପରି ପରିସ୍ଥିତି ସୃଷ୍ଟି ହେବ। ଆଜି ଲକ୍ଷ୍ୟହାସଲ ସହ ବନ୍ଧୁସମ୍ପର୍କ ସ୍ଥାପିତ ହେବ। ସକାଳୁ ବଳକା କାମକୁ ଶେଷ କରିବା ସକାଶେ ବ୍ୟସ୍ତ ହୋଇପାରନ୍ତି। ପକ୍ଷପାତିତାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ଏଡ଼ି ହେବନାହିଁ।

**କର୍କଟ** ସ୍ୱାସ୍ଥ୍ୟରେ ଉନ୍ନତି ସହ କର୍ମକ୍ଷେତ୍ରରେ ଅର୍ଥ, ସମ୍ମାନ ଓ ଗୌରବଲାଭର ସୁଯୋଗ ପାଇବେ। ପାରିବାରିକ ସମସ୍ୟା ପୂର୍ବାବସ୍ଥାକୁ ବଜାୟ ରଖିଲେ ମଧ୍ୟ ମାନସିକ ସ୍ତରରେ ଠିକ୍ ରହିବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ପାଇପାରିବେ। ଆନୁଷ୍ଠାନିକ କାମ, ପ୍ରଶାସନିକ କ୍ଷେତ୍ର ତଥା ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ।

**ସିଂହ** ଚନ୍ଦ୍ରଙ୍କ ଦୁର୍ବଳ ଅବସ୍ଥିତି ଆପଣଙ୍କୁ ମାନସିକ ଅସ୍ଥିରତା ମଧ୍ୟରେ ବାନ୍ଧି ରଖିପାରେ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା, କଚେରି ମାମଲା କ୍ଷେତ୍ରରେ ସଂଘର୍ଷପୂର୍ଣ୍ଣ ସ୍ଥିତି ଉତ୍ପନ୍ନ କରିବ। ଶତ୍ରୁମାନେ ପାଖ ମାଡିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବା ସକାଶେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**କନ୍ୟା** ଭଲ ସମ୍ପର୍କ ନ ଥିବା ନୀଚ ଜାତିର ଲୋକଟି କାମକୁ ବିଗାଡ଼ି ଦେବେ। ଉଚ୍ଚସ୍ଥ ଶୁକ୍ର ହେତୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିବେ। ଉତ୍ତରାଫାଲଗୁନୀ ନକ୍ଷତ୍ରଜାତ ବ୍ୟକ୍ତିମାନେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡ଼ିବେ। ପାରିବାରିକ ସ୍ଥିତି, ବ୍ୟବସାୟ, ବାଣିଜ୍ୟ ପୂର୍ବଭଳି ଅକ୍ଷୁଣ୍ଣ ରହିବ।

**ତୁଳା** ଆଜି ଆର୍ଥିକ ଦିଗରୁ ଲାଭବାନ ହେବା ସହ ଜମିଜମା ବିବାଦର ଅବସାନ ଘଟିବ। ପରିବାରରେ ଅସ୍ଥିରତା, ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, ଚୁକ୍ତିର ଉଲ୍ଲଂଘନ ମାନସିକ ଅଶାନ୍ତି ସୃଷ୍ଟି କରିବ। ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ପରିସ୍ଥିତିକୁ ସମ୍ଭାଳି ନେବେ। ପ୍ରବଚନ, ସତ୍‌ସଙ୍ଗରେ ପ୍ରଶଂସିତ ହେବେ।

**ବିଛା** ଆଜି ଯେଉଁ କାମରେ ହାତ ଦେବେ ତାହା ସମ୍ପନ୍ନ ନ ହୋଇ ରହିବନାହିଁ। ଅନୁରାଧା ନକ୍ଷତ୍ର ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପ୍ରାୟତଃ ଭଲ ରହିବା ହେତୁ ସାମୟିକ ଦୁଃଖ ଲାଘବ ହେବ। ପରିବାରର ପୁରୁଣା କଥାକୁ ସ୍ମରଣ କରି ଦୁଃଖରେ ରହିବାକୁ ବାଧ୍ୟ ହେବେ।

**ଧନୁ** ଆଜିର ଚନ୍ଦ୍ର ଆପଣଙ୍କୁ ଧାର୍ମିକ ମନୋବୃତ୍ତି ସମ୍ପନ୍ନ କରାଇବା ସହ ସମସ୍ୟା ଭିତରକୁ ଟାଣିନେବ। ଭଲ ସମ୍ପର୍କ ରହିଥିବା ସହକର୍ମୀଟି ଭୁଲ୍ ବୁଝାମଣା କାରଣରୁ ମୁହଁ ଫେରାଇ ନେବେ। ପ୍ରଶାସନ, ଗବେଷଣା, ସାହିତ୍ୟ, ସାମ୍ବାଦିକତା, ରଚନାତ୍ମକ କାମରେ ପ୍ରଶଂସା ପାଇବେ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ବିରକ୍ତ ହେବେ।

**ମକର** ଆଜିର କର୍ମକ୍ଷେତ୍ରରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଶ୍ରବଣା ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ଖୁବ୍ ଆଶାବାଦୀ ହେବେ ଓ କାମ ସୁବିଧାରେ ହୋଇଯିବ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି। ନିଜର ଆତ୍ମୀୟସ୍ୱଜନଙ୍କ ସାହଚର୍ଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ** ପୂର୍ବର କଳହକୁ କେନ୍ଦ୍ରକରି ଆତ୍ମୀୟସ୍ୱଜନମାନେ ଦୂରେଇ ଯାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବାର ଆଶା ରହିଛି। ବସନ ଭୂଷଣ ପ୍ରଭୃତି ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିପାରେ। ସ୍ୱାସ୍ଥ୍ୟ ପ୍ରାୟତଃ ନିୟନ୍ତ୍ରଣ ମଧ୍ୟରେ ରହିବାରୁ ଆଶ୍ୱସ୍ତି ଅନୁଭବ କରିବେ।

**ମୀନ** ନିଜର ଲକ୍ଷ୍ୟସାଧନ ପରିପ୍ରେକ୍ଷୀରେ ବିଶେଷଭାବରେ ଦୁଇଜଣ ବନ୍ଧୁଙ୍କ ସାହାଯ୍ୟ ଅବିସ୍ମରଣୀୟ ରହିବ। ରେବତୀ ନକ୍ଷତ୍ରର ଆର୍ଥିକ ଦୁରବସ୍ଥା ଲାଗି ରହିଲେ ମଧ୍ୟ କାମ ଅଟକିବ ନାହିଁ। ସଭାସମିତି, ରାଜନୀତି, ମାଲିମକଦ୍ଦମା ତଥା ଆନୁଷ୍ଠାନିକ କାମରେ ଖର୍ଚ୍ଚ ବଢ଼ିଯିବ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

ଆଜି ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ, ଧୂମପାନ ନିଷେଧ ଦିବସ (ମାର୍ଚ୍ଚ ୨ୟ ବୁଧବାର)। ଚୈତ୍ର କୃଷ୍ଣ ଅଷ୍ଟମୀ ବୁଧବାର। ରାଶିନକ୍ଷତ୍ର-ଜ୍ୟେଷ୍ଠା/ବିଛା, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ସକାଳ ଘ.୦୬।୦୨ମି. ଗତେ ଘ.୦୭।୩୬ମି. ମଧ୍ୟେ, ଘ.୧୦।୨୮ମି. ଗତେ ଘ.୧୧।୩୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧।୫୬ମି. ଗତେ ଘ.୦୧।୨୫ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ରୋଷେଇ ଘରେ...

ସେଠୀ ଫେବୃଆରୀ ୨୧ରେ ଇଣ୍ଡିଆନ୍ ଗ୍ୟାସ୍ ପାଇଁ ବୁକିଂ କରିଥିଲେ। ତେବେ ଗ୍ୟାସ୍ ମହଜୁଦ୍ ନ ଥିବା ଏଜେନ୍ସି ପକ୍ଷରୁ କୁହାଯାଇଛି। ସେହିପରି ଲିଙ୍ଗରାଜ ଗ୍ୟାସ୍ ଏଜେନ୍ସିରେ ମଙ୍ଗଳବାର ନାହିଁ ନ ଥିବା ସ୍ଥିତି ଦେଖିବାକୁ ମିଳିଛି। ଲୋକେ ଗ୍ୟାସ୍ ଖାତା ଥୋଇ ତୁରନ୍ତ ଗ୍ୟାସ୍ ପାଇଁ ଦାବି କରିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସେହିପରି କେତେକ ବ୍ୟବସାୟିକ ଅନୁଷ୍ଠାନ ଏହି ସଙ୍କଟକୁ ନେଇ ଚିନ୍ତାରେ ପଡ଼ିଥିବାବେଳେ ଆଉ କେତେକ ଦୋକାନ ଆଂଶିକ ବନ୍ଦ ହେବା ପର୍ଯ୍ୟନ୍ତ କଥା ଗଲାଣି। ଏହି ପରିପ୍ରେକ୍ଷୀରେ ହୋଟେଲ ଶିଳ୍ପ ପକ୍ଷରୁ ମଙ୍ଗଳବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ନିୟମିତ ଗ୍ୟାସ୍ ଯୋଗାଣ କରିବାକୁ ଦାବିପତ୍ରରେ କୁହାଯାଇଛି। ଅନ୍ୟପକ୍ଷରେ ରାଜ୍ୟରେ ଗ୍ୟାସ୍ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟ ସଚିବ ରାଜ୍ୟରେ ପର୍ଯ୍ୟାପ୍ତ ଗ୍ୟାସ୍ ସିଲିଣ୍ଡର ମହଜୁଦ୍ ରହିଥିବା ଗଣମାଧ୍ୟମକୁ କହିଛନ୍ତି।

ହୋଟେଲ୍ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା (ଏଚ୍ଆର୍ଏଓ) ପକ୍ଷରୁ ମଙ୍ଗଳବାର କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି। ସଂଘ ପକ୍ଷରୁ ଦିଆଯାଇଥିବା ସ୍ମାରକପତ୍ରରେ କୁହାଯାଇଛି ଯେ, ବାଣିଜ୍ୟିକ ଏଲ୍‌ପିଜି ସିଲିଣ୍ଡର ଯୋଗାଣ ବ୍ୟାହତ ହେବାରୁ ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ଗୁରୁତର ସମସ୍ୟାରେ ପଡ଼ିଛି। ପ୍ରତ୍ୟେକ ଦିନ ହୋଟେଲରେ ରୋଷେଇ ପାଇଁ ସିଲିଣ୍ଡର ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିବାକୁ ପଡ଼ିଥାଏ। ଏହାର ଯୋଗାଣ ଉପରେ ଅଙ୍କୁଶ ଲଗାଯିବାରୁ ଅନେକ ସ୍ଥାନରେ ଖାଦ୍ୟ ପ୍ରସ୍ତୁତି ଓ ସେବା ପ୍ରଭାବିତ ହେଉଛି। ଏଚ୍ଆର୍ଏଓ ଅଧ୍ୟକ୍ଷ ଜେ. କେ. ମହାନ୍ତି କହିଛନ୍ତି, ଏଭଳି ସ୍ଥିତି ଲାଗି ରହିଲେ ହୋଟେଲ ପ୍ରାୟତଃ ବନ୍ଦ ହୋଇଯିବ। ବୁକିଂ ବାତିଲ ହେବା ସହିତ ପର୍ଯ୍ୟଟକମାନେ ଅସୁବିଧାରେ ପଡ଼ିପାରନ୍ତି। ସେ କହିଛନ୍ତି ଯେ, ପର୍ଯ୍ୟଟନ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଆତିଥେୟତା, ଯାହାକି ନିଯୁକ୍ତି ସୃଷ୍ଟିଠାରୁ ଆରମ୍ଭକରି ରାଜସ୍ୱ ଆୟ ଓ ଅର୍ଥନୈତିକ କାର୍ଯ୍ୟକଳାପକୁ ବଡ଼ ଭାବେ ସହଯୋଗ କରିଥାଏ। ଏଲ୍‌ପିଜି ଏକ ଜରୁରୀ ଦହନ ପଦାର୍ଥ ହୋଇଥବାରୁ ଏହାକୁ ବହୁ ପରିମାଣରେ ସଞ୍ଚୟ କରିବା ସମ୍ଭବ ନୁହେଁ। ହୋଟେଲ ଓ ରେଷ୍ଟୁରାଣ୍ଟରେ ମାତ୍ର ୨-୩ ଦିନ ପର୍ଯ୍ୟନ୍ତ ମହଜୁଦ୍ କରାଯାଇ ପାରିବ। ତେଣୁ ବାଣିଜ୍ୟିକ ସିଲିଣ୍ଡର ଯେପରି ନିୟମିତ ଭାବେ ମିଳିପାରିବ ସେଥିପ୍ରତି ତ୍ୱରିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଓଡ଼ିଶାରେ ପ୍ରାୟ ୫୦ ହଜାର ଲୋକ ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପରେ କାମ କରୁଛନ୍ତି। ଯଦି ଏଲ୍‌ପିଜି ଯୋଗାଣ ବନ୍ଦ ହୁଏ, ତେବେ ସେମାନଙ୍କର ଚାକିରି ମଧ୍ୟ ସଙ୍କଟରେ ପଡ଼ିପାରେ। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଥିବା ମହାନ୍ତି କହିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ଏଲ୍‌ପିଜି ଯୋଗାଣରେ ନିରନ୍ତରତା ବଜାୟ ରଖିବା ପାଇଁ ୩ ସଦସ୍ୟ ବିଶିଷ୍ଟ ଏକ କମିଟି ଗଠନ କରିଛନ୍ତି।

## ଆଦାନୀ ହାତକୁ...

ଏହାର ପରିଚାଳନା ଦାୟିତ୍ୱ ପାଇଁ ୧୫ ଜଣିଆ ପ୍ରତିନିଧି ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଭାବେ ପରିବହନ ଓ ବାଣିଜ୍ୟ ସଚିବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସଚିବ, ପାରାଦୀପ ବନ୍ଦର ଅଧ୍ୟକ୍ଷ ଓ ଅର୍ଥ ପରାମର୍ଶ ଅଧିକାରୀ, ଧାମରା ବନ୍ଦର ସିଇଓ, ଗୋପାଳପୁର ବନ୍ଦର ପରିଚାଳନା ନିର୍ଦ୍ଦେଶକ, ଶିପିଂ କର୍ପୋରେଶନ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ, କୋଷ୍ଟଗାର୍ଡର କମାଣ୍ଡାଣ୍ଟ, କଲିକତାର ଆପିଜେ ଶିପିଂ, ମୁମ୍ବାଇ ସାଧ ଶିପିଂ, ଆନ୍ଧ୍ରର ଓସେନ ସ୍ପାର୍କଲ ଲିମିଟେଡ୍, ପୋର୍ଟ ଆଣ୍ଡ ଆଇଡବ୍ଲୁଟି ଓଡ଼ିଶାର ନିର୍ଦ୍ଦେଶକ ପ୍ରମୁଖ ସଦସ୍ୟ ଅଛନ୍ତି।

ଉକ୍ତ ଶିକ୍ଷାନୁଷ୍ଠାନ ପାଇଁ ଜାଗା ଓ ଭିତ୍ତିଭୂମି ପାରାଦୀପ ବନ୍ଦର ପକ୍ଷରୁ ଦିଆଯାଇଛି। ଏବେ ୧୦ ଜଣ କର୍ମଚାରୀ ପିଲାଙ୍କୁ ପାଠ ପଢ଼ାଇବା ସହିତ ତାଲିମ ମଧ୍ୟ ଦେଉଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନରୁ ପଢ଼ିଥିବା ଛାତ୍ରମାନେ ପୋର୍ଟ, କୋଷ୍ଟଗାର୍ଡ, ନୌସେନା, ଶିପିଂ କମ୍ପାନୀ ଆଦିରେ ଚାକିରି କରିବାର ସୁଯୋଗ ପାଇଥାନ୍ତି। ଏପରି ଅନୁଷ୍ଠାନ ଏବେ ଘରୋଇକରଣ ହେବା ଘଟଣାକୁ ନେଇ କଂଗ୍ରେସ ନେତା ନିରଞ୍ଜନ ନାୟକ କୁହନ୍ତି, ଏ ସରକାର ପୁଞ୍ଜିପତିଙ୍କ ପାଇଁ କାମ କରୁଛନ୍ତି। ଓଡ଼ିଆ ଅସ୍ମିତା ନାମରେ ପ୍ରଚାର କରୁଥିବା ବେଳେ ଓଡ଼ିଶାର ସଂସ୍କୃତିକୁ ବିକ୍ରି କରୁଛନ୍ତି। ଏହାକୁ ଘରୋଇକରଣ ନ କରିବା ପାଇଁ ଦଳ ପକ୍ଷରୁ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ କରାଯିବ। ଓମା ସହିତ ଭଦ୍ରକ ଜିଲାର ଚାନ୍ଦବାଲିଠାରେ ଥିବା ୪୭ ବର୍ଷର ନାବିକ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ସମାନ ଭାବେ ଘରୋଇକରଣ ହେବ ବୋଲି ଉକ୍ତ ଚିଠିରୁ ଜଣାପଡ଼ିଛି। ଏହି ପ୍ରସଙ୍ଗ ଉପରେ ପରିବହନ ଓ ବାଣିଜ୍ୟ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଇଣ୍ଡିଗୋ ସିଇଓଙ୍କ...

ତାଙ୍କ ଇସ୍ତଫା ପତ୍ର କମ୍ପାନୀକୁ ପଠାଇ ଦେଇଥିଲେ। ପ୍ରାୟ ୩ ମାସ ତଳେ ଇଣ୍ଡିଗୋ ବିମାନ ପରିଚାଳନାରୁ ସୃଷ୍ଟି ହୋଇଥିବା ସମସ୍ୟାକୁ ନେଇ ପିଟର୍‌ଙ୍କୁ ଇସ୍ତଫା ଦେବାକୁ ପଡ଼ିଛି। ଏହି ସମୟରେ ଘରୋଇ ଏବଂ ଅନ୍ତର୍ଜାତୀୟ ରୁଟ୍‌ରେ ବିମାନ ପରିଚାଳନାଗତ ତ୍ରୁଟି ପାଇଁ ୩ ଲକ୍ଷରୁ ଅଧିକ ଯାତ୍ରୀ ଉତ୍କଟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ କମ୍ପାନୀର ୨୦୦୦ କୋଟି ଟଙ୍କାର କ୍ଷତି ଘଟିଥିଲା ବେଳେ ଇଣ୍ଡିଗୋ ଡିଜିସିଏକୁ ୨୨ କୋଟି ଟଙ୍କାର ଦଣ୍ଡ ଗଣିଥିଲା।

## ଏସ୍ଆଇଆର୍ ପାଇଁ...

ଅଂଶଗ୍ରହଣ ନିଶ୍ଚିତ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ଦ୍ୱାରା ବୁଥ୍ ଲେଭଲ ଏଜେଣ୍ଟ (ବିଏଲ୍ଏ) ନିଯୁକ୍ତି, ବିଏଲ୍ଏମାନଙ୍କ ପାଇଁ ମତଦାତା ଯାଞ୍ଚ ଓ ଫର୍ମ ପ୍ରବନ୍ଧନ ସମ୍ପର୍କିତ ପ୍ରଶିକ୍ଷଣ, ପ୍ରତ୍ୟେକ ପୋଲିଂ ବୁଥ୍‌ରେ ୨୦ ଜଣ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ଚିହ୍ନଟ ଓ ୨୦୦୨ ମସିହାର ଭୋଟର ତାଲିକା ସହ ମତଦାତାଙ୍କ ମ୍ୟାପିଂ କାର୍ଯ୍ୟ ସମାପ୍ତି ଉପରେ ମଧ୍ୟ ଆଲୋଚନା କରାଯାଇଥିଲା।

## ୨ ବାଇକ୍...

ରାମନାଗୁଡ଼ା ପଟୁ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କାଦେବାରୁ ଏଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବିଷମକଟକ ଡାକ୍ତରଖାନାରେ ଜଣେ ଏବଂ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି।

# ନିୟମିତ ରିପୋର୍ଟ ଦେବାକୁ ତୈଳ କମ୍ପାନୀକୁ ନିର୍ଦ୍ଦେଶ



ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ତୈଳ ବିପଣନ କମ୍ପାନୀଗୁଡ଼ିକର ଅଧିକାରୀ।

**ଭୁବନେଶ୍ୱର,୧୦।୩(ରବିନାରାୟଣ ଜେନା)** ରାଜ୍ୟରେ ଗ୍ୟାସ୍ ସଙ୍କଟକୁ ନେଇ ମଙ୍ଗଳବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଗର୍ଗ କହିଛନ୍ତି, ରାଜ୍ୟରେ ଯଥେଷ୍ଟ ପରିମାଣର ରନ୍ଧନ ଗ୍ୟାସ୍(ଏଲ୍‌ପିଜି) ଉପଲବ୍ଧ ରହିଛି ଏବଂ ଜନସାଧାରଣଙ୍କୁ ଏନେଇ ଚିନ୍ତା କରିବାର ଆବଶ୍ୟକ ନାହିଁ। ବୈଠକରେ ତୈଳ ବିଶୋଧନାଗାର/ ଡିପୋରୁ ଏଲ୍‌ପିଜି ବିତରକ ଓ ରିଟେଲ ଆଉଟଲେଟ୍ ବିତରଣ ପ୍ରକ୍ରିୟା ଏବଂ ଯୋଗାଣ ଶୃଙ୍ଖଳବ୍ୟବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଖାଉଟିମାନଙ୍କୁ ରନ୍ଧନଗ୍ୟାସ, ପେଟ୍ରୋଲ ଓ ଡିଜେଲ ଯୋଗାଣ ନେଇ ସମସ୍ୟା ନ ଥିବା ସଂପର୍କରେ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଶିକ୍ଷାନୁଷ୍ଠାନ ଓ ଡାକ୍ତରଖାନାଗୁଡ଼ିକ ପାଇଁ ମଧ୍ୟ ରନ୍ଧନ ଗ୍ୟାସ ଯୋଗାଣରେ ସମସ୍ୟା ନାହିଁ। ସୁବିଧାରେ ରନ୍ଧନ ଗ୍ୟାସ ଓ ଇନ୍ଧନ ତୈଳ ଉପଲବ୍ଧ ହେବା ନେଇ ଯୋଗାଣଶୃଙ୍ଖଳ ସନ୍ତୁଳନ ବଜାୟ ରଖିବାକୁ ତୈଳ କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ ମୁଖ୍ୟସଚିବ ନିର୍ଦ୍ଦେଶ ଦେଇଛନ୍ତି। ରନ୍ଧନ ଗ୍ୟାସ ଓ ପେଟ୍ରୋଲ, ଡିଜେଲ ଆଦିର ଉପଲବ୍ଧତା ନେଇ ନିୟମିତ ଭାବେ ବିଭିନ୍ନ ମାଧ୍ୟମରେ ଆବଶ୍ୟକୀୟ ସୂଚନା ଜାରି ରଖିବାକୁ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଓ ତୈଳ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନେବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ରନ୍ଧନ ଗ୍ୟାସ୍ ଓ ଇନ୍ଧନ ତୈଳ ଉପଲବ୍ଧତା ନେଇ ତୈଳକମ୍ପାନୀ କର୍ତ୍ତୃପକ୍ଷମାନେ କେନ୍ଦ୍ର ସରକାରଙ୍କୁ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି ତାହାର ଏକ ରିପୋର୍ଟ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟିକଲ୍ୟାଣ ବିଭାଗକୁ ଦୈନିକ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ସମେତ ଆଓସିଏଲ୍,ଏଚ୍‌ପିସିଏଲ୍ ଓ ବିପିସିଏଲ୍ ଆଦି କମ୍ପାନୀର କର୍ତ୍ତୃପକ୍ଷମାନେ ଉପସ୍ଥିତ ଥିଲେ।

# ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆମ୍ବ ପାଚିଲେ ଡମ ରାଜା**
**ନଈ ବଢ଼ିଲେ କେଉଟ ରାଜା।**

ଗଛରେ ଆମ୍ବ ପାଚିଲେ ନିମ୍ନ ସ୍ତରର ବ୍ୟକ୍ତି ଖାଇ କରି ବଞ୍ଚିଯାଇଥାନ୍ତି। ସେହିପରି ନଈରେ ପାଣି ବଢ଼ିଲେ ବହୁତ ମାଛ ମିଳିବାର ସମ୍ଭାବନା ରହିଥାଏ, ଫଳସ୍ୱରୂପ କେଉଟଙ୍କ ଭଲ ଆୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆପଣାକୁ ଆପେ ବୁଝିଲେ ସରଇ ଅଡୁଆ**
**ବଳଦକୁ ଯେସନ ଲଦନ ଗରୁଆ।**

ସମସ୍ୟା ଥିଲେ ସମାଧାନ ଅଛି। ସମସ୍ୟା ଭିତରେ ଅଯଥା ଛନ୍ଦି ନ ହୋଇ ପରସ୍ପର ମଧ୍ୟରେ ଉତ୍ତମ ବୁଝାମଣା ରଖିବା ଶୋଭନୀୟ ହୋଇଥାଏ। ନିଜ ନିଜ ଭିତରେ ସମନ୍ୱୟ ଠିକ୍ ରଖିଲେ ସବୁ ସମସ୍ୟା ଦୂରୀଭୂତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ


ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



# सशक्त नारी
## झारखण्ड की आर्थिक प्रगति का आधार...

# ...नारी शक्ति के साथ चल रही हेमन्त सरकार



**हेमन्त सोरेन**
मुख्यमंत्री, झारखण्ड

### मुख्यमंत्री मंईयां सम्मान योजना
18 से 50 वर्ष की पात्र महिलाओं को हर महीने ₹2,500 की आर्थिक सहायता
**प्रति वर्ष कुल ₹30,000**

### सर्वजन पेंशन योजना
अब महिलाओं को वृद्धावस्था पेंशन के लिए 60 वर्ष का इंतजार नहीं करना होगा
**50 वर्ष से ऊपर आयु की सभी वर्ग की महिलाएं पेंशन की हकदार**

### सावित्रीबाई फुले किशोरी समृद्धि योजना
बालिका शिक्षा को बढ़ावा देने और बाल विवाह रोकने के लिए ₹40,000 तक की कुल सहायता
**कक्षा 8वीं से लेकर 18-19 वर्ष की आयु तक विभिन्न चरणों में प्रोत्साहन राशि**

### फूलो-झानो आशीर्वाद अभियान
हड़िया-शराब की बिक्री और निर्माण कार्य में लगी महिलाओं को सम्मानजनक स्वरोजगार शुरू करने के लिए **₹50,000 तक का ब्याज मुक्त ऋण**

### स्वरोजगार से स्वावलंबन
झारखण्ड की दीदियां अब खुद का भविष्य लिख रही हैं, 2.80 लाख से अधिक स्वयं सहायता समूह बैंकों से जुड़े।
**₹17,374 करोड़ का सीधा ऋण वितरण, लाखों परिवारों के जीवन में आई समृद्धि**

### स्वस्थ पीढ़ी के लिए मातृत्व अवकाश
संविदा (अनुबंध/कॉन्ट्रैक्ट) के आधार पर नियुक्त महिला कर्मचारियों को
**180 दिनों का मातृत्व अवकाश (maternity leave) देने का महत्वपूर्ण फैसला**

### ग्रामीण उत्पाद की पहचान पलाश मार्ट
सखी मंडल की दीदियों द्वारा बनाए गए उत्कृष्ट उत्पादों को
**'पलाश' ब्रांड के तहत पहचान और बाजार**

### कला को सम्मान आदिवा ब्रांड
झारखण्ड की ग्रामीण कला, मेहनत और महिला प्रतिभाओं को नई पहचान देने का मजबूत माध्यम
**ग्रामीण उद्यमिता, महिला स्वावलंबन और मजबूत ग्रामीण अर्थव्यवस्था का प्रयास**

सूचना एवं जनसम्पर्क विभाग, झारखण्ड

PR 374676 (IPRD) 25-26

ସଂସାରରେ କର୍ମର ଗତି ବଡ଼ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୂଳ ବିନାଶ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ- କିଏ କହିବ- ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। -ଶ୍ରୀଅରବିନ୍ଦ



# ଇନ୍ଧନ ଓ ରନ୍ଧନ ସଙ୍କଟ

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହେଲାଣି। ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ଇରାନକୁ କ୍ରୋଧିତ କରି ରଖିଛି। ତା'ର ପଡ଼ୋଶୀ ଦେଶ ସାଉଦି ଆରବ, କୁଏତ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର ଏପରି କି ଓମାନ୍ ଉପରେ ଇରାନ ମିଶାଇଲ ଆକ୍ରମଣ କରୁଥିବା ଦେଖାଯାଉଛି। ଆମେରିକାର ଏୟାରବେସ୍ ଥିବା ଦେଶକୁ ଟାର୍ଗେଟ କରି ଇରାନ ଚଳାଉଥିବା ଆକ୍ରମଣ ସମ୍ପୂର୍ଣ୍ଣ ଭୂଖଣ୍ଡକୁ ଉଦ୍‌ବେଗ କରିରଖିଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ବନ୍ଦ ରଖି ଇରାନ ବିଶ୍ୱ ଶକ୍ତି କ୍ଷେତ୍ର ପ୍ରତି ବଡ଼ ଆହ୍ୱାନ ସୃଷ୍ଟି କରିଛି। ଅନ୍ତର୍ଜାତୀୟ ସ୍ତରରେ ତେଲ ବ୍ୟବହାରର ପ୍ରାୟ ଏକ ପଞ୍ଚମାଂଶ ଏହି ପଥ ଦ୍ୱାରା ହୋଇଥାଏ। ଯେତେବେଳେ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ନେଇ ଭାରତଣି ପଡ଼ିଲା ସେତେବେଳେ ଇରାନ ସ୍ପଷ୍ଟ କରିଥିଲା ଯେ, ଆମେରିକା, ଇସ୍ରାଏଲ ଓ ୟୁରୋପର ଜାହାଜକୁ ବନ୍ଦ ରଖାଯାଇଛି। ଭାରତ ପାଇଁ କୌଣସି ବିପଦ ନାହିଁ ବୋଲି ଇରାନ କହିବା ପରେ ଭାରତୀୟମାନେ ଆଶ୍ୱସ୍ତି ଅନୁଭବ କରିଥିଲେ। ଏହା କହିବା ସତ୍ତ୍ୱେ ଇରାନର ନୌସେନାଜାହାଜ ଆଇଆରଆଇଏସ୍ ଡେନା ଭାରତ ଆସି ଫେରୁଥିବା ବେଳେ ଶ୍ରୀଲଙ୍କା ନିକଟରେ ଆମେରିକା ବୁଡ଼ାଜାହାଜ ଟର୍ପେଡୋ ମାଡ଼ରେ ବୁଡ଼ିଯାଇଥିଲା। ଫଳରେ ୮୦ ଜଣ ନାବିକଙ୍କ ମୃତ୍ୟୁ ଘଟିଥିଲା। କିନ୍ତୁ ଭାରତର ବୈଦେଶିକ ନୀତିରେ ବିଚ୍ୟୁତି ଘଟିଥିବା ହେତୁ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନୀରବ ରହି ଖଣ୍ଡନ କରିବାକୁ ଆଗେଇ ଆସିଲେ ନାହିଁ, ଯାହାର କୁଫଳ ଏବେ ଦେଶକୁ ଭୋଗିବାକୁ ପଡୁଛି। ପୂର୍ବରୁ ଭାରତ ଗରିବ ଥିଲା। ମାତ୍ର ଅନ୍ତର୍ଜାତୀୟ ସ୍ତରରେ ତା'ର ଟେକ ବିଶେଷକରି ଏକ ଗୋଷ୍ଠୀ ନିରପେକ୍ଷ ଦେଶ ଭାବେ ଆଗଧାଡ଼ିରେ ଥିଲା। ବର୍ତ୍ତମାନ ଭାରତରେ ଧନୀଙ୍କ ସଂଖ୍ୟା ପ୍ରବଳମାତ୍ରାରେ ବୃଦ୍ଧି ପାଇଥିବା ସତ୍ତ୍ୱେ ଦେଶର ଅନ୍ତର୍ଜାତୀୟ ଭାବମୂର୍ତ୍ତି ସମ୍ପୂର୍ଣ୍ଣ ଭାବେ ଧୂଳିସାତ୍ ହୋଇଗଲାଣି।

ବାସ୍ତବତା ଦେଖିଲେ ଏବେ ଭାରତରେ ଶକ୍ତି ସଙ୍କଟ ବିରାଟ ରୂପ ଧାରଣ କଲାଣି। ବ୍ୟବସାୟିକ ରନ୍ଧନ ଗ୍ୟାସ୍ ଅଭାବରୁ ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନାଇ ଆଦି ବଡ଼ ସହରରେ କେତେକ ରେଷ୍ଟୁରାଣ୍ଟ ବନ୍ଦ ହେବା ଦେଖାଦେଲାଣି। ଏଭଳି ସ୍ଥଳେ ଭାରତ ସରକାର ଏଲ୍‌ପିଜି ଯୋଗାଣ ହ୍ରାସକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ କରିଛନ୍ତି। ଏପରିକି ଗୋଟେ ଗ୍ୟାସ୍ ସିଲିଣ୍ଡର ବୁକିଂର ୨୫ ଦିନକୁ ଅପେକ୍ଷା ସମୟ ବୃଦ୍ଧି କରିଦିଆଯାଇଛି। ସ୍ଥିତି ଯାହା ଦେଖାଯାଉଛି ଯୁଦ୍ଧର ଅବଧି ନିଶ୍ଚିତ ଭାବେ ଭାରତ ସମେତ ବିଶ୍ୱବ୍ୟାପୀ ପଡ଼ିବା ଥୟ। ଇରାନ ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ବନ୍ଦ କରିଥିବାରୁ ୧୦ ମାର୍ଚ୍ଚରେ ଆମେରିକା ତାହାକୁ ଭୟାବହ କାର୍ଯ୍ୟାନୁଷ୍ଠାନ ଭୋଗିବାକୁ ପଡ଼ିବ ବୋଲି ଚେତାବନୀ ଦେଇଥିଲେ ମଧ୍ୟ ତେହରାନ ନିଜ ଦାଣ୍ଡରେ ଅଟଳ ରହିଛି। କୌଣସି ଭାବେ ଆମେରିକା, ଇସ୍ରାଏଲ ଓ ୟୁରୋପ ପାଇଁ ସେହି ତୈଳ ଜାହାଜ ଯାତାୟାତ କରୁଥିବା ପ୍ରଣାଳୀକୁ ଖୋଲିବ ନାହିଁ ବୋଲି ଇରାନ କହିଛି।

ଇରାନରୁ ଆଶ୍ୱସ୍ତି ପାଇଥିଲେ ମଧ୍ୟ ଯେଉଁଭଳି ଭାବେ ଭାରତ ପ୍ରଥମରୁ ତୈଳ ଓ ଗ୍ୟାସ୍ ସଙ୍କଟ ଦେଖିଲାଣି ଆଗକୁ ତାହା ଭୀଷଣ ରୂପ ଧାରଣ କରିବ ବୋଲି ଆଭାସ ମିଳିଲାଣି। ଇରାନ ତା'ର ପଡ଼ୋଶୀ ଦେଶ ଉପରେ ଆକ୍ରମଣ ଜାରି ରଖିଥିବାରୁ ଅନେକ ଦେଶ ତୈଳ ଭଣ୍ଡାର ଓ ଗ୍ୟାସ୍ ପ୍ଲାଣ୍ଟ ଭୟରେ ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି। କାରଣ କ୍ଷେପଣାସ୍ତ୍ର ମାଡ଼ରେ ଦହନଶୀଳ ପଦାର୍ଥ ତତ୍‌କ୍ଷଣାତ୍ ନଷ୍ଟ ହୋଇଯାଉଛି। ଆମେରିକା ମଧ୍ୟ ଏହାକୁ ଉପଲବ୍ଧି କଲାଣି। ଦେଖିବାକୁ ଗଲେ ଗୋଟେ ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ କରି ତା'ର ସର୍ବୋଚ୍ଚ ନେତାଙ୍କୁ ମାରିଦେଲେ ତତ୍‌କ୍ଷଣାତ୍ ସେଠାକାର ବ୍ୟବସ୍ଥାକୁ ବଦଳାଯାଇପାରି ନ ଥାଏ। ଇରାନର ରାଜନୈତିକ ବ୍ୟବସ୍ଥାକୁ ଅନିଶା କଲେ ଧର୍ମୀୟ କର୍ତ୍ତୃପକ୍ଷ, ରିଭଲ୍ୟୁଶନାରୀ ଗାର୍ଡ, ଦୃଢ଼ ସୁରକ୍ଷା ନେଟ୍‌ୱର୍କ, ଅପର୍ଯ୍ୟାପ୍ତ ତୈଳ ଭଣ୍ଡାର ଯୋଗୁ ଅର୍ଥନୈତିକ ପୃଷ୍ଠପୋଷକ ଢାଞ୍ଚା ମଜଭୁତ ଥିବାରୁ ତାହାକୁ ଏତେ ଶୀଘ୍ର ଦୋହଲାଇ ଦେଇ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ସର୍ବୋଚ୍ଚ ନେତାଙ୍କ ଅବର୍ତ୍ତମାନରେ ସେଠାରେ ଅନିଶ୍ଚିତତା ଦେଖାଦେଇଛି। କିନ୍ତୁ ବାହ୍ୟ ଚାପ ଯୋଗୁ ଇରାନରେ ଯେଉଁ ଶକ୍ତି ଶାସନ ବିରୋଧରେ ସ୍ୱର ଉଠାଉଥିଲେ ସେମାନେ ଧୀରେ ଧୀରେ ନିସ୍ତେଜ ହେଲା ଭଳି ଲକ୍ଷ୍ୟ କରାଗଲାଣି। ପଡ଼ୋଶୀ ଦେଶ ଉପରେ ଇରାନ ଆକ୍ରମଣ କରୁଥିଲେ ମଧ୍ୟ ସେହି ସବୁ ରାଷ୍ଟ୍ର ଖୋଲା ଯୁଦ୍ଧକୁ ଓହ୍ଲାଇପାରୁ ନାହାନ୍ତି। ତାହାର ଏକମାତ୍ର କାରଣ ହେଲା ଇରାନକୁ ପ୍ରତିଆକ୍ରମଣ କଲେ ନିରନ୍ତର ଶକ୍ତି ପ୍ରବାହ ବାଧାପ୍ରାପ୍ତ ହେବା ସହ ନିବେଶକାରୀଙ୍କ ବିଶ୍ୱାସ ହ୍ରାସ ଘଟିବ। ଏହିସବୁ ଦେଶଗୁଡ଼ିକର ତୈଳଭିତ୍ତିକ ଅର୍ଥନୀତି ଶକ୍ତିହୀନ ହୋଇଗଲେ ସେମାନଙ୍କ ଆର୍ଥିକ ଅସ୍ତିତ୍ୱ ଲୋପ ପାଇଯିବ। ଇରାନକୁ ଆମେରିକାର ଧମକ ଯେତେ ବଢୁଛି ତେହରାନ ପଛଘୁଞ୍ଚା ଦେଉ ନ ଥିବା ଉଲ୍ଲେଖନୀୟ ବିଷୟ। କେତେକ ଯୁଦ୍ଧ ରଣନୀତିକାର କହିଲେଣି ହୁଏତ ଆମେରିକା ଶେଷରେ ଯୁଦ୍ଧ ସନ୍ଧି ଲାଗି ଆଗତୁରା ପ୍ରସ୍ତାବ ଦେଇପାରେ।

ଭେନେଜୁଏଲା ଭଳି ଇରାନକୁ ଆମେରିକା ଦେଖିବା ବୋକାମି। କ୍ଷମତାରେ ଥିବା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ସ୍ତ୍ରୀଙ୍କୁ ଉଠାଇ ନେବା ପରେ ସେହି ଦେଶରେ ବଡ଼ ପ୍ରତିକ୍ରିୟା ଦେଖାଯାଇ ନ ଥିଲା। ସେଠାକାର ତୈଳ ସମ୍ପଦ ଉପରେ ଆମେରିକା କାରସାଦି କରି ନିୟନ୍ତ୍ରଣରେ ରଖିଛି। କିନ୍ତୁ ଏପର୍ଯ୍ୟନ୍ତ ଆମେରିକୀୟ ତୈଳ କମ୍ପାନୀଗୁଡ଼ିକ ଭେନେଜୁଏଲାରେ ନିଜ କାର୍ଯ୍ୟ ଆରମ୍ଭ କରିବାରେ ଅସଫଳ ହେଉଛନ୍ତି। ତେବେ ଇରାନ ଉପରେ ଆକ୍ରମଣ ପୃଥିବୀକୁ ଅନ୍ଧକାର ମଧ୍ୟକୁ ଠେଲି ଦେଉଛି। ତୈଳ ଓ ଗ୍ୟାସ୍ ଭଳି ଉଭୟ ଇନ୍ଧନ ଓ ରନ୍ଧନ ଶକ୍ତିର ଅଭାବ ଦେଖାଦେଲେ ପ୍ରତିଟି ରାଷ୍ଟ୍ରର ଗତି ଠପ୍ ହୋଇଯିବା ଥୟ। ଏହି ପରିପ୍ରେକ୍ଷୀରେ ବିରାଟ ଜନସଂଖ୍ୟାବହୁଳ ଦେଶ ଭାରତକୁ ଦେଖିଲେ ୭୫ ଦିନ ପାଇଁ ଶକ୍ତି ସଂରକ୍ଷିତ ରହିଛି ଓ ସେଥିପାଇଁ ବ୍ୟସ୍ତ ହେବା ଦରକାର ନାହିଁ ବୋଲି ସରକାରୀ ଭାବେ କୁହାଯିବାର ସପ୍ତାହେ ପୂରି ନାହିଁ ଆଜି ଦେଶର ବଡ଼ ସହରରେ ରେଷ୍ଟୁରାଣ୍ଟ ବନ୍ଦ ଖବର ମିଳିଛି। ଏତିକିରୁ ଅନୁମାନଯୋଗ୍ୟ ଯେ, ଯୁଦ୍ଧର ଗତି କ୍ଷିପ୍ର ହେଲେ ଏଠାରେ ଶକ୍ତି ସଙ୍କଟ ସମାନ ଗତିରେ ବଢ଼ି ଚାଲିବ। ଯୋଜନାବଦ୍ଧ ଭାବେ ପଦକ୍ଷେପ ନିଆଯାଉ ନ ଥିବା ଓ ନିର୍ଭରଶୀଳ ଚିନ୍ତାଧାରା ବଦ୍ଧମୂଳ ହୋଇ ରହିଥିବାରୁ ସ୍ଥାୟୀ ଭିତ୍ତିଭୂମି ସୃଷ୍ଟି କରିବା ସମ୍ଭବ ହେଉ ନାହିଁ ବୋଲି ଏବେ ଦେଶବାସୀ ହୃଦ୍‌ବୋଧ କରୁଥିବେ।

# ଆମର ସବୁ ବିଶ୍ୱସ୍ତରୀୟ



ଡ. ସାରଦା ପ୍ରସାଦ କର

ସେଦିନ ବିଶ୍ୱସ୍ତରୀୟ ହେଲା ଆମ ଏସ୍‌ସିବି ମେଡିକାଲ କଲେଜ। ଏବେ ଆତ୍ମହତ୍ୟାରେ ଆମେ ବିଶ୍ୱସ୍ତରୀୟ, ଚୋରି ଚପଟିରେ ଆମେ ବିଶ୍ୱସ୍ତରୀୟ। ଛୁଆ ଜନ୍ମ ହେଉ ହେଉ ଚୋର ନେଇଗଲାଣି। ମେଶିନ ଲାଗୁ ଲାଗୁ ତା' ହାତ ଗୋଡ଼ କିଡ୍‌ନୀ ବିକ୍ରିକରି ବିଭାଗୀୟ ଡାକ୍ତର ଭିଜିଲାନ୍ସ ହାତରେ ଆଉ ଯିଏ ଖସିଗଲେ ତାଙ୍କ ଖସଡ଼ା କରିବାକୁ କେହିନାହିଁ। ଦଲାଲ ଯଦି ରୋଗୀ କାନରେ ଫୁସୁଲେଇ ଘରୋଇ ଚିକିତ୍ସାଳୟକୁ ନେଇଗଲା ଆମ ସରାଗ କମିଗଲା କାହିଁକି? ଆମେ ତ ଘରୋଇ ଚିକିତ୍ସା ପ୍ରତି ବୈମାତୃକ ନ ଥିଲୁ କେବେ। ମାର୍ଚ୍ଚ ୩୧, ୨୦୨୩ରେ ୫୭୭୫୨.୫୦ କୋଟି ଟଙ୍କାରୁ ସରକାର ମାତ୍ର ୧୮,୩୩୯.୨୭ କୋଟି ଟଙ୍କା ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ନିଧି ରିଜର୍ଭ ଫଣ୍ଡକୁ ଛାଡିଲେ। ଚାରି ପ୍ରତିଶତ ସ୍ୱାସ୍ଥ୍ୟ ସେସ୍ ରଖିବା ଉଦ୍ଦେଶ୍ୟରେ ୨୦୨୧ରୁ ଗଠିତ ପାଣ୍ଠିର ଅର୍ଥକୁ କଂସୋଲିଡେଟେଡ (ଯାହା ଅନ୍ୟାନ୍ୟ ଆଧାରରେ ଖର୍ଚ୍ଚ କରାଯାଇପାରିବ)ଫଣ୍ଡରେ ରଖି ସରକାର ଯେବେ ପୁଞ୍ଜିପତି ଆଉ ଘରୋଇ ୟୁନିଟକୁ ପୁଞ୍ଜି ଯୋଗେଇଲେ ସେତେବେଳେ ଦେଶରେ ଯେବେ ଶହେ ନୂଆ ମେଡିକାଲ କଲେଜ ହୁଏ ଲାଭ ନାହିଁ। ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା ସଂଘର୍ଷରତ ବେଳେ ଇନ୍ସୁରାନ୍ସ ଆଉ ଔଷଧ କମ୍ପାନୀ ବିପୁଳ ଲାଭ ଖାଇ ପାଞ୍ଚଟଙ୍କା ଔଷଧ ଉପରେ ଅଶୀ ଟଙ୍କା ଷ୍ଟିକର ମାରିବେ। ଆମକୁ ଶସ୍ତା ଜନ ଔଷଧି ଯୋଜନା କହି ତିରିଶ ଟଙ୍କାରେ ଦେବେ। ସେବା ବିଶ୍ୱସ୍ତରୀୟ କହି ହାଟ ବଜାରରେ ସରକାର ଡିଣ୍ଡିମ ପିଟିବେ।

ଆମ ରାଜ୍ୟ ସରକାର କହିଲେଣି କୋକୋ (ନଡ଼ିଆ), କାଜୁ ଆଉ ଔଷଧୀୟ ବୃକ୍ଷଲତା ଚାଷ ପାଇଁ ସୁବିଧା ଉପଲବ୍ଧ କରେଇବେ। ଓଲାମ, ଆଚଲ, ଅଲଫୋନ୍ସା କି ପିସିକେ(କେରଳ) ଭଳି କମ୍ପାନୀକୁ ନିମନ୍ତ୍ରଣ ନ ଦେଇ ଲୋକଙ୍କୁ ସୁବିଧା ଦବାର ମନୋବୃତ୍ତି କେତେ ସେ ବାବଦରେ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ। ଜୟ ହିନ୍ଦ ଫାର୍ମ, ହିନ୍ଦୁସ୍ତାନ ସକ୍ସେସ ଅର୍ଗାନାଇଜେସନ ନଡ଼ିଆ ଚାରା ଯୋଗେଇବେ। ଚାରା ମରିଗଲେ ସେମାନେ ଇନ୍ସୁରାନ୍ସ ପାଇବେ। ଆମ ଚାଷୀ କ'ଣ ପାଇବ ତାହା ତାଙ୍କ ଭାଗ୍ୟ କଥା। କ୍ଷେତକୁ ଅଧିକ ଜଳସେଚନ ସମ୍ଭବ ନୁହେଁ ବୋଲି ସ୍ୱୀକାର କଲେଣି। କଫି ହେଲା ବିଶ୍ୱସ୍ତରୀୟ, ଆମ ଧାନ ଗବେଷଣା ବିଶ୍ୱସ୍ତରୀୟ, ଆଉ ଆମ ବାସମତି ବିଶ୍ୱସ୍ତରୀୟ। ଲୋକଙ୍କ ଧନରେ ବିଶ୍ୱସ୍ତରୀୟ କରି ବିଦେଶ ଅପେକ୍ଷା ଦେଶରେ ଦୁଇଗୁଣା ଅଧିକ ଦର ଧାର୍ଯ୍ୟ କରିବା କେଉଁ ବିଶ୍ୱସ୍ତରୀୟ କଥା? ଆମ କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ବିଶ୍ୱସ୍ତରୀୟ ବେଳେ ଧାନ ବିଲରେ ସେମିକଣ୍ଡକ୍ଟର ଚାଷ ହବ ଆଉ ଲିଥିଅମ ବ୍ୟାଟେରି ଉତ୍ପାଦନ ହବ। ଏକର ଏକର ଚାଷଜମିକୁ ଅଧିଗ୍ରହଣ କରୁଛନ୍ତି ଶିଳ୍ପପତି ହେଲେ କାମ ଆରମ୍ଭ ହୋଇପାରୁନି।



ଆମ ପର୍ଯ୍ୟଟନ ବିଶ୍ୱସ୍ତରୀୟ ଦେଶୀ ଲୋକଙ୍କ ନିଦ ହଜେଇଦେବ ଗାଡ଼ି ପାର୍କିଙ୍ଗୁ ନେଇ। ଘରୋଇ ପର୍ଯ୍ୟଟକଙ୍କ ମୁହଁକାନ ଫାଟି ଲହୁଲୁହାଣ, କୁହାଯାଉଛି କଅଣ ଅନ୍ତର୍ଜାତୀୟ ପର୍ଯ୍ୟଟକ ଆସିବେ। ବିଦେଶ ଆସିଛୁ ତ ମହଙ୍ଗା ମାଡ଼ ସମ୍ଭାଳେ, କ୍ଷୀର ଗିଲାସେ ଦୁଇଶହ ଦବୁ ଆଉ ଅଯୋଧ୍ୟା ମନ ନ କରିବୁ। ଗୁହାଳ ଖାଲି ପଡୁଥିବା ବେଳେ ମେଶିନ କ୍ଷୀର ଦଉଛି। ବିଦେଶୀକୁ ସେଇ ଦରରେ କ୍ଷୀର ଗିଲାସେ ପରଷି ଦେଲେ କ'ଣ 'ଅତିଥି ଦେବୋ ଭଃ' ମନ୍ତ୍ରଟା ଅଶୁଦ୍ଧ ହୋଇଯିବ ? ୧୦୨୨ କୋଟିର ବାର୍ଷିକ ପର୍ଯ୍ୟଟନ ବଜେଟରେ ବିଶେଷ କିଛି କରିବା ଆଗ୍ରହ ନ ଦେଖେଇଲେ ଆମେ ପୂର୍ବପରି ସରକାରୀ ପାନ୍ଥନିବାସରେ ରଜ ଉତ୍ସବ ପାଳି ପାନ ଓ ପିଠା ବିକ୍ରୟକେନ୍ଦ୍ର କରିବା। ରାଜସ୍ୱ ବିଭାଗ, ସଂସ୍କୃତି ବିଭାଗ ଓ ପୂର୍ତ୍ତବିଭାଗ ଅନେକଗୁଡ଼ିଏ ଯୋଜନା କଲାବେଳେ ତାହାର ଫାଇଦା ନେଇ କାହିଁକି ଆମ ଆତିଥେୟତା ପର୍ଯ୍ୟଟନ ଶିଳ୍ପର ବିଶାୟନ କରିପାରୁନି କାରଣ ଖୋଜିବା ଦରକାର।

ଆମ ପାଠଶାଳା ବିଶ୍ୱସ୍ତରୀୟ। ଚାଇନା ଉତ୍ପାଦ ରୋବୋ କୁକୁର ଆମ ମେକ ଇନ ଇଣ୍ଡିଆ ବୁଦ୍ଧିମତ୍ତାର ପ୍ରତିଫଳନ କହି ଗାଲଗୋଟିଆସ୍ ବିଶ୍ୱବିଦ୍ୟାଳୟ ମଣ୍ଡପରୁ ବହିଷ୍କୃତ। ଉତ୍କଳ ମାତାର ଗୌରବ ଉତ୍କଳ ବିଶ୍ୱବିଦ୍ୟାଳୟ ଦେଶର ଶହେ ବିଶ୍ୱବିଦ୍ୟାଳୟ ଭିତରେ ଆସିପାରୁନି ହେଲେ ଆଉ ଚାରିଟା ହବା ପାଇଁ ସରକାର ପ୍ରତିଶ୍ରୁତି ଦେଇଦେଲେ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ୧୫ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ପଦବୀ ଖାଲି ଥିବାବେଳେ ରାଜ୍ୟର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଓ ପୁରୀର ଓଡ଼ିଆ ବିଶ୍ୱବିଦ୍ୟାଳୟ ଅବସ୍ଥା ଖରାପ। ରେଭେନ୍ସା ଆଉ ଉତ୍କଳ ଦ୍ୱୟରେ ଅତିଥି ଶିକ୍ଷକ କେତେକ ବିଭାଗରେ କାମ ଚଳାଉଛନ୍ତି। ଉଚ୍ଚ ବିଦ୍ୟାଳୟ ଆଉ ପ୍ରାଥମିକ ବିଦ୍ୟାଳୟ ଶିକ୍ଷାରେ ପାଖାପାଖି ୧୮ ହଜାର ପଦବୀ ଖାଲି। ପିଲା ଡାଲି ଚାଉଳ ଛତୁଆ ଖାଇ ପାଠ ପଢନ୍ତୁ ଆଉ ମା' ବାପା ଭୋଟ ଦିଅନ୍ତୁ। ପ୍ରୋଜେକ୍ଟ ହେଲେ ସିନା ପଲିସି ହବ ଦି' ପଇସା ବାହାରିବ ଆଉ ଜନମନ ତୋଷଣ ହେଲେ ଭୋଟ ବାହାରିବ।

ଆମ ନିରାପତ୍ତା ବିଶ୍ୱସ୍ତରୀୟ, ଆମ ପୋଲିସ ବିଶ୍ୱବିଜୟୀ। ଫାଇଲ ଭିତରେ ଲକ୍ଷ୍ୟ ପୂରଣ ଅବଧି ପଦ୍ମ ଘୁଞ୍ଚିଘୁଞ୍ଚି ଗଲାଣି, ଆଖି ଆଗର ପ୍ରତିଶ୍ରୁତି ପାଣିଚିଆ ହେଲାଣି; ହେଲେ ଆମ ମୁହଁ ଟାଣ। ଓଡ଼ିଶାରେ ବାର୍ଷିକ ୯.୫ ହାରରେ ବଢୁଥିବା ମହିଳା-କନ୍ୟାଶିଶୁ ଅପହରଣ ଖବର ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ହେବାକୁ ଆମେ ପରଦେଶୀଙ୍କ ଆମ ବ୍ୟବସ୍ଥାରେ ମୁଣ୍ଡ ଖେଳେଇବା ଅନୁଚିତ କହି ଖସିଯାଇ ପାରିବାନି। କାରଣ ଆମକୁ ବିଶ୍ୱଗୁରୁ ହେବାର ଅଛି। ଘରୋଇ ନିର୍ଯାତନାର ହାର ଏମିତି ଯେ ତାହା ଆମ ବିଶ୍ୱମୁକୁଟ ପିନ୍ଧିବାକୁ ଦାନ୍ତ ନିକୁଟୁଛି। ଚୋର ସାଙ୍ଗେ ବନ୍ଧୁତାକରି ଅସାଧୁ ହୋଇଥିବା ପୋଲିସ ଅଧିକାରୀ ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନରୁ ରିହାତି ପାଇ ପୁଣି ସମାଜ ସୁଧାରିବାକୁ ବାହାରି ଗଲେଣି। ଭିଜିଲାନ୍ସ ଧରିଥିବା ଶହେରୁ ଅଧା ନିର୍ଦ୍ଦୋଷ, ଦିଆନିଆରେ ଅଧା ଖଲାସ। ନିଶା କାରବାର ଓଡ଼ିଆ ସମାଜରେ ଲୁଚାଚୋରା ଥିଲା, ଏବେ ଶିକ୍ଷାୟତନରୁ ତଡ଼ିବା ପାଇଁ ଖାଳନାଳ ହବାକୁ ପଡୁଛି। ନବମ ଶ୍ରେଣୀ ଛାତ୍ର ବସ୍ତାନୀରୁ ପିସ୍ତଲ ବାହାରୁଛି। ଆମ ସମାଜ ହବ ବିଶ୍ୱସ୍ତରୀୟ, ଆମ ପିଲେ ହେବେ ବିଶ୍ୱଗୁରୁ। ଜିଡିପିର ୩.୫ ପ୍ରତିଶତ ପୋଲିସ ବ୍ୟବସ୍ଥାରେ ଖର୍ଚ୍ଚକରି ନୟାନ୍ତ ହେବାପରେ ଏବେ ପୋଷାକ ପରିବର୍ତ୍ତନ କରି ସରକାର ବିଶ୍ୱସ୍ତରୀୟ ସ୍ୱପ୍ନ ଦେଖିବେ। ଖରାପ କ୍ୟାମେରା ତଥା ଯାନ୍ତ୍ରିକ ଉପକରଣ ଠିକ୍ ନ କରି, କିଛି ଅସାଧୁ ପୋଲିସକୁ ହାତ ବାରିଶ କରି ଟଙ୍କା ଆଦାୟ କରିବା କେଉଁ ଲୋକାଭିମୁଖୀ ଯୋଜନା ?

ଆମ ଓଡ଼ିଆ ସଂସ୍କୃତି ପ୍ରାଚୀନ ହେତୁ ସଂସ୍କୃତି ବିଭାଗ ଅନେଇଛି କାଳେ ତାଳଲୟରେ ଭୁଲ୍ ରହିଯିବ। ଯାତ୍ରାରୁ ଅଶ୍ରାବ୍ୟ ଦୃଶ୍ୟକଟୁ ହଟେଇବା ପାଇଁ ସଂସ୍କୃତି ମନ୍ତ୍ରୀ ଦୁଇ ବର୍ଷ ତଳେ ବିଧାନସଭାରେ କହିଦେଲେ। ଶାସକ ଦଳର ଦୁଇ ବିଧାୟକ ସେତେବେଳେ ବିକୃତ ନାଚଗୀତ ଉପରେ ଯେଉଁ ଅସନ୍ତୋଷ ପ୍ରକାଶ କରିଥିଲେ ତାହାର କିପରି ଅନୁପାଳନ ହେଉଛି ଦେଖିବା କଥା। ବର୍ଷସାରା ଲଳିତଗିରିରେ ପର୍ଯ୍ୟଟକଙ୍କ ଆଗମନ ବେଳେ ସ୍ଥାନୀୟ ବାସିନ୍ଦାଙ୍କ ମଳତ୍ୟାଗରେ କଟକଣା ନ ଥିବ କିନ୍ତୁ ଦିନବାର ଦେଖି ସେଠାରେ ସରକାର ଗୋଟେ ମହୋତ୍ସବ କରି ମିଡିଆରେ କାଚମାର୍କା ଖବରଟେ ବାଢ଼େଇଦେବେ। ବର୍ଷରେ ଥରଟିଏ ଦୁଇ ପାଞ୍ଚ ଜଣକୁ ଦୁବାଇ ପଠେଇ ଓଡ଼ିଶୀ ମଞ୍ଚସ୍ଥ କରିଦେଲେ ଆମ ସଂସ୍କୃତି ବିଶ୍ୱମୟ ହୋଇଯିବନି।

ଅନେକ ହଜମ ହେଉ ନ ଥିବା ବିଶ୍ୱସ୍ତରୀୟ ଚିଜ ଭିତରୁ ବଡ଼ ଚିଜଟି ହେଲା ଅର୍ଥ ବ୍ୟବସ୍ଥା ଯାହା ସମୁଦାୟ ସଂକଳନଟିକୁ ଚିରହରିତ ରଖେ ଆଉ ଆମ ଆୟବ୍ୟୟକୁ ନେଇ ସରକାରଙ୍କ ବଜେଟ ହୁଏ। ଟଙ୍କାଟିଏରୁ ୧୯ ପଇସା ପହଞ୍ଚେ ସାଧାରଣଙ୍କ ପାଖରେ ବୋଲି ଅଟଳଜୀ ସ୍ୱୀକାର କରିଥିଲେ। ମନ୍ତ୍ରୀ, କର୍ପୋରେଟ, ଯନ୍ତ୍ରୀ, କଣ୍ଟ୍ରାକ୍ଟର ଆଉ ଭାବ ଆଧାରରେ ପୋଷାଯାଇଥିବା ଧବଳହସ୍ତୀ ବାବୁଙ୍କ ହାତରେ ପଶି ବାହାରିବା ବେଳକୁ ଜନତାଙ୍କ ଭାଗରେ କେତେ ସେ କଥା ଯିଏ କହିବେ ସିଏ ହାତରୁ ମାଇକ୍ରୋଫୋନ ଛାଡି ମିଛ ଧରା ଯନ୍ତ୍ର ଆଗରେ ବସନ୍ତୁ। ଆମେ ଯେହେତୁ ବିଶ୍ୱସ୍ତରୀୟ ବିକାଶର କଥା କହୁଛୁ ସେତେବେଳେ ଆଞ୍ଚଳିକ ଅସମାନତା (ପାଖାପାଖି ୨୨ ପ୍ରତିଶତ ଆଦିବାସୀ)ରେ ଉନ୍ନତି, ରେଳ- ବିକାଶ ଓ ଖଣିଜ ସମ୍ପଦର ଆଞ୍ଚଳିକ ବିନିଯୋଗ ଦାୟିତ୍ୱ ସରକାରଙ୍କର ପ୍ରଥମ କର୍ତ୍ତବ୍ୟ। ଯୁବ-ମହିଳା ସମାବେଶ, ମାଗଣା ମଶାରୀ ବଣ୍ଟନ କି ଏକୋଇଶିଆ ପାଳା ପାଇଁ ମାମୁ ହୋଇଯିବା ସରକାରଙ୍କ ଦ୍ୱିତୀୟ ଦାୟିତ୍ୱ ହେଲେ ଅସୁବିଧା ନାହିଁ।

ଡାକବଙ୍ଗଳା ଛକ, ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

# ଅନୁପଯୋଗୀ ଶିକ୍ଷାବର୍ଷ



ରବିନାରାୟଣ ସାମଲ

ପରୀକ୍ଷା ଋତୁ ଫେବୃଆରୀ ଆଉ ମାର୍ଚ୍ଚ ୨ ମାସ। ବିଏସ୍‌ଇ, ସିବିଏସ୍‌ଇ, ଗଣଶିକ୍ଷା, ଉଚ୍ଚ ଶିକ୍ଷା, ଛାତ୍ରୀଛାତ୍ର, ପରୀକ୍ଷାର୍ଥୀ, ଶିକ୍ଷକ, ଅଭିଭାବକ, ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବୋପରି ଜିଲା ଶିକ୍ଷା ଓ ବ୍ଲକ୍ ଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀ ସମସ୍ତେ ତତ୍ପର। ପରୀକ୍ଷାର୍ଥୀ ଚାପଗ୍ରସ୍ତ। ଆଖିରୁ ନିଦ ହଜିଯାଏ। ବହୁଳ ପ୍ରଚାରିତ 'ପରୀକ୍ଷା-ମହୋତ୍ସବ' ମୁହଁମାଡ଼ି ତଳେ ପଡ଼େ। ଜୀବନ ଯୁଦ୍ଧର ଗୋଟିଏ ସୋପାନ ଅତିକ୍ରମ କରିବାକୁ ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରତିବଦ୍ଧ ପ୍ରାୟ।

ଏପଟରେ ଫେବୃଆରୀ ଓ ମାର୍ଚ୍ଚ ଅନୁକୂଳ ପାଣିପାଗ ହେତୁ ବିବାହ, ବ୍ରତ ଓ ଯାନିଯାତ୍ରାରେ ଭରପୂର। ଶିବରାତ୍ରି, ହୋଲି, ବାରୁଣୀ, ରାମନବମୀ, ରମ୍‌ଜାନ୍, ଇଦୁଲ୍‌ଫିତର୍ ଆଦି ପର୍ବପର୍ବାଣି। ଅପେରା,ମେଲୋଡି ସାଙ୍ଗକୁ ଅଷ୍ଟପ୍ରହରୀ, ବିଶ୍ୱ ଶାନ୍ତି ମହାଯଜ୍ଞ। ବାଣ, ରୋଶଣି, ଡିଜେ, ଡାକବାଜିର ଅହର୍ନିଶ କାନଫଟା ଗର୍ଜନ। ନାଚାର ବିଚରା ପରୀକ୍ଷାର୍ଥୀ। ଏକାଗ୍ରତା ନଷ୍ଟଭ୍ରଷ୍ଟ। ଅଭିଭାବକଙ୍କୁ ଛାଡ଼ି ଆଉ ପ୍ରାୟ କେହି ନୁହନ୍ତି ସମ୍ବେଦନଶୀଳ। ଆମେ ଡିଣ୍ଡିମ ପିଟୁଛୁ ଶିକ୍ଷିତ ଆଉ ସଚେତନ। କି ଶିକ୍ଷିତ, କି ସଚେତନ! ଏହି ପରିବେଶରେ ଛାତ୍ରୀଛାତ୍ରଙ୍କର ଯେଉଁ କ୍ଷତି ଘଟିଯାଏ ତାହା ସାରା ଜୀବନ ଯେ ଅପୂରଣୀୟ କ୍ଷତ ହୋଇ ରହିଯାଏ, ଏକଥା କେହି ବି ଚିନ୍ତା କରନ୍ତି ନାହିଁ।

ପରୀକ୍ଷା ସରେ ମାର୍ଚ୍ଚ ମାସରେ। ଫଳ ବାହାରେ ମେ' ମାସରେ। ନାମ ଲେଖା ହୁଏ ଅଗଷ୍ଟରେ। ଦୀର୍ଘ ୬ ମାସର ବ୍ୟବଧାନ। ବର୍ଷକରୁ ଏହି ୬ ମାସ ନଷ୍ଟ ହୋଇଯାଏ ଅଯଥାରେ। ଜଡ଼ାକୁ ଗୁଡ଼ ଖୁଆ ଶିଖାଇଲା ଭଳି ଏହି ୬ ମାସ ଶିକ୍ଷା ବେପାରୀଙ୍କ ହାତ ଚିକ୍କଣ ହୋଇଯାଏ। ଅଭିଭାବକମାନେ ଅନନ୍ୟୋପାୟ ହୋଇ ଖର୍ଚ୍ଚାନ୍ତ ହେବା ସାର ହୁଏ।

ଆମର ସିନା ଗୋଟିଏ ରାଜ୍ୟ, କିନ୍ତୁ ଏଠି ରହିଛି ୨ଟି ଶିକ୍ଷାବର୍ଷ। ଗଣଶିକ୍ଷା ବିଭାଗ ନିମିତ୍ତ ଏପ୍ରିଲରୁ ମାର୍ଚ୍ଚ, ଉଚ୍ଚଶିକ୍ଷା ବିଭାଗ ନିମିତ୍ତ ଜୁଲାଇରୁ ଜୁନ୍। ଆଉ ଯେଉଁମାନେ ରହିଗଲେ ସେମାନଙ୍କର ଶିକ୍ଷା ଅଛି, ବର୍ଷ ନାହିଁ। ନିର୍ଦ୍ଧାରିତ ଶିକ୍ଷାବର୍ଷ ବାହାରେ ରହିଯାଆନ୍ତି ସେମାନେ।

ସହଜରେ ଆମ ଶିକ୍ଷା ବିଭାଗଟା ବାର ମୁରବିର ଘର। ଶିକ୍ଷା ମନ୍ତ୍ରଣାଳୟ, ରାଜ୍ୟ ନିର୍ଦ୍ଦେଶାଳୟ, ଏନ୍‌ସିଇଆର୍‌ଟି, ଏସ୍‌ସିଇଆର୍‌ଟି, ଓପେପା, ଓସେପା, ଡିପିଇପି, ଡିଇଓ, ବିଇଓ ଏମିତି ଏକ ଅଦ୍ଭୁତ ଅନାବଶ୍ୟକ ପିରାମିଡ୍। ବିଭିନ୍ନ ପ୍ରକାର ବିଦ୍ୟାଳୟ ସାଙ୍ଗକୁ ବିଭିନ୍ନ ପ୍ରକାର ପରିଷଦ ଓ ପଦ୍ଧତି। ସାର୍ବଜନୀନ ବୋଲି କିଛି ନାହିଁ। ବଳି ପଡୁଛନ୍ତି ଦେଶର ଭବିଷ୍ୟତ ଖାଲି ପରୀକ୍ଷା ନିରୀକ୍ଷା ଭିତର ଦେଇ।



ପୂର୍ବରୁ ଶିକ୍ଷାବର୍ଷ ଥିଲା ଜୁନ୍‌ରୁ ମେ'। ମଝିରେ ଗୋଟିଏ ମାସ ଗ୍ରୀଷ୍ମ ଅବକାଶ। ପାଠପଢ଼ା ସୁରୁଖୁରୁରେ ଚାଲୁଥିଲା। ମାତ୍ର ପର୍ବପର୍ବାଣିରୁ ବିରତି ନ ଥିଲା। ଛାତ୍ରୀଛାତ୍ରଙ୍କ ପାଇଁ କାଳବୈଶାଖୀ କାଳ ସାଜୁଥିଲା। ସର୍ବଭାରତୀୟ ସ୍ତରରେ ଓଡ଼ିଶାର ଛାତ୍ରୀଛାତ୍ରମାନେ ନାମ ଲେଖାର ସୁଯୋଗ ପାଉ ନ ଥିବା ଦର୍ଶାଇ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ଦାୟର ହେଲା। ହାଇକୋର୍ଟ ଫେବୃଆରୀରେ ମାଟ୍ରିକ୍ ପରୀକ୍ଷା କରିବାକୁ ନିର୍ଦ୍ଦେଶ ଦେଇଦେଲେ। ତଦନୁଯାୟୀ ପ୍ରତିବର୍ଷ ଫେବୃଆରୀରେ ପରୀକ୍ଷା ଚାଲିଛି, ଅଥଚ ତାହାର ହାନିଲାଭ ସମ୍ପର୍କରେ ଏବେ ବି ତର୍ଜମା ହୋଇନାହିଁ।

ଆମ ପଡ଼ୋଶୀ ପଶ୍ଚିମବଙ୍ଗରେ ଶିକ୍ଷାବର୍ଷ ଆରମ୍ଭ ହୁଏ ଜାନୁଆରୀ ମାସରେ, ଶେଷ ହୁଏ ଡିସେମ୍ବରରେ। ଡିସେମ୍ବରରେ ପାଣିପାଗ ମଧ୍ୟ ଅନୁକୂଳ ଥାଏ। ପର୍ବପର୍ବାଣି କାଁ ଭାଁ ଥାଏ। ଛାତ୍ରୀଛାତ୍ରଙ୍କ ଏକାଗ୍ରତା ନଷ୍ଟହେବା ଆଶଙ୍କା ପ୍ରାୟ ନ ଥାଏ। ଅନ୍ୟ କେତୋଟି ରାଜ୍ୟ ମଧ୍ୟ ଏହି ଅବଧିକୁ ଶିକ୍ଷାବର୍ଷ ଭାବେ ପ୍ରବର୍ତ୍ତିତ କରିଛନ୍ତି। ରାଜା ଅବୁଝା ନ୍ୟାୟରେ ଆମ ଶିକ୍ଷା ବିଭାଗ ପ୍ରଚଳିତ ବିନା ଦ୍ୱିଧାରେ ଗଡ଼ାଇ ଚାଲିଛନ୍ତି।

ଚଳିତ ବର୍ଷ ରମ୍‌ଜାନ୍ ଚାଲିଛି ଠିକ୍ ପରୀକ୍ଷା ଚାଲିଥିବା ବେଳେ। ଅଧିକାଂଶ ମୁସଲମାନ ସମ୍ପ୍ରଦାୟର ଛାତ୍ରୀଛାତ୍ର ଓଷା ରଖି ପରୀକ୍ଷା ଦେଉଥିବାର ଲକ୍ଷ୍ୟ କରାଯାଉଛି। ଏ ଦିଗ ପ୍ରତି ଆମ ଶିକ୍ଷା ବିଭାଗ ଆଦୌ ଗୁରୁତ୍ୱ ଦେଇ ନ ଥିବା ଭଳି ମନେହେଉଛି। ସାରା ଭାରତରେ ଦୋଳଯାତ୍ରା ଏକ ବଡ଼ ପର୍ବ। ଏହି ପର୍ବ ଆରମ୍ଭ ହୁଏ ହୋଲିର ସପ୍ତାହକ ପୂର୍ବରୁ, ଶେଷ ହୁଏ ସପ୍ତାହକ ପରେ। ଗ୍ରାମାଞ୍ଚଳର ଛାତ୍ରୀଛାତ୍ରମାନେ ଏହି ଦୋଳ ଉତ୍ସବ ଦ୍ୱାରା ଅଧିକ ପ୍ରଭାବିତ ହୁଅନ୍ତି। ପରୀକ୍ଷାର୍ଥୀଙ୍କ ପାଇଁ ଏହି ସମୟ ଅନୁକୂଳ ନା ପ୍ରତିକୂଳ ତାହା ସର୍ବାଦୌ ବିଚାର୍ଯ୍ୟ।

ଏକ ସଭ୍ୟ ସମାଜ ଓ ସମୃଦ୍ଧ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶିକ୍ଷାର ଅବଦାନ ଅନସ୍ୱୀକାର୍ଯ୍ୟ। ଏହାକୁ ଅଣଦେଖା କରିବା ଅତ୍ୟନ୍ତ ଗର୍ହିତ। ସର୍ବଭାରତୀୟ ସ୍ତରରେ ସେମିତି ତ କିଛି ନିର୍ଦ୍ଦିଷ୍ଟ ଶିକ୍ଷାବର୍ଷ ନାହିଁ। କିନ୍ତୁ ରାଜ୍ୟ ସ୍ତରରେ ଅଛି। ତେଣୁ ସବୁ ଦୃଷ୍ଟିରୁ ବିଚାରକରି ଆମ ରାଜ୍ୟର ଶିକ୍ଷାବର୍ଷ ଜାନୁଆରୀଠାରୁ ଆରମ୍ଭକରି ଡିସେମ୍ବରରେ ଶେଷ ହେବା ଶ୍ରେୟସ୍କର। ପର୍ବପର୍ବାଣି , ଯାନିଯାତ୍ରା ଓ ବିବାହ ବ୍ରତର ତିଥି ନକ୍ଷତ୍ରକୁ ତ ଆମେ ପରିବର୍ତ୍ତନ କରିପାରିବା ନାହିଁ, କିନ୍ତୁ ଶିକ୍ଷାବର୍ଷକୁ ପରିବର୍ତ୍ତନ କରିପାରିବା। ପରୀକ୍ଷାର୍ଥୀଙ୍କ ଏକାଗ୍ରତା ନଷ୍ଟ କରୁଥିବା ଭଳି ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ କରିପାରିବା। ଏମିତି ତ ବହୁ ବର୍ଷ ବିତିଗଲାଣି। ଏବେ ଆମ ଶାସନ-ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ପ୍ରଦାନକରନ୍ତୁ। ଛାତ୍ର ଉପଯୋଗୀ ଶିକ୍ଷାବର୍ଷକୁ ପରିବର୍ତ୍ତନକରିବା ନିମିତ୍ତ ଠୋସ୍ ପଦକ୍ଷେପ ନିଅନ୍ତୁ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ମେଡିକାଲରେ ଚିକିତ୍ସିତ ରୋଗୀ ଓ ସେମାନଙ୍କ ପାଖରେ ରହୁଥିବା ବ୍ୟକ୍ତିଙ୍କ ଖାଦ୍ୟ ଆବଶ୍ୟକତାକୁ ହୃଦୟଙ୍ଗମ କରିପାରିଛନ୍ତି ହାଇଦ୍ରାବାଦର ମହମ୍ମଦ ଅଜିଜ୍। ସେ ପ୍ରତିଦିନ ହାଇଦ୍ରାବାଦର ଏନ୍‌ଆଇଏମ୍‌ଏସ୍ ହସ୍ପିଟାଲ ବାହାରେ ସକାଳୁ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଉଛନ୍ତି। ଏହା ଯୋଗୁ କ୍ୟାନ୍‌ସର, କିଡ୍‌ନୀ କିମ୍ବା ଅନ୍ୟସବୁ ବ୍ୟୟବହୁଳ ରୋଗରେ ପୀଡ଼ିତ ଗରିବ ଶ୍ରେଣୀର ଲୋକମାନେ ଅଧିକ ଉପକୃତ ହେଉଛନ୍ତି। ଅଜିଜ୍ ବ୍ୟାଙ୍କରେ ଚାକିରି କରିଥିବାରୁ ୯.୩୦ ପୂର୍ବରୁ ଖାଦ୍ୟ ବଣ୍ଟନ ସାରି କାର୍ଯ୍ୟକ୍ଷେତ୍ରକୁ ଯାଉଛନ୍ତି। ସବୁ ଦିନ ସେ ୨୦୦ରୁ ୪୦୦ ଲୋକଙ୍କୁ ଖାଦ୍ୟ ଦେଉଛନ୍ତି। ୧୦ ବର୍ଷ ପୂର୍ବରୁ ଅଜିଜ୍ ଏହି କାମ କରିଆସୁଛନ୍ତି, ଯେଉଁଥିପାଇଁ ସେ ହାଇଦ୍ରାବାଦର 'ଫୁଡ୍‌ମ୍ୟାନ' ଭାବେ ଜଣାଶୁଣା। କେବଳ ଏତିକି ନୁହେଁ, ରାସ୍ତାକଡ଼ରେ ରହୁଥିବା ଗୃହହୀନଙ୍କୁ ମଧ୍ୟ ସେ ଖାଦ୍ୟ ବାଣ୍ଟୁଛନ୍ତି। ଯେତେବେଳେ ଅଜିଜ୍ ଚାକିରି କରି ନ ଥିଲେ, ସେତେବେଳେ କେବଳ ରବିବାରରେ ଖାଦ୍ୟ ବାଣ୍ଟୁଥିଲେ। ଚାକିରି କରିବା ପରେ ଏହି କାର୍ଯ୍ୟ ପ୍ରତିଦିନ ଚଳାଇଛନ୍ତି। ଏଥିରେ ତାଙ୍କ ସାଙ୍ଗମାନେ ସହଯୋଗ କରୁଛନ୍ତି। ପ୍ରତିଦିନ ଭୋର ୫ଟାରେ ଖାଦ୍ୟ ପ୍ରସ୍ତୁତ କରାଯାଇ ଲୋକଙ୍କ ପାଖରେ ପହଞ୍ଚାଇ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ମାର୍ଚ୍ଚ ୧୯୭୭

- ହେମଗିରି ମଣ୍ଡଳ କଂଗ୍ରେସ କମିଟି ସଭାପତି ବାସୁଦେବ ମାଝି ତାଙ୍କର ଶହେ ଜଣ ସହକର୍ମୀଙ୍କ ସହ କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି।
- ଉତ୍ତର ପ୍ରଦେଶର ରାଣୀକ୍ଷେତ ଅଞ୍ଚଳର ବିଶିଷ୍ଟ କଂଗ୍ରେସ ନେତା ଜୟଦତ୍ତ ଓ୍ୱାଲିଆ ଏବଂ ସ୍ୱାଧୀନତା ସଂଗ୍ରାମୀ ରାମସିଂହ ବିଷ୍ଟଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।

## ଚିରନ୍ତନୀ

ତାହାରି ସୀମନ୍ତ ଗାର ଦିଶେ ଚକ୍ରବାଳେ
ଚିତା ସମ ଉଁଏ ତାର ରବିଶଶି ଭାଲେ
ତାହାରି କୁନ୍ତଳ ଧୋଇ ସିନ୍ଧୁଜଳ ନୀଳ ହୋଇ
ତାହାରି କ୍ରନ୍ଦନ ପ୍ରତି ଲହରୀରେ ଢାଳେ
କେଉଁ ଦୂର ମାୟା-ଚକ୍ରବାଳେ !
-(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 3 | 5 | 1 | | |
| | | | | 8 | | | | |
| | | | 6 | | 7 | 5 | 4 | |
| | | | 2 | | | | | |
| 8 | | 1 | | 4 | 3 | 6 | | |
| | | | | | | | 1 | 8 |
| | 3 | | | | | | 2 | |
| | | 4 | | 6 | | | 5 | |
| 6 | | 8 | | 5 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 1 | 6 | 2 | 3 | 7 | 8 | 4 |
| 4 | 2 | 7 | 1 | 8 | 9 | 3 | 5 | 6 |
| 3 | 6 | 8 | 7 | 4 | 5 | 1 | 2 | 9 |
| 7 | 3 | 6 | 5 | 9 | 2 | 8 | 4 | 1 |
| 2 | 4 | 5 | 8 | 1 | 7 | 9 | 6 | 3 |
| 8 | 1 | 9 | 4 | 3 | 6 | 5 | 7 | 2 |
| 9 | 5 | 3 | 2 | 6 | 8 | 4 | 1 | 7 |
| 6 | 7 | 4 | 3 | 5 | 1 | 2 | 9 | 8 |
| 1 | 8 | 2 | 9 | 7 | 4 | 6 | 3 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମହିଳାଙ୍କ ଅଧିକାର ନିଶ୍ଚିତ କରାଯାଉ

ମହାଶୟ,

ଆଜିର ସମୟରେ ମହିଳାମାନେ ଉଭୟ ଦେଶ ତଥା ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ସେମାନେ କ୍ରୀଡ଼ାଠାରୁ ଆରମ୍ଭ କରି ମନୋରଞ୍ଜନ ଏବଂ ରାଜନୀତିଠାରୁ ସାମରିକ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟ ପର୍ଯ୍ୟନ୍ତ କେବଳ ଜଡ଼ିତ ନୁହନ୍ତି ବରଂ ଏକ ବଡ଼ ଭୂମିକା ଗ୍ରହଣ କରିଛନ୍ତି। ତେବେ ଦେଶରେ ଅଭୂତପୂର୍ବ ବିକାଶ ସତ୍ତ୍ୱେ ଏବେ ବି ମହିଳାଙ୍କୁ ନେଇ ସମାଜରେ ଭେଦଭାବ, ହିଂସା ଏବଂ ସାମାଜିକ କଟକଣାର ସାମ୍ନା କରିବାକୁ ପଡୁଛି, ଯାହା ମହିଳାଙ୍କ ବିକାଶରେ ବାଧକ ସାଜିଛି। ମହିଳାମାନେ ସମାଜ ଓ ପରିବାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ସେମାନଙ୍କ ଜୀବନରେ ସୁଧାର ଆଣିବା ପାଇଁ ଓ ସେମାନଙ୍କ ମଧ୍ୟରେ ପ୍ରତି ବିଷୟକୁ ନେଇ ସଚେତନତା ସୃଷ୍ଟି କରାଯିବା ଦରକାର। ଏହା ଯୋଗୁ ମହିଳାଙ୍କ ଅଧିକାର ଓ ସୁଯୋଗର ସମାନତା ନେଇ ମହିଳାମାନେ ଅଧିକ ସଚେତନ ହୋଇପାରିବେ। ଯଦିଓ ଆଜି ବିଶ୍ୱର ସମସ୍ତ ଦେଶ ସଚେତନ, କିନ୍ତୁ ମହିଳାଙ୍କ ଅଧିକାର ପାଇଁ ସଂଗ୍ରାମ ଜାରି ରହିଛି। ଅନେକ କ୍ଷେତ୍ରରେ ମହିଳାମାନେ ଆଜି ମଧ୍ୟ ସମାନ ସମ୍ମାନ ଏବଂ ଅଧିକାର ପାଇ ପାରିନାହାନ୍ତି। ମହିଳାଙ୍କୁ ଏହି ଅଧିକାର ଏବଂ ସମ୍ମାନ ନିଶ୍ଚିତ କରାଯିବା ଆବଶ୍ୟକ, ନଚେତ ଦେଶ କିମ୍ବା ବିଶ୍ୱରେ ପ୍ରଗତି ଅସମ୍ଭବ ହୋଇପଡ଼ିବ।

-ରବିନାରାୟଣ ପଟ୍ଟନାୟକ, ପଟିଆ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ 52 Years
ଭୁବନେଶ୍ୱର, ବୁଧବାର, ୧୧ ମାର୍ଚ୍ଚ, ୨୦୨୬



# ନୂଆ ସ୍ୱାଦରେ ରାଜ୍ୟ ସଭା

**ଭୁବନେଶ୍ୱର,୧୦।୩(ସୁନିତ୍ ମିଶ୍ର)**

ରାଜ୍ୟ ରାଜନୀତିରେ ରାଜ୍ୟ ସଭା ନିର୍ବାଚନ ଏବେ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ସବୁ ଦଳର ବିଧାୟକମାନେ ସେମାନଙ୍କ ପାର୍ଟିରୁ ରାଜ୍ୟ ସଭା ପାଇଁ ଯିଏ ପ୍ରାର୍ଥୀ ହୋଇଛନ୍ତି ସେମାନେ ଖର୍ଚ୍ଚ ବାବଦକୁ କେତେ ଟଙ୍କା ଦେବେ ତାକୁ ନେଇ ବିଶେଷ ଆଲୋଚନା କରୁଛନ୍ତି। ଶାସକ ଦଳ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟ ବହୁ ଟଙ୍କା ଦେବେ ବୋଲି ଗୁଜବ ହେଉଛି। ମାତ୍ର ବିଜେଡି ଏବଂ କଂଗ୍ରେସ ମଧ୍ୟ ସେମାନଙ୍କ ବିଧାୟକମାନଙ୍କୁ ଖର୍ଚ୍ଚ ପ୍ରଦାନ କରିବା କ୍ଷେତ୍ରରେ ପଛରେ ପଡିବାକୁ ଆଉ ଚାହୁଁନାହାନ୍ତି। ଉଭୟ ବିରୋଧୀ ବିଜେଡି ଏବଂ କଂଗ୍ରେସ ଭିତରେ ଭୋଟ ଦେବା ଲାଗି ସେମାନଙ୍କ ପ୍ରାର୍ଥୀମାନଙ୍କୁ ବିଧିବଦ୍ଧ ଭାବେ ଖର୍ଚ୍ଚ ପହଞ୍ଚାଯିବ ବୋଲି ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଥିବା ଶୁଣିବାକୁ ମିଳୁଛି। ରାଜ୍ୟର ମୁଖ୍ୟ ବିରୋଧୀ ଦଳ ବିଜେଡିର ଜଣେ ବରିଷ୍ଠ ନେତା ତଥା ପୂର୍ବତନ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ମଙ୍ଗଳବାର ବିଧିବଦ୍ଧ ଭାବେ ଦଳ ଛାଡ଼ିଛନ୍ତି। ଗତ ୨ ଦିନ ତଳୁ ରବୀନ୍ଦ୍ର ଭାଜପାର ବରିଷ୍ଠ ନେତାଙ୍କୁ ଆସି ଭେଟିଥିବା ନିର୍ଦ୍ଦିଷ୍ଟ କେତେଜଣ ବରିଷ୍ଠ ବିଜେଡି ଉଚ୍ଚନେତା ଜାଣିସାରିଥିଲେ। ରବୀନ୍ଦ୍ରଙ୍କ ସ୍ତ୍ରୀ ସୁବାସିନୀ ଜେନା ବର୍ତ୍ତମାନ ବିଜେଡି ଟିକେଟରୁ ବସ୍ତା ବିଧାୟିକା ଅଛନ୍ତି। ଅର୍ଥାତ୍ ରବୀନ୍ଦ୍ରଙ୍କ ସ୍ତ୍ରୀଙ୍କ ପାଖରେ ରହିଥିବା ଭୋଟ୍ ଆଉ ବିଜେଡିକୁ ନ ମିଳିପାରେ ବୋଲି ଆଲୋଚନା ହେଉଛି। ଏହା ସହ ଅନେକ ସ୍ଥାନରେ କଂଗ୍ରେସର ପ୍ରତିଦ୍ୱନ୍ଦ୍ୱିତା ଯୋଗୁ ବିଜେଡି ବିଧାୟକମାନେ ଜିଣିପାରିଥିଲେ। ଏବେ ବିଜେଡି କଂଗ୍ରେସର ନିକଟତର ହେବା ହେତୁ ସେହିସବୁ ନିର୍ବାଚନମଣ୍ଡଳୀରେ ଭାଜପା ଏକମାତ୍ର ଶକ୍ତିଶାଳୀ ବିରୋଧୀ ପାଲଟିଯାଉଛି।

ରବୀନ୍ଦ୍ର ଜେନା ଦଳ ଛାଡିବା କଥା ପୂର୍ବରୁ ଜାଣିପାରି ବିଜେଡି ବିଧାୟକମାନଙ୍କୁ ପାଖାପାଖି ୨ କୋଟି ଟଙ୍କା ପର୍ଯ୍ୟନ୍ତ ମିଳିପାରେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ବିଜେଡିର କେତେଜଣ ବିଧାୟକ ମଧ୍ୟ ଖର୍ଚ୍ଚ ମିଳିବା ଦରକାର ବୋଲି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହୁଛନ୍ତି। ଅନ୍ୟପଟେ ବିଜେଡିର ବହୁ ବିଧାୟକ ମଙ୍ଗଳବାରଠାରୁ ଅଧିକ ଏପଟସେପଟ ହେବା ଆରମ୍ଭ କରିଦେଲେଣି ବୋଲି କେତେଜଣଙ୍କ ସୂତ୍ରରୁ ଶୁଣିବାକୁ ମିଳୁଛି। ସେମାନେ ଖର୍ଚ୍ଚ ପାଇବା ଲାଗି ବାହାନା ଆରମ୍ଭ କରିଦେଇଥିବା କଥା ଜାଣିପାରି ବିଜେଡି ମଧ୍ୟ ଏହାର ସମାଧାନ କରିବାକୁ ପ୍ରସ୍ତୁତ ହେଲାଣି ବୋଲି କୁହାଯାଉଛି। ପଶ୍ଚିମ ଓଡ଼ିଶାର ଜଣେ ବିଧାୟକ ଏକ ରୋଚକ ତଥ୍ୟ ରଖିଛନ୍ତି। ତାଙ୍କ କହିବାନୁଯାୟୀ, ରାଜ୍ୟରୁ ଦୁଇଥର ରାଜ୍ୟ ସଭା ଯାଇଥିବା ଜଣେ ଆର୍ଥିକ ସ୍ୱଚ୍ଛଳ ନେତା ଭୋଟ ପାଇଁ ସେହି ସମୟରେ


ସଂତୃପ୍ତ ମିଶ୍ର

ବିଧାୟକମାନଙ୍କୁ ମାତ୍ର ୫ ଲକ୍ଷ ଟଙ୍କା ଲେଖାଏ ଦେଇଥିଲେ। ଅଧିକାଂଶ ବିଧାୟକ ମଧ୍ୟ ସେହି ଟଙ୍କା ଗ୍ରହଣ କରିନେଇଥିଲେ। ଅବଶ୍ୟ ଏହି କଥାର କେତେ ବାସ୍ତବତା ରହିଛି ସେକଥା ଯେଉଁମାନେ ସେହି ସମୟରେ ବିଧାୟକ ରହିଥିବେ ସେମାନେ ବିଚାର କରିପାରିବେ।

ସେହିପରି ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ତାଙ୍କ ଦଳର ବିଧାୟକମାନଙ୍କୁ ନେଇ ବାରମ୍ବାର ବୈଠକ କରିବା ସତ୍ତ୍ୱେ ସବୁ ସଦସ୍ୟ ଏକାଠି ହେଉନାହାନ୍ତି। କେତେଜଣ ବୈଠକଠାରୁ ଦଳ ଆୟୋଜନ କରୁଥିବା ଖାଇବା ପିଇବା କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ସବୁଠାରୁ ଦୂରେଇ ରହୁଛନ୍ତି। ଅନ୍ୟମାନଙ୍କ ଜରିଆରେ କଂଗ୍ରେସର ମଧ୍ୟ କେତେଜଣ ବିଧାୟକ କହୁଛନ୍ତି, ଅତିକମ୍‌ରେ ୧ରୁ ୨ କୋଟି ଟଙ୍କା ସେମାନଙ୍କୁ ଦରକାର। ସେଥିଲାଗି ଭକ୍ତ ମଧ୍ୟ କେତେଜଣ ଆଗରେ ମୁହଁ ଖୋଲି କହିଲେଣି ବିଧାୟକମାନଙ୍କୁ ଟଙ୍କା ନ ଦେଲେ ହେବନାହିଁ। ଏଥିଲାଗି ଦଣ୍ଡେଶ୍ୱରଙ୍କ ସହ ପିସିସି ସଭାପତି ଦେଖା ହେବାକୁ ଚେଷ୍ଟାକରି ଅସଫଳ ହେଉଥିବା କଥା ତାଙ୍କ ନିକଟତମ ଲୋକେ କହୁଛନ୍ତି; ଯେଉଁଥିଲାଗି ବିଧାୟକମାନଙ୍କ ପାଇଁ କିଭଳି କିଛି ଖର୍ଚ୍ଚର ସୁବିଧା କରାଯାଇପାରିବ ସେ ବିଷୟରେ ଆଲୋଚନା କରିବା ପାଇଁ ପିସିସି ସଭାପତି ୨ ଦିନ ଭିତରେ ବିଜେଡି ସଭାପତିଙ୍କୁ ଭେଟିବେ ବୋଲି ଶୁଣିବାକୁ ମିଳୁଛି। କଂଗ୍ରେସ ଭିତରେ ଯାହା ଚୂଡ଼ାନ୍ତ ହୋଇଛି ଅତିକମ୍‌ରେ ୧ରୁ ଦେଢ କୋଟି ପର୍ଯ୍ୟନ୍ତ ସେମାନଙ୍କ ବିଧାୟକଙ୍କୁ ଦିଆଯିବ। ବିଜେଡି ଏବଂ କଂଗ୍ରେସରୁ ନେତାମାନେ ନିର୍ବାଚନ ପୂର୍ବରୁ ଖସିଯିବେ ବୋଲି ବହୁ ଆଗରୁ ସର୍ବସାଧାରଣରେ ଆଲୋଚନା ହେଉଥିଲା। ଯେଉଁସବୁ ବିଧାୟକ କିମ୍ବା ତାଙ୍କ ପାରିବାରିକ ଲୋକ କୌଣସି ବେଆଇନ କାର୍ଯ୍ୟରେ ଲିପ୍ତ ଥିବେ ସେମାନେ ରାଜ୍ୟ ସଭା ଭୋଟ ସମୟରେ କିଛି ଭୁଲ୍ କରିବା ପରିବର୍ତ୍ତେ ଆଗୁଆ ଦଳବଦଳ କରିଦେବାକୁ ଆଗ୍ରହ ଦେଖାଇବେ ବୋଲି କୁହାଯାଉଥିଲା। ସେଭଳି ଲୋକଙ୍କୁ ଅଟକାଇବା ପାଇଁ ଦଳ ଅସଫଳ ହୋଇପାରନ୍ତି। ଏହିଧାରାରେ ବ୍ରେକ୍‌ଲଗାଇବା ପାଇଁ ବିଜେଡି ବିଧାୟକମାନଙ୍କୁ ନେଇ ନବୀନ ନିବାସରେ ଆସନ୍ତା ଶନିବାର କିମ୍ବା ରବିବାର ଚା' ପାର୍ଟି ହେବ ବୋଲି ଶୁଣିବାକୁ ମିଳୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଗୋଟିଏ ପଟେ ବିରୋଧୀଙ୍କ ଭୋଟ ହ୍ରାସ ହେବା ସମ୍ଭାବନା ସୃଷ୍ଟି ହେଇସାରିଥିବା ବେଳେ ବିଜେଡିରୁ ଯିଏ ପ୍ରାର୍ଥୀ ହୋଇଛନ୍ତି ସନ୍ତୃପ୍ତ ମିଶ୍ରଙ୍କ ନିର୍ବାଚନ ସମ୍ପୃକ୍ତ ସମ୍ପତ୍ତି ତାଲିକା ଘୋଷଣାରେ ନିଜର ୫୧୨ କୋଟି ୯୦ ଲକ୍ଷ ୭୧ ହଜାର ଟଙ୍କାର ଏବଂ ତାଙ୍କ ସ୍ତ୍ରୀଙ୍କ ପାଖରେ ୨୦ କୋଟି ୪୮ ଲକ୍ଷ ୭୩ ହଜାର ୬୯୬ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ସନ୍ତୃପ୍ତଙ୍କ ପାଖରେ ୫୩ କୋଟି ୬ ଲକ୍ଷ ଟଙ୍କାର ଏବଂ ତାଙ୍କ ସ୍ତ୍ରୀଙ୍କର ୮ କୋଟି ୬୮ ଲକ୍ଷ ୫୦ ହଜାର ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି ବୋଲି ଦର୍ଶାଇଛନ୍ତି। ଏହାକୁ ଦେଖି ବିଜେଡିର ଅନେକ ବିଧାୟକ ତାଙ୍କଠାରୁ ମଧ୍ୟ ଆର୍ଥିକ ସାହାଯ୍ୟ ପାଇଁ ଆଶାବାନ୍ଧି ବସିଛନ୍ତି। ସେମାନଙ୍କ କହିବାନୁଯାୟୀ, ସନ୍ତୃପ୍ତ ମିଶ୍ର କେବଳ ପାଣ୍ଡିଆନ୍‌ଙ୍କୁ ଧରି ଟିକେଟ ନେଇଥିବା ବେଳେ ଦଳୀୟ ବିଧାୟକମାନଙ୍କ ସହ ହସଖୁସିର ସମ୍ପର୍କ ଗଢୁଛନ୍ତି। ଏହିଭଳି ଉପରଠାଉରିଆ ଉଦ୍ୟମ କରି ବିନା ଖର୍ଚ୍ଚରେ ସନ୍ତୃପ୍ତ ରାଜ୍ୟ ସଭା ପହଞ୍ଚିପାରିବେ ନାହିଁ ବୋଲି ବିଧାୟକମାନେ କହିବା ଆରମ୍ଭ କଲେଣି।

## କେଲୋ ଡ୍ୟାମ୍, କଲ୍‌ମା ବ୍ୟାରେଜ୍ ପରିଦର୍ଶନ କଲେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ସଦସ୍ୟ



**ଲଖନପୁର,୧୦।୩(ଗୌତମ ସାହୁ)**

ମହାନଦୀ ଜଳ ବିବାଦ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ପୂର୍ବରୁ ଟ୍ରିବ୍ୟୁନାଲ୍‌ର ଅଧ୍ୟକ୍ଷା ଓ ସଦସ୍ୟମାନେ ଛତିଶଗଡ଼ର ରାୟଗଡ଼ ଜିଲାରେ ପହଞ୍ଚି ମଙ୍ଗଳବାର କେଲୋ ଓ କଲ୍‌ମା ବ୍ୟାରେଜ ସହିତ ବିଭିନ୍ନ ଜଳ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିଛନ୍ତି। ସେମାନେ କେଲୋ ଡ୍ୟାମ୍ ଓ କଲ୍‌ମା ବ୍ୟାରେଜ୍‌ର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ମହାନଦୀ ଜଳ ବଣ୍ଟନ ବିବାଦରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ଟ୍ରିବ୍ୟୁନାଲର ଅଧ୍ୟକ୍ଷା ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ, ସଦସ୍ୟ ଜଷ୍ଟିସ ଡ. ରବି ରଞ୍ଜାନ, ଜଷ୍ଟିସ୍ ଇନ୍ଦରମିତ କୌର କୋଚରଙ୍କ ସହ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ଅଧିକାରୀ ଏଥିରେ ସାମିଲ ହୋଇଛନ୍ତି। ସେମାନେ ଜିନ୍ଦଲ ଏୟାରଷ୍ଟ୍ରିପ୍‌ରେ ପହଞ୍ଚିବା ପରେ ରାୟଗଡ଼ ଓ ଶକ୍ତି ଜିଲାର ବିଭିନ୍ନ ଡ୍ୟାମ୍ ଓ ବ୍ୟାରେଜ୍‌ରେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ମହାନଦୀ ଜଳ ବିବାଦର ମୂଳ କାରଣ ହେଉଛି ଛତିଶଗଡ଼ରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ନିର୍ମିତ ବ୍ୟାରେଜ୍ ଓ ଡ୍ୟାମ୍। ଓଡ଼ିଶା ସରକାରଙ୍କ ଅଭିଯୋଗ ଅନୁସାରେ, ଏହି ପ୍ରକଳ୍ପଗୁଡ଼ିକ ଯୋଗୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବାହ କମିଯାଉଛି। ବିଶେଷକରି ଅଣ-ମୌସୁମୀ ସମୟରେ ଜଳ ପ୍ରବାହ ଅତି କମ୍ ହେଉଥିବାରୁ ଓଡ଼ିଶାର କୃଷି, ପାନୀୟଜଳ ଓ ଶିଳ୍ପ ଉପରେ ପ୍ରଭାବ ପଡୁଛି।

## ଉତ୍ତର ଓଡ଼ିଶାକୁ ବର୍ଷା ଆଲର୍ଟ

### ଝାରସୁଗୁଡ଼ା ତାପମାତ୍ରା ୩୯ ଡିଗ୍ରୀ ଟପିଲା

**ଭୁବନେଶ୍ୱର,୧୦।୩ (ବନ୍ଦନା ସେଠୀ)**

ଦକ୍ଷିଣ ଝାଡ଼ଖଣ୍ଡ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପରିସରରୁ ଏକ ଟ୍ରଫ୍ ଲାଇନ୍ ଆଭ୍ୟନ୍ତରୀଣ ଓଡ଼ିଶା, ଛତିଶଗଡ଼ ଏବଂ ବିଦର୍ଭ ଦେଇ ୦.୯ କିଲୋମିଟର ଉଚ୍ଚତାରେ ବ୍ୟାପି ରହିଛି। ଏହା ପ୍ରଭାବରେ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ମଙ୍ଗଳବାର ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇଥିଲା। ବୁଧବାର ମଧ୍ୟ ଉତ୍ତର ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ବର୍ଷା, ଘଡ଼ଘଡ଼ି ବିଜୁଳି ସହିତ ୩୦ରୁ ୪୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ଘଣ୍ଟାରେ ମୟୂରଭଞ୍ଜ ଜିଲାର ଚନ୍ଦନପୁରଠାରେ ସର୍ବାଧିକ ୧୫.୪ ମି.ମି. ବର୍ଷା ହୋଇଥିଲା। ସେହିପରି ଜାମଶୋଲାଘାଟଠାରେ ୧୧.୮ ମି.ମି., ଯଶୀପୁରରେ ୯.୫ ମି.ମି., ବାଙ୍ଗିରିପୋଷିରେ ୬ ମି.ମି., ଚାନ୍ଦୁଆରେ ୫ ମି.ମି., ତିରିଙ୍ଗଠାରେ ୪.୪ ମି.ମି., ସାରସକଣାରେ ୪ ମି.ମି., ବହଳଦାରେ ୩.୫ ମି.ମି., ଜି.ବି. ନଗରଠାରେ ୩ ମି.ମି. ଏବଂ ବାରିପଦାରେ ୨ ମି.ମି. ବର୍ଷା ରେକର୍ଡ ହୋଇଛି।

ଅପରପକ୍ଷେ ମଙ୍ଗଳବାର ୮ ସହରର ତାପମାତ୍ରା ୩୭ ଡିଗ୍ରୀ ଏବଂ ତା'ଠାରୁ ଅଧିକ ରହିଥିଲା। ଝାରସୁଗୁଡାଠାରେ ସର୍ବାଧିକ ତାପମାତ୍ରା ପୁଣିଥରେ ୩୯ ଡିଗ୍ରୀ ପାର୍ କରିଛି। ୩୯.୨ ଡିଗ୍ରୀ ସହିତ ଝାରସୁଗୁଡା ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ସେହିଭଳି ଟିଟିଲାଗଡରେ ୩୮.୫ ଡିଗ୍ରୀ, ଭବାନୀପାଟଣା ୩୭.୫ ଡିଗ୍ରୀ, ସମ୍ବଲପୁର ୩୭.୫ ଡିଗ୍ରୀ, ସୁନ୍ଦରଗଡ଼ ୩୭.୪ ଡିଗ୍ରୀ, ରାଉରକେଲା ୩୭.୧ ଡିଗ୍ରୀ, ନୂଆପଡ଼ା ୩୭ ଡିଗ୍ରୀ ଏବଂ ହୀରାକୁଦରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଆସନ୍ତା ୨୪ ଘଣ୍ଟାରେ ଦିନ ତାପମାତ୍ରା ଆହୁରି ୨ ରୁ ୩ ଡିଗ୍ରୀ ବଢ଼ିବା ନେଇ ବିଭାଗ ପକ୍ଷରୁ ଆକଳନ କରାଯାଇଛି।

### ରେଳ ମନ୍ତ୍ରଣାଳୟ
### ପୂର୍ବ ତଟ ରେଳପଥ
### ବିଜ୍ଞପ୍ତି

**କ୍ଷମତାପ୍ରାପ୍ତ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଖଲ୍ଲିକୋଟ**

**(ରେଳ ଫାଟକ ସଂଖ୍ୟା ୨୭୫ ଉପରେ ନିର୍ମିତ ହେବାକୁ ଥିବା ସଡକ ଉପର ସେତୁ (R.O.B)**

ଏତଦ୍ୱାରା ମୌଜା ରମ୍ଭା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,କେନ୍ଦ୍ର ସରକାର ରେଳପଥ ଆଇନ ୧୮୮୯ (ରେଳପଥ ସଂଶୋଧନ ଆଇନ, ୨୦୦୮) ଅନ୍ତର୍ଗତ ଧାରା ୨୦(A-1) ଅନୁଯାୟୀ ଜନସାଧାରଣ ସୁବିଧାରେ ତଥା କୌଣସି ଦୁର୍ଘଟଣାର ଆଶଙ୍କା ବିନା ନିରାପଦରେ ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅନ୍ତର୍ଗତ ଓଡ଼ିଶାର ଗଞ୍ଜାମ ଜିଲ୍ଲାର ରମ୍ଭା – ହୁମ୍ମା ଷ୍ଟେସନ ମଧ୍ୟରେ କି.ମି. ୫୫୬/୧-୩ ଠାରେ ଥିବା ରେଳ ଫାଟକ ସଂଖ୍ୟା (୨୭୫) ଠାରେ ରେଳଲାଇନ ପାରହେବା ନିମନ୍ତେ ଏହି ରେଳ ଫାଟକ ପରିବର୍ତ୍ତେ ଏକ ସଡ଼କ ଉପର ସେତୁ (R.O.B) ନିର୍ମାଣ ନିମନ୍ତେ ନିଷ୍ପତ୍ତି ନେବା ସଙ୍ଗେ ସଙ୍ଗେ ଏଥିପାଇଁ ଆବଶ୍ୟକ ହେଉଥିବା ବ୍ୟକ୍ତିଗତ ଜମିକୁ ଅଧିଗ୍ରହଣ କରାଯିବା ନିମନ୍ତେ ନିଜର ଇଚ୍ଛା ପ୍ରକାଶ କରି ଜମିର ସବିଶେଷ ବିବରଣୀ "ରାଜପତ୍ର ସଂଖ୍ୟା ୫୩୪୪ ତା ୨୧.୧୧.୨୦୨୫ରିଖରେ" ପ୍ରକାଶ କରିଅଛନ୍ତି । ଏହି ଅଧିସୂଚନାଟି ତା ୨୩.୧୨.୨୦୨୫ ରିଖ ଓଡ଼ିଆ ଭାଷାରେ "ଧରିତ୍ରୀ" ଓ ଇଂରାଜୀ ଭାଷାର "ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍" ଖବରକାଗଜରେ ପ୍ରକାଶିତ ହୋଇଥିଲା। ତତ୍ ସଙ୍ଗେ ସଙ୍ଗେ କ୍ଷମତାପ୍ରାପ୍ତ ପ୍ରାଧିକାରୀ ଖଲ୍ଲିକୋଟଙ୍କ ଉପପତ୍ର ସଂଖ୍ୟା 297 ତା 06.01.2026 ରିଖରେ ମୌଜା ରମ୍ଭା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସର୍ବସାଧାରଣ ସ୍ଥାନରେ ଜାରି କରାଯାଇ ଆପତ୍ତି ଆହ୍ୱାନ କରାଯାଇଥିଲା । ଉପର ଲିଖିତ ରାଜପତ୍ର ସଂଖ୍ୟା ୫୩୪୪ ତା ୨୧.୧୧.୨୦୨୫ରିଖ ଠାରୁ ଆଇନର ଧାରା ୨୦(D) ଅନୁଯାୟୀ ୩୦ (ତିରିଶି)ଦିନ ମଧ୍ୟରେ କ୍ଷତିଗ୍ରସ୍ତ ହେଉଥିବା କୌଣସି ଜମି ମାଲିକ କିମ୍ବା ଜମି ଉପରେ ନିର୍ଭରଶୀଳ ବ୍ୟକ୍ତି ତାଙ୍କର ଆପତ୍ତି / ଅଭିଯୋଗ ଲିଖିତ ଭାବରେ ସମ୍ପୃକ୍ତ ସକ୍ଷମ ପ୍ରାଧିକାରୀଙ୍କ (CALA) ନିକଟରେ ଦାଖଲ କରିନାହାନ୍ତି ।

ଏଣୁ ସକ୍ଷମ ପ୍ରାଧିକାରୀଙ୍କ (CALA) ସୁପାରିଶ କ୍ରମେ ଏହି ଆଇନର ଧାରା ୨୦(E) ଅନୁଯାୟୀ ଜମି ଅଧିଗ୍ରହଣ କରାଯିବ ବୋଲି ଜମିର ସବିଶେଷ ବିବରଣୀ ସହ "ରାଜପତ୍ର ସଂଖ୍ୟା ୫୪୧ ତା ୦୫.୦୨.୨୦୨୬ରିଖରେ" କେନ୍ଦ୍ର ସରକାର ପ୍ରକାଶ କରିସାରିଛନ୍ତି। ଏହି ଅଧିସୂଚନା ଟି ତା ୨୬.୦୨.୨୦୨୬ ରିଖ ଓଡ଼ିଆ ଭାଷାରେ "ସମ୍ବାଦ" ଓ ଇଂରାଜୀ ଭାଷାରେ "ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍" ଖବରକାଗଜରେ ପ୍ରକାଶିତ ହୋଇଛି।

ଏଣୁ ଏହି ଜମି ଉପରେ ମାଲିକାନା ସତ୍ତ୍ୱ, ଥିବା କିମ୍ବା ନିର୍ଭରଶୀଳ ଯେ କୌଣସି ପ୍ରଭାବିତ ବ୍ୟକ୍ତି କ୍ଷତିପୂରଣ ପାଇବା ନିମନ୍ତେ ତାଙ୍କର ଦାବି ସକ୍ଷମ ପ୍ରାଧିକାରୀଙ୍କ (CALA) ନିକଟରେ ଲିଖିତ ଭାବରେ ଦାଖଲ କରିପାରିବେ। ଏହି ପ୍ରଭାବିତ ବ୍ୟକ୍ତି ନିଜେ କିମ୍ବା ନିଜର ପ୍ରତିନିଧି କିମ୍ବା ତାଙ୍କଦ୍ୱାରା ନିୟୋଜିତ ଓକିଲ, ସକ୍ଷମ ପ୍ରାଧିକାରୀ (CALA) କରୁଥିବା ଏହି କ୍ଷତିପୂରଣ ପାଇବା ନିମନ୍ତେ ଶୁଣାଣିର ସ୍ଥିର କରାଯାଇଥିବା **ସମୟ 2:30PM ଓ ସ୍ଥାନ ତହସିଲ କାର୍ଯ୍ୟାଳୟ ତା ୧୨.୦୩.୨୦୨୬ ରିଖ** ଠାରେ ଉପସ୍ଥିତ ରହି ଅଂଶଗ୍ରହଣ କରିପାରିବେ। ପ୍ରଭାବିତ ବ୍ୟକ୍ତି ଯଦି ସକ୍ଷମ ପ୍ରାଧିକାରୀ (CALA) କ୍ଷତିପୂରଣ ରାଶି ସ୍ଥିର କରି ପ୍ରଦାନ କରିଥିବା ଏହି ଆଦେଶରେ ଅସନ୍ତୁଷ୍ଟ ହେବେ,ଏହି ଆଦେଶ ଉପରେ ଆର୍ବିଟ୍ରେଟରଙ୍କ ନିକଟରେ ଆବେଦନ କରିପାରିବେ। ଯଦି ଆର୍ବିଟ୍ରେଟର ସକ୍ଷମ ପ୍ରାଧିକାରୀ (CALA) ସ୍ଥିର କରିଥିବା କ୍ଷତିପୂରଣ ରାଶିଠାରୁ ଅଧିକ କ୍ଷତିପୂରଣ ରାଶି ପ୍ରଦାନ କରନ୍ତି, ତେବେ ଏହି ବର୍ଦ୍ଧିତ କ୍ଷତିପୂରଣ ରାଶି ଉପରେ ବାର୍ଷିକ ୯% ହାରରେ ସୁଧ, ଜମି ଦଖଲ ନେବା ଦିନଠାରୁ କ୍ଷତିପୂରଣ ରାଶି ଜମା ହେବା ଦିନ ପର୍ଯ୍ୟନ୍ତ ଧାର୍ଯ୍ୟ କରିବେ।

**ଏକ କିତା ଜମି ସମ୍ବନ୍ଧୀୟ ବିବରଣୀ ସଂଲଗ୍ନ କରାଗଲା।**

**ସକ୍ଷମ ପ୍ରାଧିକାରୀ (CALA) ତଥା**

**ତହସିଲଦାର, ଖଲ୍ଲିକୋଟ**

**ଅନୁସୂଚୀ**

**ଅର୍ଜନ କରାଯିବାକୁ ଥିବା ଜମିର ସଂକ୍ଷିପ୍ତ ବିବରଣୀ, ନିର୍ମାଣ ଥାଉ ବା ନଥାଉ, ଯାହା "ସ୍ପେସାଲ ରେଳ ପ୍ରକଳ୍ପ" (Special Railway Project) ଅନ୍ତର୍ଭୁକ୍ତ, ଯଥା: ଗଞ୍ଜାମ ଜିଲ୍ଲା ଅଧୀନରେ ଥିବା ଖୋର୍ଦ୍ଧା ରୋଡ଼ ଡିଭିଜନର ହାଓଡ଼ା-ବିଶାଖାପାଟଣା ମୁଖ୍ୟ ଲାଇନର ରମ୍ଭା (RBA) - ହୁମ୍ମା (HMA) ଷ୍ଟେସନ ମଧ୍ୟରେ କିମି ୫୫୬/୧-୩ କିଲୋମିଟର ଠାରେ ମ୍ୟାନ୍‌ଡ୍ ଏଲ.ସି. ନଂ ୨୭୫ (L.C. No. 275) ପରିବର୍ତ୍ତେ ରୋଡ୍ ଓଭର ବ୍ରିଜ (ROB) ନିର୍ମାଣ ପାଇଁ।**

**ଜମି ଅନୁସୂଚୀ (LAND SCHEDULE)**

ପ୍ରକଳ୍ପର ନାମ: ଏଲ.ସି. ନଂ ୨୭୫ ପରିବର୍ତ୍ତେ ROB ନିର୍ମାଣ।

ଜିଲ୍ଲା: ଗଞ୍ଜାମ, ଡିଭିଜନ: ଖୋର୍ଦ୍ଧା ରୋଡ଼, ତହସିଲ: ଖଲ୍ଲିକୋଟ।

| କ୍ର.ସଂ. | ଗ୍ରାମର ନାମ | ପ୍ଲଟ୍ ନମ୍ବର | କ୍ଷେତ୍ରଫଳ (ଏକରରେ) | ଜମିର କିସମ | ପଟ୍ଟାଦାର / ରେକର୍ଡଭୁକ୍ତ ରୟତଙ୍କ ସମ୍ପୂର୍ଣ୍ଣ ନାମ ଓ ବିବରଣୀ |
|---|---|---|---|---|---|
| ୧ | ରମ୍ଭା | ୧୫୫୦/୪୯୨୩ | ୦.୦୪୩ | NA | ବିଜୟନ୍ତୀ ପଣ୍ଡା, ସ୍ୱାମୀ: ବିନାୟକ ପଣ୍ଡା, ଜାତି: ବ୍ରାହ୍ମଣ, ଗ୍ରାମ: ନିଜଗାଁ, ଟିକରପଡ଼ା ସାହି |
| ୨ | ରମ୍ଭା | ୧୫୨୧ | ୦.୦୧୦୭ | ବିଲ-ଦୋଫସଲି-II | ଭାସ୍କର ବିଶ୍ୱାଳ, ପିତା: ରଘୁନାଥ ବିଶ୍ୱାଳ, ଜାତି: ବେନାୟତ, ଗ୍ରାମ: ନିଜଗାଁ (ବିଶ୍ୱାଳ ସାହି) |
| ୩ | ରମ୍ଭା | ୨୨୦୫ | ୦.୦୫୧୪ | ବର୍ଷାଧାର ଦୋଫସଲି-I | ଶ୍ରୀ ଜଗନ୍ନାଥ ମହାପ୍ରଭୁ, ଗ୍ରାମ-ନିଜଗାଁ ସେବାୟତ ନକୁଳ ତରାଇ, ପିତା: ହରିହର ତରାଇ, ଜାତି: ଖଣ୍ଡାୟତ, (ବଡ଼ ଉପୁଲିଆ ସାହି) |
| ୪ | ରମ୍ଭା | ୨୨୦୬ | ୦.୦୦୨୪ | ବର୍ଷାଧାର ଦୋଫସଲି-I | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ, ନିଜଗାଁ ସେବାୟତ ନକୁଳ ତରାଇ, ପିତା: ହରିହର ତରାଇ, ଜାତି: ଖଣ୍ଡାୟତ, ଗ୍ରାମ- (ବଡ଼ ଉପୁଲିଆ ସାହି) |
| ୫ | ରମ୍ଭା | ୨୨୦୬/୪୯୦୫ | ୦.୦୦୪୮ | ବିଲ-ଦୋଫସଲି-I | ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ ନିଜଗାଁ ସେବାୟତ, ଗ୍ରାମ-କୁନି ପଣ୍ଡା, କାମେଶ୍ୱରୀ ପଣ୍ଡା ସ୍ୱାମୀ: ବାସୁଦେବ ପଣ୍ଡା, ଲିଙ୍ଗରାଜ ପଣ୍ଡା ପିତା: ଆନନ୍ଦ ପଣ୍ଡା, ବୈଧର ପଣ୍ଡା, ନଟବର ପଣ୍ଡା ପିତା: ଲକ୍ଷ୍ମଣ ପଣ୍ଡା, ଜାତି: ବ୍ରାହ୍ମଣ |
| ୬ | ରମ୍ଭା | ୩୦୩୩ | ୦.୦୦୦୨ | ବିଲ-ଦୋଫସଲି-I | ସୁବାସ ଚନ୍ଦ୍ର ପଣ୍ଡା, ପିତା: ଗୋବିନ୍ଦ ଚନ୍ଦ୍ର ପଣ୍ଡା |
| ୭ | ରମ୍ଭା | ୩୧୭୫ | ୦.୧୧୫୭ | ବିଲ-I | ବିଜୟ କୁମାର ବେହେରା, ପିତା: ବିନାୟକ ବେହେରା |
| ୮ | ରମ୍ଭା | ୩୧୭୩ | ୦.୦୪ | ବିଲ-I | ଲକ୍ଷ୍ମୀ ନାରାୟଣ ପାଢ଼ୀ, ପିତା: ଗଣପତି ପାଢ଼ୀ, ଜାତି: ବ୍ରାହ୍ମଣ, ଗ୍ରାମ: ରମ୍ଭା |
| ୯ | ରମ୍ଭା | ୩୧୭୩/ ୫୧୧୭ | ୦.୧୧ | ଘରବାଢ଼ି | ଚିତ୍ରଦା ରାଜ ବାଇଥାରୁ, ପିତା: ଚିତ୍ରଦା ବିଶ୍ୱେଶ୍ୱର ବାଇଥାରୁ, ସୁଜ୍ଞାନୀ କୁମାରୀ ବାଇଥାରୁ, ସ୍ୱାମୀ: ଚିତ୍ରଦା ରାଜ ବାଇଥାରୁ, ଜାତି: ସୁନାରୀ, ଗ୍ରାମ: ରମ୍ଭା |
| ୧୦ | ରମ୍ଭା | ୨୨୧୦ | ୦.୧୫ | ବିଲ-ଦୋଫସଲି-II | ଭାସ୍କର ବିଶ୍ୱାଳ, ପିତା: ରଘୁନାଥ ବିଶ୍ୱାଳ, ଜାତି: ବେନାୟତ, ଗ୍ରାମ: ନିଜଗାଁ |
| ୧୧ | ରମ୍ଭା | ୨୨୧୧ | ୦.୧୮୧୮ | ବିଲ-ଦୋଫସଲି-II | ଭାସ୍କର ବିଶ୍ୱାଳ, ପିତା: ରଘୁନାଥ ବିଶ୍ୱାଳ, ଜାତି: ବେନାୟତ, ଗ୍ରାମ: ନିଜଗାଁ |
| ୧୨ | ରମ୍ଭା | ୨୨୧୩ | ୦.୦୨୭ | ବିଲ-ଦୋଫସଲି-II | ସୁନ୍ଦର ମଣି ବେହେରା, ସ୍ୱାମୀ: ନକୁଳ ବେହେରା, ଜାତି: କେଉଟ |
| ୧୩ | ରମ୍ଭା | ୨୨୧୨ | ୦.୧୨୪ | ବିଲ-ଦୋଫସଲି-II | ପାର୍ବତୀ ବେହେରା, ସ୍ୱାମୀ: କିଶୋର ଚନ୍ଦ୍ର ବେହେରା |
| ୧୪ | ରମ୍ଭା | ୨୨୧୪ | ୦.୧୫୮ | ବିଲ-ଦୋଫସଲି-II | ସୁନ୍ଦର ମଣି ବେହେରା, ସ୍ୱାମୀ: ନକୁଳ ବେହେରା, ଜାତି: କେଉଟ |
| ୧୫ | ରମ୍ଭା | ୨୨୧୭ | ୦.୦୯୧୪ | ବିଲ-ଦୋଫସଲି-II | ସୁନ୍ଦର ମଣି ବେହେରା, ସ୍ୱାମୀ: ନକୁଳ ବେହେରା, ଜାତି: କେଉଟ |
| ୧୬ | ରମ୍ଭା | ୩୦୩୫ | ୦.୦୪୩ | ବିଲ-ଦୋଫସଲି-I | ସୁବାସ ଚନ୍ଦ୍ର ପଣ୍ଡା, ପିତା: ଗୋବିନ୍ଦ ଚନ୍ଦ୍ର ପଣ୍ଡା |
| ୧୭ | ରମ୍ଭା | ୩୦୩୪ | ୦.୦୨୭୬ | ବିଲ-ଦୋଫସଲି-I | ସୁବାସ ଚନ୍ଦ୍ର ପଣ୍ଡା, ପିତା: ଗୋବିନ୍ଦ ଚନ୍ଦ୍ର ପଣ୍ଡା |
| ୧୮ | ରମ୍ଭା | ୩୦୩୬ | ୦.୩୬୭୮ | ବିଲ-ଦୋଫସଲି-I | ସୁବାସ ଚନ୍ଦ୍ର ପଣ୍ଡା, ପିତା: ଗୋବିନ୍ଦ ଚନ୍ଦ୍ର ପଣ୍ଡା |
| ୧୯ | ରମ୍ଭା | ୩୦୩୦ | ୦.୧୪୬୭ | ବିଲ-ଦୋଫସଲି-I | ଆଶୁତୋଷ ପଣ୍ଡା, ମୀରାବାଇ ପଣ୍ଡା, ସରିତା ପଣ୍ଡା, ସାଗରିକା ପଣ୍ଡା ପିତା: ଶରତ ଚନ୍ଦ୍ର ପଣ୍ଡା, ପ୍ରମିଳା ପଣ୍ଡା ସ୍ୱାମୀ: ଶରତ ଚନ୍ଦ୍ର ପଣ୍ଡା, ଜାତି: ବ୍ରାହ୍ମଣ, ଗ୍ରାମ: ରମ୍ଭା |
| ୨୦ | ରମ୍ଭା | ୩୦୩୧ | ୦.୦୦୧ | ବିଲ-ଦୋଫସଲି-I | ଆଶୁତୋଷ ପଣ୍ଡା, ମୀରାବାଇ ପଣ୍ଡା, ସରିତା ପଣ୍ଡା, ସାଗରିକା ପଣ୍ଡା ପିତା: ଶରତ ଚନ୍ଦ୍ର ପଣ୍ଡା, ପ୍ରମିଳା ପଣ୍ଡା ସ୍ୱାମୀ: ଶରତ ଚନ୍ଦ୍ର ପଣ୍ଡା, ଜାତି: ବ୍ରାହ୍ମଣ, ଗ୍ରାମ: ରମ୍ଭା |
| ୨୧ | ରମ୍ଭା | ୩୧୫୭ | ୦.୧୧୨ | ବିଲ-ଦୋଫସଲି-I | ଆଶୁତୋଷ ପଣ୍ଡା, ମୀରାବାଇ ପଣ୍ଡା, ସରିତା ପଣ୍ଡା, ସାଗରିକା ପଣ୍ଡା ପିତା: ଶରତ ଚନ୍ଦ୍ର ପଣ୍ଡା, ପ୍ରମିଳା ପଣ୍ଡା ସ୍ୱାମୀ: ଶରତ ଚନ୍ଦ୍ର ପଣ୍ଡା, ଜାତି: ବ୍ରାହ୍ମଣ, ଗ୍ରାମ: ରମ୍ଭା |
| ୨୨ | ରମ୍ଭା | ୩୧୫୮ | ୦.୦୨୬୧ | ବିଲ-ଦୋଫସଲି-I | ଆଶୁତୋଷ ପଣ୍ଡା, ମୀରାବାଇ ପଣ୍ଡା, ସରିତା ପଣ୍ଡା, ସାଗରିକା ପଣ୍ଡା ପିତା: ଶରତ ଚନ୍ଦ୍ର ପଣ୍ଡା, ପ୍ରମିଳା ପଣ୍ଡା ସ୍ୱାମୀ: ଶରତ ଚନ୍ଦ୍ର ପଣ୍ଡା, ଜାତି: ବ୍ରାହ୍ମଣ, ଗ୍ରାମ: ରମ୍ଭା |
| ୨୩ | ରମ୍ଭା | ୩୧୭୪ | ୦.୧୨୨ | ବିଲ-I | ଲକ୍ଷ୍ମୀ ନାରାୟଣ ପାଢ଼ୀ, ପିତା: ଗଣପତି ପାଢ଼ୀ, ଜାତି: ବ୍ରାହ୍ମଣ, ଗ୍ରାମ: ରମ୍ଭା |
| ୨୪ | ରମ୍ଭା | ୩୧୭୪/୫୧୧୮ | ୦.୦୦୫ | ଘରବାଢ଼ି | ଚିତ୍ରଦା ରାଜ ବାଇଥାରୁ, ପିତା: ଚିତ୍ରଦା ବିଶ୍ୱେଶ୍ୱର ବାଇଥାରୁ, ସୁଜ୍ଞାନୀ କୁମାରୀ ବାଇଥାରୁ, ସ୍ୱାମୀ: ଚିତ୍ରଦା ରାଜ ବାଇଥାରୁ, ଜାତି: ସୁନାରୀ, ଗ୍ରାମ: ରମ୍ଭା |
| ୨୫ | ରମ୍ଭା | ୧୫୨୨ | ୦.୦୨୮ | ବିଲ-ଦୋଫସଲି-I | ବୈଜୟନ୍ତୀ ପଣ୍ଡା, ସ୍ୱାମୀ: ବିନାୟକ ପଣ୍ଡା, ଜାତି: ବ୍ରାହ୍ମଣ, ଗ୍ରାମ: ନିଜଗାଁ ଟିକରପଡ଼ା ସାହି |
| ୨୬ | ରମ୍ଭା | ୧୫୨୨/୫୬୧୯ | ୦.୦୦୯ | ଘରବାଢ଼ି | ସୁବ୍ରତ କୁମାର ପଟ୍ଟନାୟକ, ପିତା: ଶରତ ଚନ୍ଦ୍ର ପଟ୍ଟନାୟକ, ଜାତି: କରଣ, ଗ୍ରାମ: ଗଡ଼ହୁମ୍ମା, ତହସିଲ: ଗଞ୍ଜାମ |
| ୨୭ | ରମ୍ଭା | ୧୫୨୨/୫୬୩୯ | ୦.୦୧୬ | ଘରବାଢ଼ି | ପ୍ରମୋଦ କୁମାର ମହାରଣା, ପିତା: ନିରଞ୍ଜନ ମହାରଣା, ଜାତି: ବାଢ଼େଇ, ଗ୍ରାମ: ଜାହାମୀ, ତହସିଲ: ଗଞ୍ଜାମ |
| ୨୮ | ରମ୍ଭା | ୧୫୨୨/୫୬୨୩ | ୦.୦୦୮ | ବିଲ-ଦୋଫସଲି-I | ଶମ୍ଭୁ ମହାରଣା, ପିତା: ଅଭିରାମ ମହାରଣା, ଜାତି: ବାଢ଼େଇ, ଗ୍ରାମ: ରମ୍ଭା |
| ୨୯ | ରମ୍ଭା | ୧୫୨୨/୫୬୧୮ | ୦.୦୦୮ | ବିଲ-ଦୋଫସଲି-I | ରଞ୍ଜନ କୁମାର ତରାଇ, ପିତା: ବଙ୍ଗାଳି ତରାଇ, ଜାତି: ଖଣ୍ଡାୟତ, ଗ୍ରାମ: ରମ୍ଭା (ବଡ଼ ଉପୁଲିଆ ସାହି) |
| ୩୦ | ରମ୍ଭା | ୧୫୨୨/୫୬୨୫ | ୦.୦୦୮ | ଘରବାଢ଼ି | କେ. ସୁନୀଲ କୁମାର ପାତ୍ର, ପିତା: କେ. ରଞ୍ଜନ ପାତ୍ର, ଜାତି: କୁମୁଟି, ଗ୍ରାମ: ସାବୁଲିଆ |
| ୩୧ | ରମ୍ଭା | ୧୫୨୨/୫୬୨୬ | ୦.୦୧୬ | ୧୫୨୨/୫୬୨୬ | ବାସନ୍ତୀ ସ୍ୱାଇଁ, ସ୍ୱାମୀ: ସନ୍ନ୍ୟାସୀ ସ୍ୱାଇଁ, ଜାତି: ଖଣ୍ଡାୟତ, ଗ୍ରାମ: ରମ୍ଭା |
| ୩୨ | ରମ୍ଭା | ୧୫୨୨/୫୬୪୪ | ୦.୦୦୮ | ବିଲ-ଦୋଫସଲି-I | ସୁରେନ୍ଦ୍ର ସ୍ୱାଇଁ, ପିତା: ଗୁଣ୍ଡିଚା ସ୍ୱାଇଁ, ଜାତି: ଖଣ୍ଡାୟତ, ଗ୍ରାମ: ବାହାଦୁରପେଟା, ମଙ୍ଗଳା ନଗର ୩ୟ ଲାଇନ, ତହସିଲ: କଣିଷି |
| ୩୩ | ରମ୍ଭା | ୧୫୨୨/୫୬୪୬ | ୦.୦୦୬ | ଘରବାଢ଼ି | ଅର୍ଜୁନ ପାତ୍ର, ପିତା: ଅରକ୍ଷିତ ପାତ୍ର, ଜାତି: ଖଣ୍ଡାୟତ, ଗ୍ରାମ: ରମ୍ଭା |
| ୩୪ | ରମ୍ଭା | ୧୫୨୨/୫୬୪୭ | ୦.୦୦୯ | ଘରବାଢ଼ି | ସଞ୍ଜୟ କୁମାର ବିଶ୍ୱାଳ, ପିତା: ପାବନ ବିଶ୍ୱାଳ, ଜାତି: ଖଣ୍ଡାୟତ, ଗ୍ରାମ: ରମ୍ଭା |
| ୩୫ | ରମ୍ଭା | ୧୫୨୨/୫୬୪୦/ ୫୬୬୦ | ୦.୦୦୬ | ବିଲ-ଦୋଫସଲି-I | ପୋଟନୁର ପ୍ରଭାତ କୁମାର ପୃଷ୍ଟି, ପିତା: ପୋଟନୁର ଯୁଧିଷ୍ଠିର ପୃଷ୍ଟି, ଜାତି: ବୈଶ୍ୟ, ଗ୍ରାମ: ରମ୍ଭ |
| ୩୬ | ରମ୍ଭା | ୧୫୨୨/୫୬୪୦/ ୫୬୬୩ | ୦.୦୦୪ | ବିଲ-ଦୋଫସଲି-I | ଅଶୋକ କୁମାର ପାତ୍ର, ପିତା: ଡମ୍ବରୁ ପାତ୍ର, ଜାତି: ବୈଶ୍ୟ, ଗ୍ରାମ: ସାବୁଲିଆ |
| ୩୭ | ରମ୍ଭା | ୧୫୨୨/୫୬୨୪/ ୫୬୭୩ | ୦.୦୦୬ | ବିଲ-ଦୋଫସଲି-I | ଜୁଲି ମହାରଣା, ସ୍ୱାମୀ: ଲକ୍ଷ୍ମୀ ମହାରଣା, ଜାତି: ବାଢ଼େଇ, ଗ୍ରାମ: ହରିପୁର ବୁରୁଡ଼ି, ତହସିଲ: ଗଞ୍ଜାମ |
| ୩୮ | ରମ୍ଭା | ୧୫୨୨/୫୬୨୪/ ୫୬୭୪ | ୦.୦୦୬ | ବିଲ-ଦୋଫସଲି-I | ପ୍ରଭାତୀ କୁମାରୀ ରଣା, ସ୍ୱାମୀ: ହର୍ଷ ବର୍ଦ୍ଧନ ରଣା, ଜାତି: ମାଳି, ଗ୍ରାମ: ମାଳି ଜଗନ୍ନାଥପୁର, ତହସିଲ: ଗଞ୍ଜାମ |
| ୩୯ | ରମ୍ଭା | ୧୫୨୨/୫୬୪୦ | ୦.୦୦୬ | ଘରବାଢ଼ି | ପ୍ରିୟଙ୍କା ପ୍ରଧାନ, ସ୍ୱାମୀ: ମନୋଜ କୁମାର ପ୍ରଧାନ, ଜାତି: ଖଣ୍ଡାୟତ, ଗ୍ରାମ: ରମ୍ଭା |
| ୪୦ | ରମ୍ଭା | ୧୫୨୨/୫୬୨୪ | ୦.୦୦୭ | ବିଲ-ଦୋଫସଲି-I | ଅଲି ପ୍ରଧାନ, ସ୍ୱାମୀ: ଧନୁ ପ୍ରଧାନ, ଜାତି: ଓଡ଼ିଆ, ଗ୍ରାମ: ଲଙ୍ଗଳେଶ୍ୱର |
| ୪୧ | ରମ୍ଭା | ୧୫୨୨/୫୬୧୯/ ୫୬୮ | ୦.୦୦୭ | ବିଲ-ଦୋଫସଲି-I | ବନିତା ପରିଡ଼ା, ସ୍ୱାମୀ: ଆଦିକନ୍ଦ ପରିଡ଼ା, ଜାତି: ଓଡ଼ିଆ, ଗ୍ରାମ: ସାକୁଡ଼ା, ତହସିଲ: କୋଦଳା |
| ୪୨ | ରମ୍ଭା | ୧୫୨୨/୫୬୩୯/ ୫୯୬ | ୦.୦୧୭ | ବିଲ-ଦୋଫସଲି-I | ରାଜେନ୍ଦ୍ର ପ୍ରସାଦ ସାହୁ, ପିତା: କେଞ୍ଚୁ ସାହୁ, ଜାତି: ଗୁଡ଼ିଆ, ଗ୍ରାମ: ହୁମ୍ମା, ତହସିଲ: ଗଞ୍ଜାମ |
| | ମୋଟ ଜମି ପରିମାଣ | | ୨.୧୩୬୬ | | |

**Dy.Chief Engineer/CON/RSP,**
**East Coast Railway/Bhubaneswar**
PR-298/CI/25-26

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
LADY OFFICE EXECUTIVE
FREE ACCOMMODATION
FREE FOODING
SALARY 10000
BISWAJIT INFRATECH PVT. LTD, CUTTACK
Mob: 7809525452

RDM PUBLIC SCHOOL
PATIA, BHUBANESWAR
URGENT HIRING
PGT & TGT Teacher's (All Subjects)
Must have Graduate/ Post Graduate/ CT/B.Ed.
CONTACT : 9337325035, 9668484511

ସିକ୍ୟୁରିଟି ଗାର୍ଡ ଆବଶ୍ୟକ
Required Security Guard for Bhubaneswar Accommodation and Food available.
CONTACT
8917662664

REQUIRED
Driver Required with Free accommodation and Food.
Contact:
9437107124, 9337160036

RECRUITMENT
DAV PUBLIC SCHOOL, KONARK
REQUIRED STAFF: Vice-Principal, Primary Teacher (PRT), NTT Teacher, Care Taker (Aya - Only Ladies), Peon and Security.
At: Madhipur Chhak, Konark, Puri
Mob.: 6372762032
Dt.22.03.2026 (Sunday)
Time: 10 A.M. onwards

WANTED
ଏକ ପ୍ରତିଷ୍ଠିତ ସଂସ୍ଥା ପାଇଁ କିଛି ଦକ୍ଷ Sales Staff ଏବଂ ଜଣେ ଅଭିଜ୍ଞ Accountant ଆବଶ୍ୟକ। ଯୋଗ୍ୟତା: ପଦବୀ ଅନୁସାରେ ଶିକ୍ଷାଗତ ଯୋଗ୍ୟତା ଏବଂ କାର୍ଯ୍ୟଦକ୍ଷତା ରହିବା ଜରୁରୀ। ଦରମା: ଯୋଗ୍ୟତା ଭିତ୍ତିରେ (Negotiable). ଆଗ୍ରହୀ ପ୍ରାର୍ଥୀମାନେ ନିମ୍ନଲିଖିତ ନମ୍ବରରେ ଯୋଗାଯୋଗ କରନ୍ତୁ କିମ୍ବା ନିଜର Resume ପଠାନ୍ତୁ।
MALATI TRADERS
Pithapur Road, Cuttack
M.: 9348083542, 9437274386

ଡ୍ରାଇଭର ଆବଶ୍ୟକ
Bhubaneswar ରେ Construction Company Office ରେ କାର୍ଯ୍ୟ କରିବା ପାଇଁ Driver, Accountant ଏବଂ Data Entry Operator ଆବଶ୍ୟକ। ରହିବା ଏବଂ ଖାଇବାର ସୁବିଧା ଅଛି।
— ଯୋଗାଯୋଗ —
9937499625

See Career Appointment on every Wednesday & Saturday

NCL GROUP
NAGARJUNA CEMENT
NCL Industries Limited, pioneer in manufacturing of Cement with a brand name of Nagarjuna Cement for a more than 40 years, is looking for
GENERAL MANAGER – CEMENT MARKETING
Location: Bhubaneshwar, Odisha
Qualification: Any Graduation
Experience: Minimum of 20 years in Sales & Marketing, with atleast 3 years in leadership role.
Candidates, may mail resume along with a photograph to careers@nclind.com on or before 20th March'2026.
Contact Details : Mr. Satish Kumar T, Sr. DGM-HR & Admin, Contact No. 9154203651
www.nclind.com / www.nagarjunacement.com

URGENTLY REQUIRED
We ARE ONE OF THE LEADING OUTDOOR ADVERTISING AGENCY IN ODISHA REQUIRE EXPERIENCE PERSONS AS PER THE FOLLOWINGS FOR BHUBANESWAR LOCATION, INTERESTED CANDIDATES MAY APPLY/SEND THEIR CV TO - teamadmark@gmail.com OR WHATSAPP NO. 6370948509/7205006004 MAXIMUM WITHIN 7 DAYS FROM THE DATE OF ADVERTISEMENT.
• Sr. Marketing Executive/Sales Executive – Graduate/ MBA, Minimum 5 yrs. Experience in Outdoor Advertising Industry in Achieving Monthly Sales Target or Any Other Industry with Computer Skill (Both Male and Female Candidates can apply). Own Conveyance Must. Salary 18,000-20,000 (Fuel & Mobile Cost Extra). Extra Sales Incentive will be given On Pro Rate basis on Achievement of 100% Monthly Sales Target.
• Marketing Executive – Graduate, Minimum 3 yrs. Experience outdoor Advertising industry in Achieving Monthly Sales Target with Computer Skill. (Both Male & Female Candidates can apply) Own Conveyance Must. Salary -15,000 (Fuel & Mobile Cost Extra). Extra Sales Incentive will be given on Pro rate basis on Achievement of 100% Monthly Sales Target.
• Back Office Executive – Graduate/Must Have Computer Skill (Word, Excel, PPT, Internet Etc.) Minimum 3 yrs. Experience Managing Back Office Job (Only Female Candidates.). Salary - 12,000-13,000 pm.

## ରାସ୍ତାକଡ଼ରୁ ବୋଲେରୋ ଚୋରି

ହିଞ୍ଜିଳିକାଟୁ,(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳିକାଟୁ ବଇଞ୍ଚଣିଆ ମୁଖ୍ୟ ରାସ୍ତାରେ ପାର୍କିଂ ହୋଇଥିବା ବୋଲେରୋ (ନଂ.ଓଆର୦୭ପି ୯୮୫୬) ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗାଡି ମାଲିକ ଅରବିନ୍ଦ ଜେନା ଏ ନେଇ ହିଞ୍ଜିଳି ଥାନାରେ ମଙ୍ଗଳବାର ଅଭିଯୋଗ କରିଛନ୍ତି। ପୋଲିସ ଉକ୍ତ ଅଞ୍ଚଳରେ ଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ୩ ଜଣ ବ୍ୟକ୍ତି ପାର୍କିଂ ହୋଇଥିବା ଗାଡି ନିକଟରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।

## ସଂକ୍ଷେପରେ

### ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ

ଛତ୍ରପୁର,୧୦।୩(ଦିଲୀପ ସାମଲ)

ଛତ୍ରପୁର ବ୍ଲକ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଚପିଭି ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଏସ. ସାରଦା ରେଡ୍ଡୀ, ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ ଶତ୍ରୁଘ୍ନ ସ୍ୱାଇଁ, ଛତ୍ରପୁର ଏବିଡ଼ିଓ ସୁଧାଂଶୁ ଶେଖର ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ୧୪ ବର୍ଷରୁ ଊର୍ଦ୍ଧ୍ୱ ବାଳିକାମାନଙ୍କ କର୍କଟ ଜନିତ ରୋଗରୁ ରକ୍ଷା ପାଇଁ ଏହି ଟିକାକରଣ ହୋଇଥିଲା । ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ସ୍ୱାଧୀନ ରଥଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଅନୁଶ୍ରୀୟା ବିଶ୍ୱାଳଙ୍କୁ ତୁରନ୍ତ ଶିଶୁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

### ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆର୍.ଉଦୟଗିରି,୧୦।୩
(ମନୋଜ କୁମାର ପାଢୀ)

ଗଜପତି ଜିଲ୍ଲା ଆର୍.ଉଦୟଗିରି ବ୍ଲକସ୍ଥିତ ଏକ କଲ୍ୟାଣ ମଣ୍ଡପରେ ମଙ୍ଗଳବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ୨୮୬ ଜଣ ହିତାଧିକାରୀ ନାମ ପଞ୍ଜୀକରଣ କରିଥିଲେ। ବିଶେଷଜ୍ଞ ଡାକ୍ତରମାନଙ୍କ ଦ୍ୱାରା ୨୦୮ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟାନ୍ୟ ସହାୟକ ଉପକରଣ ମଧ୍ୟ ସେମାନଙ୍କୁ ବଣ୍ଟନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଉର୍ଚ୍ଛିଗିତା ବଡ଼ରଇତ, ସିଡିଏମ୍‌ଓ ଶାନ୍ତନୁ ପାଢ଼ୀ, ଆର୍.ଉଦୟଗିରି ବିଡିଓ ଲରିମନ ଖରସେଲ, ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ଶବର, ଏମ୍‌ଓ ନିବେଦିତା ପଣ୍ଡା, ସିଡିପିଓ ଲଲିତା ପୂଜାରୀ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣଙ୍କୁ ବିବାହ ପାଇଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଆର୍.ଉଦୟଗିରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରୁଣ ଉଦୟଭାନୁଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରକୁ କର୍ମଚାରୀମାନେ ପରିଚାଳନା କରିଥିଲେ।

# ଦାରିଙ୍ଗବାଡ଼ିରେ ଫେଲ୍ ମାରୁଛି ବାଲ୍ୟ ବିବାହ ଆଇନ

## ନାବାଳିକା ଗର୍ଭବତୀ ନେଇ ଥାନାରେ ଅଭିଯୋଗ

ଦାରିଙ୍ଗବାଡି,୧୦।୩ (ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ୍ ଦୁର୍ଗମ ପଞ୍ଚାୟତ ସିର୍କାବର୍ଗ ଅଞ୍ଚଳରେ ଜଣେ ନାବାଳିକା ବିବାହ କରି ଗର୍ଭବତୀ ହେବା ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପଞ୍ଚାୟତର ପିଇଓ ରୋଶନ କୁମାର ରଥ ଦାରିଙ୍ଗବାଡ଼ି ଥାନାରେ କରିଛନ୍ତି। ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଅଭିଯୋଗ କରିବାକୁ ପରାମର୍ଶ ଦିଆହଇଥିଲା କିନ୍ତୁ ଏହା ନ ହେବାରୁ ପଞ୍ଚାୟତ ପିଇଓ ଥାନାରେ ଅଭିଯୋଗ କରିଛନ୍ତି। ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଏକ ଦୁର୍ଗମ ପଞ୍ଚାୟତର ଜଣେ ନାବାଳିକାଙ୍କୁ ଯେତେବେଳେ ୧୬ବର୍ଷ ବୟସ ହୋଇଥିଲା ସେହି ସମୟରେ ତାଙ୍କ ପରିବାର ପକ୍ଷରୁ ବିବାହ କରି ଦିଆଯାଇଥିଲା। ତେବେ ବାହାଘରଟି ଲୁଚା ଛପାରେ ହୋଇଥିବାରୁ ଏହା ଜଣାପଡିଲା ନାହିଁ ବୋଲି ଦାରିଙ୍ଗବାଡି ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା କହିଛନ୍ତି। ଏବେ ସେ ନାବାଳିକା ଗର୍ଭବତୀ ରହିଥିବା ବେଳେ ସ୍ୱାସ୍ଥ୍ୟପରୀକ୍ଷା କରିବା ସମୟରେ ତାଙ୍କ ବୟସ ୧୭ ବର୍ଷ ବୋଲି ଜଣା ପଡ଼ିଛି। ତେବେ ନାବାଳିକାଙ୍କୁ ବିବାହ ଦେବା ସମୟରେ ଏହି ଦାୟିତ୍ୱରେ ଥିବା କୌଣସି ଅଧିକାରୀ କିଭଳି ଜାଣି ପାରିଲେ ନାହିଁ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ବାଲ୍ୟ ବିବାହ ରୋକିବା ପାଇଁ ବ୍ଲକ୍ ଅଞ୍ଚଳରେ ସରକାରୀ ଓ ବେସରକାରୀ କର୍ମଚାରୀଙ୍କୁ ନେଇ ଏକ ଟାସ୍କ ଫୋର୍ସ କମିଟି ହୋଇଛି। କିନ୍ତୁ ବାଲ୍ୟ ବିବାହ ରୋକିବା ଦିଗରେ ଟାସ୍କଫୋର୍ସ ଫେଲ ମାରିଛି। ଏନେଇ ଟାସ୍କଫୋର୍ସର ଆବାହକ ସଂନ୍ଧ୍ୟାରାଣୀ ପଣ୍ଡା କହିଛନ୍ତି ଯେ, ଅଞ୍ଚଳରେ ବ୍ୟାପକ ସଚେତନ କରାଯାଉଛି। ବାଲ୍ୟ ବିବାହ ଏକ ଅପରାଧ ବୋଲି ଜାଣି ସେମାନେ କୌଣସି ଆଡମ୍ବରରେ ବିବାହ କରାଉନାହାନ୍ତି। ବିବାହ ସାରିଦେଇ କାମଧନ୍ଦା ପାଇଁ ରାଜ୍ୟ ବାହାରକୁ ଚାଲିଯାଉଛନ୍ତି । ନାବାଳିକା ଗର୍ଭବତୀ ହୋଇ ଘରକୁ ଆସିଲେ ଧାରପଡୁଛନ୍ତି। ଏବେ ଏହି ମାମଲାରେ ପୋଲିସ ପକ୍ସୋ ଆଇନରେ ଦୃଢ଼ ପଦକ୍ଷେପ ନେବ ଏବଂ ନାବାଳିକାଙ୍କୁ ସରକାରଙ୍କ ନିୟମ ଅନୁସାରେ ଦାୟିତ୍ୱ ନିଆଯିବ ବୋଲି କହିଛନ୍ତି।

# ତୃଣମୂଳସ୍ତରରେ ଲୋକଙ୍କ ସ୍ୱାର୍ଥ ପାଇଁ ଲଢ଼ିବାକୁ ଆହ୍ୱାନ




## ରାଇକିଆରେ ବିଜେଡିର କର୍ମୀ ସମ୍ମିଳନୀ

ରାଇକିଆ/ଜି.ଉଦୟଗିରି,୧୦।୩
(ପ୍ରଦୀପ କୁମାର ବେହେରା/ଚିନ୍ମୟ ସେଠୀ)

ରାଇକିଆ ବ୍ଲକ୍ ବିଜେଡି ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବିଷ୍ଣୁପ୍ରିୟା ବେହେରା, ଜିଲ୍ଲା ମହିଳା ସଭାନେତ୍ରୀ ପୁନମ କହଁରଙ୍କ ସମେତ ଜିଲ୍ଲାସ୍ତରୀୟ ଏବଂ ଜି.ଉଦୟଗିରି, ରାଇକିଆ ବ୍ଲକ୍‌ର ନେତୃବୃନ୍ଦ ଓ କର୍ମୀମାନେ ଯୋଗ ଦେଇଥିଲେ। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ହୃଦୟରେ ରହିଛନ୍ତି। ଦଳ ପାଇଁ ନିଃସ୍ୱାର୍ଥପର ଭାବେ କାମ କଲେ ସମସ୍ତଙ୍କୁ ନେଇ ଦଳ ଆଗକୁ ବଢ଼ିବା ସହ ପୁଣି ଥରେ ସରକାରକୁ ଆସିବ ବୋଲି ଅତିଥିମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ବର୍ତ୍ତମାନର ସରକାର କେବଳ ମିଛ ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଭୁଆଁ ବୁଲେଇବା ସହ ରଙ୍ଗ ମାରିବାରେ ବ୍ୟସ୍ତ। ଏ ସରକାର ଜନହିତକର ଯୋଜନା କାର୍ଯ୍ୟକାରୀ କରିବାରେ ଅସମର୍ଥ ବୋଲି ଭାଜପା ସରକାରଙ୍କ ବିଫଳତାକୁ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ଦର୍ଶାଇ ସମାଲୋଚନା କରିଥିଲେ। ଆଗକୁ ଜନସାଧାରଣଙ୍କ ନିକଟରେ ପହଞ୍ଚିବା ସହ ସଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ତୃଣମୂଳସ୍ତରରେ ଲଢ଼େଇ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଜୟାନନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାଇକ୍ ଦୁର୍ଘଟଣାରେ ୩ ଗୁରୁତର

ଖଜୁରିପଡ଼ା, ୧୦।୩ ( ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ବାଉଁଶୁଣି ପୋଲରେ ମଙ୍ଗଳବାର ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଗୁରୁତର ୩ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଲାଇନ୍‌ପଡ଼ା ହାଟପଦା ସାହିର ଅମିତ୍ ନାୟକ, ସୀମାଞ୍ଚଳ ନାୟକ ଏବଂ ଝଗଡ଼ପଟା ଗ୍ରାମର ପ୍ରମୋଦ ବେହେରା। ଏହି ୩ ଜଣ ଏକ ବାଇକ୍ (ଓଡ଼ି ୧୨ ଡି ୦୧୯୯)ରେ ଖଜୁରିପଡ଼ାରୁ ଲାଇନପଡା ଯାଉଥିବା ବେଳେ ବାଉଁଶୁଣି ପୋଲରେ ଭାରସାମ୍ୟ ହରାଇ ଅଟୋ ପଛରେ ପିଟି ହୋଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଦମକଳ ବାହୀନି ପହଞ୍ଚି ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି।

## ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ

ଭଞ୍ଜନଗର,୧୦।୩
(ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ୨ଦିନ ଧରି ଚାଲିଥିବା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅଧକ୍ଷ ଡକ୍ଟର ଦିଲ୍ଲୀପ କୁମାର ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଏହି ପ୍ରଦର୍ଶନୀ ହୋଇଥିଲା। ମହାବିଦ୍ୟାଳୟର ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରୀ ଛାତ୍ରମାନଙ୍କ ଦ୍ୱାରା ପ୍ରସ୍ତୁତ ବିଷୟଭିତ୍ତିକ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଭଞ୍ଜନଗରର ୪ଟି ସରକାରୀ ଉଚ୍ଚବିଦ୍ୟାଳୟର ୪ ଜଣ ଶିକ୍ଷକ ବିଚାରକ ଭାବେ ଯୋଗଦେଇ ଶିକ୍ଷଣ ସାମଗ୍ରୀ ଗୁଡ଼ିକୁ ମୂଲ୍ୟାୟନ କରିଥିଲେ। ସେହିପରି ପ୍ରଥମ ବର୍ଷ ବି.ଏଡ ର ଛାତ୍ରୀ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଶୈକ୍ଷିକ ଦାୟିତ୍ୱରେ ଥିବା ସହକାରୀ ପ୍ରଫେସର ପ୍ରକାଶ କୁମାର ସାହୁ ଏବଂ ଶ୍ରୀହର୍ଷ ବାଲା ପରିଚାଳନା କରିଥିଲେ। ପ୍ରଦର୍ଶନୀକୁ ସ୍ଥାନୀୟ ସରକାରୀ ସୋମନାଥ ଅଭ୍ୟାସ ଉଚ୍ଚବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ପରିଦର୍ଶନ କରି ଶୈକ୍ଷିକ ମାର୍ଗଦର୍ଶନ ଲାଭ କରିଥିଲେ ।

## ଗାଁକୁ ରାସ୍ତା ନାହିଁ, ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ପାରଳାଖେମୁଣ୍ଡି,୧୦।୩
(ଗିରିଧାରୀ ପରିଚ୍ଛା )

ଗଜପତି ଜିଲ୍ଲା କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତ ଅନ୍ତର୍ଗତ ମିନିଗାଁଗୁଡା ଗାଁକୁ ରାସ୍ତା ନାହିଁ। ଫଳରେ ଗ୍ରାମବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଆନ୍ଦୋଳନ ଏବଂ ଅଭିଯୋଗ ପରେ ମଧ୍ୟ ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇନି ପ୍ରଶାସନ। ଏହାର ପ୍ରତିବାଦରେ ମଙ୍ଗଳବାର ଅଖିଳ ଭାରତ କିଶାନ ମଜଦୁର ସଭା ଜିଲ୍ଲା କମିଟି ମାଧ୍ୟମରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହନନଗାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ନ ଦିଏ ତେବେ ପୁଣି ଥରେ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ୬୦ରୁ ଊର୍ଦ୍ଧ୍ୱ ପରିବାରର ବସବାସ କରୁଥିବା ଏହି ଗାଁରେ ଜନସଂଖ୍ୟା ରହିଛି ୫୦୦ରୁ ଅଧିକ। ଗ୍ରାମଠାରୁ ମୁଖ୍ୟ ସଡ଼କକୁ ମାତ୍ର ୨ କି.ମି. ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଗ୍ରାମବାସୀଙ୍କୁ ଯାତାୟାତରେ ବହୁ ସମସ୍ୟା ଭୋଗିବାକୁ ପଡୁଛି। ଏହି ସମସ୍ୟା ନେଇ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଗ୍ରାମବାସୀ ଜଣାଇବା ସହ ଆନ୍ଦୋଳନ କରିଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇପାରିନାହିଁ। ଜିଲ୍ଲା ସଦରଠାରୁ ମାତ୍ର ୧୦ କି.ମି. ଦୂରରେ ଥିବା ଏହି ଗାଁ ପ୍ରତି ପ୍ରଶାସନର ଅଣଦେଖା ଦୀପ ତଳ ଅନ୍ଧାର ସଦୃଶ୍ୟ ବୋଲି ଗ୍ରାମବାସୀ କହିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଅଖିଳ ଭାରତ କିଶାନ ମଜଦୁର ସଭାର କେଦାର ଶବର, କେ.ସୀତାପୁର ସରପଞ୍ଚ କେ.ତେଜେଶ୍ୱର ରାଓ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## କାଜୁଗଛ କାଟି ନେବା, ଆକ୍ରମଣ କରିବା ନେଇ ଏତଲା

ମୋହନା,୧୦।୩(ମନ୍ମଥ ମିଶ୍ର)

ମୋହନା ଥାନା ଅନ୍ତର୍ଗତ କରଚବାଡ଼ି ପଞ୍ଚାୟତ ଅଧୀନ ଚିହ୍ନୁରିପଦର ଗ୍ରାମର କୁନ୍ତଳା ମଲିକ(୪୧) ନିଜ ପଟ୍ଟାଜାଗାରେ ଲଗାଇଥିବା କାଜୁଗଛ କାଟିନେବା ନେଇ ମୋହନା ଥାନା, ତହସିଲ ଓ ବନବିଭାଗ କର୍ମଚାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେ ଦୀର୍ଘବର୍ଷ ହେଲା ନିଜ ଜାଗାରେ ଏହି କାଜୁଗଛଗୁଡ଼ିକୁ ଲଗାଇ ସେଥିରୁ ଅର୍ଥ ଉପାର୍ଜନ କରି ଚଳୁଥିଲେ। ଗତମାସ ଶେଷ ସପ୍ତାହରେ କିଛିକିଛି କାଜୁଗଛ ସବୁଦିନ କାଟି ନେଇ ଏପରି ୫୧ଟି କାଜୁଗଛ କେହି କାଟି ନେଇଥିବା କୁନ୍ତଳା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। କୁନ୍ତଳାଙ୍କ ସ୍ୱାମୀ ସ୍ୱର୍ଗତ ପଟାଙ୍ଗ ମଲିକଙ୍କ ନାମରେ ରହିଥିବା ପ୍ଲଟ ନଂ. ୨୨୧, ୨୨୨,୨୨୩, ୨୨୪ ଓ ଏମସି ନମ୍ବର ୧୬୪,୧୬୫,୧୬୮,୧୬୯/୯ ୩ରେ ସେ କାଜୁଗଛ ଲଗାଇଥିଲେ। ଉକ୍ତ ଜାଗାକୁ ନିଜ ଅକ୍ତିଆରକୁ ନେବାକୁ ବୁଡ୍ରିଙ୍ଗ ଗ୍ରାମର ଉପରସାହି ଓ ତଳସାହିର କେତେଜଣ ବ୍ୟକ୍ତି ମସୁଧା କରି ଆସୁଥିଲେ। ଏଥିପାଇଁ ସେମାନେ କୁନ୍ତଳାଙ୍କୁ ହଇରାଣ କରିବା ସହ ତାଙ୍କସହ ଗଣ୍ଡଗୋଳ କରୁଛନ୍ତି ବୋଲି କୁନ୍ତଳା କହିଛନ୍ତି। ତାଙ୍କୁ ଗାଳିଗୁଲଜ କରିବା ସହ ଝିଅକୁ ଅପହରଣ କରିନେବା ଓ ଜୀବନରେ ମାରିଦେବାକୁ ସେମାନେ ଧମକ ଦେଉଥିବା କୁନ୍ତଳା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ବିବାଦର ବୁଝାମଣା ପାଇଁ ଗ୍ରାମରେ ଗତ ୩ ତାରିଖରେ ଏକ ବୈଠକ ବସିଥିଲା। କରଚବାଡ଼ି ସରପଞ୍ଚ ଚାନ୍ଦିନୀ ମଲିକ, ସମିତିସଭ୍ୟ ଚୁନା ମଲିକ ଓ ଅଡ଼ବା ବନପାଳ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ମାତ୍ର ବୈଠକରେ କିଛି ସମାଧାନ ହୋଇପାରି ନ ଥିଲା। କୁନ୍ତଳାଙ୍କ ଦିଅର ମିଶ୍ର ମଲିକ ଓ ଜେନିସ ମଲିକଙ୍କୁ କେତେ ଜଣବ୍ୟକ୍ତି ମାରପିଟ କରିଥିଲେ। ଶେଷରେ କୁନ୍ତଳା ଥାନା, ତହସିଲ ଓ ବନବିଭାଗ ଅଧିକାରୀଙ୍କୁ ଜଣାଇ ନ୍ୟାୟ ଦାବି କରିଛନ୍ତି। ଏ ସଂପର୍କରେ ମୋହନା ଥାନା ଅଧିକାରୀଙ୍କୁ ପଚାରିବାରୁ ଅଭିଯୋଗକାରୀଙ୍କ ସମସ୍ୟା ଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଘୋଷଣା

**File No.5514/2025** **Date:07.11.2025**

**No.24001/72/2526:** ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act.2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା-**ଗିରିଗାଁ**, ଥାନା-**ଜୟପୁର**, ନଂ-୪୭, **ଜିଲ୍ଲା- କୋରାପୁଟରେ** ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ,୨୦୧୩ (RFCTLAR & R Act.2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୪୭୨/୨୨, ତା.୧୮.୦୬.୨୦୨୨ରିଖରେ ପ୍ରକାଶିତ ହୋଇଅଛି । ଏହାର ବୈଧତା ରାଜସ୍ୱ ଓ ପ୍ରଶମନ ବିଭାଗ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା 27821 ତା. 28.07.2025 ରିଖ ଅନୁଯାୟୀ ୩୧.୧୨.୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା-**ଗିରିଗାଁ**, ଥାନା-**ଜୟପୁର**, ନଂ.୪୭, ତହସିଲ-ଜୟପୁର, **ଜିଲ୍ଲା- କୋରାପୁଟର** ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ, ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଏହା ମଧ୍ୟ ଜିଲ୍ଲା ୱେବସାଇଟ https://koraput.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଅଛି ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଗିରିଗାଁ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | | | | ୩୭.୪୧୪ | ଏଥି ସହିତ ସଂଲଗ୍ନ କରାଗଲା |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା-କୋରାପୁଟ ତହସିଲ-ଜୟପୁର

| ଗ୍ରାମର ନାମ | ଗ୍ରାମାଞ୍ଚଳ /ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୩୧.୧୨.୨୦୨୫

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./-ଜିଲ୍ଲାପାଳ, କୋରାପୁଟ**
**Sd./- Collector &**
**District Magistrate, Koraput**

## ଭୂମି ଅନୁସୂଚୀ
### ମୌଜା:ଗିରିଗାଁ, ଥାନା-ଜୟପୁର,ତହସିଲ:ଜୟପୁର, ଜିଲ୍ଲା:କୋରାପୁଟ
### ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୫୬ | ରୟତି | ୨୦/୧ | ୩.୬୫୦ | ୧.୭୯୯ | ଧାନ-୧ | ନାରାୟଣ ବେହେରା, ପି-କେଶବ ବେହେରା, ଜା-କୁଡୁମ, ବା-ଫାମ୍ପୁଣି |
| ୧୫୩/୨୨୩ | ରୟତି | ୨୧/୮୦୯ | ୪.୦୦୦ | ୦.୭୧୬ | ଧାନ-୧ | ସୁଦାମା ମଲ୍ଲିକ, ସ୍ୱା-ଶବର ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ସୁମନ ମଲ୍ଲିକ, ପି-ଶରଦ ମଲ୍ଲିକ, ଜା-କୁଡୁମ, ବା-ଜୟପୁର |
| ୫୮ | ରୟତି | ୨୨ | ୧.୭୪୦ | ୦.୧୦୦ | ଧାନ-୧ | ନିତ୍ୟା ଗଉଡ, ପି-ଲବ ଗଉଡ |
| ୧୫୩/୬୦ | ରୟତି | ୨୨/୬୨୮ | ୦.୧୦୦ | ୦.୧୦୦ | ଧାନ-୧ | ଭଗବାନ ବେହେରା, ପି-ରାମ ବେହେରା,ଜା-କୁଡୁମ,ବା-ଫାମ୍ପୁଣି |
| ୧୫୩/୧୮୯ | ରୟତି | ୨୨/୬୨୮/୭୫୭ | ୦.୩୦୦ | ୦.୩୦୦ | ଧାନ-୧ | ସରୋଜ କୁମାର ପଣ୍ଡା, ଦିଲ୍ଲିପ କୁମାର ପଣ୍ଡା, ବିନୋଦ କୁମାର ପଣ୍ଡା, ଆନନ୍ଦ କୁମାର ପଣ୍ଡା,ପି-ସଦାଶିବ ପଣ୍ଡା, ଜା-ବ୍ରାହ୍ମଣ, ବା-ବାର୍ଲାହାଣ୍ଡି |
| ୧୫୩/୧୮୯ | ରୟତି | ୨୨/୬୨୮/୭୫୮ | ୨.୧୦୦ | ୦.୦୮୦ | ଧାନ-୧ | ସରୋଜ କୁମାର ପଣ୍ଡା, ଦିଲ୍ଲିପ କୁମାର ପଣ୍ଡା, ବିନୋଦ କୁମାର ପଣ୍ଡା, ଆନନ୍ଦ କୁମାର ପଣ୍ଡା,ପି-ସଦାଶିବ ପଣ୍ଡା, ଜା-ବ୍ରାହ୍ମଣ, ବା-ବାର୍ଲାହାଣ୍ଡି |
| ୪୫ | ରୟତି | ୨୫ | ୧.୪୯୦ | ୦.୪୩୦ | ଧାନ-୧ | ନରସିଂହ ପଣ୍ଡା,ପି-ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଜା-ବ୍ରାହ୍ମଣ, ବାର୍ଲାହାଣ୍ଡି |
| ୧୫୩/୧୫ | ରୟତି | ୨୫/୫୯୭ | ୩.୭୦୦ | ୦.୪୪୦ | ଧାନ-୧ | ଗୌରୀ ଶଙ୍କର ସାହୁ, ସ୍ୱା-ଲକ୍ଷ୍ମୀନାରାୟଣ ସାହୁ, ଜା-ବ୍ରାହ୍ମଣ, ବା-ଏମ ଜି ରୋଡ, ଜୟପୁର |
| ୧୫୩/୧୨୮ | ରୟତି | ୨୮ | ୨.୮୦୦ | ୦.୪୩୬ | ଧାନ-୧ | ରାମଚନ୍ଦ୍ର ଗଉଡ, ପି-ଆପୁଡୁ ଗଉଡ |
| ୧୫୩/୧୭୧ | ରୟତି | ୩୬ | ୧.୭୭୦ | ୦.୧୬୭ | ଧାନ-୧ | ମକର ଧ୍ୱଜ ବାଗବରିଆ, ପି-କୃତିବାସ ବାଗଦରିଆ, ଜା-ଭୂମିଆ, ବା-ଗିରିଗାଁ |
| ୧୫୩/୧୭୧ | ରୟତି | ୩୭ | ୦.୨୭୦ | ୦.୨୪୯ | ଧାନ-୨ | ମକର ଧ୍ୱଜ ବାଗବରିଆ, ପି-କୃତିବାସ ବାଗଦରିଆ, ଜା-ଭୂମିଆ, ବା-ଗିରିଗାଁ |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୫୩/୨୧ | ରୟତି | ୩୮ | ୦.୨୧୦ | ୦.୨୧୦ | ଧାନ-୨ | କୃତିବାସ ବାଗଦରିଆ, ପି-ଲକ୍ଷ୍ମଣ ବାଗଦରିଆ |
| ୪ | ରୟତି | ୪୦ | ୧.୮୮୦ | ୦.୦୬୩ | ଧାନ-୧ | ଆପୁଡୁ ଗୌଡ, ଗୋବିନ୍ଦ ଗୌଡ,ଜା-ଗୌଡ, ବା-ନିଜଗାଁ |
| ୪ | ରୟତି | ୪୧ | ୦.୨୨୦ | ୦.୨୨୦ | ଧାନ-୨ | ରଘୁନାଥ ଗୌଡ, ସିମାଦ୍ରୀ ଗୌଡ, ପି-ଆପୁଡୁ ଗୌଡ, ମୁକ୍ତା ଗୌଡ, ସ୍ୱା-ସତ୍ୟବାଦୀ ଗୌଡ, ପଦ୍ମନ ଗୌଡ, ଦାମ ଗୌଡ, ସଦା ଗୌଡ, ସଜେଶ୍ୱର ଗୌଡ, ପି-ସତ୍ୟବାଦୀ ଗୌଡ, ତ୍ରିପତି ଗୌଡ, ପି-ବାଲ୍ୟ ଗୌଡ, ଜା-ଗୌଡ,,ବା-ନିଜଗାଁ |
| ୨୨ | ରୟତି | ୪୨ | ୦.୩୪୦ | ୦.୩୩୪ | ଧାନ-୨ | ସଂଯୁକ୍ତା ପଣ୍ଡା, ସ୍ୱା-ଗୋପିନାଥ ପଣ୍ଡା,ଜା-ବ୍ରାହ୍ମଣ, ବା-ଜଲାପୁଟ |
| ୨୨ | ରୟତି | ୪୩ | ୨.୨୧୦ | ୦.୦୫୮ | ଧାନ-୧ | ସଂଯୁକ୍ତା ପଣ୍ଡା, ସ୍ୱା-ଗୋପିନାଥ ପଣ୍ଡା, ଜା-ବ୍ରାହ୍ମଣ, ବା-ଜଲାପୁଟ |
| ୧୫୩/୪ | ରୟତି | ୪୪/୫୮୩ | ୦.୧୭୦ | ୦.୦୧୭ | ଧାନ-୧ | କାଶିନାଥ ଗୌଡ,ପି-ଶୁକୁଟା ଗୌଡ,ଜା-ଗୌଡ, ବା-ନିଜଗାଁ |
| ୧୨୦/ଖ | ରୟତି | ୪୮ | ୦.୪୮୦ | ୦.୦୨୭ | ଧାନ-୨ | ବ୍ରଜ ଗଉଡ, ପି-ଗାଣ୍ଠୁ ଗଉଡ, ଜା-ଗୌଡ, ବା-ଗୌଡସାହି |
| ୫୦ | ରୟତି | ୪୯ | ୭.୪୧୦ | ୦.୦୦୬ | ଧାନ-୧ | ନରସିଂହ ଗଉଡ, ପି-ଅଗାଧୁ ଗଉଡ,ଜା-ଗୌଡ, ବା-ଗୌଡସାହି |
| ୧୫୩/୩୧୭ | ରୟତି | ୫୨ | ୦.୪୦୦ | ୦.୦୪୫ | ଧାନ-୨ | ରତ୍ନମଣୀ ଗଉଡ, ସ୍ୱା-ଭ୍ରମର ଗଉଡ,ଜା-ଗୌଡ, ବା-ଘିଉରୀ |
| ୧୧ | ରୟତି | ୫୩ | ୦.୩୬୦ | ୦.୦୦୪ | ଧାନ-୨ | କେତନ ଗୌଡ, ନନ୍ଦ ଗୌଡ, ବିଶ୍ୱନାଥ ଗୌଡ, ପି-ଲୋକନାଥ ଗଉଡ, ଜା-ଗୌଡ, ବା-ନିଜଗାଁ |
| ୧୪୯ | ରୟତି | ୬୭ | ୨.୧୫୦ | ୧.୮୬୫ | ଡଙ୍ଗର-୨ | ହରି ଗଉଡ, ପି-କାର୍ତିକ ଗଉଡ,ଜା-ଗଉଡ, ବା-ନିଜଗାଁ |
| ୧୫୩/୩୧୭ | ରୟତି | ୬୭/୯୬୮ | ୦..୫୩୦ | ୦.୫୩୦ | ଡଙ୍ଗର-୨ | ରତ୍ନମଣୀ ଗଉଡ, ସ୍ୱା-ଭ୍ରମର ଗଉଡ,ଜା-ଗୌଡ, ବା-ଘିଉରୀ |
| ୧୨ | ରୟତି | ୬୮ | ୩.୭୬୦ | ୦.୩୧୫ | ଡଙ୍ଗର-୨ | କେତନ ଗୌଡ, ନନ୍ଦ ଗୌଡ, ବିଶ୍ୱନାଥ ଗୌଡ, ପି-ଲୋକନାଥ ଗୌଡ, ଜା-ଗୌଡ, ବା-ନିଜଗାଁ |
| ୧୧୫ | ରୟତି | ୮୪ | ୧.୫୦୦ | ୧.୫୦୦ | ଧାନ-୨ | ରଘୁନାଥ ବିଷୋଇ, ପି-ହେମଧର ବିଷୋଇ, ଜା-ଶୁଣ୍ଡି,ବା-ନିଜଗାଁ |
| ୧୫୩/୧୦୯ | ରୟତି | ୮୪/୬୬୩ | ୦.୫୦୦ | ୦.୩୩୦ | ଧାନ-୨ | କୃଷ୍ଣ ଗଉଡ, ପି-ଚନ୍ଦ୍ରଶେଖର ଗଉଡ,ଜା-ଗଉଡ, ବା-ଗିରିଗାଁ |
| ୧୫୩/୪୪୫ | ରୟତି | ୮୪/୧୦୧୪ | ୦.୧୫୦ | ୦.୧୨୦ | ଧାନ-୨ | କୃଷ୍ଣ ଗଉଡ, ପି-ଚନ୍ଦ୍ରଶେଖର ଗଉଡ,ଜା-ଗଉଡ, ବା-ଗିରିଗାଁ |
| ୧୫୩/୪୪୫ | ରୟତି | ୮୪/୧୦୧୬ | ୦.୫୦୦ | ୦.୩୨୮ | ଧାନ-୨ | କୃଷ୍ଣ ଗଉଡ, ପି-ଚନ୍ଦ୍ରଶେଖର ଗଉଡ,ଜା-ଗଉଡ, ବା-ଗିରିଗାଁ |
| ୯୩ | ରୟତି | ୮୫ | ୮.୧୯୦ | ୦.୧୫୯ | ଧାନ-୨ | ରାଧାକୃଷ୍ଣ ଗଉଡ,ମାର୍କଣ୍ଡ ଗଉଡ,ପି-ଭିମ ଗଉଡ,ଜା-ଗୌଡ,ବା-ନିଜଗାଁ |
| ୧୫୩/୫୧ | ରୟତି | ୧୦୩ | ୨.୨୦୦ | ୦.୨୬୫ | ଡଙ୍ଗର-୧ | ଲେଲି ହରିଜନ, ଗୋଇ ହରିଜନ, ପି-ବନୁ ହରିଜନ, ସୁନାଦେଇ ହରିଜନ, ସ୍ୱା-ବନୁ ହରିଜନ |
| ୫୧ | ରୟତି | ୧୦୪ | ୧.୧୧୦ | ୦.୨୮୨ | ଆମ୍ବତୋଟା | ନରସିଂହ ଗଉଡ,ପି-ଅଗାଧୁ ଗଉଡ,ଜା-ଗୌଡ, ବା-ନିଜଗାଁ |
| ୧୫୩/୧୭୯ | ରୟତି | ୧୦୫/୭୪୭ | ୦.୫୩୦ | ୦.୧୯୫ | ଧାନ-୨ | ପ୍ରଭାକର ଗୌଡ, ପି-ନନ୍ଦ ଗୌଡ, ଜା-ଗୌଡ, ବା-ନିଜଗାଁ |
| ୧୧୫ | ରୟତି | ୧୦୭ | ୧.୩୫୦ | ୦.୪୧୦ | ଧାନ-୧ | କୃଷ୍ଣ ଗଉଡ, ପି-ଚନ୍ଦ୍ରଶେଖର ଗଉଡ,ଜା-ଗଉଡ, ବା-ଗିରିଗାଁ |
| ୫୦ | ରୟତି | ୧୦୯ | ୨.୮୭୦ | ୦.୨୦୧ | ଧାନ-୧ | ନରସିଂହ ଗଉଡ,ପି-ଅଗାଧୁ ଗଉଡ,ଜା-ଗୌଡ, ବା-ନିଜଗାଁ |
| ୧୫୩/୧୭୯ | ରୟତି | ୧୦୯/୭୪୮ | ୦.୪୭୦ | ୦.୪୫୦ | ଧାନ-୧ | ପ୍ରଭାକର ଗୌଡ, ପି-ନନ୍ଦ ଗୌଡ, ଜା-ଗୌଡ, ବା-ନିଜଗାଁ |
| ୧୫୩/୨୧୦ | ରୟତି | ୧୦୯/୭୯୬ | ୧.୧୪୦ | ୦.୮୦୦ | ଧାନ-୧ | ରତ୍ନମଣୀ ଗଉଡ, ସ୍ୱା-ଭ୍ରମର ଗଉଡ,ଜା-ଗୌଡ, ବା-ଘିଉରୀ |
| ୧୫୩/୧୧୩ | ରୟତି | ୨୮୮/୬୩୦ | ୭.୦୫୦ | ୧.୯୬୨ | ଧାନ-୩ | ଗୁପ୍ତ ଗଉଡ, ପି-ନୀଳକଣ୍ଠ ଗଉଡ,ଜା-ଗୌଡ, ବା-ନିଜଗାଁ |
| ୮୦ | ରୟତି | ୨୮୯ | ୫.୫୩୦ | ୨.୦୪୭ | ଡଙ୍ଗର-୧ | ବୁରୁନ୍ଦା ଗଉଡ, ପି-ଦାମ ଗଉଡ, ଜା-ଗଉଡ, ବା-ନିଜଗାଁ |
| ୧୫୩/୧୭୪ | ରୟତି | ୩୦୨/୭୪୧ | ୨.୪୪୦ | ୦.୦୦୬ | ଧାନ-୩ | ସୁଦାମ ଗୌଡ, ପି-ବୁଟୁ ଗୌଡ, ଜା-ଗଉଡ, ବା-ଗିରିଗାଁ |
| ୧୧୮/ଖ | ରୟତି | ୩୦୩ | ୩.୭୧୦ | ୦.୬୯୧ | ଧାନ-୨ | ଲକ୍ଷ୍ମଣ ନାୟକ, ପି-କେଶବ ନାୟକ, ଜା-ଗୌଡ, ବା-ନିଜଗାଁ |
| ୧୫୩/୧୫୧ | ରୟତି | ୩୨୨/୭୧୫ | ୧.୦୦୦ | ୦.୦୮୫ | ଧାନ-୩ | ରାଧାମଣୀ ଗୌଡ, ସ୍ୱା-ପଦ୍ମନ ଗୌଡ, ଜା-ଗୌଡ, ବା-ବାର୍ଲାହାଣ୍ଡି |
| ୧୫୩/୧୫୨ | ରୟତି | ୩୨୨/୭୧୮ | ୧.୦୦୦ | ୦.୮୮୦ | ଧାନ-୩ | ନିରଞ୍ଜନ ସାହୁ, ପି-କୃଷ୍ଣଚନ୍ଦ୍ର ସାହୁ, ଜା-ଗୁଡିଆ, ବା-ଗିରିଗାଁ |
| ୧୫୩/୩୯୩ | ରୟତି | ୩୨୨/୯୬୬ | ୦.୯୬୦ | ୦.୫୬୫ | ଧାନ-୩ | ହେମନ୍ତ କୁମାର ସାହୁ, ପି-ଦୁର୍ଯୋଧନ ସାହୁ, ଜା-ବ୍ରାହ୍ମଣ, ବା-ସୁରିଙ୍ଗା ସାହି, ଜୟପୁର |
| ୧୫୩/୧୫୧ | ରୟତି | ୩୨୩/୭୧୬ | ୨.୦୦୦ | ୧.୩୧୧ | ଧାନ-୨ | ରାଧାମଣୀ ଗୌଡ, ସ୍ୱା-ପଦ୍ମନ ଗୌଡ, ଜା-ଗୌଡ, ବା-ବାର୍ଲାହାଣ୍ଡି |
| ୧୫୩/୧୫୨ | ରୟତି | ୩୨୩/୭୧୭ | ୧.୦୦୦ | ୦.୧୧୦ | ଧାନ-୨ | ନିରଞ୍ଜନ ସାହୁ, ପି-କୃଷ୍ଣଚନ୍ଦ୍ର ସାହୁ, ଜା-ଗୁଡିଆ, ବା-ଗିରିଗାଁ |
| ୧୫୩/୩୮୭ | ରୟତି | ୩୨୩/୬୨୭ | ୧.୧୬୦ | ୦.୮୯୦ | ଧାନ-୨ | ବିଜୟ ଚନ୍ଦ୍ର ସାହୁ, ପି-ଖଲି ସାହୁ, ଜା-ଗୁଡିଆ, ବା-ମାନସିଙ୍ଗରୋଡ, ଜୟପୁର |
| ୧୫୩/୧୦୦ | ରୟତି | ୩୨୪ | ୨.୧୧୦ | ୦.୪୩୦ | ଧାନ-୨ | ବଳରାମ ନାଏକ, ପି-ମାଧବ ନାଏକ, ଜା-ଗୌଡ, ବା-ନିଜଗାଁ |
| ୧୫୩/୩୮୬ | ରୟତି | ୩୨୪/୬୭୦/୯୬୪ | ୧.୦୦୦ | ୦.୩୧୨ | ଧାନ-୨ | ଭଗବତୀ ନାୟକ, ପି-ମୁଦୀ ନାୟକ, ଜା-ଭୂମିଆଁ, ବା-ଗିରିଗାଁ |
| ୧୫୩/୪୩୬ | ରୟତି | ୩୨୫ | ୧.୬୭୦ | ୦.୭୦୫ | ଧାନ-୩ | ଶ୍ରୀନିବାସ ସାହୁ, ପି-ଖଲି ସାହୁ, ଜା-ଗୁଡିଆ, ବା-ଜୟପୁର |
| ୧୫୩/୩୮୮ | ରୟତି | ୩୨୫/୯୬୫ | ୧.୬୭୦ | ୦.୨୦୦ | ଧାନ-୩ | ଜୟନ୍ତି ସାହୁ, ପି-ସାହେବ ସାହୁ, ଜା-ଗୁଡିଆ, ବା-ଜୟପୁର |
| ୧୫୩/୩୧୪ | ରୟତି | ୩୨୭ | ୩.୯୮୦ | ୧.୦୩୦ | ଡଙ୍ଗର-୧ | ବିଶ୍ୱନାଥ ଗଉଡ, ପି-ଖଲି ଗଉଡ, ଜା-ଗୌଡ, ବା-ଜୟନଗର |
| ୩୫ | ରୟତି | ୩୫୫ | ୦.୬୦୦ | ୦.୦୮୫ | ଅଟାଳ-୨ | ଡମ୍ବରୁ ନାୟକ, ପି-ହରିବନ୍ଧୁ ନାୟକ, ଜା-ପରଜା, ବା-ନିଜଗାଁ |
| ୪୩ | ରୟତି | ୩୫୬ | ୦.୭୬୦ | ୦.୬୭୯ | ଅଟାଳ-୨ | ଧନୁର୍ଜୟ ନାୟକ, ପି-ହରିବନ୍ଧୁ ନାୟକ, ଜା-ପରଜା, ବା-ନିଜଗାଁ |
| ୧୫୩/୩୦୮ | ରୟତି | ୩୫୭ | ୧.୫୮୦ | ୦.୭୫୬ | ଅଟାଳ-୨ | ତ୍ରିନାଥ ନାୟକ, ପି-ଲଇଛନ ନାୟକ, ଜା-ଭୂମିଆଁ, ବା-ନିଜଗାଁ |
| ୯୫ | ରୟତି | ୩୬୨ | ୨.୮୬୦ | ୦.୧୩୯ | ଅଟାଳ-୨ | ରାଧାକୃଷ୍ଣ ଗଉଡ, ମାର୍କଣ୍ଡ ଗଉଡ, ପି-ଭିମ ଗଉଡ,ଜା-ଗୌଡ, ବା-ନିଜଗାଁ |
| ୧୫୩/୧ | ରୟତି | ୩୦/୫୭୦ | ୫.୦୦୦ | ୦.୯୫୩ | ଧାନ-୧ | ଲକ୍ଷ୍ମଣ ଗୌଡ, ପି-ଶୁକୁଟା ଗୌଡ, ସିମାଦ୍ରି ଗୌଡ, ପି-ଭବାନି ଗୌଡ, ଜା-ଗୌଡ, ବା-ନିଜଗାଁ |
| ୫୦ | ରୟତି | ୩୪/୫୭୧ | ୨.୩୮୦ | ୦.୪୮୬ | ଧାନ-୧ | ନରସିଂହ ଗଉଡ, ପି-ଅଗାଧୁ ଗଉଡ, ଜା-ଗୌଡ, ନିଜଗାଁ |
| ୧୦୧ | ରୟତି | ୩୫/୫୭୨ | ୫.୮୭୦ | ୦.୮୭୪ | ଧାନ-୨ | ମଙ୍ଗଳି ବାଗଦରିଆ, ପି-ବର ବାଗଦରିଆ, ଜା-ଭତରା, ବା-ନିଜଗାଁ |

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୧୫୩/୨୧ | ରୟତି | ୩୯/୫୭୪ | ୨.୧୦୦ | ୦.୧୨୦ | ଧାନ-୧ | କୃତିବାସ ବାଗଦରିଆ, ପି-ଲକ୍ଷ୍ମଣ ବାଗଦରିଆ, ଜା-ଭତରା, ନିଜଗାଁ |
| ୧୫୩/୪ | ରୟତି | ୪୪/୫୮୩ | ୦.୧୭୦ | ୦.୧୪୫ | ଧାନ-୧ | ଭାସ୍କର ଗୌଡ, ପି-କାଶିନାଥ ଗୌଡ, ଜା-ଗୌଡ, ନିଜଗାଁ |
| ୧୫୩/୧୧ | ରୟତି | ୧୦୮/୧ | ୨.୭୦୦ | ୧.୫୫୭ | ଧାନ-୧ | କୁନ୍ଦନମଣି ଗଉଡୁଣୀ, ସ୍ୱା-ବଲଭ ଗଉଡ, ଜା-ଗୌଡ, ନିଜଗାଁ |
| ୧୦୧/କ | ରୟତି | ୧୦୮/୨ | ୪.୮୨୦ | ୨.୩୫୨ | ଧାନ-୧ | ମୁକୁନ୍ଦ ବାଗଦରିଆ, ପି-ବିର ବାଗଦରିଆ, ଜା-ଭତରା, ବା-ନିଜଗାଁ |
| | | ମୋଟ | | ୩୨.୯୨୧ | | |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | |
| ୯୫ | | ୩୬୪ | ୧.୫୦୦ | ୧.୫୦୦ | ଅଟାଳ-୨ | ରାଧାକୃଷ୍ଣ ଗଉଡ, ମାର୍କଣ୍ଡ ଗଉଡ, ପି-ଭିମ ଗଉଡ |
| ୩୯ | | ୩୬୬ | ୧.୪୫୦ | ୧.୪୫୦ | ଧାନ-୨ | ଦେବ ବାଗଦରିଆ, ପି-ସମ୍ବାରୁ ବାଗଦରିଆ, ଜା-ଭତରା, ବା-ନିଜଗାଁ |
| ୧୨୫ | | ୩୬୭ | ୪.୭୯୦ | ୦.୪୯୩ | ଡଙ୍ଗର-୨ | ରାଧାମୋହନ ପାତ୍ର, ପି-ସୁନ୍ଦର ନାରାୟଣ ସାହୁ, ଜା-କରଣ, ବା-ବାର୍ଲାହାଣ୍ଡି |
| | | ମୋଟ | | ୩.୪୪୩ | | |
| ସରକାରୀ ଗୋଚର | | | | | | |
| ୧୬୫ | | ୩୫୧ | ୨୧.୫୦୦ | ୩.୪୪୩ | ଗୋଚର | ରକ୍ଷିତ |
| ଦ୍ରଷ୍ଟବ୍ୟ:-୧୧(୧) ବିଜ୍ଞପ୍ତି ପ୍ରକାରେ ପ୍ରସ୍ତାବିତ ହୋଇଥିବା ଜମି ମଧ୍ୟରୁ ନିମ୍ନଲିଖିତ ପ୍ଲଟଗୁଡିକର କୌଣସି ରକବା ଅଧିଗ୍ରହଣ ହେଉନାହିଁ | | | | | | |
| ଭୂମି ଅନୁସୂଚୀ | | | | | | |
| ୧୫୩/୧୪୬ | ରୟତି | ୨୦/୧/୭୦୮ | ୦.୮୫୦ | ୦.୦୦ | ଧାନ-୧ | ଶୋଭାବତୀ ପାତ୍ର, ସ୍ୱା-ସତ୍ୟ ନାରାୟଣ ପାତ୍ର, ଜା-ବ୍ରାହ୍ମଣ, ବା-ବାର୍ଲାହାଣ୍ଡି |
| ୧୬୫/୨ | ରୟତି | ୨୦/୧/-- | ୫.୬୭୦ | ୦.୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୧୫୩/୨୨୪ | ରୟତି | ୨୧ | ୧.୬୨୦ | ୦.୦୦ | ଧାନ-୧ | ସନ୍ତୋଷ ମଲ୍ଲିକ, ମନୋଜ ମଲ୍ଲିକ, ସୁଭାଷ ମଲ୍ଲିକ, ମଣ୍ଟୁ ମଲ୍ଲିକ, ପି-ଶବର ମଲ୍ଲିକ, ଜା-କୁଡୁମ, ବା-ଜୟପୁର |
| ୧୫୩/୪୩୪ | ରୟତି | ୨୫/୧୦୦୪ | ୨.୨୦୦ | ୦.୦୦୦ | ଧାନ-୧ | ଡମ୍ବରୁ ବିଷୋୟୀ, ପି-ଗୋବର୍ଦ୍ଧନ ବିଷୋୟୀ, ଜା-ଶୁଣ୍ଡି, ବା-ବାର୍ଲାହାଣ୍ଡି |
| ୧୫୩/୧୭୧ | ରୟତି | ୩୬/୫୭୩ | ୨.୧୪୦ | ୦.୦୦୦ | ଧାନ-୧ | ମକରଧ୍ୱଜ ବାଗବରିଆ, ପି-କୃତିବାସ ବାଗଦରିଆ, ଜା-ଭୂମିଆ,ଗିରିଗାଁ |
| ୧୫୩/୩୮ | ରୟତି | ୪୦/୫୭୫ | ୧.୭୩୦ | ୦.୦୦୦ | ଧାନ-୧ | ସତ୍ୟବାଦୀ ଗୌଡ, ପି-ଯଦୁ ଗୌଡ, ଜା-ଗୌଡ, ବା-ନିଜଗାଁ |
| ୧୬୫/୨ | | ୪୦/--- | ୦.୧୨୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୪ | ରୟତି | ୪୧ | ୦.୨୨୦ | ୦.୦୦୦ | ଧାନ-୨ | ରଘୁନାଥ ଗୌଡ, ସିମାଦ୍ରୀ ଗୌଡ, ପି-ଆପୁଡୁ ଗୌଡ, ମୁକ୍ତା ଗୌଡ, ସ୍ୱା-ସତ୍ୟବାଦୀ ଗୌଡ, ପଦ୍ମନ ଗୌଡ, ଦାମ ଗୌଡ, ସଦା ଗୌଡ, ସଜେଶ୍ୱର ଗୌଡ, ପି-ସତ୍ୟବାଦୀ ଗୌଡ, ତ୍ରିପତି ଗୌଡ, ପି-ବାଲ୍ୟ ଗୌଡ, ଜା-ଗୌଡ, ବା-ନିଜଗାଁ |
| ୨୨ | ରୟତି | ୪୩/୫୭୬ | ୧.୭୧୦ | ୦.୦୦୦ | ଧାନ-୧ | ସଂଯୁକ୍ତା ପଣ୍ଡା, ସ୍ୱା-ଗୋପିନାଥ ପଣ୍ଡା,ଜା-ବ୍ରାହ୍ମଣ,ବା-ଜଲାପୁଟ |
| ୧୬୫/୨ | | ୪୩/--- | ୦.୨୯୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୧୫୩/୪ | ରୟତି | ୪୪ | ୨.୩୮୦ | ୦.୦୦୦ | ଧାନ-୧ | କାଶିନାଥ ଗୌଡ,ପି-ଶୁକୁଟା ଗୌଡ,ଜା-ଗୌଡ,ବା-ନିଜଗାଁ |
| ୧୫୩/୪ | ରୟତି | ୪୪/୫୭୭ | ୧.୮୮୦ | ୦.୦୦୦ | ଧାନ-୧ | କାଶିନାଥ ଗୌଡ,ପି-ଶୁକୁଟା ଗୌଡ,ଜା-ଗୌଡ,ବା-ନିଜଗାଁ |
| ୧୬୫/୨ | | ୪୪/୫୭୭/--- | ୦.୨୧୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୧୬୫/୨ | | ୮୫/--- | ୦.୩୧୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୧୬୫/୨ | ରୟତି | ୧୦୪/--- | ୦.୯୦୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୧୫୩/୩୯୨ | ରୟତି | ୧୦୫ | ୦.୬୨୦ | ୦.୦୦୦ | ଧାନ-୨ | ପ୍ରଣୟ କୁମାର ରଥ, ପି-ପଦ୍ମନାଭ ରଥ, ଜା-ବ୍ରାହ୍ମଣ, ବା-ଟାଙ୍କୁଆ |
| ୫୦ | ରୟତି | | ୦.୮୮୦ | ୦.୦୦୦ | ଧାନ-୨ | ନରସିଂହ ଗଉଡ, ପି-ଅଗାଧୁ ଗଉଡ, ଜା-ଗଉଡ, ବା-ନିଜଗାଁ |
| ୧୫୩/୨୧୦ | ରୟତି | ୧୦୫/୭୯୫ | ୨.୦୦୦ | ୦.୦୦୦ | ଧାନ-୨ | ରତ୍ନମଣୀ ଗଉଡ, ସ୍ୱା-ଭ୍ରମର ଗଉଡ, ଜା-ଗୌଡ, ବା-ଘିଉରୀ |
| - | ରୟତି | ୧୦୯ | ୧.୪୧୦ | ୦.୦୦୦ | ଧାନ-୧ | - |
| ୧୫୩/୧୧୩ | ରୟତି | ୨୮୮ | ୫.୪୫୦ | ୦.୦୦୦ | ଧାନ-୩ | ଗୁପ୍ତ ଗଉଡ, ପି-ନୀଳକଣ୍ଠ ଗଉଡ, ଜା-ଗୌଡ, ବା-ନିଜଗାଁ |
| ୧୫୩/୧୧୫ | ରୟତି | ୨୮୮/୫୮୦ | ୫.୬୨୦ | ୦.୦୦୦ | ଧାନ-୩ | ପାର୍ବତୀ ଗଉଡୁଣୀ, ପି-ନୀଳକଣ୍ଠ ଗଉଡ, ଜା-ଗଉଡ, ବା-ଜୟପୁର |
| ୧୫୩/୬୫ | ରୟତି | ୨୮୮/୬୦୯ | ୮.୦୦୦ | ୦.୦୦୦ | ଧାନ-୩ | ଭାନୁମତୀ ଗୌଡ, ସ୍ୱା-ଗୁପ୍ତ ଗୌଡ, ଜା-ଗୌଡ, ବା-ଜୟପୁର |
| ୧୬୫/୨ | | ୨୮୯/--- | ୦.୨୧୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୬୦ | ରୟତି | ୩୦୨ | ୦.୯୦୦ | ୦.୦୦୦ | ଧାନ-୩ | ଚନ୍ଦ୍ରଶେଖର ଗଉଡ, ଶ୍ୟାମ ଗଉଡ, ସୁନ୍ଦର ଗଉଡ, ଦୟାନିଧି ଗଉଡ ଓ ଗୌରାଙ୍ଗ ଗଉଡ, ପି-ପଦ୍ମଲାଭ ଗଉଡ, ଚନ୍ଦ୍ରମା ମିଶ୍ରାଣି, ସ୍ୱା-ମହେଶ୍ୱର ମିଶ୍ର |
| ୫୦ | ରୟତି | ୩୨୨ | ୦.୯୬୦ | ୦.୦୦୦ | ଧାନ-୩ | ନରସିଂହ ଗଉଡ, ପି-ଅଗାଧୁ ଗଉଡ, ଜା-ଗୌଡ,ବା-ନିଜଗାଁ |
| ୫୦ | ରୟତି | ୩୨୩ | ୧.୩୮୦ | ୦.୦୦୦ | ଧାନ-୨ | ନରସିଂହ ଗଉଡ, ପି-ଅଗାଧୁ ଗଉଡ, ଜା-ଗୌଡ,ବା-ନିଜଗାଁ |
| ୧୫୩/୪୩୫ | ରୟତି | ୩୨୩/୧୦୦୫ | ୧.୦୦୦ | ୦.୦୦୦ | ଧାନ-୨ | ସଂଜୟ କୁମାର ସାହୁ, ପି-ଶ୍ରୀନିବାସ ସାହୁ, ଜା-ଗୁଡିଆ, ବା-କେ.ଭି.ଏସ୍.ଡି. ରୋଡ, ଜୟପୁର |
| ୧୫୩/୩୮୫ | ରୟତି | ୩୨୩/୯୬୨ | ୧.୦୦୦ | ୦.୦୦୦ | ଧାନ-୨ | ସନ୍ଧ୍ୟାରାଣୀ ସାହୁ, ସ୍ୱା-ବିଜୟ ସାହୁ, ଜା-ଗୁଡିଆ,ବା-ନିଜଗାଁ |
| ୧୫୩/୧୧୯ | ରୟତି | ୩୨୪/୬୭୦ | ୧.୦୦୦ | ୦.୦୦୦ | ଧାନ-୨ | ଯଶୋଦା ନାଇକାଣୀ, ସ୍ୱା-ମୁଦି ନାୟକ, ଜା-ଭୁମିଆ, ବା-ଘିଉରି |
| ୧୬୫/୨ | | ୩୪/୫୭୧/--- | ୦.୦୧୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| ୧୬୫/୨ | | ୩୫/-- | ୦.୬୭୦ | ୦.୦୦୦ | କେନାଲ | ଜଳସମ୍ପଦ ବିଭାଗ, ଓଡ଼ିଶା ସରକାର |
| | | ମୋଟ | | ୦.୦୦୦ | | |

**OIPR-24001/24057/3/25-26/0013**

## ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ

ବେଲଗୁଣ୍ଠା,(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ଭଞ୍ଜନଗର-ବେଲଗୁଣ୍ଠା ନୂଆଗାଁ ରାସ୍ତା କଡ଼ରୁ ପୋଲିସ ଜଣେ ବ୍ୟକ୍ତିଙ୍କ ଗଳିତ ମୃତଦେହ ଜବତ କରିଛି। ମୃତଦେହ ପଚି ଯାଇଥିବାରୁ ଚିହ୍ନଟ ସମ୍ଭବ ହୋଇନାହିଁ। ଉକ୍ତ ରାସ୍ତାରେ ଯାଉଥିବା କେତେଜଣ ଲୋକ ମୃତଦେହ ଦେଖି ବେଲଗୁଣ୍ଠା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଓ କିଛି ଦୂରରେ ୨ଟି ବ୍ୟାଗ୍ ଜବତ କରିଛି। ଉକ୍ତ ବ୍ୟାଗ୍‌ରେ କିଛି ପୋଷାକ, ପାଣି ବୋତଲ ସହ କିଛି ଆବଶ୍ୟକ ସାମଗ୍ରୀ ରହିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ମେଡିକାଲ ଏଫଏମଟିକୁ ପଠାଯାଇଛି। ଏ ନେଇ ନଂ.୬/୨୬ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ଚିନିଶିଳ୍ପ ପାଉଁଶ ଗଦାରେ ପଶି ନାବାଳିକା ଆହତ

ଆସିକା,୧୦।୩ (ସୁରେନ୍ଦ୍ର ନାଥ ସାହୁ): ଆସିକା ସମବାୟ ଚିନିଶିଳ୍ପର ପାଉଁଶ ଗଦାରେ ପଶିଯାଇ ମଙ୍ଗଳବାର ୮ବର୍ଷର ଜଣେ ନାବାଳିକା ଆହତ ହୋଇଛନ୍ତି। ନାବାଳିକାଙ୍କ ଘର କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ପଥରା ଗ୍ରାମରେ । ସେ ତାଙ୍କ ବାପାଙ୍କ ସହ ଘୁଷୁରି ଚରାଇବାକୁ ଆସିଥିଲେ । ଘୁଷୁରି ଘଉଡାଇବାକୁ ଯାଇ ନାବାଳିକା ଜଣକ ପାଉଁଶ ଗଦାରେ ପଶିଯାଇଥିଲେ । ପାଉଁଶ ତଳେ ରହିଥିବା ନିଆଁରେ ନାବାଳିକାଙ୍କ ହାତ ଓ ଗୋଡ ପୋଡି ଯାଇଥିଲା। ଆସିକା ସରକାରୀ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇ ଦିଆଯାଇଛି ।

## ଦୁର୍ଘଟଣାରେ ସ୍ୱାମୀ ମୃତ ,ସ୍ତ୍ରୀ ଆହତ

ଖଜୁରିପଡ଼ା, ୧୦।୩ ( ବିଦୁର ବେହେରା) ଖଜୁରିପଡ଼ା ଥାନା ଅନ୍ତର୍ଗତ କାବର ଗାଁର ପ୍ରଶାନ୍ତ କହଁର (୫୫) ଏବଂ ତାଙ୍କ ସ୍ତ୍ରୀ ସାବିତ୍ରୀ କହଁର(୩୫) ମଙ୍ଗଳବାର ଅପରାହ୍ନରେ ଚାଲିଚାଲି ବାଲିସୁଗି ଗ୍ରାମର ବିବାହ ଭୋଜିରେ ଯୋଗ ଦେବାକୁ ଯାଉଥିଲେ। ଝଗଡ଼ାପଙ୍ଗା ଗାଁ ନିକଟରେ ଏକ ଅଟୋ ପ୍ରଶାନ୍ତଙ୍କୁ ଧକ୍କାଦେଇ ଫେରାର ହୋଇଯାଇଛି। ଗୁରୁତର ଅବସ୍ଥାରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପ୍ରଥମେ ଖଜୁରିପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ନ ଆସିବାରୁ ଡାକ୍ତର ଫୁଲବାଣୀ ମେଡିକାଲ ରେଫର କରିଥିଲେ। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସ୍ତ୍ରୀ ସାବିତ୍ରୀ କହଁର ବର୍ତ୍ତି ଯାଇଛନ୍ତି।

## ଗଞ୍ଜେଇ ସହ ବାଇକ୍ ଜବତ, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୦।୩(ଅଶେଷ ନାଥ ମିଶ୍ର): ଦିଗପହଣ୍ଡି କୃଷି ଜିଲା କାର୍ଯ୍ୟାଳୟ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ନିକଟରୁ ୫ କେଜି ୬ ଶହ ଗ୍ରାମ ଗଞ୍ଜେଇ ସହ ତାଙ୍କ ବାଇକ୍ ଜବତ ହୋଇଛି। ଉକ୍ତ ଗଞ୍ଜେଇ ନେଉଥିବା ଅଭିଯୋଗରେ ଗଜପତି ଜିଲା ମୋହନା ଥାନା ହଲପଙ୍କା ଗ୍ରାମର ବିନୟ ରଇତଙ୍କୁ ଗିରଫ କରାଯାଇଛି। ତାଙ୍କୁ ବ୍ରହ୍ମପୁର ଜିଲା ଜଜ କୋର୍ଟ ଚାଲାଣ କରାଯାଇଥିଲା। ପରେ ବ୍ରହ୍ମପୁର ଜେଲ ହାଜତକୁ ପଠାଇ ଦିଆଯାଇଛି। ମୋହନାରୁ ଜଣେ ଯୁବକ ବାଇକରେ ଗଞ୍ଜେଇ ଆଣୁଥିବା ଖବର ମିଳିଥିଲା। ଟିକିଟି ଅବକାରୀ ରେଞ୍ଜ ଇନ୍ସପେକ୍ଟର ସଞ୍ଜୟ କୁମାର ପଣ୍ଡା, ଦିଗପହଣ୍ଡି ଅବକାରୀ ଥାନା ଭାରପ୍ରାପ୍ତ ଓଆଇସି ଏନ. ତ୍ରିପତି ପ୍ରମୁଖ ଉକ୍ତ ବାଇକ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା।

## ଛାତରୁ ପଡ଼ି ଗୁରୁତର ଯୁବକଙ୍କ ମୃତ୍ୟୁ

ପାତ୍ରପୁର,୧୦।୩(ଉମା ଚରଣ ନେପାକ) ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ବୋରିବାଡ଼ ଗ୍ରାମର ପଟି ଭଗବାନ(୩୫) କିଛିଦିନ ତଳେ ଘର ଛାତ ଉପରୁ ଖସି ଗୁରୁତର ହୋଇଥିଲେ। ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଅସାବଧାନତାରୁ ଛାତରୁ ଖସି ପଡ଼ିଥିବା ଭଗବାନଙ୍କ ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିଲା। ଭୁବନେଶ୍ୱରରେ ଅସ୍ତ୍ରୋପଚାର ହୋଇ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାର ଗରିବ ଶ୍ରେଣୀର ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି।

## ବୈଠକ ପରେ ବ୍ଲକ୍ କଂଗ୍ରେସ କମିଟି ଘୋଷଣା

ନୂଆଗଡ଼,୧୦।୩(ଯୋଗ୍ୟବନ୍ତ ପରିଛା) ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ଖଜୁରିପଦାସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବ୍ଲକ୍ କଂଗ୍ରେସ କମିଟି ଘୋଷଣା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସମ୍ପାଦକ ଈଶ୍ୱର ଚନ୍ଦ୍ର ମାଝୀ, ଜିଲା ସଭାନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ଜିଲା ସଂଯୋଜକ ଜନାର୍ଦ୍ଦନ ରାଓ, ମାଇନରିଟି ଜିଲା ସଦସ୍ୟ ଜସ୍ମିନ୍ ସେକ୍, ରାୟଗଡ଼ ବ୍ଲକ ବିଧାୟକ ପ୍ରତିନିଧି ମାମାନୀ କାର୍ଜି, ଜିଲା ମହିଳା ସମ୍ପାଦିକାଙ୍କ ସହ ଜିଲା ଏବଂ ବ୍ଲକ୍‌ର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଜିଲା ସଭାପତି ମୋହନା ବିଧାୟକ ଦାଶରଥି ଗମାଙ୍ଗ ସଭାପତିତ୍ୱ କରିଥିଲେ। ବ୍ଲକରେ କଂଗ୍ରେସକୁ କିଭଳି ସୁଦୃଢ଼ କରାଯିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା। ପରେ ବ୍ଲକ୍ କଂଗ୍ରେସ କମିଟି ଘୋଷଣା କରାଯାଇଥିଲା। ନୂତନ ବ୍ଲକ୍ କଂଗ୍ରେସ ସଭାପତି ଭାବେ ଭାଲେରିଆନ ଗମାଙ୍ଗ ମନୋନୀତ ହୋଇଛନ୍ତି। ସେହିପରି ବ୍ଲକ୍ ମହିଳା ସଭାନେତ୍ରୀ ରୂପେ ଚମ୍ପାବତୀ ରଇତା, ଗୁଡ୍‌ବାଇ ମଣ୍ଡଳଙ୍କୁ ଉପସଭାନେତ୍ରୀ କରାଯାଇଛି।

# ଜବରଦଖଲକାରୀଙ୍କ କବ୍‌ଜାରେ କେନାଲ

- ଆସିପାରୁନି ଜଳ, ହୋଇପାରୁନି ଆଶାନୁରୂପ ଫସଲ
- ସମସ୍ୟା ପ୍ରଶାସନକୁ ଅବଗତ କରାଯାଇଛି: ସହକାରୀ ଯନ୍ତ୍ରୀ

ପାରଳାଖେମୁଣ୍ଡି,୧୦।୩ (ଗିରିଧାରୀ ପରିଚ୍ଛା)



ଗଜପତି ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗର ଅବହେଳା ଯୋଗୁ ଚାଷୀମାନେ ହଇରାଣ ହେଉଛନ୍ତି। ଜିଲାରେ କୃଷିର ବିକାଶ ଏବଂ ଜଳସେଚନର ସୁବିଧା ପାଇଁ ପାରଳା ରାଜବଂଶ ପକ୍ଷରୁ ୭ଟି ସାଗର ନିର୍ମାଣ କରାଯାଇଥିଲା। ଏହି ସାଗରଗୁଡ଼ିକୁ ପରସ୍ପର ସହ ସଂଯୋଗ କରିବା ପାଇଁ ୬୭ଟି ସ୍ୱତନ୍ତ୍ର କେନାଲ ମଧ୍ୟ ନିର୍ମାଣ ହୋଇଥିଲା। ହେଲେ ସୀମା ନିର୍ଦ୍ଧାରଣ ପରେ ବର୍ତ୍ତମାନ ଜିଲାରେ ୫ଟି ସାଗର ରହିଛି। ସେଥିରୁ ରାମସାଗରଠାରୁ ସୀତାସାଗରକୁ ସଂଯୋଗ କରୁଥିବା ଅପର କେନାଲ ନାଳ ବର୍ତ୍ତମାନ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଫଳରେ ବହୁ ଏକର ଚାଷଜମିକୁ ଜଳସେଚନ ହୋଇପାରୁନି। ଚାଷ ସମୟରେ ପାଣି ପାଇଁ ଚାଷୀ ଦୁର୍ଦ୍ଦଶା ଭୋଗୁଛନ୍ତି। ଚାଷୀଙ୍କ ଆଶାଠାରୁ କମ୍ ଫସଲ ଅମଳ ହୋଇ ସେମାନଙ୍କୁ କ୍ଷତି ସହିବାକୁ ପଡୁଛି। ପୂର୍ବରୁ ରାମସାଗରଠାରୁ ସୀତାସାଗର ପର୍ଯ୍ୟନ୍ତ ୪.୫ କି.ମି. ଧରି ଏହି ନାଳ ଉଭୟ ରାମସାଗର ଏବଂ ସୀତାସାଗରର ଜଳସ୍ତର ପରିଚାଳନାକରି ଚାଷୀଙ୍କ ଏକମାତ୍ର ଭରସା ସାଜିଥିଲା। ଏବେ ପାରଳାଖେମୁଣ୍ଡି ସହରରେ ନୂତନ ଭାବେ ଗଢ଼ି ଉଠିଥିବା ଅଞ୍ଚଳଗୁଡ଼ିକରେ କେନାଲକୁ ସଂଯୋଗ କରୁଥିବା ନାଳକୁ ଜବରଦଖଲକରି କୋଠା ନିର୍ମାଣ ହୋଇଛି। ଫଳରେ ଶତାଧିକ ଚାଷୀଙ୍କ ଭରସା ପାଲଟିଥିବା ଏହି ନାଳର ପୁନରୁଦ୍ଧାରରେ ବାଧା ସୃଷ୍ଟି ହେଉଛି।

ଜବରଦଖଲକାରୀଙ୍କୁ ହଟାଇବା ପାଇଁ ୨୦୧୮ରେ ୧୪ଟି କୋଠା ଭଙ୍ଗାଯାଇଥିଲା। ସେ ସମୟରେ ନାଳର ଉପରମୁଣ୍ଡରେ ଥିବା କେରାଣ୍ଡି ପଞ୍ଚାୟତର ବିଭିନ୍ନ ଅଞ୍ଚଳରେ ରହିଥିବା ଜବରଦଖଲକାରୀଙ୍କୁ ନ ହଟାଯାଇ କୌଣସି କାରଣରୁ ପ୍ରଶାସନ କାମ ସାରିଦେଇଥିଲା। ଏହାଦ୍ୱାରା ଉଭୟ ସାଗରକୁ ସଂଯୋଗ କରୁଥିବା ନାଳଟି ଏବେ ମଧ୍ୟ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଜଳସେଚନରୁ ବଞ୍ଚିତ ହେଉଥିବା ଚାଷୀ ପ୍ରତିବର୍ଷ ପ୍ରଶାସନିକ ଅଧିକାରୀ, ନେତା ମନ୍ତ୍ରୀଙ୍କୁ ଜଣାଇ କିଛି ସୁଫଳ ପାଇନାହାନ୍ତି। ପ୍ରଶାସନ ରାମସାଗରଠାରୁ ସୀତାସାଗରକୁ ସଂଯୋଗ କରୁଥିବା ଏହି ନାଳର ପୁନରୁଦ୍ଧାର କରୁନାହିଁ। କ୍ଷୁଦ୍ର ଜଳସେଚନ ବିଭାଗ କେବଳ ଜବରଦଖଲକାରୀଙ୍କୁ ଚିଠି ଲେଖି ନୀରବ ରହୁଛି। ବର୍ତ୍ତମାନ ଗଛଲତା, ଆବର୍ଜନାରେ ପୂର୍ଣ୍ଣ ହୋଇ ରହିଥିବା ଏହି ନାଳରେ ସହରର ନିଷ୍କାସିତ ଆବର୍ଜନା ପାଣି ଛଡ଼ାଯାଉଛି। ସରକାରୀ ଉଦାସୀନତା ଏବଂ ଚାଷରେ କ୍ଷତି ସହୁଥିବା ଚାଷୀ ଏବେ ନିଜ ଚାଷଜମି ବିକ୍ରିକରି ଦାଦନ ଖଟିବାକୁ ଯାଉଛନ୍ତି। ଏ ନେଇ ଚାଷୀନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକ କହନ୍ତି, ଏହି ସମସ୍ୟା ନେଇ ପୂର୍ବରୁ ଅନେକ ଥର ବିଭିନ୍ନ ମହଲରେ ଅଭିଯୋଗ କରାଯାଇଛି, କିନ୍ତୁ ପ୍ରଶାସନ କୌଣସି ପଦକ୍ଷେପ ନେଇନାହିଁ। ଏନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ଆଶିଷ ମଲ୍ଲିକଙ୍କୁ ପଚାରିବାରୁ ସେ କହିଛନ୍ତି, ନାଳ ଉପରେ ଜବରଦଖଲକରି ଗୃହ ନିର୍ମାଣ ହୋଇଥିବାରୁ ନାଳର ପୁନରୁଦ୍ଧାର କାର୍ଯ୍ୟ ହୋଇପାରୁନାହିଁ। ଏହି ସମସ୍ୟା ନେଇ ପ୍ରଶାସନକୁ ଅବଗତ କରାଯାଇଛି। ଚାଷୀଙ୍କ ସ୍ୱାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ମା' ଖମ୍ବେଶ୍ୱରୀଙ୍କ ଚୈତ୍ର ମଙ୍ଗଳବାର ପର୍ବ

ଆସିକା,୧୦।୩ (ସୁରେନ୍ଦ୍ର ନାଥ ସାହୁ)



ଆସିକାର ଆରାଧ୍ୟ ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଚଳିତ ବର୍ଷର ପ୍ରଥମ ଚୈତ୍ର ମଙ୍ଗଳବାର ପର୍ବ ପାଳନ ହୋଇଛି। ଜିଲା ତଥା ଜିଲା ବାହାରୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସି ମା'ଙ୍କ ପୂଜାର୍ଚ୍ଚନା କରିବା ସହ ସେମାନଙ୍କ ଶିଶୁଙ୍କ ମୁଣ୍ଡନ କରିଥିଲେ । ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାରିକେଡ କରାଯାଇ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା କରାଯାଇଥିଲା । ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁ, ଯାତ୍ରା କମିଟି ସଭାପତି ନିମାଇ ପାଣିଗ୍ରାହୀ, ପୂଜକ ମନୋଜ ମୁନି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପର୍ବ ଶୃଙ୍ଖଳାର ସହ ହୋଇଛି। ପୋଲିସ ପକ୍ଷରୁ ମନ୍ଦିରର ବିଭିନ୍ନ ସଂଯୋଗୀ ରାସ୍ତାରେ ବ୍ୟାରିକେଡ କରାଯାଇ ଟ୍ରାଫିକ ନିୟନ୍ତ୍ରଣ କରାଯାଇଥିଲା ।

## ଶ୍ରମିକଙ୍କ ସମସ୍ୟା ନେଇ ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା

ଛତ୍ରପୁର,୧୦।୩ (ଦିଲୀପ ସାମଲ) ଗୋପାଳପୁର ପୋର୍ଟରେ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ପୋର୍ଟ କର୍ତ୍ତୃପକ୍ଷଙ୍କ ସହ ପୋର୍ଟ ମଜଦୁର ସଂଘ କର୍ମକର୍ତ୍ତା ମଙ୍ଗଳବାର ଆଲୋଚନା କରିଛନ୍ତି। ଏହି ସାକ୍ଷାତ କାର୍ଯ୍ୟକ୍ରମରେ ସଭାପତି ଅର୍ଜୁନ ବେହେରା, କାର୍ଯ୍ୟକାରୀ ସଭାପତି ଜି. ଜଗନ୍ନାଥ, ଉପସଭାପତି ସିଏଚ୍.ଆର୍ରେୟା ଓ ଏନ୍. ଦୀନବନ୍ଧୁ, ସାଧାରଣ ସମ୍ପାଦକ ଜି. ଦାଲେୟ, ସମ୍ପାଦକ ଏ. କରଲେୟା, କାର୍ଯ୍ୟକାରୀ ସଦସ୍ୟ ବି.ପୁଷ୍ପମା,ଏନ୍.ନାଲୁଡୁ, ୟୁ. ଦିଲେମା, ଡବ୍ଲ୍ୟୁ. କରଲେମା, ଜି. ଅପ୍ପନା ଓ ଅନ୍ୟମାନେ ଉପସ୍ଥିତ ଥିଲେ । ବନ୍ଦର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ସକାରାତ୍ମକ ହୋଇଥିଲା। ଏହି ୟୁନିୟନ ୨୦୨୫ ମେ'ରୁ ଗଠନ ହୋଇ ବିଭିନ୍ନ ସମୟରେ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଲିଖିତ ରୂପେ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ଉପସ୍ଥାପନା କରିଛନ୍ତି ବୋଲି ସଭାପତି ବେହେରା ସୂଚନା ଦେଇଛନ୍ତି।

# ବନାଗ୍ନି ପ୍ରଶମନ ସଚେତନତା ସଭା



ଉପସ୍ଥିତ ଅତିଥିମାନେ।

ଭଞ୍ଜନଗର,୧୦।୩(ବାବୁଲା ପ୍ରଧାନ): ଭଞ୍ଜନଗର ଘୁମୁସର ଉତ୍ତର ବନଖଣ୍ଡ ତାରସିଂ ରେଞ୍ଜ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ବନାଞ୍ଚଳ ସ୍ତରୀୟ ବନାଗ୍ନି ପ୍ରଶମନ ଏବଂ ପରିଚାଳନା ନିମନ୍ତେ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସିଏଫ ବିମଳ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ କର୍ମଚାରୀ ଲୋକଙ୍କ ସହ ସୁସମ୍ପର୍କ ରଖି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ତାରସିଂ ପ୍ରାଣୀ ଚିକିତ୍ସା ଅଧିକାରୀ ବିଭୁ କଲ୍ୟାଣ ପରିଡ଼ା, ଅବସରପ୍ରାପ୍ତ ରେଞ୍ଜର ଅନୁପମ ବାନାର୍ଜୀ, ପ୍ରଶାନ୍ତ ସାହୁ, ପରିବେଶ ପ୍ରେମୀ ବିଜୟ ପ୍ରଧାନ, ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଅଧିକାରୀ ବି. ପ୍ରଧାନ, ଖବରଦାତା ବିଶ୍ୱମ୍ଭର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇ ବକ୍ତବ୍ୟ ରଖିଥିଲେ। ଗତ ୨୮ ତାରିଖରେ ଏହି ରେଞ୍ଜରେ ଚଳିତବର୍ଷର ପ୍ରଥମ ଜଙ୍ଗଲ ନିଆଁ ଲାଗିଥିଲା। ମୋବାଇଲ ନେଟୱର୍କ ନ ଥିବା ଯୋଗୁ ହଠାତ୍ ନିଆଁକୁ ଆୟତ୍ତ କରିବାରେ କିଛି ସମୟ ବିଳମ୍ବ ହୋଇଥିଲା। ତଥାପି କର୍ମଚାରୀମାନେ ତୁରନ୍ତ ପଦକ୍ଷେପ ନେଇ ଗ୍ରାମବାସୀଙ୍କ ସହ ମିଶି ନିଆଁ ଲିଭାଇଥିଲେ।

ବିଗତ ବର୍ଷ ଏହି ବନଖଣ୍ଡ କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଜଙ୍ଗଲ ନିଆଁ ଅଧିକ ନ ଥିଲା। ଚଳିତ ବର୍ଷ ମଧ୍ୟ ଯେଭଳି ଅଧିକ ନିଆଁ ନ ଲାଗିବ ସେଥିପାଇଁ କର୍ମଚାରୀ ମାନେ ବର୍ତ୍ତମାନଠାରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ରେଞ୍ଜର ପ୍ରଶାନ୍ତ କୁମାର ବେହେରା ସଭାରେ ଅଧ୍ୟକ୍ଷତା କରିଥିଲେ। ଓଏଫଏସଡିପି ରେଞ୍ଜ ସଂଯୋଜକ ରାମଚନ୍ଦ୍ର ବାରିକ ସଭା ସଂଯୋଜନା କରିଥିଲେ। ବନପାଳ କଳାବଦନ ଦାସ, ଶୁଭସ୍ମିତା ଦାସ, କୃଷ୍ଣ ନାହାକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ଜଣେ ଗୁରୁତର

ଭଞ୍ଜନଗର,୧୦।୩(ବାବୁଲା ପ୍ରଧାନ)- ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ସାହାଣପଲ୍ଲୀ ଛକ ନିକଟରେ ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରାଇପଲ୍ଲୀର ସାଗର ଗୌଡ। ଏଥିସହ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସାଗରଙ୍କ ଚିକିତ୍ସାରେ ଅବହେଳା ଦର୍ଶାଇ ଲୋକେ ମେଡିକାଲରେ ହୋହଲ୍ଲା କରିଥିଲେ। ପରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ସାଗର ଓ ତାଙ୍କ ସାଙ୍ଗ ସନ୍ତୋଷ ଅପରାହ୍ନରେ ଭଞ୍ଜନଗରରୁ ବାଇକ୍ ଯୋଗେ ନିଜ ଗ୍ରାମ ରାଇପଲ୍ଲୀ ଅଭିମୁଖେ ଯାଉଥିଲେ। ସାହାଣପଲ୍ଲୀ ଛକ ନିକଟରେ ତାଙ୍କ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସାଗର ଓ ସନ୍ତୋଷ ଉଭୟେ ଗୁରୁତର ଆହତ ହୋଇଥିଲେ। ସମ୍ପୃକ୍ତ ଅଞ୍ଚଳବାସୀ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ମେଡିକାଲକୁ ଆଣିଥିଲେ। ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ସାଗରଙ୍କ ମୃତ୍ୟୁ ଘଟିଥିଲା। ସନ୍ତୋଷଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ପଠାଯାଇଛି।

### ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା ଚୟନ

## ସଭାପତି ଧରଣୀଧର, ସମ୍ପାଦକ ରାମକୃଷ୍ଣ



ଦାରିଙ୍ଗବାଡ଼ି,୧୦।୩ (ଅରୁଣ ସାହୁ) ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ରହିଥିବା ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ସଂଗଠନର ନୂତନ କର୍ମକର୍ତ୍ତା ରବିବାର ଚୟନ କରାଯାଇଛି। ଶ୍ରୀନିକେତା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ପ୍ରମୋଦ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ କନ୍ଧମାଳ ଜିଲା ସଂଘର ସଭାପତି ଚତୁର୍ଭୁଜ ରାଉତ ମୁଖ୍ୟ ଅତିଥି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ଦଳାଇ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଚୟନ ପାଇଁ ବ୍ଲକ ଅଞ୍ଚଳରେ ରହିଥିବା ୯ଟି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଆଲୋଚନା ପରେ ନୂତନ କମିଟି ଚୟନ କରାଯାଇଥିଲା। ଏଥିରେ ବ୍ଲକ ସଭାପତି ଭାବେ ଧରଣୀଧର ଦାସ ଏବଂ ସମ୍ପାଦକ ଭାବେ ରାମକୃଷ୍ଣ ଦାସଙ୍କୁ ଚୟନ କରାଯାଇଥିଲା। ସେହିପରି ଉପସଭାପତି ଭାବେ ସୁଜାତା ମହାନ୍ତି, ଜି.ସତ୍ୟନାରାୟଣ ଦୋରା, ସହ ସମ୍ପାଦକ ବିନାୟକ ବାହିନୀ ପତି ଏବଂ ବନ୍ଦିତା ମିଶ୍ରଙ୍କୁ ଚୟନକରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କ୍ଷୀରୋଦ ପ୍ରଧାନଙ୍କୁ ମଧ୍ୟ ଚୟନ କରାଯାଇଥିଲା। ସଂଘ ଜିଲା ସହ ସମ୍ପାଦକ ନରେଶ ଚନ୍ଦ୍ର ସାମଲ, ଜିଲା କମିଟି ସଦସ୍ୟ ପ୍ରଦ୍ୟୁମ୍ନ ଜେନା ସହଯୋଗ କରିଥିଲେ।

# ଭାରୋତ୍ତୋଳନରେ ଚାମ୍ପିୟନ ଜ୍ୟୋସ୍ନାଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ

ପାରଳାଖେମୁଣ୍ଡି,୧୦।୩ (ଗିରିଧାରୀ ପରିଚ୍ଛା)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜ୍ୟୋସ୍ନାଙ୍କୁ ସମ୍ମାନିତ କରୁଛନ୍ତି।

ଗଜପତି ଜିଲା ରାୟଗଡ ବ୍ଲକ ଅନ୍ତର୍ଗତ ପେକଟ ଗ୍ରାମର ଜ୍ୟୋସ୍ନା ଶବର ଭାରୋତ୍ତୋଳନରେ ଚାମ୍ପିୟନ ହୋଇ ଗତବର୍ଷ ରାଷ୍ଟ୍ରପତିଙ୍କଠାରୁ ସମ୍ମାନଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିଲେ। ସମଗ୍ର ଦେଶରେ ୨୧ ଜଣ ଶିଶୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତବର୍ଷ ପୁରୀ ଜିଲାରେ ଆୟୋଜିତ ରାଜ୍ୟସ୍ତରୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜ୍ୟୋସ୍ନା ଶବରଙ୍କୁ ସମ୍ମାନିତ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିଙ୍କ ଗହଣରେ ଗଜପତି ଜିଲାର ଜଣେ ଚାଷୀ କୀର୍ତ୍ତନ ଶବରଙ୍କ ଝିଅ ଜ୍ୟୋସ୍ନା ସମ୍ବର୍ଦ୍ଧିତ ହୋଇଥିଲେ। ୨୦୧୯ରୁ ଜ୍ୟୋସ୍ନା ଭୁବନେଶ୍ୱରରେ ସୋସିଆଲ ସାଇନ୍ସରେ ଶିକ୍ଷାଲାଭ କରିବା ସହ ସେ କଳିଙ୍ଗ ଷ୍ଟାଡିୟମରେ ଭାରୋତ୍ତୋଳନରେ ପ୍ରଶିକ୍ଷଣ ନେଉଛନ୍ତି ।

## ମା' ପାଟଖଣ୍ଡାଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା

ବାଲିଗୁଡ଼ା,୧୦।୩(ସଞ୍ଜୟ କୁମାର ପାଣିଗ୍ରାହୀ) ବାଲିଗୁଡ଼ା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ପାଟଖଣ୍ଡାଙ୍କ ଚୈତ୍ର ମାସର ପ୍ରଥମ ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଛି। ଏହି ଅବସରରେ ମା'ପାଟଖଣ୍ଡା ମନ୍ଦାର ମାଳିନୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ସମଗ୍ର କନ୍ଧମାଳ ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଆସି ମା'ଙ୍କ ଦର୍ଶନ କରିଥିଲେ। ପ୍ରତ୍ୟୁଷରୁ ମା'ଙ୍କ ରୀତିନୀତି ନିୟମ ଅନୁଯାୟୀ ପୂଜାର୍ଚ୍ଚନା ପରେ ମନ୍ଦାର ମାଳିନୀ ବେଶକୁ ଦେଖିବା ପାଇଁ ରାତି ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ସମସ୍ତେ ଶୃଙ୍ଖଳିତ ଦର୍ଶନ କରି ମା'ଙ୍କ ଆଶୀର୍ବାଦ ଲାଭ କରିଥିଲେ। କିଛି ଭକ୍ତଙ୍କ ଛୁଆଙ୍କୁ ଏହି ଯାତ୍ରାରେ ମୁଣ୍ଡନ କରିଥିବା ଦେଖିବାକୁ ମିଳିଥିଲା। କମିଟିର ସମସ୍ତ ସଦସ୍ୟ, ପୂଜକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

### 'ୱାନ ଇଣ୍ଡିଆ ରନ' କନ୍ୟାକୁମାରୀରୁ କଶ୍ମୀର

## ଦୈନିକ ୫୦କି.ମି. ଦୌଡ଼ୁଛନ୍ତି ଓମ୍



ଛତ୍ରପୁର,୧୦।୩(ଦିଲୀପ ସାମଲ): ସାମାଜିକ ସେବା ଏବଂ ଶିକ୍ଷାର ପ୍ରସାର ପାଇଁ ୨୩ ବର୍ଷୀୟ ଭାରତୀୟ-ଅଷ୍ଟ୍ରେଲିୟ ଫିଜୋଥେରାପିଷ୍ଟ ଓମ୍ ସତିଜା 'ୱାନ ଇଣ୍ଡିଆ ରନ' ମାରାଥନ ଦୌଡ଼ ଅଭିଯାନ ଆରମ୍ଭ କରିଛନ୍ତି। ଗତ ଜାନୁଆରୀ ୨୬ ତାରିଖରୁ ସେ କନ୍ୟାକୁମାରୀରୁ ନିଜର ଯାତ୍ରା ଆରମ୍ଭ କରିଛନ୍ତି। ଏହା ମେ ୫ ତାରିଖରେ କାଶ୍ମୀରରେ ଶେଷ ହେବ। ୧୦୦ ଦିନ ମଧ୍ୟରେ ୫ ହଜାର କିଲୋମିଟର ଦୂରତା ଅତିକ୍ରମ କରିବାକୁ ଓମ୍ ଲକ୍ଷ୍ୟ ରଖିଛନ୍ତି। ଦୈନିକ ୫୦ କି.ମି. ଦୌଡ଼ୁଛନ୍ତି। ଭାରତର ପୂର୍ବ ଉପକୂଳ ଦେଇ ଏହି ଦୌଡ଼ ଜାରି ରଖିଛନ୍ତି। ଏହା ମାଧ୍ୟମରେ ସେ ଯାହା ପାଣ୍ଠି ସଂଗ୍ରହ କରିବେ ଅସହାୟ ଶିଶୁଙ୍କ ଶିକ୍ଷା ଓ କ୍ରୀଡ଼ା ପ୍ରଶିକ୍ଷଣରେ ସାହାଯ୍ୟ କରିବେ। ଏଥିସହ କୁଷ୍ଠ ରୋଗୀଙ୍କ ପରିବାର ପାଇଁ ସହାୟତା ଉଦ୍ଦେଶ୍ୟରେ ସଂଗୃହୀତ ଅର୍ଥର ଏକ ବଡ଼ ଅଂଶ କଲିକତାର 'ଉଦୟନ' ଏନଜିଓକୁ ଦିଆଯିବ। ଭାରତର ଯୁବପିଢ଼ିଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା ଏବଂ ସେବା ମନୋଭାବ ଜାଗ୍ରତ କରିବା ଉଦ୍ଦେଶ୍ୟ ବୋଲି ଓମ ମଙ୍ଗଳବାର ଛତ୍ରପୁରରେ ପହଞ୍ଚିବା ପରେ କହିଥିଲେ।

# ଦିବ୍ୟାଙ୍ଗ ପୂର୍ଣ୍ଣିମାଙ୍କୁ ମିଳିନି ଆବାସ

ରମ୍ଭା,୧୦।୩(ବନବାସୀ ସେଠୀ)



ଗଞ୍ଜାମ ବ୍ଲକ ପୋଇରାଶି ପଞ୍ଚାୟତ ପୋଇରାଶି ଗ୍ରାମର ଭିନ୍ନକ୍ଷମ ମହିଳା ପୂର୍ଣ୍ଣିମା ନାୟକ(୫୫)ଙ୍କ ପାଖରେ ମୌଳିକ ସୁବିଧା ପହଞ୍ଚିପାରିନାହିଁ। ଆବାସଟିଏ ପାଇଁ ସେ ବାରମ୍ବାର ପ୍ରଶାସନକୁ ଜଣାଇଥିଲେ ମଧ୍ୟ ତାହା ତାଙ୍କୁ ଏଯାଏ ମିଳିନି। ଫଳରେ ଛିଣ୍ଡା ଜରିପାଲ ତଳେ ଦୀର୍ଘ ୪୦ ବର୍ଷ ଧରି ଜୀବନ ପରିବାର ସହ ଜୀବନ ବିତାଉଛନ୍ତି। ଜନ୍ମରୁ ଭିନ୍ନକ୍ଷମ ଏବଂ ବ୍ରେନଟିଭି ରୋଗରେ ଆକ୍ରାନ୍ତ ହୋଇ ସେ ଭଙ୍ଗା ଇଟାକାନ୍ଥର ସାହାରାରେ ଛିଣ୍ଡା ଜରି ପାଲତଳେ ସଂଘର୍ଷ କରି ଆସୁଛନ୍ତି। ଅର୍ଥ ଅଭାବରୁ ବ୍ରେନ ଟିଭି ରୋଗର ଚିକିତ୍ସା ମଧ୍ୟ କରି ପାରୁନାହାନ୍ତି। ସ୍ୱାମୀ କୁରେଶ ନାୟକ ଓ ତିନି ପୁଆଙ୍କୁ ନେଇ ତାଙ୍କ ସଂସାର। ଘର ନ ଥିବାରୁ ବଡ଼ ପୁଅ ବିବାହ ପରେ ଶ୍ୱଶୁର ଘରେ ରହୁଛନ୍ତି। ମଝିଆ ପୁଅ ପରିବାର ଚଳାଇବା ଓ ସାନଭାଇଙ୍କ ପାଠପଢ଼ା ପାଇଁ ଦାଦନ ଶ୍ରମିକ ରୂପେ କାର୍ଯ୍ୟ କରୁଛନ୍ତି। ସ୍ୱାମୀ କୌଳିକ ବୃତ୍ତି ଟୋକେଇ, ଝୁଡ଼ି, ଚାଙ୍ଗୁଡ଼ି, କୁଲା, ବିଞ୍ଚଣା ଭଳି ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରି ଯାହା ରୋଜଗାର କରନ୍ତି ସେଥିରେ କଷ୍ଟରେ ଚଳେ ପରିବାର। ସେଥିରେ ପୁଣି ମୋ ଔଷଧ ଖର୍ଚ୍ଚ ଅଛି ବୋଲି କହନ୍ତି ପୂର୍ଣ୍ଣିମା। ଘର ଖଣ୍ଡେ ନ ଥିବାରୁ ଦାଣ୍ଡ ପଟେ ୪/୬ଫୁଟ ଛିଣ୍ଡା ଜରି ପାଲ ଓ ଭଙ୍ଗା କାନ୍ଥର ସାହାରାରେ ସେମାନେ ଜୀଉଛନ୍ତି ଜୀବନ। ବର୍ଷା ଦିନେ ସେହି ଜରିପାଲ ଢଙ୍କା ଘରେ ପାଣି ଛେଦେଇ ରହନ୍ତି। ରାତି ଅନିଦ୍ରାରେ କଟେ ବୋଲି କହନ୍ତି ପୂର୍ଣ୍ଣିମା। ଘର ଖଣ୍ଡିଏ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଥିଲେ ମଧ୍ୟ କେହି ଶୁଣିନାହାନ୍ତି ତାଙ୍କ ଦୁଃଖ। ରାଶନ କାର୍ଡରୁ ମଧ୍ୟ ବଞ୍ଚିତ ହୋଇଛନ୍ତି ପୂର୍ଣ୍ଣିମାଙ୍କ ପରିବାର। ଏଥିପାଇଁ ଅନେକ ଥର ଆବେଦନ କରି ଥକିଗଲେଣି ସେ। ପୂର୍ଣ୍ଣିମା ଜନ୍ମରୁ ଭିନ୍ନକ୍ଷମ ହୋଇ ମଧ୍ୟ ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ୧୦ ବର୍ଷ ହେଲା ବ୍ରେନ ଟିଭି ରୋଗରେ ଆକ୍ରାନ୍ତ ହୋଇ ବାରମ୍ବାର ମୂର୍ଚ୍ଛା ହୋଇ ଘରେ ପଡ଼ି ରହୁଛନ୍ତି। ତାଙ୍କୁ ଆବାସ ସହ ରାଶନ କାର୍ଡଟିଏ ଯୋଗାଇ ଦେବାକୁ ପୂର୍ଣ୍ଣିମା ଜିଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି।

## ବଜାର ଗୃହ ନିର୍ମାଣ କାର୍ଯ୍ୟ ତଦାରଖ କଲେ ବିଡିଓ

ଦାରିଙ୍ଗବାଡି,୧୦।୩ (ଅରୁଣ ସାହୁ) ଦାରିଙ୍ଗବାଡିରେ ଉଠାଦୋକାନୀଙ୍କୁ ଥଇଥାନ ପାଇଁ ଦୈନିକ ବଜାରର ନିର୍ମାଣ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହାକୁ ବିଡ଼ିଓ ପ୍ରୀତିରଞ୍ଜନ ରଥ ତଦାରଖ କରୁଛନ୍ତି। ପ୍ରକାଶ ଯେ, ଉକ୍ତ ବ୍ଲକ୍ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉଠା ଦୋକାନୀଙ୍କୁ ଥଇଥାନ କରାଯିବାକୁ ଦୈନିକ ବଜାର ନିର୍ମାଣ କାର୍ଯ୍ୟ ଚାଲିଛି। ୨୪ଟି ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୧୩ଟି ପିଞ୍ଜିରା ପ୍ଲାଟଫର୍ମ, ରୁଫେଡ ପ୍ଲାଟଫର୍ମ ୨୪ଟି ଏବଂ କେବଳ ପିଣ୍ଡି ୨୭ଟି କାର୍ଯ୍ୟ ଚାଲିଛି। ଶୀଘ୍ର ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯବ ବୋଲି ବିଡ଼ିଓ କହିଛନ୍ତି। ବିଡ଼ିଓ କାର୍ଯ୍ୟ ତଦାରଖ ସହ ଶୀଘ୍ର କାମ ସାରିବାକୁ କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୂର୍ବରୁ କିଛି ବ୍ୟବସାୟୀ ଦୋକାନ ଗୃହ ପାଇଥିଲେ ମଧ୍ୟ ସେଠାରେ ଦୋକାନ ଖୋଲି ନାହାନ୍ତି ତେଣୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ଆବଶ୍ୟକ ପଡ଼ିଲେ ଉକ୍ତ ଗୃହରୁ ଉଚ୍ଛେଦ କରି ଅନ୍ୟ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ବିଡ଼ିଓ କହିଛନ୍ତି। ବିଡ଼ିଓଙ୍କସହ କନିଷ୍ଠ ଯନ୍ତ୍ରୀ ଓ ପିଇଓ ରୋଶନ ରଥ ଉପସ୍ଥିତ ଥିଲେ।

# ଦୂତିମେଣ୍ଡି ଗ୍ରାମୀଣ ଉଦ୍ୟାନ କାର୍ଯ୍ୟ ବାଟବଣା

ଖଜୁରିପଡ଼ା,୧୦।୩ (ବିଦୁର ବେହେରା)



ଖଜୁରିପଡ଼ା ବ୍ଲକ୍ ଦୂତିମେଣ୍ଡି ପଞ୍ଚାୟତର ସମ୍ମେପଦର ନର୍ସରୀଠାରେ ଏକ ଗ୍ରାମୀଣ ଉଦ୍ୟାନ(ପାର୍କ) ୨୦୧୯-୨୦ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୬,୭୨,୦୦୦ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଟଙ୍କାରେ କେବଳ ପାଚେରି ନିର୍ମାଣ ହୋଇ କାମ ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି। ଏହି କାମକୁ ୫ବର୍ଷ ବିତିଯାଇଥିଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଫଳରେ ଉଦ୍ୟାନ ଭିତରେ ଅନେକ ଛୋଟ ବଡ଼ଗଛ ଉଠି ଗଲାଣି। ପାର୍କ ଚାରିପଟେ ତିଆରି ହୋଇଥିବା ପାଚେରିରେ ଶିଉଳି ଲାଗି କଳା ପଡ଼ିଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ଏହା ନଷ୍ଟ ହେବାକୁ ବସିଲାଣି। କିଛି ମାସ ଭିତରେ ଗ୍ରାମୀଣ ଉଦ୍ୟାନ ପାର୍କ କାର୍ଯ୍ୟକାରୀ ନ କଲେ ସରକାରୀ ଟଙ୍କା ପାଣିରେ ପଡ଼ିବା ଆଶଙ୍କା ରହୁଛି। ସରକାର ଯେଉଁ ଉଦ୍ଦେଶ୍ୟରେ ଏହି ପ୍ରକଳ୍ପ ମଞ୍ଜୁର କରିଥିଲେ ତାହା ଉଦ୍ଦେଶ୍ୟ ହିନ ହେବାକୁ ଯାଉଛି। ତେଣୁ ଜିଲାପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଇ ଏହି ପ୍ରକଳ୍ପର ତଦାରଖ କରିବା ଆବଶ୍ୟକ ରହୁଛି। ନଚେତ୍ ଏହି ପ୍ରକଳ୍ପ ନଷ୍ଟ ହେବ ଏବଂ ସରକାରୀ ଅର୍ଥ ସୁବିନିଯୋଗରୁ ବଞ୍ଚିତ ହେବ। ଏନେଇ ସହକାରୀ ଯନ୍ତ୍ରୀ ବିଷ୍ଣୁ ପ୍ରସାଦ ଖାଡ଼ଙ୍ଗା କହିଛନ୍ତି ଯେ, ସେ ସମୟରେ ତତ୍କାଳିନ ଜିଲାପାଳ ଏହି ଜାଗା ପରିଦର୍ଶନ କଲାପରେ ଗ୍ରାମୀଣ ଉଦ୍ୟାନ ପାର୍କ ନିର୍ମାଣ ପ୍ରକଳ୍ପ ମଞ୍ଜୁର ହୋଇଥିଲା। ତାହା ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ପାଚେରି ନିର୍ମାଣ କରାଯାଇଛି। ଏବେ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ଅନୁମୋଦନ ରାଶି ଆସିଲେ ଏହି ପାର୍କ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ।

## ଗୁଳି ଫୁଟାଇ ୫୦ଲକ୍ଷର ହୀରା ଲୁଟ ମାମଲା: ମୁସ୍ତାକିମ୍‌ଙ୍କୁ ମାମଲାରୁ ବାଦ ଦେଲେ ହାଇକୋର୍ଟ

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ): ବଡ଼ବଜାର ଥାନା ଶାସ୍ତ୍ରୀନଗର ୫ମ ଗଳିର ଏସ.ବାଳକୃଷ୍ଣ ଆଚାରୀ ଓରଫ ରୁନା(୫୧)ଙ୍କୁ ଗତ ଅଗଷ୍ଟରେ ଗୁଳି କରି ୫୦ ଲକ୍ଷ ଟଙ୍କା ମୂଲ୍ୟର ହୀରା ଲୁଟ ହୋଇଥିଲା। ପୋଲିସ ଏହି ମାମଲାରେ ୮ ଜଣଙ୍କୁ ଗିରଫ କରିଥିଲା। ତେବେ ମାମଲାରୁ ଅଭିଯୁକ୍ତ ଭୁବନେଶ୍ୱର ଡୁମୁଡୁମା ଅଞ୍ଚଳର ମୁସ୍ତାକିମ ଖାନଙ୍କୁ ହାଇକୋର୍ଟ ବାଦ ଦେଇଥିବା ସୂଚନା ମିଳିଛି।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଗୋପାଳପୁର,୧୦।୩
(ନବୀନ ରାଜ ଆଚାରୀ)

୧୬ ନଂ. ଜାତୀୟ ରାଜପଥ କନିଷି ଗ୍ରାମ ନିକଟରେ ମଙ୍ଗଳବାର ସଡ଼କ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବ୍ରହ୍ମପୁର ମହାନଗର ଲକ୍ଷ୍ମୀ ନୃସିଂହ ସାହିର ସୁନୀଲ କୁମାର ସାହୁ (୨୬)। ମିଳିଥିବା ସୂଚନା ପ୍ରକାରେ, ମଙ୍ଗଳବାର ସନ୍ଧ୍ୟା ସାଢେ ୫ଟା ବେଳେ ସୁନୀଲ କୌଣସି ଏକ କାମରେ ପାରଳାଖେମୁଣ୍ଡିରୁ ନିଜ ବାଇକରେ ବ୍ରହ୍ମପୁର ଫେରୁଥିବା ବେଳେ କନିଷି ଗାଁ ନିକଟରେ ପଛରୁ ଏକ ନଡ଼ିଆ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସୁନୀଲ ରାସ୍ତାରେ ପଡିଯିବା ସହ ଟ୍ରକ୍‌ଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣା ସ୍ଥଳରେ ସୁନୀଲଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଗୋଳନ୍ଥରା ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଦୁର୍ଘଟଣା ଘଟେଇଥିବା ଟ୍ରକ ଚାଳଙ୍କୁ ପୋଲିସ କାବୁ କରିବା ସହ ଦୁର୍ଘଟଣାଗ୍ରସ୍ତ ବାଇକ ଏବଂ ଟ୍ରକକୁ ଥାନାକୁ ଆଣିଛି। ସୁନୀଲ ବ୍ରହ୍ମପୁର ଏକ ଔଷଧ ଦୋକାନରେ କାମ କରୁଥିବା ଜଣାପଡିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ମାମଲା ରୁଜୁ ହୋଇନାହିଁ।

## ମହାକାଳୀ ବେଶରେ ଦର୍ଶନଦେଲେ ମା’ ତାରାତାରିଣୀ

ପୁରୁଷୋତ୍ତମପୁର,୧୦।୩(ସବିତା ମିଶ୍ର)

ଗଞ୍ଜାମ ଜିଲାର ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ଆରମ୍ଭ ହୋଇଛି। ମନ୍ଦିର ପରିସରରେ ଭକ୍ତଙ୍କ ପ୍ରବଳ ଗହଳି ହୋଇଥିବା ବେଳେ ପଣ୍ଡିତ ବ୍ରାହ୍ମଣଙ୍କ ବେଦମନ୍ତ୍ରରେ ଯଜ୍ଞସ୍ଥଳ ଓ ରତ୍ନଗିରି ପାହାଡ ପ୍ରକମ୍ପିତ ହୋଇଉଠିଛି। ମା’ ତାରାତାରିଣୀ ଦୁଇ ଭଉଣୀ ମହାକାଳୀ ବେଶରେ ସଜେଇ ହୋଇଛନ୍ତି। ବହୁ ଦୂରଦୂରାନ୍ତରୁ ଆସିଥିବା ଭକ୍ତମାନେ ମା’ଙ୍କୁ ଦର୍ଶନ କରିଥିବା ବେଳେ ମାନସିକଧାରୀମାନେ ସେମାନଙ୍କ ଶିଶୁଙ୍କର ମୁଣ୍ଡନ କରାଇଛନ୍ତି।

ସୋମବାର ରାତି ୧ଟା ୩୦ରେ ମନ୍ଦିର ଦ୍ୱାର ଫିଟାଯାଇ ମା’ଙ୍କ ମାଜଣା, ମଙ୍ଗଳ ଆଳତି, ସିଙ୍ଗାର, ଅବକାଶ ସହ ପଞ୍ଚସୁତ୍ର ଅଭିଷେକ ଆଦି ପରମ୍ପରା ଅନୁସାରେ କରାଯାଇଥିଲା। ଭୋର ୪ଟାରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ସପତ୍ନିକ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରି ପଞ୍ଚାମୃତ ହାଣ୍ଡିକୁ ମୁଣ୍ଡାଇ ବେଢା ପରିକ୍ରମା କରିଥିଲେ। ଜିଲାପାଳ ଗଞ୍ଜାମ ଜିଲାବାସୀଙ୍କ ମଙ୍ଗଳ କାମନା କରିଥିଲେ। ମା’ଙ୍କୁ ସେବାୟତମାନେ ମହାକାଳୀ ବେଶରେ ସଜ୍ଜିତ କରାଇବା ପରେ ଭୋର ସାଢ଼େ ୪ଟାରେ ସାହାଣ ମେଲା ହୋଇଥିଲା। ଏହା ପୂର୍ବରୁ ଅର୍ଥାତ୍ ରାତି ସାଢ଼େ ୩ଟାରୁ ମୁଣ୍ଡନ କାର୍ଯ୍ୟ ଆରମ୍ଭ ହୋଇଥିଲା। ୪ଟି ସ୍ଥାନରେ ଏଥିପାଇଁ ବ୍ୟବସ୍ଥା କରାଯାଇଥିଲା। ଭକ୍ତମାନେ ପାହାଡ ଉପରକୁ ସ୍ୱତନ୍ତ୍ର ବସ, ରୋପୱେ ଓ ୯୯୯ ପାହାଚରେ ଯାଇ ମା’ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ସେମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ସେବାୟତ ସଂଘ ସଭାପତି ତପନ ରଣା, ବାପୁଜୀ ରଣା, ଧ୍ରୁବ ରଣାଙ୍କ ସମେତ ସମସ୍ତ ସେବାୟତ ପୂଜାର୍ଚ୍ଚନାରେ ଲାଗିଥିଲେ। ଛତ୍ରପୁର ଉପଜିଲାପାଳ ଶୁଭାଶିଷ ବରାଳ, ମନ୍ଦିର ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏନଏସି ନିର୍ବାହୀ ଅଧିକାରୀ ସଙ୍ଗୀତା ସେଠୀ, ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି କୁଳମଣି ସେଠୀ ପ୍ରମୁଖ ଉପସ୍ଥିତ ରହି ଯାତ୍ରାର ସୁପରିଚାଳନା କରିଥିଲେ।

### ଗଞ୍ଜାମବାସୀଙ୍କ ମଙ୍ଗଳ କାମନା କଲେ ଜିଲାପାଳ



ମା’ଙ୍କ ପୂଜାର୍ଚ୍ଚନା କରାଯାଉଛି।

## ଶେରଗଡ଼ ବ୍ଲକ୍ ଚେୟାରମ୍ୟାନଙ୍କୁ ମରଣାନ୍ତକ ଆକ୍ରମଣ

ଶେରଗଡ଼/ବ୍ରହ୍ମପୁର, ୧୦।୩
(ସୂର୍ଯ୍ୟନାରାୟଣ ଦାଶ/ ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଶେରଗଡ ବ୍ଲକ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ନାୟକଙ୍କୁ ମଙ୍ଗଳବାର ମରଣାନ୍ତକ ଆକ୍ରମଣ ହୋଇଛି। ସେ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ କାର୍ଯ୍ୟାଳୟରେ କିଛି ପ୍ରତିନିଧିଙ୍କ ସହ ବୈଠକ କରୁଥିବା ବେଳେ ୧୦ ରୁ ୧୫ ଜଣ ଲୋକ ବଳପୂର୍ବକ ସେଠାରେ ପହଞ୍ଚି ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି। ତାଙ୍କ ସହ ଆଲୋଚନା କରୁଥିବା ଦିଗାମ୍ବର ନାୟକ ଓ ସୀମାଞ୍ଚଳ ପ୍ରଧାନ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଛି। ପ୍ରାଥମିକ ତଦନ୍ତରୁ ଠିକା କାମକୁ ନେଇ ଲାଗିରହିଥିବା ବିବାଦରୁ ଏହି କାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବର ପାଇ ଥାନାଧିକାରୀ ବିରେନ୍ଦ୍ର ସିଆଳ ଓ ଆହତଙ୍କ ପୁଅ ଅଶୋକ କୁମାର ନାୟକ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଛି। ସେ ବର୍ତ୍ତମାନ ଆଶୁ ଚିକିତ୍ସା ବିଭଗରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଏନେଇ ଥାନାଧିକାରୀ କହିଛନ୍ତି ଯେ, ଏ ସଂକ୍ରାନ୍ତ ଥାନାରେ ଅଭିଯୋଗ ହୋଇନଥିବା ବେଳେ ପୋଲିସ ଘଟଣାର ତଦନ୍ତ ଚାଲିଛି। ଏନେଇ ଏମକେସିଜି ମେଡିକାଲରେ ଆହତଙ୍କ ପୁଅ ଅଶୋକ କହିଛନ୍ତି ଯେ, ବାପାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସେ ଏବେ କଥାବର୍ତ୍ତା କରିପାରୁନାହାନ୍ତି। ମଙ୍ଗଳାବର ସନ୍ଧ୍ୟାରେ ବାପା ତାଙ୍କ କର୍ଯ୍ୟାଳୟରେ ବସି ଅଞ୍ଚଳର ବିକାଶ ପାଇଁ କିଛି ଲୋକଙ୍କ ସହ ଆଲୋଚନା କରିଥିଲେ। ଉଦୟ ପ୍ରଧାନ ନାମକ ଜଣେ ବ୍ୟକ୍ତି ତାଙ୍କ ବାପାଙ୍କୁ ଫୋନରେ ଧମକ ଦେଇଥିଲେ। ସେ ଏନେଇ ଥାନାଧିକାରୀଙ୍କୁ ଜଣାଇଥିଲେ। କିଛି ସମୟ ପରେ ହଠାତ କେତେକ ଲୋକ ତାଙ୍କ କାର୍ଯ୍ୟାଳୟ ଭିତରେ ଧସେଇ ପଶି ତାଙ୍କ ଘାତକ ଆକ୍ରମଣ କରିଛନ୍ତି ବୋଲି ସେ କହିଛନ୍ତି।

## ୧୦ ହଜାରରୁ ଅଧିକ ମହିଳାଙ୍କୁ କିଟ୍ ବାଣ୍ଟିଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୧୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଟିପିଏସଓଡିଏଲ ପକ୍ଷରୁ ଋତୁସ୍ରାବ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଦକ୍ଷିଣ ଓଡ଼ିଶାର ୮ଟି ଜିଲାରେ ୧୦ ହଜାରରୁ ଅଧିକ କିଶୋରୀ ଓ ମହିଳମାନଙ୍କୁ ଏସମ୍ପର୍କରେ ସଚେତନ କରାଯାଇ କିଟ ବଣ୍ଟନ କରାଯାଇଛି । ଋତୁସ୍ରାବ କିଶୋରୀଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ବିଶେଷ କରି ଗ୍ରାମାଞ୍ଚଳ ତଥା ଛୋଟ ଛୋଟ ସହରଗୁଡ଼ିକରେ ଋତୁସ୍ରାବକୁ ନେଇ ଅନେକ ଭ୍ରାନ୍ତ ଧାରଣା ତଥା ସାମାଜିକ ଓ ପାରିବାରିକ କଟକଣା ରହିଛି । ଏଣୁ ବାଳିକାମାନଙ୍କୁ ଋତୁସ୍ରାବ ସମ୍ପର୍କରେ ଠିକ ସୂଚନା ଦେବା ସହ ପରିବାର ଓ ସମାଜ ମଧ୍ୟରେ ଏସମ୍ପର୍କିତ ଖୋଲା ବାର୍ତ୍ତାଳପକୁ ପ୍ରୋତ୍ସାହିତ କରିବା ଦିଗରେ କମ୍ପାନୀ ଉଦ୍ୟମ କରିଛି। ଏହାଦ୍ୱାରା ଏକ ସଚେତନଶୀଳ ସମାଜ ଗଠନ ହୋଇପାରିବ ବୋଲି ଟିପିଏସଓଡିଏଲ ବିଶ୍ୱାସ କରୁଛି । ଏନେଇ ସରକାରୀ ଓ ବେସରକାରୀ ବିଦ୍ୟାଳୟ, କମ୍ୟୁନିଟି ହଲ, ଅଙ୍ଗନୱାଡି କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗ୍ରାମ ଗୋଷ୍ଠୀ କେନ୍ଦ୍ରଗୁଡ଼ିକରେ ସଚେତନତା ଶିବିର ଓ ଅଧିବେଶନ ଆୟୋଜିତ ହୋଇଥିଲା ।ଟିପିଏସଓଡିଏଲ ପକ୍ଷରୁ ସମଗ୍ର ଦକ୍ଷିଣ ଓଡ଼ିଶାରେ ୭୭ଟି ଅଧିବେଶନ ଆୟୋଜିତ ହୋଇଥିବା ବେଳେ ଗଞ୍ଜାମରେ ସର୍ବାଧିକ ୧୨ଟି, କୋରାପୁଟରେ ୧୧ ଓ ମାଲକାନଗିରିରେ ୧୦ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଗଜପତି, କନ୍ଧମାଳ, ନବରଙ୍ଗପୁର ଏବଂ ରାୟଗଡ଼ାଠାରେ ୯ଟି ଲେଖାଏ ଅଧିବେଶନ ଆୟୋଜନ କରିଥିବାବେଳେ ବୌଦ୍ଧ ୮ଟି ଅଧିବେଶନ ଆୟୋଜିତ ହୋଇଛି । ଗଞ୍ଜାମ, କୋରାପୁଟ, କନ୍ଧମାଳ, ମାଲକାନଗିରି, ବୌଦ୍ଧ ଓ ନବରଙ୍ଗପୁର ସମେତ ବିଭିନ୍ନ ଜିଲ୍ଲାର ମହିଳାମାନଙ୍କ ପାଇଁ ୧୨ଟିସ୍ୱତନ୍ତ୍ର ଅଧିବେଶନ କରାଯାଇଥିଲା ।

## ପାରଳା ମହାରାଜ ଯାନ୍ତ୍ରିକ କଲେଜରେ ପ୍ରଯୁକ୍ତି ବିଦ୍ୟା ଉପରେ ଆଲୋଚନାଚକ୍ର

ବ୍ରହ୍ମପୁର,୧୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଶୀତଳାପଲ୍ଲୀ ସ୍ଥିତ ପାରଳା ମହାରାଜ ଯାନ୍ତ୍ରିକ ମହାବିଦ୍ୟାଳୟରେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱରର ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସ ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ, ପାରଳା ମହାରାଜା ଇଞ୍ଜିନିୟରିଂ କଲେଜର ଅଧ୍ୟକ୍ଷ ପ୍ରଫେସର ଚିତ୍ତରଞ୍ଜନ ମହାନ୍ତି ଏବଂ ବେସିକ ସାଇନ୍ସ (ପଦାର୍ଥ ବିଜ୍ଞାନ) ବିଭାଗର ସହକାରୀ ପ୍ରଫେସର ପ୍ରଫେସର ଶତ୍ରୁଜିତ ମିଶ୍ର ଉପସ୍ଥିତ ରହି ଛାତ୍ର,ଛାତ୍ରୀ ମାନଙ୍କ ମଧ୍ୟରେ ବୈଜ୍ଞାନିକ ସଚେତନତା ଏବଂ ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ପ୍ରଥମ ଆଲୋଚନାରେ ପ୍ରଫେସର କରୁଣାକର ନନ୍ଦ ବ୍ରେଥ ଟେଷ୍ଟର, ଲାକ୍ଟୋମିଟର, ସ୍ପିଡୋମିଟର, ଫଟୋଡିଟେକ୍ଟର ଏବଂ ମ୍ୟାଟର ୱେଭ ଭଳି ବ୍ୟବହାରିକ ଉଦାହରଣ ଦେଇ ବୁଝାଇଥିଲେ । ଦ୍ୱିତୀୟ ଅଧିବେଶନରେ ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସର ସହକାରୀ ପ୍ରଫେସର ମୃତ୍ୟୁଞ୍ଜୟ ଭୂୟାଁ ନ୍ୟୁକ୍ଲିୟର ଫ୍ୟୁଜନ ଏବଂ ମଲ୍ଟି-ମେସେଞ୍ଜର ଆଷ୍ଟ୍ରୋନୋମି: ବିଶ୍ୱସ୍ତରୀୟ ଚାହିଦା ସମାଧାନ ଦିଗରେ ଏକ ପଥ" ଉପରେ ଆଧାରିତ କୃତ୍ରିମ ସୂର୍ଯ୍ୟ, ବିକିରଣ ଏବଂ ନିଉଟ୍ରନ ବ୍ୟବହାର ଭଳି ଧାରଣା ଉପରେ ଆଲୋଚନା କରିଥିଲେ। ଡ଼.କ୍ଷୀରୋଦ ଚନ୍ଦ୍ର ପାତ୍ର ବିଜ୍ଞାନ ଏବଂ ଇଞ୍ଜିନିୟରିଂରେ ଆକ୍ସିଲେରେଟର ବିଷୟରେ କହିଥିଲେ। କେମିକାଲ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ହିମାଦ୍ରୀ ସାହୁଙ୍କ ଧନ୍ୟବାଦ ଦେଇଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

## ଡକାୟତି ଯୋଜନାରେ ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୦।୩ (ସୁବାସ ଚନ୍ଦ୍ର ପାଢ଼ୀ)

ଏକ ଡକାୟତି ଯୋଜନା ବେଳେ ପୋଲିସକୁ ଚକମା ଦେଇ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ସଦର ଥାନା ଅନ୍ତର୍ଗତ ଗୁଣ୍ଡବନ୍ଧର ଗୁଞ୍ଜନ ଜେନା ଓରଫ ଟାପି ଜେନା (୩୬)। ଗୁଞ୍ଜନ ଜଣେ ପେଷାଦାର ଅପରାଧୀ। ତାଙ୍କ ନାମରେ ବିଭିନ୍ନ ଥାନାରେ ୯ଗୋଟି ମାମଲା ରହିଛି। ମାମଲା ନଂ ୫୨୦/୨୫ ରେ ତାଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ୨୦୨୫ ନଭେମ୍ବର ମାସରେ ପୋଲିସ ଲାଠୀର ପିଣ୍ଟୁ ଗୌଡ଼ ଓରଫ ପଣ୍ଡା (୩୦) ଓ ଶ୍ୟାମସୁନ୍ଦର ଗୌଡ଼ ଓରଫ ଚେରୁ (୨୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଏବେବି ଦୁଇଜଣ ଫେରାର ଅଛନ୍ତି, ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି। ୨୦୨୫ ନଭେମ୍ବର ୨୪ ବିଳମ୍ବିତ ରାତ୍ରରେ ସଦର ଥାନା ଅଞ୍ଚଳରେ ରାତ୍ରି ପେଟ୍ରୋଲିଂ କରୁଥିଲା। କିଛି ଅପରାଧୀ ବିରିବାଡ଼ିଆ ଗ୍ରାମ ନିକଟରେ ଏକ ଖୋଲା ମଇଦାନରେ ଏକତ୍ରିତ ହୋଇ ପଦର ବାଲି ପେଟ୍ରୋଲ ପମ୍ପରେ ଡକାୟତି କରିବାକୁ ଯୋଜନା କରୁଥିବା ଜାଣିବାକୁ ପାଇଥିଲା। ସେଠାରେ ପୋଲିସ ଟିମ ପହଞ୍ଚିବାର ଦେଖି କିଛି ଅପରାଧୀ ଦୌଡ଼ି ପଳାଇଥିଲେ। ତଥାପି ପୋଲିସ ପାଣ୍ଡା ଓ ଚେରୁ ଗୌଡ଼ଙ୍କୁ ଧରିବାରେ ସଫଳ ହୋଇଥିଲେ ଅନ୍ୟ ତିନିଜଣ ପଳାଇ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଗୁଞ୍ଜନକୁ ପୋଲିସ ଆଜି କାବୁ କରିଛି।

## ଓକିଲଙ୍କ ଘର ଉପରକୁ ବୋମାମାଡ଼ ଘଟଣା ବନ୍ଧାହେଲେ ୫ ଅଭିଯୁକ୍ତ :୨ଖଣ୍ଡା,ବାଇକ୍ ଜବତ



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ବ୍ରହ୍ମପୁର ୧୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଅଞ୍ଚଳରେ ରହୁଥିବା ଓକିଲ ମହେଶ ତ୍ରିପାଠୀ ଙ୍କ ଘରେ ଗତ ୮ତାରିଖ ରାତ୍ରରେ ବୋମା ମାଡ ହୋଇଥିଲା। ସେହିପରି ଅପରାଧୀ ଗୋଷ୍ଟି ଆକ୍ରମଣରେ ତାଙ୍କ ସ୍ତ୍ରୀ କମଳ କୁମାରୀ ନାୟକ ଏବଂ ତାଙ୍କ ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ଆହତ ହୋଇଥିଲେ। ପୋଲିସ ଏହି ମାମଲାରେ ମଙ୍ଗଳବାର ୫ଜଣଙ୍କୁ ବାନ୍ଧିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ରୁଦ୍ର ଡାକୁଆ(୨୨), କାଳୀପ୍ରସାଦ ମହାରଣା (୧୯), ମଣିକାନ୍ତ ରଥ (୨୨), ସନ୍ତୋଷ ଗୌଡ଼ (୧୯) ଏବଂ ଟାଉନ ଥାନା ଅନ୍ତର୍ଗତ ସୋମନାଥ ନଗରର ଶିଶିର କୁମାର ବେହେରା (୧୯)। ତଦନ୍ତ ସମୟରେ ପୋଲିସ ଘଟଣାସ୍ଥଳରୁ ଏକ କଳା ରଙ୍ଗର ବଜାଜ ପଲସର ଏବଂ ଦୁଇଟି ଲୁହା ଖଣ୍ଡା ଜବତ କରିଛି। ସିସିଟିଭି ଫୁଟେଜ ଯାଞ୍ଚ କରି ଉପରୋକ୍ତ ପାଞ୍ଚ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଶ୍ରୀରାମ ନଗର ଅଞ୍ଚଳରେ ଦୁଇ ବର୍ଷ ଧରି ଚାଲିଆସିଥିବା ପୁରୁଣା ଶତ୍ରୁତା କାରଣରୁ ଅପରାଧୀ ଗୋଷ୍ଠୀ ଏହି କାଣ୍ଡ ଘଟାଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏହି ଘଟଣାରେ ସଂପର୍କ୍ତ ରହି ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ କରୁଛି। ମାମଲା ନଂ ୧୬୨/୨୬ ରେ କୋର୍ଟ ଚାଲାଣ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଶ୍ରୀରାମନଗର ଶାନ୍ତି ମାର୍ଗରେ ମହେଶ ତ୍ରିପାଠୀ ପରିବାର ସହ ରୁହନ୍ତି। ଗତ ୮ତାରିଖ ରାତିରେ ଓକିଲ ଓ ତାଙ୍କ ପରିବାର ଘର ସମ୍ମୁଖରେ ବସିଥିଲେ। ୮/୧୦ ଜଣ ଯୁବକ ହାତରେ ବିଭିନ୍ନ ମାରଣାସ୍ତ୍ର ଧରି ସେଠାରେ ପହଁଞ୍ଚିଥିଲେ।ସେମାନେ ଓକିଲଙ୍କ ଘର ଉପରକୁ ବୋମାମାଡ କରିବା ସହ ଅଂଚଳରେ ଆତଙ୍କରାଜ ଖେଳାଇଥିଲେ। ପରେ ସେମାନେ ତଙ୍କ ସ୍ତ୍ରୀ ଓ ବାପାଙ୍କୁ ମଧ୍ୟ ଆକ୍ରମଣ କରିବା ସହ ତାଙ୍କୁ ଜୀବନରେ ମାରିଦେବାକୁ ଧମକଚମକ ଦେଇଥିଲେ। ପରେ ଏନେଇ ଓକିଲଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ।

## ସହାୟତା ପାଇଁ ନିବେଦନ କଲେ କର୍କଟ ପୀଡ଼ିତ

ଗଞ୍ଜାମ,୧୦।୩(ଅନାଥ ତରାଇ)

ଗଞ୍ଜାମ ବ୍ଲକ ସନ୍ତୋଷପୁର ପଞ୍ଚାୟତ କୁଜିଡେପା ଗ୍ରାମର ନାରାୟଣ ପ୍ରଧାନ(୪୦) ଯିଏ ଦିନେ ପରିବାର ଚଳାଉଥିଲେ ଆଜି ସେ କର୍କଟ ପୀଡ଼ିତ ହୋଇ ଶଯ୍ୟାଶାୟୀ। ରାଜମିସ୍ତ୍ରି ଭାବେ କାମ କରି ନାରାୟଣ ନିଜ ପରିବାର ପ୍ରତିପୋଷଣ କରୁଥିଲେ। ପରିବାର କହିଲେ ତାଙ୍କର ବୃଦ୍ଧା ମା’, ଦିବ୍ୟାଙ୍ଗ ସ୍ତ୍ରୀ ଅନିତା ଏବଂ ୩ଟି ପିଲା। ଅସୁସ୍ଥତା ଯୋଗୁ ନାରାୟଣ ଦୀର୍ଘଦିନ ଧରି କାମକୁ ଯାଇପାରୁନାହାନ୍ତି। ଏଭଳି ସ୍ଥିତିରେ ଘରେ ଚୁଲି ଜଳିବା କଷ୍ଟକର ହୋଇପଡ଼ିଛି। ଏପଟେ ଅର୍ଥାଭାବ ଚିକିତ୍ସାରେ ବାଧକ ସାଜିଛି। କର୍କଟ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବାବେଳେ, ପରିବାର ପାଖରେ ସଞ୍ଚିତ ଅର୍ଥ ବୋଲି କିଛି ନାହିଁ। ୩ ପିଲାଙ୍କ ପାଠପଢ଼ା ଓ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି। ସମ୍ପୂର୍ଣ୍ଣ ଅସହାୟ ଅବସ୍ଥାରେ ଥିବା ଏହି ପରିବାର ଏବେ ସରକାରୀ ସାହାଯ୍ୟକୁ ଚାହିଁ ରହିଛନ୍ତି। ସ୍ଥାନୀୟ ପ୍ରଶାସନ, ସମାଜସେବୀ ସଂଗଠନ ଏବଂ ଦୟାଳୁ ବ୍ୟକ୍ତିମାନେ ସହଯୋଗ ହାତ ବଢ଼ାଇବାକୁ ନିବେଦନ କରିଛନ୍ତି।



ନାରାୟଣ ପ୍ରଧାନ ଓ ପରିବାର ।

## ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧନା

ଦିଗପହଣ୍ଡି,୧୦।୩(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସନ୍ତୋଷ କୁମାର ମହାପାତ୍ରଙ୍କୁ ମଙ୍ଗଳବାର ଅଖିଳ ଭାରତୀୟ ପ୍ରାଥମିକ ଶିକ୍ଷକ ମହାସଂଘ ଦିଗପହଣ୍ଡି ଶାଖା ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ଶାଖା ସମ୍ପାଦକ ସନ୍ତୋଷ ଗୌଡ଼, ସହ-ସମ୍ପାଦକ ପ୍ରଦୀପ ମହାପାତ୍ର, ଉପସଭାପତି ଦିବାକର ପାଣିଗ୍ରାହୀ, ଉପ ସଭାନେତ୍ରୀ ମମତା ଦେବୀ, କୋଷାଧ୍ୟକ୍ଷ ଶିବଶଙ୍କର ମିଶ୍ର, ଜିଲା କମିଟି ସଭ୍ୟ ସୁଦାମ ଦାସ, ସଭ୍ୟା ନର୍ମଦା ପାତ୍ର, ରାଜ୍ୟ କମିଟି କୋଷାଧ୍ୟକ୍ଷ ସନାତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବୃନ୍ଦ କର୍ତ୍ତବ୍ୟନିଷ୍ଠ ଓ ସମୟାନୁବର୍ତ୍ତୀ ହୋଇ ସମଗ୍ର ଛାତ୍ରସମାଜ ପାଇଁ ପ୍ରେରଣାର ଉତ୍ସ ହେବା ସହ ବ୍ଲକ ଅଧିନ ସମସ୍ତ ବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷାଦାନର କିଭଳି ଅଭିବୃଦ୍ଧି ହୋଇପାରିବ ସେ ନେଇ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଡ଼.ଶଙ୍କର ନାରାୟଣ ବେଜ ଅବସର ଗ୍ରହଣ କରିବା ପରେ କୁକୁଡ଼ାଖଣ୍ଡି ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

## ଓଡ଼ିଶା ସେବା ନିବୃତ୍ତ କର୍ମଚାରୀ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଧାରଣା ଦେବ

ବ୍ରହ୍ମପୁର୧୦।୩
(ଅଶୋକ କୁମାର ସାହୁ)

ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଆନୁକୂଲ୍ୟରେ ଗଞ୍ଜାମ ଶାଖା ତରଫରୁ ଏକ ବୈଠକ ଡ.ଯୁଧିଷ୍ଠିର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ କାର୍ଯ୍ୟାକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା ଓ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡ଼ଙ୍ଗା ଯୋଗ ଦେଇ ଭାଲିଡେସନ ଆକ୍ଟ କିପରି ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରାପ୍ୟକୁ ସଂକୁଚିତ କରି ବିଭେଦ ସୃଷ୍ଟି ପାଇଁ ଯୋଜନା କରାଯାଇଛି ତାହା ଅବଗତ କରାଇ ଥିଲେ । ଯୁଗ୍ମ ସମ୍ପାଦକ ଭବାନୀ ପ୍ରସାଦ ପାଢୀ,ଉପସଭାପତି ସୁବାଷ ଚନ୍ଦ୍ର ପାଢୀ,ପଦ୍ମଚରଣ ମେକାପ, ସୁଷମା ପାଠୀ,ବସନ୍ତ ପଟ୍ଟନାୟକ, ଗୌରହରୀ ପାତ୍ର ଅଂଶଗ୍ରହଣ କରିଥିଲେ। ଏହା ବିରୁଦ୍ଧରେ ଆଗାମୀ ଦିନରେ ଦୁର୍ବାର ଆନ୍ଦୋଳନ ସହ ଆସନ୍ତା ୨୫ ତାରିଖରେ ଆରଡିସିଙ୍କ ଅଫିସ ଆଗରେ ଧାରଣା ଦେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସୁଷମା ପାଠୀ ଧନ୍ୟବାଦ ଦେଇଥିଲେ।

## ଅବ୍ୟବସ୍ଥାରେ ହୁମା ଶୁଖୁଆ ହାଟ
### ଜାତୀୟ ରାଜପଥ କଡ଼ରେ ବସୁଛନ୍ତି ବ୍ୟବସାୟୀ

ଗଞ୍ଜାମ,୧୦।୩(ବିଦ୍ୟାଧର ସାହୁ)

ଗଞ୍ଜାମ ଜିଲା ପ୍ରସିଦ୍ଧ ହୁମା ଶୁଖୁଆ ହାଟ ଏସିଆ ମହାଦେଶର ସର୍ବବୃହତ୍ତମ ହୁମ୍ମା ଶୁଖୁଆ ହାଟ ରୂପେ ପରିଚିତ। ବର୍ତ୍ତମାନ ଏହି ହାଟ ବିଭିନ୍ନ ସମସ୍ୟାରେ ଚାଲିଛି। ସପ୍ତାହର ଶନିବାର ଓ ରବିବାର ଦୁଇ ଦିନ ବୀସୁଥିବା ଏହି ହାଟ ଉପରେ ହୁମା ସମେତ ଆଖପାଖ ଓ ବାହାର ଅଞ୍ଚଳର ବ୍ୟବସାୟୀ ଓ ସାଧାରଣ ଲୋକେ ନିର୍ଭର କରନ୍ତି। ହାଟ ପରିସରରେ ଗାଡି ରଖିବାକୁ ସ୍ଥାନ ନ ଥିବାରୁ ବ୍ୟବସାୟୀ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଗାଡି ରଖି ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନଙ୍କ ଚାଲାଣ କାଟୁଥିବା କେତେ ଜଣ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଭଲ ବ୍ୟବସାୟ ଆଶାରେ ଜାତୀୟ ରାଜପଥ କଡରେ ଏହି ହାଟ ଚାଲିଛି। ଶାବଳା, ପଥରମୁଣ୍ଡି, ଖଇଙ୍ଗା, କାରାଚାନ୍ଦି, କୋକଲି, ଚିଙ୍ଗୁଡି ଏପରି ପ୍ରାୟ ୪୦ ପ୍ରକାର ଶୁଖୁଆ ଏଠାରେ ମିଳେ।

ଅନ୍ୟପକ୍ଷରେ ଶୁଖୁଆ ବ୍ୟବସାୟୀଙ୍କ ପାଇଁ ସବୁ ସୁବିଧା ଥାଇ ମଧ୍ୟ ନିର୍ମିତ ଆଧୁନିକ ଶୁଖୁଆ ହାଟ କାମରେ ଲାଗୁନାହିଁ। ଆଧୁନିକ ଶୁଖୁଆ ହାଟ ପାଇଁ ୨୦୧୮ରୁ ୨ଟି କୋଠା ନିର୍ମାଣ କରାଯାଇଛି। ଗୋଟିଏରେ ବ୍ୟବସାୟ କରିବା ସହ ଅନ୍ୟଟିରେ ବ୍ୟବସାୟୀଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଛି। ମାତ୍ର ଘର ଭିତରେ ଭଲ ବ୍ୟବସାୟ ନ ହେବାରୁ ବ୍ୟବସାୟୀ ରାଜପଥ କଡ଼ରେ ଆସି ବସୁଛନ୍ତି। ହୁମା ଶୁଖୁଆ ସୋରଳ ସୋନପୁର ସମେତ ଓଡିଶାର ବିଭିନ୍ନ ସ୍ଥାନରୁ ଏଠାକୁ ଶୁଖୁଆ ଆସିଥାଏ। ରାସ୍ତା କଡରେ ଖୋଲାରେ ହାଟ ବସୁଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ବର୍ଷା ହେଲେ ଲକ୍ଷାଧିକ ଟଙ୍କାର ଶୁଖୁଆ ଓଦା ହୋଇଯାଉଥିବା ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଶୁଖୁଆ ବ୍ୟବସାୟୀଙ୍କ ସମସ୍ୟାର ସମାଧାନ ପାଇଁ ହାଟକୁ ଲାଗି ରହିଛି ସହକାରୀ ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ। ଅଥଚ ସେଠାକୁ ଦିନଟିଏ ମଧ୍ୟ କେହି ଅଧିକାରୀ ଆସି ନ ଥିବା ଜଣାପଡିଛି। ସଂପୃକ୍ତ କୋଠାରେ ଆନୁସଙ୍ଗିକ ବ୍ୟବସ୍ଥା କରି କାର୍ଯ୍ୟକ୍ଷମ କରିବା ପାଇଁ ବ୍ୟବସାୟୀ ଦାବି କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।



## ତୃଷା ମେଣ୍ଟାଇବା ନାଁରେ ଫାଇଦା

ବ୍ରହ୍ମପୁର,୧୦।୩(ସୁବାସ ଚନ୍ଦ୍ର ପାଢ଼ୀ)

ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପ୍ରାଣ କେନ୍ଦ୍ର ବ୍ରହ୍ମପୁର ସହର। ଫାଷ୍ଟଫୁଡଠାରୁ ଆରମ୍ଭ କରି ମୃଦୁପାନୀୟ ପର୍ଯ୍ୟନ୍ତ ସରଗରମ ବେପାର ଦେଖିବାକୁ ମିଳେ। ଦିନ ସାରା ସବୁଠି ମୃଦୁପାନୀୟ ମିଳୁଥିବାବେଳେ ସନ୍ଧ୍ୟାରେ ଫାଷ୍ଟଫୁଡ ପାଖରେ ଭିଡ ଜମେ। ଏବେ ଗ୍ରୀଷ୍ମ ଆସିଛି। ଖରାର ପ୍ରକୋପ ଧିରେ ଧିରେ ବଢ଼ିବାରେ ଲାଗିଛି। ମୃଦୁ ପାନୀୟ ଋତୁକାଳୀନ ବେପାର ହୋଇଥିବାବେଳେ ଖରାରୁ ରକ୍ଷା ପାଇଁ ତୃଷା ମେଣ୍ଟାଇବାକୁ ଲୋକେ ମୃଦୁ ପାନୀୟ ଚାହିଁବା ସ୍ୱାଭାବିକ। କିନ୍ତୁ ଏହା ଦେହ ପକ୍ଷେ କେତେ ସୁରକ୍ଷିତ ତାହାର ଯାଞ୍ଚ କରିବାକୁ ନାଁ ଗ୍ରାହକ ନାଁ ବିଭାଗୀୟ ଅଧିକାରୀ କାହା ପାଖରେ ବି ସମୟ ନାହିଁ। ତୃଷା ମେଣ୍ଟାଇବା ନାଁରେ ବେପାରୀମାନେ ମଧ୍ୟ ସବୁଠି ମୃଦୁପାନୀୟର ପସରା ମେଲି ଦେଇଛନ୍ତି। ସେଠାରେ ପର୍ଯ୍ୟାପ୍ତ ଗହଳି ଦେଖିବାକୁ ମିଳୁଛି। ଗମନା ଗମନ ସୁବିଧା ଥିବାରୁ ଏଠାକୁ ଦୈନିକ ହଜାର ହଜାର ଲୋକ ଆସନ୍ତି। ସୁସ୍ୱାଦୁ ଖାଦ୍ୟ ଓ ମିଷ୍ଟାନ୍ନ ପାଇଁ ଏହି ସହର ପ୍ରସିଦ୍ଧି ଲାଭ କରିଛି। ସହର ସାରା ଖାଦ୍ୟ ଓ ପାନୀୟ ବ୍ୟବସାୟର ଆସର ଦେଖିବାକୁ ମିଳୁଥିବାବେଳେ ଅସାଧୁ ବେପାରୀମାନେ ଋତୁ କାଳୀନ ମୃଦୁ ପାନୀୟ ବ୍ୟବସାୟର ଫାଇଦା ଉଠାଇ ବର୍ତ୍ତମାନ ସମୟରେ ତୃଷାର୍ତ୍ତଙ୍କ ସାସ୍ଥ୍ୟ ସମସ୍ୟାର ପ୍ରମୁଖ କାରଣ ସାଜିଥିବା ଅନେକ ଡାକ୍ତର ଓ

### କେତେ ସୁରକ୍ଷିତ ମୃଦୁ ପାନୀୟ

ବୁଦ୍ଧିଜୀବୀ ମତ ଦେଇଛନ୍ତି। କମଳା ଜୁସ ହେଉ କି ଡାଳିମ୍ବ ଜୁସ, ଅଙ୍ଗୁର ଜୁସ୍ ହେଉ କି ତରଭୁଜ ଜୁସ ସବୁଥିରେ ବରଫ ଦେଇ ଲୋକଙ୍କୁ ଦିଆଯାଉଛି। ସେହିପରି ପାଣି ବଟଲଗୁଡିକ ବି ମିଳୁଛି। ଅନ୍ୟପକ୍ଷରେ ସ୍ଥାନେ ସ୍ଥାନେ ଛୋଟ ଛୋଟ ଗାଡିରେ ବିଭିନ୍ନ ପ୍ରକାର ମୃଦୁ ପାନୀୟ ବିକ୍ରି ହେଉଛି। ବିଭିନ୍ନ ଦୋକାନରେ ବି ବିଭିନ୍ନ ବ୍ରାଣ୍ଡର ମୃଦୁ ପାନୀୟ ମିଳୁଛି। କିନ୍ତୁ ତାହା ଆଦୌ ଯାଞ୍ଚ ହେଉନି ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ତାହା ଅପମିଶ୍ରିତ କି ନୁହେଁ ଜଣାପଡୁନି। ତୃଷା ମେଣ୍ଟାଇବା ନାଁରେ ବେପାରୀମାନେ ପ୍ରତ୍ୟେକ ସ୍ଥାନରେ ଏହି ମୃଦୁପାନୀୟ ଗାଡି ରଖି ନିଜ ଫାଇଦା ନେଉଛନ୍ତି। ଅସାଧୁ ବେପାରୀ ବିଭିନ୍ନ ରଙ୍ଗର ସରବତ, ଦହି ପ୍ରସ୍ତୁତ ପଣା, ଲସି, ମିକ୍ସ ସାଲାଡ଼, ମିକ୍ସ ଜୁସ ନାମ ଫଳକ ଝୁଲେଇ ବିକ୍ରୀ କରୁଥିଲେ ବି ଏମାନଙ୍କ ପାଇଁ ମାର୍ଗଦର୍ଶିକା ଜରୁରୀ। ଏହି ମାନଙ୍କ ଉପରେ ସତର୍କ ଦୃଷ୍ଟି ରଖି ଖାଦ୍ୟ ସୁରକ୍ଷା ପାଇଁ ନିଯୁକ୍ତ ନିରୀକ୍ଷକଙ୍କ ଏହା ଦାୟିତ୍ୱ। ଅପମିଶ୍ରିତ ଖାଦ୍ୟ,ମୃଦୁ ପାନୀୟ ଏବଂ ଜଳ ହିଁ ଅନେକ ସମୟରେ ବିଭିନ୍ନ ପ୍ରକାର ରୋଗର କାରଣ। ଡାଇରିଆ, ଲାଳ ରକ୍ତ ଝାଡ଼ା, ବାନ୍ତି, ଅସାଧ ଜ୍ୱର ଏପରି କି ଜଣ୍ଡିସ ରୋଗ ଅପମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ମୃଦୁ ପାନୀୟ ପିଇବା ଦ୍ୱାରା ହୁଏ ବୋଲି ଅନେକ ବିଶେଷଜ୍ଞ ବି ମତ ଦେଉଛନ୍ତି। ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ ପକ୍ଷରୁ ମୃଦୁ ପାନୀୟ ନ ପିଇବା ପାଇଁ ସଚେତନ ସୃଷ୍ଟି କରାଯାଉଛି ବୋଲି ଫାଉଣ୍ଡେସନର ସଦସ୍ୟ ଶ୍ୟାମ ସୁନ୍ଦର ଖାଡଙ୍ଗା ପ୍ରକାଶ କରିଛନ୍ତି। ଏନେଇ ଶିକ୍ଷାବିତ ରାଜେନ୍ଦ୍ର କୁମାର ପଣ୍ଡାଙ୍କୁ ପଚାରିବାରୁ ସେ କହିଲେ ଯେ, ଅନେକ ମୃଦୁପାନୀୟ ରଙ୍ଗବେରଙ୍ଗର ମିଳୁଛି। ତାହା ଗ୍ୟାଷ୍ଟିକର ମୂଳ କାରଣ। କିନ୍ତୁ ଲୋକେ ଏଥିପ୍ରତି ସଚେତନ ହେବା ଦରକାର। ସ୍ୱାଦ ଅଛି କିମ୍ବା ତୃଷା ମେଣ୍ଟିବା ପାଇଁ ଲୋକେ ପିଉଛନ୍ତି। ଏହା ଦ୍ୱାରା ତୃଷା ମେଣ୍ଟିବ କ’ଣ ରୋଗ କିଣିବାକୁ ପଡୁଛି। ବେପାରୀ ଫାଇଦାରେ ରହୁଥିବାବେଳେ ଲୋକେ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହାର କଡାକଡି ଯାଞ୍ଚ ହେବା ଉଚିତ। ଏ ସଂକ୍ରାନ୍ତରେ ବିଇଏମସିର ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗାଙ୍କୁ ପଚାରିବାରୁ ସେ କହିଲେ ଯେ, ଯାଞ୍ଚ ଚାଲିଛି। ଯାଞ୍ଚ ପରେ ସେମାନେ ପୁଣି ଦେକୋନ ଖୋଲୁଛନ୍ତି। ମାର୍ଗଦର୍ଶିକା ବି ଜାରି ହୋଇଛି। ଯେଉଁମାନେ ଅପମିଶ୍ରିତ ପାନୀୟ ବିକୁଛନ୍ତି ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ନ୍ୟାୟ ସଂହିତା ପ୍ରଦର୍ଶନୀ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୩ (ତ୍ରିନାଥ ମହାନ୍ତି)

ଭୁବନେଶ୍ୱର ୟୁନିଟ୍-୩ସ୍ଥିତ ପ୍ରଦର୍ଶନୀ ପଡିଆରେ ଓଡ଼ିଶା ପୋଲିସ ପକ୍ଷରୁ ଚାଲିଥିବା ଭାରତୀୟ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଲି ଦେଖିଛନ୍ତି। ଲୋକଙ୍କ ସମାଗମ ଓ ଉତ୍ସାହ ଦେଖି ମୁଖ୍ୟମନ୍ତ୍ରୀ ପ୍ରଦର୍ଶନୀକୁ ଆଉ ଦୁଇଦିନ ଅର୍ଥାତ ୧୨ ତାରିଖ ପର୍ଯ୍ୟନ୍ତ ବଢାଇବା ପାଇଁ ଘୋଷଣା କରିଛନ୍ତି। ପ୍ରଦର୍ଶନୀରେ ସଚେତନତା ପଥପ୍ରାନ୍ତ ନାଟକକୁ ଦେଖି ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହିତ ଗୃହ ବିଭାଗର ବିଭିନ୍ନ ଷ୍ଟଲ୍ ଅତି ଉଚ୍ଚକୋଟୀର ହୋଇଛି ବୋଲି କହିଛନ୍ତି। ପରେ ଗଣମାଧ୍ୟମକୁ ବିବୃତି ଦେଇ ମୁଖ୍ୟମନ୍ତ୍ରୀ କହିଲେ, ଦେଶର ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀଙ୍କର ଯେଉଁ ସଂକଳ୍ପ ରହିଛି, ତାହାର ଶ୍ରେଷ୍ଠ ପ୍ରମାଣ ହେଉଛି ଏହି ଭାରତୀୟ ନ୍ୟାୟ ସଂହିତା। ଏହି ପ୍ରଦର୍ଶନୀ ସାଧାରଣ ଲୋକଙ୍କୁ ନୂଆ ଆଇନର କାର୍ଯ୍ୟକାରୀତା ଓ ପ୍ରଭାବ ସମ୍ପର୍କରେ ସଚେତନ କରିବାରେ



ପ୍ରଦର୍ଶନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓସ୍‌ଡମା ଷ୍ଟଲ୍ ବୁଲି ଦେଖିବା ସହ ବିପର୍ଯ୍ୟୟ ସମୟରେ ଉଦ୍ଧାର କାର୍ଯ୍ୟଶୈଳୀ ସମ୍ପର୍କରେ ପଚାରି ବୁଝୁଛନ୍ତି।

## ଆଉ ଦୁଇଦିନ ବଢିଲା ସମୟସୀମା

- **ନାଗରିକଙ୍କୁ ସୁରକ୍ଷା ଓ ନ୍ୟାୟ ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କ ସଂକଳ୍ପର ଶ୍ରେଷ୍ଠ ପ୍ରମାଣ**
- **ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତକୁ ବୃଦ୍ଧି**

ଏକ ଉତ୍ତମ ପଦକ୍ଷେପ। ନୂଆ ଆଇନ ଲାଗୁ ପରେ ଭାରତ ବର୍ଷର ଅପରାଧ ନିୟନ୍ତ୍ରଣ ଢାଞ୍ଚାରେ ଉପନିବେଶବାଦୀ ଯୁଗର ଅବସାନ ଘଟିଛି ଏବଂ ସ୍ୱାଧୀନ ଭାରତର ଆଭିମୁଖ୍ୟକୁ ନେଇ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ ପ୍ରତିଶତ ବୃଦ୍ଧି ପାଇଛି, ଯାହା ଏକ ବଡ଼ ସଫଳତା। ତଦନ୍ତଠାରୁ ବିଚାର ପର୍ଯ୍ୟନ୍ତ ପ୍ରାୟ ସବୁ ଷ୍ଟେପ୍‌ରେ ଉନ୍ନତି ଆସିଛି। ୨୦୨୫ରେ ଜିରୋ ଏଫ୍‌ଆଇଆର୍ ସଂଖ୍ୟା ୧୬୬ ପ୍ରତିଶତ ବୃଦ୍ଧି ପାଇଛି। ଆମେ ପୋଲିସକୁ ଦକ୍ଷ କରିବା ପାଇଁ ଅନେକ ପଦକ୍ଷେପ ମଧ୍ୟ ନେଉଛୁ। ନ୍ୟାଶନାଲ ଫୋରେନ୍‌ସିକ ୟୁନିଭର୍ସିଟି ଏବଂ ସେଣ୍ଟ୍ରାଲ ଫୋରେନ୍‌ସିକ ସାଇନ୍ସ ଲ୍ୟାବରେଟୋରି ପାଇଁ ଶିଳାନ୍ୟାସ କରାଯାଇଛି। ଆଧୁନିକ ଟେକ୍ନୋଲୋଜିରେ ପୋଲିସକୁ ପାରଙ୍ଗମ କରିବା ପାଇଁ ଆଇଆଇଟି ଭୁବନେଶ୍ୱର ସହିତ ଏମ୍‌ଓୟୁ ହୋଇଛି। ପୋଲିସକୁ ବିଭିନ୍ନ ଆଧୁନିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେବା ପାଇଁ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟ ସହ ମଧ୍ୟ ଏମ୍‌ଓୟୁ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ପୋଲିସର ସମସ୍ତ ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ତଥ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ସ୍କୁଲ ଏବଂ ଆଇନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ନୂଆ ଆଇନ ସଂକ୍ରାନ୍ତରେ ଜାଣିବାକୁ ପାଇଥିଲେ। ସୂଚନାଯୋଗ୍ୟ, ଗତ ୬ ତାରିଖରେ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କିତ ଏହି ପ୍ରଦର୍ଶନୀକୁ କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନ କରିଥିଲେ।

# ଟୋକିଓ ବୈଶ୍ୱିକ ବିତ୍ତ ଫୋରମରେ ପ୍ରଦର୍ଶିତ ହେଲା ଓଡ଼ିଶା ଛାତ୍ରୀଛାତ୍ରଙ୍କ ଫିନ୍‌ଟେକ୍ ପ୍ରକଳ୍ପ

ଭୁବନେଶ୍ୱର,୧୦।୩ (ସୁଚିସ୍ମିତା ସାହୁ)

ଓଡ଼ିଶାର ଛାତ୍ରୀଛାତ୍ରମାନେ ଫିନ୍‌ଟେକ୍ ଓ ଇନ୍‌ସ୍ୟୁରଟେକ ସାର୍ଟିଫିକେଟ ପ୍ରୋଗ୍ରାମ ଅଧୀନରେ ନିଜ ଫିନ୍‌ଟେକ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ୍ତ ଫୋରମରେ ପ୍ରଦର୍ଶନ କରିଛନ୍ତି। ପ୍ରକଳ୍ପଟି ହେଉଛି 'ଟ୍ରାଞ୍ଚିଫି' – ଆଗାମୀ ଦିନର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ୱାର୍କିଙ୍ଗ କ୍ୟାପିଟାଲ ପ୍ଲାଟଫର୍ମ। ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ବି. ସିମ୍ରନ, ରାଜେଶ୍ୱରୀ ବେହେରା, ପୁଷ୍ପାଞ୍ଜଳି ବେହେରା, ମନୀଷା ଲେଙ୍କା, ସୌମ୍ୟ ରଞ୍ଜନ ବୈଥାଲୁ, ଉତ୍କଳ ବିଶ୍ୱବିଦ୍ୟାଳୟର ଶିବାଂଶୀ ନାୟକ, ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟର ଅନିର୍ବାଣ କର ଏହି ପ୍ରକଳ୍ପ ପ୍ରସ୍ତୁତ ଓ ପ୍ରଦର୍ଶନ କରିଛନ୍ତି। କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ନିଜର ଉଦ୍ୟୋଗ ପାଇଁ ଯେପରି ସହଜ ଓ ସୁବିଧାରେ ବ୍ୟାଙ୍କରୁ ଋଣ ନେଇପାରିବେ ଓ ଏ ସଂକ୍ରାନ୍ତ ବିତ୍ତୀୟ ପ୍ରକ୍ରିୟାକୁ ଯେପରି ଡ଼ିଜିଟାଇଜ୍ କରାଯିବ, ତାହାକୁ ନେଇ ଛାତ୍ରୀଛାତ୍ର ଏହି ଫିନଟେକ ପ୍ରକଳ୍ପରେ ଗୁରୁତ୍ୱ ଦେଇଛନ୍ତି। ଏହି ପ୍ରକଳ୍ପକୁ ଗ୍ଲୋବାଲ ଫାଇନାନ୍ସ, ଟେକ୍ନୋଲୋଜି ନେଟୱର୍କ ଏବଂ ଜାପାନର ଏମୟୁଏଫ୍‌ଜି ବ୍ୟାଙ୍କ ଲିମିଟେଡ଼ର ଅଧିକାରୀମାନେ ପ୍ରଶଂସା କରିବା ସହ ଛାତ୍ରୀଛାତ୍ରଙ୍କ ଏହି ଅଭିନବ ପ୍ରୟାସଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ସୂଚନାଯୋଗ୍ୟ ଯେ, ଓଡ଼ିଶା ସରକାର ଏବଂ ସିଙ୍ଗାପୁର ଜାତୀୟ ବିଶ୍ୱବିଦ୍ୟାଳୟ, ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜିଟାଲ ଫାଇନାନ୍ସ ଓ ଗ୍ଲୋବାଲ ଫାଇନାନ୍ସ ଆଣ୍ଡ ଟେକ୍ନୋଲୋଜି ନେଟୱର୍କର ମିଳିତ ସହାଭାଗିତରେ ଓଡ଼ିଶାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଫିନ୍‌ଟେକ୍ ଓ ଇନ୍‌ସ୍ୟୁରଟେକ୍ ସାର୍ଟିଫିକେଟ ପ୍ରୋଗ୍ରାମ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମୋଟ ୧୯୫ଜଣ ଛାତ୍ରୀଛାତ୍ର ବିଭିନ୍ନ କ୍ୟାପ୍‌ଷ୍ଟୋନ ପ୍ରକଳ୍ପ ଉପରେ କାମ କରିଥିଲେ। ଏମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିବା ୭ଜଣିଆ ଛାତ୍ରୀଛାତ୍ରଙ୍କ ଏକ ଟିମ ନିଜ ଫିନ୍‌ଟେକ ପ୍ରକଳ୍ପକୁ ଟୋକିଓ ବୈଶ୍ୱିକ ବିତ୍ତ ଫୋରମରେ ପ୍ରଦର୍ଶିତ କରିବା ପାଇଁ ଚୟନ ହୋଇଥିଲେ।




ଟୋକିଓସ୍ଥିତ ଭାରତୀୟ ଦୂତାବାସଠାରେ ଅଧିକାରୀଙ୍କ ସହ ଓଡ଼ିଆ ଛାତ୍ରୀଛାତ୍ରମାନେ।

## ଅବଶିଷ୍ଟାଂଶ

### ମହିଳାଙ୍କୁ ସମାନ ...

ସଂସ୍କାର ପାଇଁ ଅତ୍ୟଧିକ ଚିନ୍ତା କରୁଥିବାବେଳେ ଏହା ସେମାନଙ୍କୁ ବଞ୍ଚିତ କରିଦେବାର ସମ୍ଭାବନା ରହିଛି। ଏବେ ସେମାନେ ଯେତିକି ପାଉଛନ୍ତି, ତା'ଠାରୁ ମଧ୍ୟ କମ୍ ପାଇପାରନ୍ତି। ଯଦି ଶାରିଆତ୍ ଆଇନକୁ ହଟାଇଦିଆଯାଏ, ଏହା ଏକ ଅଯଥା ଶୂନ୍ୟତା ସୃଷ୍ଟି କରିବ ନାହିଁ କି ବୋଲି ସିଜେଆଇ ପ୍ରଶ୍ନ କରିଥିଲେ। ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି, ପକ୍ଷପାତିତାକୁ ନେଇ ଆପଣଙ୍କ ପାଖରେ ଏକ ଭଲ ମାମଲା ରହିଛି, କିନ୍ତୁ ଏହାକୁ ବ୍ୟବସ୍ଥାପିକାର ବିଚାର ପାଇଁ ଛାଡ଼ିଦେବା ଅଦାଲତଙ୍କ ପାଇଁ ଉପଯୁକ୍ତ ହେବନାହିଁ କି। କାରଣ ରାଜ୍ୟ ନୀତିର ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତ ଅନୁଯାୟୀ ସମାନ ନାଗରିକ ସଂହିତା ପ୍ରଣୟନ କରିବା କ୍ଷମତା ବ୍ୟବସ୍ଥାପିକା ପାଖରେ ରହିଛି। ଜଷ୍ଟିସ୍ ବାଗ୍‌ଚୀ କହିଥିଲେ, ଜଣେ ପୁରୁଷ ପାଇଁ ଜଣେ ମହିଳା ନୀତି ସବୁ ସମ୍ପ୍ରଦାୟ ପାଇଁ ସମାନଭାବେ ଲାଗୁ ହୋଇନାହିଁ। ତେବେ ଏହାର ଅର୍ଥ କ'ଣ ଅଦାଲତ ସମସ୍ତ ବହୁପତ୍ନିକ ବିବାହକୁ ଅସାମ୍ବିଧାନିକ ଘୋଷଣା କରିପାରିବ କି ବୋଲି ସେ ପ୍ରଶ୍ନ କରିଥିଲେ। ତେଣୁ ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବା ପାଇଁ ଆମକୁ ବ୍ୟବସ୍ଥାପିକାର ନିଷ୍ପତ୍ତିକୁ ଗ୍ରହଣ କରିବାକୁ ପଡ଼ିବ ବୋଲି ଜଷ୍ଟିସ୍ ବାଗ୍‌ଚୀ କହିଛନ୍ତି।

ପ୍ରଶାନ୍ତ ଭୂଷଣ କହିଥିଲେ, ପୁରୁଷଙ୍କ ଭଳି ମୁସଲମାନ ମହିଳା ସମାନ ଉତ୍ତରାଧିକାର ପାଇବାକୁ ହକ୍‌ଦାର ବୋଲି ଅଦାଲତ ଘୋଷଣା କରିପାରିବେ। ଅଦାଲତ ଯଦି ୧୯୩୭ର ଶାରିଆତ୍ ଆଇନକୁ ରଦ୍ଦ କରିଦିଅନ୍ତି, ତେବେ ଭାରତୀୟ ଉତ୍ତରାଧିକାର ଆଇନ ଲାଗୁହେବ ବୋଲି ସେ ଯୁକ୍ତି ରଖିଥିଲେ। ଏଥିରେ ଆଶ୍ଚର୍ଯ୍ୟ ହୋଇ ଖଣ୍ଡପୀଠ କହିଥିଲେ, ଅଦାଲତ କୌଣସି ପର୍ସନାଲ ଆଇନ ବ୍ୟବସ୍ଥାର ସାମ୍ବିଧାନିକତାକୁ ନ୍ୟାୟିକ ଭାବେ ବିଚାର କରିପାରିବେ କି? ଏହା ଉପରେ ଖଣ୍ଡପୀଠ ବମ୍ବେ ହାଇକୋର୍ଟରେ ୧୯୫୧ର ନରାସୁ ଅପ୍ପା ମାଲି ମାମଲାର ଅବତାରଣା କରିଥିଲେ। ପର୍ସନାଲ ଲ' (ବିବାହ, ଉତ୍ତରାଧିକାର ଆଦି ଉପରେ ଧର୍ମୀୟ ଆଇନ) ସମ୍ବିଧାନର ଅନୁଚ୍ଛେଦ ୧୩ରେ ରହିଥିବା ପ୍ରଚଳିତ ଆଇନ ନୁହେଁ। ତେଣୁ ମୌଳିକ ଅଧିକାରର ଉଲ୍ଲଂଘନ ପାଇଁ ଏହାକୁ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଭୂଷଣ କହିଥିଲେ, ୨୦୧୭ରେ ସର୍ବୋଚ୍ଚ ଅଦାଲତ ତିନି ତଲାକ ପ୍ରଥାକୁ ଅସାମ୍ବିଧାନିକ କହି ଏହାକୁ ରଦ୍ଦ କରିଥିଲେ। ଶାୟାରା ବାନୋ ରାୟ ପରେ ଏବେ ଦେଶରେ ଏଭଳି ସ୍ଥିତି ହୋଇନାହିଁ ଯେ ମୁସଲମାନ ମହିଳା ଛାଡ଼ପତ୍ର ମାମଲାରେ ପୁରୁଷଙ୍କ ଭଳି ସମାନ ଅଧିକାର ପାଇବେ ନାହିଁ। ଏହା ଏକ ଜଟିଳ ପ୍ରସଙ୍ଗ ଏବଂ ଏଥିପାଇଁ ସବିଶେଷ ବିଚାରବିମର୍ଶ ଆବଶ୍ୟକ ବୋଲି ଭୂଷଣ କହିଥିଲେ। ପୌଲୋମି ପବିନି ଶୁକ୍ଳା ଓ ଅନ୍ୟମାନେ କରିଥିବା ଆବେଦନରେ ସଂଶୋଧନ ପାଇଁ ଖଣ୍ଡପୀଠ ଭୂଷଣଙ୍କୁ ଅନୁମତି ଦେବା ସହ ପରବର୍ତ୍ତୀ ଶୁଣାଣି ୪ ସପ୍ତାହ ପରେ କରିବାକୁ ଧାର୍ଯ୍ୟ କରିଛନ୍ତି।

### ପଡ଼ୋଶୀ ରାଷ୍ଟ୍ରଙ୍କ ପାଇଁ ...

କରିଥିବା ବିଦେଶୀ ଦେଶଗୁଡିକ ମଧ୍ୟରେ ଏହାର ସ୍ଥାନ ୨୩ ରହିଛି। ୨୦୨୦ରେ ସୀମା ବିବାଦକୁ ନେଇ ଗଲୱାନ ସଂଘର୍ଷ ପରେ ଉଭୟ ଦେଶ ମଧ୍ୟରେ ତିକ୍ତତା ବଢ଼ିବାରୁ ବାଣିଜ୍ୟ ସମ୍ପର୍କ କ୍ଷୁଣ୍ଣ ହେବା ସହ ପ୍ରତ୍ୟକ୍ଷ ପୁଞ୍ଜିନିବେଶ କ୍ଷେତ୍ର ମଧ୍ୟ ପ୍ରଭାବିତ ହୋଇଥିଲା। ଏହି ସମୟରେ ଭାରତ ସରକାର ୨୦୦ରୁ ଅଧିକ ଚାଇନା ଆପ୍ ଉପରେ ପ୍ରତିବନ୍ଧକ ଲଗାଇବା ସହ ଅନେକ କମ୍ପାନୀ ଉପରେ ମଧ୍ୟ କଟକଣା ଲଗାଇଥିଲେ , ଯାହାକୁ ନେଇ ଭାରତରେ ଚାଇନାର ନିବେଶ ବହୁ ମାତ୍ରାରେ ହ୍ରାସ ପାଇଥିଲା। ତେବେ ସାମ୍ପ୍ରତିକ ସ୍ଥିତିରେ ଭାରତରେ ଏଫ୍‌ଡିଆଇ ବୃଦ୍ଧି କରିବାକୁ କେନ୍ଦ୍ର ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

# ଆଶ୍ରମ ବିଦ୍ୟାଳୟରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ପଟ୍ଟାଙ୍ଗି/ ସୁନାବେଡ଼ା, ୧୦।୩ (ଶରତ କୁମାର ଧଳ/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ରେଙ୍ଗା ଆଶ୍ରମ ବିଦ୍ୟାଳୟର ଜଣେ ୮ମ ଶ୍ରେଣୀ ଛାତ୍ରଙ୍କ ମଙ୍ଗଳବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତକ ହେଲେ ଆଶ୍ରମ ବିଦ୍ୟାଳୟ ଛାତ୍ର ସୁହାନ ଖରା। ସମ୍ପର୍କୀୟମାନେ ହତ୍ୟା ଅଭିଯୋଗ ଆଣିଥିବା ବେଳେ ପଟ୍ଟାଙ୍ଗି ଥାନା ଅଧୀନ କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ସ୍କୁଲ ଶିକ୍ଷକ ଓ ଅନ୍ୟ ଛାତ୍ରଙ୍କ କହିବାନୁଯାୟୀ, ମଙ୍ଗଳବାର ସୁହାନ ପରୀକ୍ଷା ସରିବା ପରେ ଅନ୍ୟ ଛାତ୍ରମାନଙ୍କ ସହ ନିଜ ରୁମ୍‌କୁ ଯାଇଥିଲେ। ଏହା ପରେ ସୁହାନ କେତେଜଣ ସାଙ୍ଗଙ୍କ ସହ ବିଦ୍ୟାଳୟ ନିକଟ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରୁ ସୁହାନଙ୍କୁ ତାଙ୍କ ୩ ସାଙ୍ଗ ଅଚେତ ଅବସ୍ଥାରେ ବିଦ୍ୟାଳୟକୁ ଆଣିଥିଲେ। ପରେ ସୁହାନଙ୍କୁ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଖିଳ କୁମାର ଦାସ ବାଥ୍‌ରୁମ୍‌ରେ ପଡ଼ି ସୁହାନ ଅଚେତ ହେବାରୁ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିବା କହିଛନ୍ତି। ଶିକ୍ଷକ, ଛାତ୍ର ଓ ପ୍ରଧାନଶିକ୍ଷକଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ସୁହାନଙ୍କ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ମୃତକଙ୍କ ସମ୍ପର୍କୀୟମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସୁହାନଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି।



ପୋଲିସ କୁନ୍ଦୁଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଞ୍ଚ କରୁଛି।

ଖବର ପାଇ ପଟ୍ଟାଙ୍ଗି ଥାନା ଏସ୍‌ଆଇ ହିମାଂଶୁ ବେହିଆ ଓ ଏଏସ୍‌ଆଇ ମାଧବ ତାଡ଼ିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏ ନେଇ ପଟ୍ଟାଙ୍ଗି ଥାନାରେ ନଂ.୨/୨୬ରେ ମାମଲା ରୁଜୁ ହୋଇଛି। ବିଦ୍ୟାଳୟକୁ ଯାଇ ଶିକ୍ଷକ, ପିଅନ ଓ ଅନ୍ୟ ଛାତ୍ରଙ୍କ ସମେତ ଉକ୍ତ ୩ ସାଙ୍ଗଙ୍କୁ ପଚରାଉଚରା କରିଛନ୍ତି। ୪ଜଣ ସାଙ୍ଗ ହୋଇ ଗାଧୋଇବାକୁ ଯାଇଥିବା ବେଳେ ଘଟଣା ଘଟିଥିବା ସେମାନେ କହିଛନ୍ତି। ସୁହାନଙ୍କ ମା'ଙ୍କ କହିବାନୁଯାୟୀ, ପୁଅ ସୋମବାର ଓ ମଙ୍ଗଳବାର ସକାଳେ ଫୋନ୍ କରିଥିଲେ। ପରୀକ୍ଷା ସରିବା ପରେ ନେବାକୁ ଆସିବ ବୋଲି କହିଥିଲେ। ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ସୁହାନଙ୍କ ସମ୍ପର୍କୀୟଙ୍କ ପ୍ରଶ୍ନ ଯୋଗୁ ପ୍ରଧାନଶିକ୍ଷକ ଅସୁସ୍ଥ ହୋଇପଡ଼ିଥିବାରୁ ତାଙ୍କୁ କୋରାପୁଟ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ଏ ସମ୍ପର୍କରେ ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡିଙ୍କୁ ପଚାରିବାରୁ ଘଟଣା ବିଷୟରେ ଖବର ପାଇଛି। ପୋଲିସର ତଦନ୍ତ ପରେ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟ ଜଣାପଡ଼ିବ ବୋଲି କହିଛନ୍ତି। ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିବା ଜଣାପଡ଼ିଛି।

# ବୋମା ଖାଇଥିବା ମାଈହାତୀ ମୃତ

କାମାକ୍ଷାନଗର, ଭୁବନ, ୧୦।୩ (ସୁଧୀର କୁମାର ପରିଡ଼ା/ ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ସୁନାଝରି ସଂରକ୍ଷିତ ଜଙ୍ଗଲରେ ସପ୍ତାହେ ପୂର୍ବରୁ ଟ୍ରାଙ୍କୁଲାଇଜ୍ ହୋଇ ଅସୁସ୍ଥ ମାଈହାତୀର ମୃତ୍ୟୁ ଘଟିଛି। ତେବେ ହାତୀ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ହାତୀଟି ହରପିକ୍ ରୋଗରେ ମୃତ୍ୟୁବରଣ କରିଥିବା ବନ ବିଭାଗ ପକ୍ଷରୁ କୁହାଯାଉଛି। ଅନ୍ୟପକ୍ଷରେ କିଛିଦିନ ପୂର୍ବରୁ ହାତୀଟି ବୋମା ଖାଇଦେଇଥିବାରୁ ଅସୁସ୍ଥ ହେବାରୁ ତା'ର ମୃତ୍ୟୁ ଘଟିଥିବା ଅଞ୍ଚଳବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ମଙ୍ଗଳବାର ଜିରାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ପିପଳା ଗ୍ରାମ ବାସୁଆତଇଲା ନିକଟସ୍ଥ ଜଙ୍ଗଲରେ ହାତୀର ମୃତଦେହ ଠାବ ହୋଇଛି। ସୂଚନା ଅନୁସାରେ, ୧୦ ଦିନ ପୂର୍ବେ ମାଈହାତୀଟି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜର ଅଁଳାବେରେଣୀ ଫରେଷ୍ଟ ସେକ୍ସନରେ ଶିକାର ପାଇଁ ଖଞ୍ଜା ଯାଇଥିବା ବୋମା ଖାଇଦେଇଥିଲା। ଫଳରେ ତା' ମୁହଁରେ ଗଭୀର ଆଘାତ ଲାଗିଥିଲା। ବନ ବିଭାଗ ହାତୀର ଗତିବିଧିକୁ ନିରୀକ୍ଷଣ କରି ଦୁଇଦିନ ପରେ ତାକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା କରିଥିଲେ। ହାତୀର ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ଥିବାବେଳେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ତାକୁ ଭୁବନ ବନାଞ୍ଚଳକୁ ଘଉଡ଼ାଇ ଦେଇଥିଲେ। ଫଳରେ ହାତୀଟି ଭୁବନ ବନାଞ୍ଚଳ ଜିରାଳ ଫରେଷ୍ଟ ସେକ୍ସନ ଅଞ୍ଚଳରେ କିଛିଦିନ ଧରି ବୁଲୁଥିବା ବେଳେ ମଙ୍ଗଳବାର ତା'ର ମୃତ୍ୟୁ ଘଟିଛି। ହାତୀର ବୟସ ୮ରୁ ୯ବର୍ଷ ହୋଇଥିବା ବେଳେ ବାସୁଆତଇଲା ନିକଟରେ ଥିବା ଜଙ୍ଗଲରେ ହାତୀକୁ ବ୍ୟବଚ୍ଛେଦ କରାଇ ବନବିଭାଗ ପୋତିଦେଇଛି। ପୂର୍ବରୁ ହାତୀ ଅସୁସ୍ଥତା ନେଇ ବନବିଭାଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ରିପୋର୍ଟ ପ୍ରସ୍ତୁତ କରିଛି। ଏ ସଂକ୍ରାନ୍ତରେ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ କହିଛନ୍ତି, ହାତୀ ଅସୁସ୍ଥ ଖବର ପାଇବା ପରେ ନନ୍ଦନକାନନ ବିଶେଷଜ୍ଞ ଦଳ ଦ୍ୱାରା ଟ୍ରାଙ୍କୁଲାଇଜ କରି ଚିକିତ୍ସା କରାଯାଉଥିଲା।

**OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH**
E.Mail: rw_sundargarh@yahoo.co.in, Ph.: 06622-272280 (Off)
No. 25001/322/2526: Due to some unavoidable circumstances tender for the following work invited vide this office bid Identification No. Online-SESNG-23 of 2025-26 of this office Notice No. 118 Dt.05.01.2026 is hereby cancelled.
All other terms & conditions remain unchanged.
Sd./- Superintending Engineer
OIPR-25001/25046/1/25-26/0008 R.W. Division, Sundargarh

**OFFICE OF THE PANCHAYAT SAMITI, BASUDEVPUR**
No. 19001/73/2526 At/P.O.: Basudevpur, Dist.: Bhadrak, Email: ori-basudevpur@nic.in
Letter No. 715
**Tender Call Notice - 01/2026-27** Date: 09.03.26
1. Name of the Project : Construction of Additional Class Rooms
2. Total No. of Project : 08 Nos.
3. Class of Contractor : "C & D" Class
4. Period of Completion : 6 Calendar Months
5. Other details : As per DTCN

| Sl. No. | Procurement Officer | Available Tender Online for Bidding | | Last date of receipt of Bids | Date & time of Opening of Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| 1 | Block Development Officer, Basudevpur | 11.03.2026 | 04.04.2026 | 04.04.2026 1.30 P.M. | 04.04.2026 3.30 P.M. |

6. Further details can be seen from the website portal "https://www,bhadrak.odisha.gov.in.
7. Any other changes/corrigendum/addendum may be seen only in website www.bhadrak.odisha.gov.nic.in.
OIPR-19001/19306/1/25-26/0001 Sd./- Block Development Officer, Basudevpur

**OFFICE OF THE ZILLA PARISHAD, NUAPADA**
Tender Notice No. 1886 Date: 05.03.26
No. 25001/320/2526: Sealed tender is invited from intending Vendors/Agencies/Event Management Group for Tent & Allied Work during the Pallishree Mela' 2026, at Nuapada Dist. to be held from 01.04.26 to 05.04.26 at National College Ground, Nuapada through Two Bid System.
Cost of Tender Paper : Rs.5,000.00
Earnest Money Depoit : Rs.30,000.00
Issue of Tender Paper : 05.03.2026 to 18.03.2026
Last date of submission of EOI : 05.00 P.M. on 19.03.2026
Opening of Technical Bid : 11.00 A.M. on 20.03.2026
Opening of Financial Bid : 1.00 P.M. on 20.03.2026
Dist. Administration Nuapada reserves it's right to change/cancel the tender without assigning any reason thereof.
For details please visit www.nuapada.odisha.gov.in or the office of ORMAS, Nuapada.
Sd./- Collector & DM, Nuapada
OIPR-25001/25201/1/25-26/0001

**ଚକ୍ରଧରପୁର ମଣ୍ଡଳରେ ଷ୍ଟେଶନ ଟିକେଟ୍ ବୁକିଙ୍ଗ୍ ଏଜେଣ୍ଟଙ୍କ ନିଯୁକ୍ତି**
ନଂ.: ସିଓଏମ୍‌ଏଲ୍.୮୨/ଏସ୍‌ଟିବିଏ/ସିକେପି ଡିଆଇଭିଏନ୍/୦୯ ଏନ୍‌ଏସ୍‌ଜି-୫/୨୦୨୬, ତାରିଖ: ୦୯।୦୩।୨୦୨୬
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ନିମ୍ନଦର୍ଶିତ କାର୍ଯ୍ୟ ପାଇଁ ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ନିର୍ଦ୍ଧାରିତ ଟେଣ୍ଡର ଫର୍ମରେ ''ସିଙ୍ଗଲ୍ ପ୍ୟାକେଟ୍ ସିଷ୍ଟମ୍''ରେ ଜଉମୁଦଦିଆ ଖୋଲା ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ସମ୍ପୃକ୍ତ ଷ୍ଟେଶନ ପାଇଁ ପୃଥକ୍ ଟେଣ୍ଡର ଫର୍ମ ସହିତ ପୃଥକ୍ ଅମାନତ ରାଶି ଓ ଟେଣ୍ଡର ଫର୍ମ ମୂଲ୍ୟ ସମେତ ତାହା ସପକ୍ଷରେ ଦସ୍ତାବିଜ ପ୍ରତ୍ୟେକ ଷ୍ଟେଶନ ପାଇଁ ପୃଥକ୍ ଭାବେ ଦାଖଲ କରାଯିବା ଆବଶ୍ୟକ । ଜଣେ ଆବେଦନକାରୀଙ୍କୁ କେବଳ ଗୋଟିଏ ଷ୍ଟେଶନରେ ଏସ୍‌ଟିବିଏ ଭାବେ ନିଯୁକ୍ତ କରାଯାଇପାରିବ । ଅମାନତ ରାଶି ଓ ଟେଣ୍ଡର ଫର୍ମ ମୂଲ୍ୟ ବିନା ଆବେଦନକୁ ପ୍ରଶ୍ରୟ ଦିଆଯିବ ନାହିଁ ଏବଂ ସେଗୁଡ଼ିକୁ ବିଧିବଦ୍ଧ ଭାବେ ନାକଚ କରିଦିଆଯିବ । **ଠିକାର ବର୍ଣ୍ଣନା:** ଚକ୍ରଧରପୁର ମଣ୍ଡଳରେ ୦୩ (ତିନି) ବର୍ଷ ଅବଧି ପାଇଁ ୦୯ (ନଅ) ଗୋଟି 'ଏନ୍‌ଏସ୍‌ଜି-୫' ବର୍ଗ ଷ୍ଟେଶନଠାରେ 'ଷ୍ଟେଶନ ଟିକେଟ୍ ବୁକିଙ୍ଗ୍ ଏଜେଣ୍ଟ' (ଏସ୍‌ଟିବିଏ)ଙ୍କ ନିଯୁକ୍ତି । ଷ୍ଟେଶନଗୁଡ଼ିକର ନାମ ହେଲା: **ଆଦିତ୍ୟପୁର, ଚାଇବାସା, ବଡ଼ବିଲ, ରାଜଗାଙ୍ଗପୁର, ବାମରା, ନୂଆଗାଁ, ସିନି, ମନୋହରପୁର ଓ ଗମ୍ହାରିଆ** । **ବିଭାଗୀୟ ମୂଲ୍ୟ:** ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଆବେଦନକାରୀଙ୍କ ମଧ୍ୟରୁ ସବୁଠାରୁ କମ୍ କମିଶନ୍ (୪% କମିଶନ୍ ସ୍ଲାବ୍ ଉପରେ)ର ବିକଳ୍ପ ଚୟନ କରିଥିବା ପ୍ରାର୍ଥୀ(ଗଣ)ଙ୍କୁ ଏସ୍‌ଟିବିଏ ଭାବେ ଚୟନ କରାଯିବ । ପୈଠଯୋଗ୍ୟ କମିଶନ୍ ନିମ୍ନ ଅନୁଯାୟୀ ଅଟେ: **ସ୍ଲାବ୍; ମାସିକ ବିକ୍ରୟ କାରବାର ଟଙ୍କାରେ; ବିକ୍ରୟ କାରବାର ଉପରେ ପୈଠଯୋଗ୍ୟ ମାସିକ କମିଶନ୍ ଶତକଡ଼ା: ସ୍ଲାବ୍-୧; ୧ – ୨୦,୦୦୦; ୨୫%** (ସର୍ବନିମ୍ନ ₹୨,୫୦୦/– ଅଧୀନ) । **ସ୍ଲାବ୍-୨; ୨୦,୦୦୧ – ୧,୦୦,୦୦୦; ୧୫%** । **ସ୍ଲାବ୍-୩; >୧,୦୦,୦୦୦;** (ଏନ୍‌ଏସ୍‌ଜି–୫ ବର୍ଗ ଷ୍ଟେଶନଗୁଡ଼ିକ କ୍ଷେତ୍ରରେ ୪%) କିମ୍ବା କୋଟ୍ କରାଯାଇଥିବା ଦର, ଯାହା କମ୍ ହେଉଥିବ । କମିଶନ୍ ହଲ୍ଟ ଏଜେଣ୍ଟମାନଙ୍କ ପାଇଁ କରାଯାଉଥିବା ଅନୁଯାୟୀ (ବୋର୍ଡର ପତ୍ର ସଂ. ୯୯/ଟିଜି–iv/ହଲ୍ଟ/ପଲିସି ତାରିଖ: ୦୮।୦୯।୨୦୦୦) ଏବଂ ଆଇଆର୍‌ସିଏମ୍ ଭଲ୍ୟୁମ୍.II ପାରା ୨୪୨୫ ସାମଗ୍ରୀ ନଂ. ୨୮ ଅନୁଯାୟୀ ମାସିକ ଭିତ୍ତିରେ ଗଣନା କରାଯିବ । ଏସ୍‌ଟିବିଏମାନଙ୍କ କମିଶନକୁ ରେଳବାଇ ଖାତାରେ ଜମା କରାଯାଇ ପୈଠ କରାଯିବ । ରିହାତିଯୁକ୍ତ ଟିକେଟ୍‌ଗୁଡ଼ିକ ମାମଲାରେ କମିଶନକୁ ରେଳବାଇ ଦ୍ୱାରା ସଂଗୃହୀତ ବାସ୍ତବିକ ଭଡ଼ା ଉପରେ ଗଣନା କରାଯିବ । **ଇ.ଏମ୍.ଡି.: ₹୫,୦୦୦/–। ଟେଣ୍ଡର ଫର୍ମ ମୂଲ୍ୟ: ₹୧,୦୦୦/– ଯୁକ୍ତ ଜିଏସ୍‌ଟି @ ୧୮% = ₹୧୮୦/–** । **ମୋଟ = ₹୧,୧୮୦/- (ମୋଟ ଏକ ହଜାର ଏକଶହ ଅଶୀ ଟଙ୍କା)** ମାତ୍ର । **ଟେଣ୍ଡର ପକାଯିବାର ତାରିଖ ଓ ସମୟ: ତା୧୦।୦୪।୨୦୨୬ରିଖ ୧୦.୦୦ ଘଟିକାରୁ ୧୩.୦୦ ଘଟିକା ପର୍ଯ୍ୟନ୍ତ । ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ: ତା୧୦।୦୪।୨୦୨୬ରିଖ ୧୫.୩୦ ଘଟିକା** । ଟେଣ୍ଡର ବିଜ୍ଞପ୍ତି ଏବଂ ଟେଣ୍ଡର ଦସ୍ତାବିଜ ୱେବ୍‌ସାଇଟ୍: **https://www.ser.indianrailways.gov.in** ରୁ **ତା୦୯।୦୪।୨୦୨୬ରିଖ ୧୮.୦୦ ଘଟିକା** ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରାଯାଇପାରିବ । ଯଦି କୌଣସି ଅପ୍ରତ୍ୟାଶିତ କାରଣବଶତଃ କାର୍ଯ୍ୟାଳୟ ବନ୍ଦ ରହିଥାଏ ତେବେ ଟେଣ୍ଡରକୁ ଯଥାକ୍ରମେ ପରବର୍ତ୍ତୀ କାର୍ଯ୍ୟଦିବସରେ **୧୦.୦୦ରୁ ୧୩.୦୦ ଘଟିକା** ମଧ୍ୟରେ ପକାଯାଇପାରିବ ଏବଂ ତାହାକୁ **୧୫.୩୦ ଘଟିକାରେ** ଖୋଲାଯିବ । ଟେଣ୍ଡର ଫର୍ମ ହସ୍ତାନ୍ତରଯୋଗ୍ୟ ନୁହେଁ । କୌଣସି କାରଣ ନ ଦର୍ଶାଇ ଟେଣ୍ଡରକୁ ବାତିଲ କରିବା କିମ୍ବା ଯେକୌଣସି ଅଥବା ସମସ୍ତ ଟେଣ୍ଡରକୁ ନାକଚ କରିବାର ଅଧିକାର ରେଳବାଇ ନିକଟରେ ସଂରକ୍ଷିତ । ଯୋଗ୍ୟତା ମାନଦଣ୍ଡର ବିବରଣୀ ଟେଣ୍ଡର ଫର୍ମ/ୱେବ୍‌ସାଇଟ୍‌ରେ ଦେଖାଯାଇପାରିବ ।
(PR-1283) **ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର**
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**कानारा ब्याङ्क Canara Bank** A Government of India Undertaking — ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧
**ଡିମାଣ୍ଡ ନୋଟିସ୍**
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର **ପଟ୍ଟାମୁଣ୍ଡାଇ ଶାଖାର** ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ପଟ୍ଟାମୁଣ୍ଡାଇ ଶାଖା / ଋଣଗ୍ରହୀତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରୀ ଋଣ (ଖ) ଏନ୍‌ପିଏ / ରିକଲ୍ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରତ୍ନାକର ରାଉତ, ପିତା: ମଧୁସୂଦନ ରାଉତ, ସା/ପୋ: ଚକଡାଗୋଗୁଆ, ଥାନା: ତନ୍ତିଆପାଳ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୫ / ଋଣଗ୍ରହୀତା: ଶ୍ରୀମତୀ ଚପଳା ରାଉତ, ସ୍ୱାମୀ: ରତ୍ନାକର ରାଉତ, ସା/ପୋ: ଚକଡାଗୋଗୁଆ, ଥାନା: ତନ୍ତିଆପାଳ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୪୫ / ଆକାଉଣ୍ଟ ନଂ.: ୫୯୨୮୬୧୯୦୦୦୦୨୦ | (କ) (ଗୃହ ଋଣ) / ଟ.୭,୦୦,୦୦୦/- (ଖ) ୦୫.୦୩.୨୦୨୬ (ଗ) ୦୯.୦୩.୨୦୨୬ | ୦୯.୦୩.୨୦୨୬ ସୁଦ୍ଧା ଟ.୬,୨୧,୪୯୫.୧୭ ଯୁକ୍ତ ସେବାବଦ ସୁଧ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ରତ୍ନାକର ରାଉତଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୫୧, ଖାତା ନଂ.: ୧୮୩, ମୌଜା: ଗୋଗୁଆ, ଥାନା/ତହସିଲ: ମହାକାଳପଡା, କ୍ଷେତ୍ର: ଏକର୦.୧୨୦ ଡିସିମିଲି, କିସମ: ଘରବାରି, ରେଜିଷ୍ଟ୍ରେସନ ସବ୍-ଡିଷ୍ଟ୍ରିକ୍ଟ: ମାର୍ଶାଘାଇ ଏବଂ ଜିଲ୍ଲା: କେନ୍ଦ୍ରାପଡ଼ା, ଏହାର ଚରିପାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୬୫୨, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ. ୬୫୧ର ସୀମା ଏବଂ ପ୍ଲଟ୍ ନଂ. ୬୫୦ ଅର୍ଥାତ୍ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ. ୧୦୪୨ |

ସ୍ଥାନ : କଟକ
ତାରିଖ : ୧୦.୦୩.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

**वरीय पुलिस अधीक्षक का कार्यालय, राँची**
सर्वसाधारण के लिए सूचना




नाम–अनिशा खातून, उम्र– 30 वर्ष, साथ में सुपुत्री अफसरा खातुन, उँचाई–5 फीट, रंग–गोरा, पहनावा–लाल रंग का नकाब पहनी हुई है।
उपरोक्त लापता महिला अनिशा खातुन, उम्र– 30 वर्ष, साथ में सुपुत्री अफसरा खातुन, नेशाद अंसारी, ग्राम–हारिल कुम्बा टोली, थाना–माण्डर, जिला–राँची, जो दिनांक–0217.02.2026 को घर से बगैर बताए कहीं चली जो आजतक अपने घर वापस नहीं आई है। जिसके संबंध में माण्डर थाना सनहा संख्या–28/2026, दिनांक–18.02.2026 दर्ज कर इनकी खाजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती / दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID (rnc-dcb@jhpolice.gov.in)
पुलिस उपाधीक्षक, खलारी, राँची। – 9431706188
थाना प्रभारी, माण्डर, राँची। – 9431706187
PR 374659 Police (25-26)_D
वरीय पुलिस अधीक्षक, राँची

# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା

## ସ୍ୱାମୀଙ୍କ ଗୁଳିମାଡ଼ରେ ଯୁବକ ଗୁରୁତର

ଫୁଲବାଣୀ, ୧୦।୩ (ରାକେଶ କୁମାର ରାଉତ)

ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ସ୍ୱାମୀ ହତ୍ୟା କରିଛନ୍ତି। ଏଥିସହ ସନ୍ଦେହ କରୁଥିବା ଯୁବକଙ୍କୁ ଗୋଡ଼ାଇ ଗୁଳି ମାରିଛନ୍ତି। ତାଙ୍କ ଜଙ୍ଘ ପାଖରେ ଗୁଳି ବାଜିଛି। ଏଭଳି ଏକ ଘଟଣା କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଛାପଡ଼ା ଥାନା କଟାପଙ୍ଗା ଗାଁରେ ଦେଖିବାକୁ ମିଳିଛି। ପୋଲିସ ଅଭିଯୁକ୍ତ ସ୍ୱାମୀ ବିରଞ୍ଚି ବେହେରାଙ୍କୁ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ, କିଛି ଦିନ ହେବ ବିରଞ୍ଚି ସ୍ତ୍ରୀ ନୀଳିମା ବଗାରମୁଣ୍ଡା ଗ୍ରାମର ନରୋତ୍ତମ ବେହେରାଙ୍କ ସହ ସମ୍ପର୍କରେ ଥିବା ସନ୍ଦେହ କରୁଥିଲେ। ଏହାକୁ ନେଇ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିଲା। ମଙ୍ଗଳବାର ସକାଳ ପ୍ରାୟ ୯ଟା ବେଳେ ବିରଞ୍ଚି ପାଖ ଗ୍ରାମ ବଗାରମୁଣ୍ଡାକୁ ଯାଇଥିଲେ। ସେଠାରେ ନରୋତ୍ତମଙ୍କୁ ଦେଖି ଗୋଡ଼ାଇବା ସହ ପାଖରେ ରଖିଥିବା ବନ୍ଧୁକରୁ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ତାଙ୍କ ଜଙ୍ଘ ପାଖରେ ବାଜିଥିଲା। ନରୋତ୍ତମ ପଡ଼ିଯିବାପରେ ବିରଞ୍ଚି ସେଠାରୁ ସିଧା ଘରକୁ ଆସି ସ୍ତ୍ରୀ ନୀଳିମାଙ୍କ ମୁଣ୍ଡକୁ ଧରି ତଳେ ପିଟିଦେବା ସହ ବେକ ଉପରେ ଚଢ଼ିଯାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଖବର ପାଇ ବିରଞ୍ଚିଙ୍କୁ କାବୁ କରିବା ସହ ବନ୍ଧୁକ ଜବତ କରି ଥାନାକୁ ଆଣିଛି। ତାଙ୍କୁ ଅଧିକ ପଚରାଉଚରା ଚାଲିଛି। ପରକୀୟା ପ୍ରୀତିକୁ ନେଇ ବିରଞ୍ଚି ଏଭଳି କାଣ୍ଡ କରିଥିବା ସ୍ୱୀକାର କରିଛନ୍ତି। ଘଟଣାର ଅଧିକ ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା କିପରି ହୋଇଛି ତାହା ଜଣାପଡିବ। ଏ ନେଇ ଥାନାରେ ନଂ.୪୦/୨୬ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସଞ୍ଜିତ କୁମାର ବେହେରା ପ୍ରକାଶ କରିଛନ୍ତି। ନରୋତ୍ତମଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି।



# ଗର୍ଭବତୀ ବୋହୂଙ୍କୁ ମାରି ନଦୀକୁ ଫିଙ୍ଗିଦେଲେ

- ନିଖୋଜର ୨ ଦିନ ପରେ ମିଳିଲା ମୃତଦେହ
- ଅଭିଯୋଗ ଆଣିଲେ ବାପା

ତିହିଡ଼ି, ୧୦।୩ (ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ବାରସର ପଞ୍ଚାୟତ ଅଧୀନ ସାପକାଟିଆ ଗାଁରେ ଜଣେ ଗର୍ଭବତୀ ବୋହୂଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନିଖୋଜର ୨ଦିନ ପରେ ସୋମବାର ରାତିରେ ମହିଳାଙ୍କ ମୃତଦେହ ସାଳନ୍ଦୀ ନଦୀରୁ ମିଳିଛି। ମୃତା ମହିଳା ହେଲେ କାମିନୀ ଦାସ(୨୨)। ତାଙ୍କ ଝିଅକୁ ଶାଶୁଘର ଲୋକେ ନିର୍ଯାତନା ଦେବା ସହ ଜୀବନରୁ ମାରିଦେଇ ପ୍ରମାଣ ନଷ୍ଟ କରିବାକୁ ନଦୀକୁ ଫିଙ୍ଗି ଦେଇଥିଲେ ବୋଲି ମୃତା କାମିନୀଙ୍କ ବାପା ସାପକାଟିଆ ଗାଁର ରମେଶ ଚନ୍ଦ୍ର ଦାସ ମଙ୍ଗଳବାର ସକାଳେ ପୀରହାଟ ଥାନାରେ ଅଭିଯୋଗ କରିଛନ୍ତି।

ସେ ଦର୍ଶାଇଛନ୍ତି, ତାଙ୍କ ଝିଅ କାମିନୀ ଦୁଇବର୍ଷ ତଳେ ସେହି ଗାଁର ମାନସ ଦାସଙ୍କୁ ପ୍ରେମବିବାହ କରିଥିଲେ। ବିବାହର ମାତ୍ର କେଇଦିନ ପରେ ଅଧିକ ଯୌତୁକ ଦାବିକରି କାମିନୀଙ୍କୁ ନିର୍ଯାତନା ଦିଆଯାଇଥିଲା। ପ୍ରଥମ ଗର୍ଭରେ କାମିନୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ମାତ୍ର ଚିକିତ୍ସା ଅଭାବରୁ କିଛିଦିନ ପରେ ଶିଶୁର ମୃତ୍ୟୁ ଘଟିଥିଲା। ଏବେ କାମିନୀ ୪ ମାସର ଗର୍ଭବତୀ ଥିଲେ। ଗତ ୭ ତାରିଖ ସକାଳେ କାମିନୀ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ତାଙ୍କ ଶାଶୁଘର ଲୋକେ ଜଣାଇଥିଲେ। ବାପଘର ଲୋକେ ବିଶ୍ୱାସ ନ କରି ଗ୍ରାମବାସୀଙ୍କ ସହ ନଦୀରେ ଖୋଜାଖୋଜି କରି ବିଫଳ ହେବା ପରେ ନିଖୋଜ ନେଇ ଥାନାରେ ଏତଲା ଦେଇଥିଲେ। ସୋମବାର ନଦୀରେ ମୃତଦେହର ସନ୍ଧାନ ପାଇବା ପରେ ପୋଲିସ ଓଡ୍ରାଫ୍ ଟିମ୍ ସହାୟତାରେ ମୃତଦେହ ଜବତ କରିଛି। ସ୍ୱାମୀଙ୍କ ସମେତ ଶାଶୁଘର ଲୋକ ଯୋଜନାବଦ୍ଧ ଭାବେ କାମିନୀଙ୍କୁ ହତ୍ୟା କରିଥିବା ରମେଶ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ଏକ ଯୌତୁକଜନିତ ହତ୍ୟା ମାମଲା (ନଂ. ୫୯/୨୬) ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ଆଇଆଇସି ରୋଜାଲିନ ବେହେରା କହିଛନ୍ତି।

# ୫ ବର୍ଷୀୟା ଶିଶୁକନ୍ୟାଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

ତିର୍ତ୍ତୋଲ, ୧୦।୩ (ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ଏକ ବସ୍ତିରେ ଜଣେ ୫ ବର୍ଷୀୟା ଶିଶୁ କନ୍ୟାଙ୍କୁ ସୋମବାର ରାତିରେ ବଳାତ୍କାର କରାଯାଇଛି। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ଶିଶୁକନ୍ୟାଙ୍କୁ ପ୍ରଥମେ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଥାନାରେ ଅଭିଯୋଗ ପରେ ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ଉକ୍ତ ବସ୍ତିର ମନୋଜ ଦାସ(୩୫)। ଏନେଇ ଥାନାରେ ମାମଲା (ନଂ. ୧୫୮/୨୬) ରୁଜୁ କରାଯାଇଥିବା ଆଇଆଇସି ପ୍ରଦୀପ୍ତ କୁମାର ସେଠୀ କହିଛନ୍ତି। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ବାପା ସୋମବାର ଝିଅକୁ ସାଥିରେ ଧରି ବସ୍ତିରେ ଥିବା ତାଙ୍କ ବନ୍ଧୁ ଘରକୁ ଆସିଥିଲେ। ରାତି ପ୍ରାୟ ୧୦ଟା ବେଳେ ସେ ଝିଅକୁ ଧରି ବାହାରକୁ ଯାଇଥିବାବେଳେ ମନୋଜ ସେଠାରେ ପହଞ୍ଚିଥିଲେ। ପରେ ସେ ଶିଶୁକନ୍ୟାଙ୍କ ବାପାଙ୍କୁ ଡାକି ନେଇ ମଦ ପିଆଇଥିଲେ। ଏହାପରେ ଶିଶୁକନ୍ୟାଙ୍କୁ ଟେକି ନେଇ ବଳାତ୍କାର କରି ଚାଲିଯାଇଥିଲେ। ପୀଡ଼ିତା ଓ ତାଙ୍କ ବାପା ବନ୍ଧୁ ଘରକୁ ଫେରି ଆସିଥିଲେ। ମଙ୍ଗଳବାର ସକାଳେ ପୀଡ଼ିତା ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇବା ସହ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ଏହା ଜାଣିବାପରେ ଅଭିଯୁକ୍ତ ବସ୍ତିରୁ ଫେରାର ହୋଇଯାଇଥିଲେ। ପରେ ପୋଲିସ ତାଙ୍କୁ ପଙ୍କପାଳ ନିକଟରୁ ଧରିଛି।

# ୯ ସାଇବର ଠକ ଗିରଫ, ୨୬ଜଣଙ୍କୁ ନୋଟିସ



ଗିରଫ ହୋଇଥିବା ୫ ଅଭିଯୁକ୍ତ।

## ସୁବର୍ଣ୍ଣପୁରରେ ୨୪୦୦ ବେନାମୀ ବ୍ୟାଙ୍କ ଆକାଉଣ୍ଟ

ସୋନପୁର, ୧୦।୩ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ପୋଲିସ ପଞ୍ଝାରେ ୯ ସାଇବର ଠକ। ସେମାନେ ଜିଲାର ବିଭିନ୍ନ ବ୍ୟାଙ୍କ୍‌ରେ ବେନାମୀ ଆକାଉଣ୍ଟ ଖୋଲିଥିଲେ। ସେହି ବେନାମୀ ଆକାଉଣ୍ଟଗୁଡିକ ପରବର୍ତ୍ତୀ ସମୟରେ ଠକେଇ କାମରେ ବ୍ୟବହାର ହୋଇଛି। ଆକାଉଣ୍ଟଗୁଡିକରେ ମୋଟ ୭କୋଟି ୮୨ଲକ୍ଷ ଟଙ୍କା କାରବାର ହୋଇଛି। ଏଥିରେ ସମ୍ପୃକ୍ତ ଠକ ତଥା ସହଯୋଗୀଙ୍କୁ କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷେ ୨୬ଜଣଙ୍କୁ ଆଇନଗତ ନୋଟିସ ଜାରି କରାଯାଇଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅପରେଶନ ସାଇବର କବଚରେ ଜିଲା ପୋଲସକୁ ସଫଳତା ମିଳିଛି। ଏହି ଘଟଣାରେ ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ, ଏଟିଏମ୍ ଓ ପାସ୍‌ବହି ଜବତ କରାଯାଇଛି। ଗତ ଫେବୃଆରୀ ୧୩ରୁ ମାର୍ଚ୍ଚ ୧୦ ସୁଦ୍ଧା ଠକେଇ ଅଭିଯୋଗରେ ପୋଲିସ ବିନିକା ଥାନା ଶଙ୍କରା ମାଲିଗୋଠ ଗ୍ରାମର ସରୋଜ ବାଗ, ବାଉଁଶୁଣୀ ଗ୍ରାମର ଜଗନ୍ନାଥ ସା, ସୋନପୁର ଥାନା ସୁବର୍ଣ୍ଣପୁର ସହର ଶାନ୍ତିନଗର ପଡାର ଜିତେନ୍ଦ୍ର ପଣ୍ଡା, ସୋନପୁର ଥାନା ବାଇଗରଜୁରିର ନୀଳାମ୍ବର ତ୍ରିପାଠୀ, ମାରୁତିନଗର ଅଞ୍ଚଳର ବିଜୟ ବଡ଼ମାଳୀ, ବିନିକା ଥାନା ଗଣେଶପୁର ଅଞ୍ଚଳର ଆନନ୍ଦ ନାୟକ, ବିନିକା ଥାନା କମିରା ଗ୍ରାମର ବ୍ୟାସଦେବ କୁମ୍ଭାର, ବିନିକା ଥାନା ସକ୍ମା ଗ୍ରାମର ପ୍ରିତମ ବାଗ, ବୀରମହାରାଜପୁର ଥାନା ପୁଲେଶ୍ୱର ଗ୍ରାମର କାର୍ତ୍ତିକେଶ୍ୱର ଜଗଦଲାଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୫ଜଣଙ୍କୁ ମଙ୍ଗଳବାର ଗିରଫ କରାଯାଇଛି। ଆଗକୁ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ଓ ସାଇବର ଠକଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି। ସାଇବର ଅପରାଧ ନେଟ୍‌ୱର୍କକୁ ଧ୍ୱଂସକରିବା ପାଇଁ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ୨୦୨୪-୨୫ ମସିହାର ତଥ୍ୟ ଅନୁଯାୟୀ ସୁବର୍ଣ୍ଣପୁର ଜିଲାର ବିଭିନ୍ନ ବ୍ୟାଙ୍କ୍‌ରେ ୨୪୦୦ ବେନାମୀ ଆକାଉଣ୍ଟ ରହିଛି। ପୋଲିସ ଇତିମଧ୍ୟରେ ସେଥିରୁ ୧୫୦୧ ଆକାଉଣ୍ଟକୁ ଯାଞ୍ଚ କରିଛି। ଅଭିଯୁକ୍ତମାନେ ବ୍ୟାଙ୍କ ଆକାଉଣ୍ଟ ଖୋଲି ସାଇବର ଠକଙ୍କୁ ଠକେଇ ଟଙ୍କା ଅନ୍ୟତ୍ର ଟ୍ରାନ୍ସଫର କରିବାରେ ସହାୟତା କରିଥିଲେ। ଆପ୍ ମାଧ୍ୟମରେ ଏହି କାରବାର ଚାଲିଥିଲା। ୧ଲକ୍ଷ ଟଙ୍କା ଅନ୍ୟ ଆକାଉଣ୍ଟକୁ ଟ୍ରାନ୍ସଫର ପାଇଁ ସହଯୋଗୀଙ୍କୁ ସାଇବର ଠକମାନେ ୮୦୦ଟଙ୍କା କମିଶନ ପ୍ରଦାନ କରୁଥିବା ଏସ୍‌ପି ନାୟକ କହିଛନ୍ତି। ଏହି ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ.ହରିପ୍ରସାଦ ଉପସ୍ଥିତ ଥିଲେ।

# କନ୍ଧମାଳ ଗଞ୍ଜେଇ ବାଲେଶ୍ୱରରୁ ଜବତ

- ୭୫ କି.ଗ୍ରା. ଗଞ୍ଜେଇ ସହ ୨ ବାଇକ୍, ୪ ଲକ୍ଷ ଜବତ
- ୨ ଅଭିଯୁକ୍ତ ଗିରଫ



ବାଲେଶ୍ୱର, ୧୦।୩ (ବାଞ୍ଛାନିଧି ଦେ)

କନ୍ଧମାଳରୁ ବ୍ୟାପକ ପରିମାଣରେ ଗଞ୍ଜେଇ ବାଲେଶ୍ୱରକୁ ଚାଲାଣ ହେଉଛି। ବାଲେଶ୍ୱର-୨ ଓ ବସ୍ତା ଅବକାରୀ ଥାନା ପକ୍ଷରୁ ମଙ୍ଗଳବାର ଅଚାନକ ଚଢ଼ାଉ କରାଯାଇ ୨ଜଣଙ୍କୁ ଗିରଫ କରାଯିବା ପରେ ଏହା ସ୍ପଷ୍ଟ ହୋଇଛି। ସେମାନଙ୍କଠାରୁ ୨ଟି ବାଇକ୍ ସହ ୭୫ କି.ଗ୍ରା. ଗଞ୍ଜେଇ ଓ ନଗଦ ୪ ଲକ୍ଷ ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତ ହେଲେ ଦୁମଦୁମା ଥାନା ରଘୁନାଥ ନଗରର କାହ୍ନୁ ଦାସ (୨୫) ଓ ସିଂଲା ଥାନା ଗମ୍ଭାରିଆ ଗ୍ରାମର ସଞ୍ଜିତ ଜେନା (୩୬)। ଏ ସମ୍ପର୍କରେ ବିଭାଗ ପକ୍ଷରୁ ଦୁଇଟି ମାମଲା (ନଂ. ୨୯୮, ୨୦୩/୨୫-୨୬) ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

କାହ୍ନୁ ବାଇକ୍ ଯୋଗେ ଗଞ୍ଜେଇ ନେଇ ଯାଉଥିବା ଖବର ପାଇ ୧୬ ନଂ. ଜାତୀୟ ରାଜପଥର ହଳଦୀପଦା ନିକଟରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତାଙ୍କ ନିକଟରୁ ୨୪ କି.ଗ୍ରା. ଗଞ୍ଜେଇ ସହ ବାଇକ୍ ଜବତ ହୋଇଥିଲା। ସେହିପରି ସଞ୍ଜିତଙ୍କଠାରୁ ଗମ୍ଭାରିଆ ଛକ ନିକଟରୁ ୫୧ କି.ଗ୍ରା. ଗଞ୍ଜେଇ ସହ ବୁଲେଟ ଜବତ କରାଯାଇଥିଲା। ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନାରାଣୀ ସାହୁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ହରିହର ସିଂହ, ସବ୍‌ଇନ୍ସପେକ୍ଟର ଭବେଶ ଦାସ ଓ ଜଗନ୍ନାଥ ଭିତିରିଆ, ଏଏସ୍‌ଆଇ ଲମ୍ବୋଦର ମହାନ୍ତ ଓ ଦିଲ୍ଲୀପ କୁମାର ଟୁଡୁ ପ୍ରମୁଖ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ଗଞ୍ଜେଇର ମୂଲ୍ୟ ୭ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଆପାର୍ଟମେଣ୍ଟରୁ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହ ଜବତ

ଭୁବନେଶ୍ୱର, ୧୦।୩ (ତ୍ରିନାଥ ମହାନ୍ତି)

ତମାଣ୍ଡୋ ଥାନା ଅନ୍ତର୍ଗତ କେନ୍ଦ୍ରୀୟ ବିହାର ଅଞ୍ଚଳରେ ଥିବା ଏକ ଆପାର୍ଟମେଣ୍ଟରୁ ଜଣେ ସିକ୍ୟୁରିଟି ଗାର୍ଡଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ସକାଳେ ଜବତ କରିଛି। ମୃତକ ହେଲେ ବାଲେଶ୍ୱର ଜିଲା ସୋର ଅଞ୍ଚଳର ଚନ୍ଦନ ଦାଶ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ହସ୍ପିଟାଲ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଚନ୍ଦନଙ୍କ ମୃତ୍ୟୁ କିଭଳି ଘଟିଲା, ସେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି, ସେନେଇ ପୋଲିସ ଛାନ୍‌ଭିନ୍ କରୁଛି।

Business

# ୩୪୮୬.୫୭ ଏଲ୍‌ଏମ୍‌ଟି ରବି, ଖରିଫ ଫସଲ ଉତ୍ପାଦନ ଆକଳନ

ଭୁବନେଶ୍ୱର, ୧୦।୩ (ଅନୁରାଧା ମହାରଣା)

କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ୨୦୨୫-୨୬ ବର୍ଷ ପାଇଁ ପ୍ରମୁଖ କୃଷି ଫସଲ (ଖରିଫ ଏବଂ ରବି) ଉତ୍ପାଦନର ଦ୍ୱିତୀୟ ଅଗ୍ରିମ ଆକଳନ ପ୍ରକାଶ କରିଛି। କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ତଥ୍ୟକୁ ଅନୁମୋଦନ କରିଛନ୍ତି। ଦ୍ୱିତୀୟ ଅଗ୍ରିମ ଆକଳନ ଅନୁଯାୟୀ, ମୋଟ୍ ଖରିଫ ଏବଂ ରବି ଖାଦ୍ୟଶସ୍ୟ ଉତ୍ପାଦନ ୩୪୮୬.୫୭ ଲକ୍ଷ ମେଟ୍ରିକ ଟନ (ଏଲ୍‌ଏମ୍‌ଟି) ହେବ। ଖରିଫ ଖାଦ୍ୟଶସ୍ୟ ଉତ୍ପାଦନ ୧୭୪୧.୪୪ ଏଲ୍‌ଏମ୍‌ଟି ଏବଂ ରବି ଖାଦ୍ୟଶସ୍ୟ ଉତ୍ପାଦନ ୧୭୪୫.୧୩ ଏଲ୍‌ଏମ୍‌ଟି ହେବ। ଏହା ଗତ ବର୍ଷର ଖରିଫ ୧୬୯୪.୬୦ ଏଲ୍‌ଏମ୍‌ଟି ଏବଂ ରବି ୧୬୯୧.୬୬ ଏଲ୍‌ଏମ୍‌ଟି ତୁଳନାରେ ଯଥାକ୍ରମେ ୪୬ ଏଲ୍‌ଏମ୍‌ଟି (୨.୮%) ଏବଂ ୫୩ ଏଲ୍‌ଏମ୍‌ଟି (୩.୨%) ଅଧିକ। ଖରିଫ ଧାନ ଉତ୍ପାଦନ ୧୨୩୯.୨୮ ଏଲ୍‌ଏମ୍‌ଟି ଅର୍ଥାତ୍ ଗତ ବର୍ଷ ୧୨୨୭.୭୨ ଏଲ୍‌ଏମ୍‌ଟି ଅପେକ୍ଷା ୧୧.୫୬ ଏଲ୍‌ଏମ୍‌ଟି ଅଧିକ ଏବଂ ରବି ଧାନ ୧୬୭.୨୦ ଏଲ୍‌ଏମ୍‌ଟି ହେବ ବୋଲି ଆକଳନ କରାଯାଇଛି। ଗହମ ଉତ୍ପାଦନ ୧୨୦୨.୧୦ ଏଲ୍‌ଏମ୍‌ଟି ହେବ, ଯାହା ପୂର୍ବ ବର୍ଷର ୧୧୭୯.୪୫ ଏଲ୍‌ଏମ୍‌ଟି ଅପେକ୍ଷା ୨୨.୬୫ ଏଲ୍‌ଏମ୍‌ଟି ଅଧିକ। ଶ୍ରୀଅନ୍ନ (ଖରିଫ) ୧୨୩.୪୩ ଏଲ୍‌ଏମ୍‌ଟି ଏବଂ (ରବି) ୩୦.୯୮ ଏଲ୍‌ଏମ୍‌ଟି ହେବ। ମକା ଉତ୍ପାଦନ ଖରିଫରେ ରେକର୍ଡ ୩୦୨.୪୭ ଏଲ୍‌ଏମ୍‌ଟି ଏବଂ ରବିରେ ୧୫୯.୦୩ ଏଲ୍‌ଏମ୍‌ଟି ହେବ। ପୁଷ୍ଟିକର ଶସ୍ୟ (ଖରିଫ) ୪୨୫.୮୯ ଏଲ୍‌ଏମ୍‌ଟି ଏବଂ ରବିରେ ୨୧୩.୪୧ ଏଲ୍‌ଏମ୍‌ଟି ହେବ। ଡାଲି ଉତ୍ପାଦନରେ ହରଡ଼ ୩୪.୫୫ ଏଲ୍‌ଏମ୍‌ଟି, ଚଣା ୧୧୭.୯୨ ଏଲ୍‌ଏମ୍‌ଟି ଏବଂ ମସୁର ୧୭.୩୩ ଏଲ୍‌ଏମ୍‌ଟି ହେବ। ଖରିଫ ଚିନାବାଦାମ ୧୧୨.୯୪ ଏଲ୍‌ଏମ୍‌ଟି (ଗତ ବର୍ଷ ଅପେକ୍ଷା ୮.୮୨ ଏଲ୍‌ଏମ୍‌ଟି ଅଧିକ) ଏବଂ ରବି ୭.୯୭ ଏଲ୍‌ଏମ୍‌ଟି ହେବ। ସୋୟାବିନ ୧୨୭.୨୦ ଏଲ୍‌ଏମ୍‌ଟି, ରେପ୍‌ସିଡ୍ ଏବଂ ସୋରିଷ ୧୩୩.୩୧ ଏଲ୍‌ଏମ୍‌ଟି, କପା ୨୯୦.୯୧ ଲକ୍ଷ ବାଲ (ପ୍ରତ୍ୟେକ ୧୭୦ କିଲୋଗ୍ରାମ) ଏବଂ ଆଖୁ ୫୦୦୧.୯୭ ଏଲ୍‌ଏମ୍‌ଟି ହେବ ବୋଲି ଆକଳନ ରହିଛି। ଏହି ଆକଳନ ରାଜ୍ୟଗୁଡ଼ିକରୁ ପ୍ରାପ୍ତ ଫସଲ କ୍ଷେତ୍ର ତଥ୍ୟ, ରିମୋଟ ସେନ୍ସିଂ, ସାପ୍ତାହିକ ଫସଲ ପାଣିପାଗ ପର୍ଯ୍ୟବେକ୍ଷଣ, କଟା ପରୀକ୍ଷଣ (ସିସିଇ), ପୂର୍ବ ଧାରା ଏବଂ ଅନ୍ୟାନ୍ୟ ସୂଚନା ଉପରେ ଆଧାରିତ। ଏହା ଖରିଫ ଏବଂ ରବି ଋତୁକୁ ସାମିଲ କରିଥାଏ, ଯେତେବେଳେ ଗ୍ରୀଷ୍ମଋତୁ ତୃତୀୟ ଅଗ୍ରିମ ଆକଳନରେ ଅନ୍ତର୍ଭୁକ୍ତ ହେବ। ଚଳିତ ବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ପରିସ୍ଥିତି ଅତ୍ୟନ୍ତ ଦୃଢ଼ ଏବଂ ରେକର୍ଡ ସ୍ତରରେ ରହିବାର ସମ୍ଭାବନା ରହିଛି। ଖରିଫ ଫସଲ ଆକଳନ ସିସିଇ ଆଧାରିତ ଅମଳ ଉପରେ ନିର୍ଭର କରୁଛି ଏବଂ କିଛି ଫସଲରେ ଏହା ଏପର୍ଯ୍ୟନ୍ତ ଚାଲିଛି। ରବି ଫସଲ ହାରାହାରି ଅମଳ ଉପରେ ଆଧାରିତ ହୋଇଥିବାରୁ ପରବର୍ତ୍ତୀ ଆକଳନରେ ପରିବର୍ତ୍ତନ ହୋଇପାରେ। ସାମଗ୍ରିକ ଭାବେ ଏହି ଆକଳନ ଭାରତର କୃଷି କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ଏବଂ ରେକର୍ଡ ଉତ୍ପାଦନର ସଙ୍କେତ ଦେଉଛି।

# ଡିଜିଟାଲ ଟୁଲ୍ସ ବ୍ୟବହାରରେ ଭାରତ ହେବ ଗେମ ଚେଞ୍ଜର

## ଶାସ୍ତ୍ର ୟୁନିଭର୍ସିଟିରେ 'ପ୍ୟାକ୍ଟ ଫର୍ ଇମ୍ପାକ୍ଟ' କାର୍ଯ୍ୟକ୍ରମ



ଭୁବନେଶ୍ୱର, ୧୦।୩ (ଅନୁରାଧା ମହାରଣା)

ଟାଟା କମ୍ୟୁନିକେଶନ୍ସ ଓ ଟାଟା ଏଲ୍‌କ୍ସସିର ଚେୟାରମ୍ୟାନ ଏନ୍.ଜି. ସୁବ୍ରମଣ୍ୟମ (ଏନ୍‌ଜିଏସ୍) କହିଛନ୍ତି, ଭାରତ ବିଶ୍ୱବ୍ୟାପୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇକୋସିଷ୍ଟମରେ ଏକ ଭୂ-ରାଜନୈତିକ ସ୍ଥିର ଓ ବିଶ୍ୱସନୀୟ ଅଂଶୀଦାର। ସେ କହିଛନ୍ତି, ଠିକ୍ ଡିଜିଟାଲ ଟୁଲ୍ସ ବ୍ୟବହାର କରିବାରେ ଭାରତର ଶକ୍ତି ଏକ ଗେମ ଚେଞ୍ଜର ହେବ। ତାଞ୍ଜାଭୁରସ୍ଥିତ ଶାସ୍ତ୍ର ଡିମଡ୍ ୟୁନିଭର୍ସିଟିରେ ଆୟୋଜିତ 'ପ୍ୟାକ୍ଟ ଫର୍ ଇମ୍ପାକ୍ଟ' କାର୍ଯ୍ୟକ୍ରମରେ ସେ ଏହି ମନ୍ତବ୍ୟ ଦେଇଥିଲେ। ସେ 'ଧାର୍ମିକ ଏଆଇ'ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି, ଯାହା ନୈତିକ ଓ ସାଂସ୍କୃତିକ ମୂଲ୍ୟବୋଧ ଉପରେ ଆଧାରିତ ହେବ। ଏହି ଅନୁଷ୍ଠାନରେ ଶାସ୍ତ୍ର ବିଶ୍ୱବିଦ୍ୟାଳୟ ଜୋହୋ କର୍ପୋରେଶନ, ସିଟି ୟୁନିୟନ ବ୍ୟାଙ୍କ, ସେଣ୍ଟିଫିକ, ଆଇଆଇଟି ରୋପଡ୍, ଗ୍ରିଭ୍ସ କଟନ, ପ୍ରୋଡାପ୍ଟ ଓ ଏନ୍‌ଷ୍ଟୋର ସହିତ ଏମ୍‌ଓୟୁ ସ୍ୱାକ୍ଷର କରିଛି। ଏହି ସହଯୋଗ ଏଆଇ, ଫିଜିକାଲ ଏଆଇ, କୃଷି ସ୍ଥାୟିତ୍ୱ, ସଫ୍ଟୱେର୍ ଇଞ୍ଜିନିୟରିଂ, ଆଡଭାନ୍ସଡ ମ୍ୟାନୁଫାକ୍ଚରିଂ ଓ ଗଣିତିକ ମଡେଲିଂ କ୍ଷେତ୍ରରେ କାର୍ଯ୍ୟ କରିବ। ଏହି ଏମ୍‌ଓୟୁ ହସ୍ତାକ୍ଷର ଅନୁଷ୍ଠାନରେ ଜୋହୋର ସିଇଓ ଶୈଳେଶ କୁମାର ଡେଭି, ସିଟି ୟୁନିୟନ ବ୍ୟାଙ୍କର ସିଇଓ ଓ ଏମ୍‌ଡି ଡକ୍ଟର ଏନ୍. କାମାକୋଡି, ଆଇଆଇଟି ରୋପଡ୍‌ର ଡାଇରେକ୍ଟର ପ୍ରଫେସର ରାଜୀବ ଆହୁଜା, ସାଇଣ୍ଟିଫିକ୍ ଇଣ୍ଡିଆ ହେଡ୍ ଆର୍.ଏଲ୍. ନରସିଂହନ, ପ୍ରୋଡାପ୍ଟର ସିଡିଓ ଧନଶ୍ରୀ ଭାଟ ପ୍ରମୁଖ ଉପସ୍ଥିତ ଥିଲେ। ଶାସ୍ତ୍ରର କୁଳପତି ଡ. ଏସ୍. ବୈଦ୍ୟସୁବ୍ରମଣ୍ୟମ ଅନୁଷ୍ଠାନକୁ ସ୍ୱାଗତ ଅଭିଭାଷଣ ଦେଇଥିଲେ।

# ୧୪ରେ ଟିପିସିଓଡିଏଲ୍‌ର ଲୋକ ଅଦାଲତ

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ଭୁବନେଶ୍ୱର୧୦।୩ (ଅନୁରାଧା ମହାରଣା)

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍‌ର ଅନଧିକୃତ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଦ୍ୱରିତ ସମାଧାନ ପାଇଁ ମାର୍ଚ୍ଚ ୧୪ରେ ଏହାର ସମସ୍ତ ସେବା ଯୋଗାଣ ଅଞ୍ଚଳରେ ୨୦୨୬ ବର୍ଷର ପ୍ରଥମ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଅନୁଷ୍ଠିତ ହେବ। ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍‌ସା)ର ରୂପରେଖ ଅଧୀନରେ ବିବାଦର ସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଲୋକ ଅଦାଲତ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲିବ। ଉପଭୋକ୍ତାମାନଙ୍କୁ ବିଚାରାଧୀନ ମାମଲାଗୁଡ଼ିକର ସମାଧାନ ପାଇଁ ପୂରା ଦିନ ତତ୍କାଳ ସହାୟତା ପ୍ରଦାନ କରାଯିବ। ୨୦୨୬ର ଏହା ପ୍ରଥମ ଲୋକ ଅଦାଲତ ହୋଇଥିବାରୁ ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଜଟିଳତାରୁ ବଞ୍ଚିବା ଏବଂ ଏକ ସ୍ୱଚ୍ଛ ତଥା ସମୟବଦ୍ଧ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର ବିଦ୍ୟୁତ ବ୍ୟବହାରକୁ ନିୟମିତ କରିବା ପାଇଁ ଏହି ପ୍ଲାଟ୍‌ଫର୍ମର ଉପଯୋଗ କରିବାକୁ ଟିପିସିଓଡିଏଲ୍ ଉପଭୋକ୍ତାମାନଙ୍କୁ ଅନୁରୋଧ କରିଛି। ପ୍ରତ୍ୟେକ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ପ୍ରଶିକ୍ଷିତ ସହାୟକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ କରାଯିବ। ଏହି ଟିମ୍ ଉପଭୋକ୍ତାମାନଙ୍କୁ ଯୋଗ୍ୟ ମାମଲା ଶ୍ରେଣୀ, ଆବଶ୍ୟକ ଦଲିଲ ଏବଂ ସମାଧାନ ପ୍ରକ୍ରିୟା ସମ୍ପର୍କରେ ମାର୍ଗଦର୍ଶନ କରିବେ। ଟିପିସିଓଡିଏଲ୍ ପକ୍ଷରୁ ଜିଲାସ୍ତରୀୟ ବ୍ୟବସ୍ଥା, ଯୋଗ୍ୟତା ବିବରଣୀ ଏବଂ ପର୍ଯ୍ୟାୟକ୍ରମେ ସମାଧାନ ପାଇଁ ମାର୍ଗଦର୍ଶିକା ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି। ଉପଭୋକ୍ତାମାନେ କାର୍ଯ୍ୟକ୍ରମ ପୂର୍ବରୁ କୌଣସି ସ୍ପଷ୍ଟୀକରଣ ପାଇଁ ସେମାନଙ୍କର ନିକଟସ୍ଥ ଗ୍ରାହକ ସେବା କେନ୍ଦ୍ର ଏବଂ ଫ୍ୟୁଜ୍ କଲ୍ ସେଣ୍ଟର (ଏଫ୍‌ସିସି) ସହିତ ଯୋଗାଯୋଗ କରିପାରିବେ।

# ୧୮୨ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ




ଭୁବନେଶ୍ୱର, ୧୦।୩ (ଅନୁରାଧା ମହାରଣା)

୧୮୨ତମ ଓଡ଼ିଶା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକ ଭୁବନେଶ୍ୱରର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଲ୍‌ବିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅଧ୍ୟକ୍ଷ ଅଶ୍ୱିନୀ କୁମାର ସୂଚନା ଦେଇ କହିଛନ୍ତି, ୨୦୨୫-୨୬ ପାଇଁ ବାର୍ଷିକ ଋଣ ଯୋଜନା ପ୍ରାଥମିକତା କ୍ଷେତ୍ର ଅଧୀନରେ ବାର୍ଷିକ ୨,୫୨,୦୯୫.୬୬ କୋଟି ଟଙ୍କାର ବାର୍ଷିକ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ ସମସ୍ତ ବ୍ୟାଙ୍କ ୨୦୨୫ ଶେଷ ସୁଦ୍ଧା ୧,୭୩,୬୬୨.୫୮ କୋଟି ଟଙ୍କା ହାସଲ କରିଛନ୍ତି ଯାହା ଧାର୍ଯ୍ୟ ଲକ୍ଷ୍ୟର ୬୮.୮୯%। ବ୍ୟାଙ୍କଗୁଡିକ ବାର୍ଷିକ ଋଣ ଯୋଜନା ଧାର୍ଯ୍ୟ ଲକ୍ଷ୍ୟର ୯୭.୫୧% ହାସଲ କରିଛନ୍ତି। ଉଭୟ ପ୍ରାଥମିକ କ୍ଷେତ୍ର ଏବଂ ଅଣ-ପ୍ରାଥମିକତା କ୍ଷେତ୍ରକୁ ମିଶାଇ ୪ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ ଲକ୍ଷ୍ୟ ତୁଳନାରେ ୩.୯୦ ଲକ୍ଷ କୋଟି ଟଙ୍କାର ଉପଲବ୍ଧି ହାସଲ କରିଛନ୍ତି। ରାଜ୍ୟର ବ୍ୟାଙ୍କଗୁଡ଼ିକ କୃଷି କ୍ଷେତ୍ରରେ ୬୮% ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୭୭% ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିଛନ୍ତି। ରାଜ୍ୟ ଉନ୍ନୟନ କମିଶନର ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ଓଡ଼ିଶାର ରାଜସ୍ୱ ଆୟ ବୃଦ୍ଧି ମଜଭୁତ ଅଛି ଏବଂ ସାର୍ବଜନୀନ ଅର୍ଥନୀତିର ବୃଦ୍ଧି, ପ୍ରାଥମିକତା କ୍ଷେତ୍ର ଏବଂ ଅଣ-ପ୍ରାଥମିକତା କ୍ଷେତ୍ର ଉଭୟରେ ରାଜ୍ୟର ଅଭିବୃଦ୍ଧି ସହ ସାମଞ୍ଜସ୍ୟ ରହିବା ଦରକାର। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ବାର୍ଷିକ ଋଣ ଯୋଜନା ଏବଂ ରାଜ୍ୟର ସିଡି ଅନୁପାତ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍‌ବିଆଇ ଭୁବନେଶ୍ୱରର କ୍ଷେତ୍ରୀୟ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତି ରାଜ୍ୟର ବିକାଶ ପାଇଁ ବାର୍ଷିକ ଋଣ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱାରୋପ କରିଥିଲେ। ଏମ୍‌ଏସ୍‌ଏମ୍‌ଇ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ରଶ୍ମିତା ପଣ୍ଡା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର, ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍‌ଏମ୍‌ୱାଇ, ପିଏମ୍‌ଏମ୍‌ୱାଇ, ପିଏମ୍ ସ୍ୱନିଧି ଏବଂ ପିଏମ୍- ବିଶ୍ୱକର୍ମା ଯୋଜନାକୁ ଆର୍ଥିକ ସହାୟତା ଉପରେ ବିଶେଷ ଧ୍ୟାନଦେବାକୁ ପରାମର୍ଶ ଦେଇଛନ୍ତି। ଏଫ୍ ଏବଂ ଏଆର୍‌ଡି ବିଭାଗର ଆୟୁକ୍ତ ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧୁରୀ ସହଯୋଗୀ କ୍ଷେତ୍ରର ସଫଳତା ତଥା ପଶୁପାଳନ ଏବଂ ମତ୍ସ୍ୟ ଚାଷୀଙ୍କ ପାଇଁ କେସିସି ପରିପୂର୍ଣ୍ଣତା ଏବଂ ସଫଳ ପୋର୍ଟାଲରେ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁକୋ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ଗୌତମ ପାତ୍ର ଡିସେମ୍ବର ୨୦୨୫ରେ ସମାପ୍ତ ହୋଇଥିବା ତ୍ରୈମାସିକ ବୈଠକରେ ସମସ୍ତ ବ୍ୟାଙ୍କର କାର୍ଯ୍ୟଦକ୍ଷତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏସ୍‌ଏଲ୍‌ବିସି ଓଡ଼ିଶାର ପ୍ରଭାରୀ ଲିଙ୍ଗରାଜ ନାୟକ ଧନ୍ୟବାଦ ଦେଇଥିଲେ।

# ଗ୍ରୀଡ୍‌କୋରେ ମହିଳା ଦିବସ ପାଳିତ

ଭୁବନେଶ୍ୱର, ୧୦।୩ (ଅନୁରାଧା ମହାରଣା)

ଗ୍ରୀଡ୍‌କୋ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହିଳା ସଶକ୍ତୀକରଣ, ସମାନତା ଓ କାର୍ଯ୍ୟକ୍ଷେତ୍ରରେ ମହିଳାମାନଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ. ସତ୍ୟପ୍ରିୟ ରଥ, ଆଇଏଏସ୍, ନିର୍ଦ୍ଦେଶକ (ଅର୍ଥ ଓ କର୍ପୋରେଟ ବ୍ୟାପାର) କ୍ଷୀରୋଦ ଚନ୍ଦ୍ର ନନ୍ଦ, ନିର୍ଦ୍ଦେଶକ (ବାଣିଜ୍ୟିକ) ଦେବାଶିଷ ଦାସ, ନିର୍ଦ୍ଦେଶକ (ବ୍ୟାପାର ଓ ବ୍ୟବସାୟ ଉନ୍ନୟନ) ଗିରିଶ ତାନ୍ତି, ସିଜିଏମ୍ (ଅର୍ଥ) ବୈଷ୍ଣବ ଚରଣ ପଡିଆରୀଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ଡ. ରଥ କହିଥିଲେ, ସମାଜ ଓ ଅନୁଷ୍ଠାନର ସାମଗ୍ରିକ ଉନ୍ନତି ପାଇଁ ମହିଳାମାନଙ୍କ ସକ୍ରିୟ ଅଂଶଗ୍ରହଣ ଅତ୍ୟନ୍ତ ଆବଶ୍ୟକ। ସେ ମହିଳା କର୍ମଚାରୀମାନଙ୍କ ନିଷ୍ଠା, ପରିଶ୍ରମ ଓ କୃତିତ୍ୱକୁ ପ୍ରଶଂସା କରିବା ସହ ସଂସ୍ଥାର ଉନ୍ନତିରେ ସେମାନଙ୍କ ଅବଦାନ ଅପରିହାର୍ଯ୍ୟ ବୋଲି କହିଥିଲେ। ଅନ୍ୟ ନିର୍ଦ୍ଦେଶକମାନେ ମଧ୍ୟ ଏହି ଅବସରରେ ନିଜ ମତାମତ ରଖି କହିଥିଲେ, ଆଜିର ସମୟରେ ମହିଳାମାନେ ସମସ୍ତ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି ଏବଂ ସମାଜ ଗଠନରେ ମୂଲ୍ୟବାନ୍ ଭୂମିକା ଗ୍ରହଣ କରୁଛନ୍ତି।



# କନିଷ୍ଠ ଶିକ୍ଷକ ଚୟନ ପ୍ରାର୍ଥୀଙ୍କ ଧାରଣା




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ କନିଷ୍ଠ ଶିକ୍ଷକ ପାଇଁ ଚୟନ ହୋଇଥିବା ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

**ଭୁବନେଶ୍ୱର,୧୦।୩(ସୁଚିସ୍ମିତା ସାହୁ)**

ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ରାୟର ୫ ମାସ ପରେ ମଧ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କନିଷ୍ଠ ଶିକ୍ଷକ ପାଇଁ ଚୟନ ହୋଇଥିବା ପ୍ରାର୍ଥୀଙ୍କୁ ନିଯୁକ୍ତି ଦେଉନାହିଁ। ପ୍ରତିବାଦରେ କନିଷ୍ଠ ଶିକ୍ଷକ ଆଶାୟୀମାନେ ମଙ୍ଗଳବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରୀକ୍ଷା ନେଲ, ସିଲେକ୍ଟ କଲ, ତାରିଖ ନ ଦେଇ ଭଣ୍ଡେଇ ଦେଲ...ଭଳି ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି। ସଂଘ ସଭାପତି କସ୍ମନ ମେହେର କହିଛନ୍ତି, ଏନ୍‌ଆଇଓଏସ୍ ଡି.ଇଏଲ୍.ଇ.ଡି କୋର୍ସ କରିଥିବା ଛାତ୍ରୀଛାତ୍ର ଜୁନିଅର ଟିଚର ସ୍କିମାଟିକ୍ସ (ଜେଟିଏସ୍) ୨୦୨୩

## ୧୫ ଦିନରେ ନିଯୁକ୍ତି ନ ମିଳିଲେ ଆମରଣ ଅନଶନ

ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଚାକିରି ପାଇଁ ଚୟନ ହୋଇଥିଲେ। ହେଲେ ଏହି ପ୍ରାର୍ଥୀଙ୍କ ଡକ୍ୟୁମେଣ୍ଟ ଭେରିଫିକେସନ ସମୟରେ ଡି.ଇଏଲ୍.ଇ.ଡି. କୋର୍ସକୁ ରିଜେକ୍ସନ କରାଯାଇଥିଲା। ଏହା ବିରୋଧରେ ଚୟନ ହୋଇଥିବା ପ୍ରାର୍ଥୀମାନେ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ନ୍ୟାୟାଳୟ ଡି.ଇଏଲ୍.ଇ.ଡି. କୋର୍ସକୁ ବୈଧ ଘୋଷଣା କରିଥିଲେ। ଏହି ବୈଧ ଘୋଷଣା ପରେ ବିଭିନ୍ନ ରାଜ୍ୟରେ ଏହି ବର୍ଗର କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଥିବା ବେଳେ ଆମ ରାଜ୍ୟରେ ଡବଲ ଇଞ୍ଜିନ ସରକାର କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତିକୁ ସରକାର ଅଣଦେଖା କରୁଛନ୍ତି।

ଏ ବିଷୟରେ ଚୟିତ ପ୍ରାର୍ଥୀମାନେ ବାରମ୍ବାର ଓସେପା ଓ ଗଣଶିକ୍ଷା ବିଭାଗ ସହ ଯୋଗାଯୋଗ କରିଥିଲେ ସୁଦ୍ଧା ବିଭାଗ ତରଫରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ପୋଲିସ ସହଯୋଗରେ ଧାରଣାସ୍ଥଳରୁ ଏକ ପ୍ରତିନିଧି ଦଳ ଲୋକସେବା ଭବନସ୍ଥିତ ଗଣଶିକ୍ଷା ବିଭାଗ କାର୍ଯ୍ୟାଳୟକୁ ଯାଇ ସ୍ୱତନ୍ତ୍ର ସଚିବ ଗିରିଶ ପ୍ରସାଦଙ୍କ ସହ ସାକ୍ଷାତ କରିଥିଲେ ମଧ କିଛି ଫଳପ୍ରଦ ନ ଥିଲା। ତେବେ ଆସନ୍ତା ୭ ରୁ ୧୫ ଦିନ ମଧ୍ୟରେ ନିଯୁକ୍ତି ପ୍ରଦାନ କରା ନ ଗଲେ ଶିକ୍ଷକମାନେ ରାଜରାସ୍ତାକୁ ଓହ୍ଲାଇବା ସହ ଆମରଣ ଅନଶନ କରିବେ ବୋଲି ସଂଘ ସଭାପତିଙ୍କ ସହ କାର୍ଯ୍ୟକର୍ତ୍ତା ଅମ୍ବିକା ପ୍ରିୟଦର୍ଶିନୀ, ନାରାୟଣ ବିଶ୍ୱାଳ, ସନ୍ତୋଷ କୁମାର ସ୍ୱାଇଁ, ଚିତ୍ତରଞ୍ଜନ ସିଂ, ହରିନାଦ ଦାସ, ବନଶ୍ରୀ କାନନିକା ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଭାଷା ବନ୍ଦନା @ ଗୋଟେ ଟଙ୍କା, ଗୋଟେ ଘଣ୍ଟା

ଓଡ଼ିଶା ଶ୍ରୀଜଗନ୍ନାଥଙ୍କ ମାଟି। ଆମ ସଂସ୍କୃତି ଯେମିତି ମହାପ୍ରଭୁଙ୍କୁ ନେଇ ରଚିତ, ଭାଷା ବି ସେମିତି ବିକଶିତ 'ଚକାଡୋଳା'କୁ ନେଇ। ଅର୍ଥାତ୍ ଆମର ପ୍ରାୟ ପ୍ରତ୍ୟେକ ଲିପି ଚକାଡୋଳା ପରି ଡୋଳାକୃତି(ଗୋଲାକୃତି) ବା ଅର୍ଦ୍ଧ ଗୋଲାକୃତିର ସମାହାର। ମାତ୍ର ୩ଟି ଲିପିରେ ଯଥା ଚକାଡୋଳା, ଅର୍ଦ୍ଧଡୋଳା ଓ ଦଣ୍ଡ (ଶ୍ରୀସୁଦର୍ଶନଙ୍କ ପ୍ରତୀକ)କୁ ନେଇ ସମ୍ପୂର୍ଣ୍ଣ ଓଡ଼ିଆ ବର୍ଣ୍ଣମାଳା ସଂରଚିତ। ଓଡ଼ିଆରେ ଯେବେ କିଛି ଲେଖୁଛୁ ସେତେବେଳେ ମନେକରିବା ଉଚିତ ଯେ 'ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତୀକାତ୍ମକ ଚିତ୍ରଟିଏ ଆଙ୍କୁଛୁ ବୋଲି'। ଶ୍ରୀମଦ୍‌ଭଗବଦ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, ''ସେ ହେଉଛନ୍ତି ଅକ୍ଷରଙ୍କ ମଧ୍ୟରେ 'ଅ' କାର। ଅର୍ଥାତ୍ ଅକ୍ଷରଙ୍କ ଭିତରେ ଭଗବାନଙ୍କ ସତ୍ତା ବିଦ୍ୟମାନ। ପ୍ରତିଟି ଅକ୍ଷର ମନ୍ତ୍ରସମ ପବିତ୍ର। ଏଣୁ ବର୍ଣ୍ଣବିଶେଷ ଲେଖିବାବେଳେ ନିର୍ଭୁଲଭାବେ ଲେଖିବାକୁ ଯତ୍ନବାନ ହେବା ଉଚିତ।'' ଅ ରୁ କ୍ଷ ସବୁ ଅକ୍ଷର 'ମୋ ମା' ର ମୁହଁ ଅଧା ଉତ୍କଳ ମାତାଙ୍କ ପ୍ରତିଛବି ପରି- ଏହି ଭାବଧାରା ଯେ ପର୍ଯ୍ୟନ୍ତ ନ ଆସିଛି, ସେ ପର୍ଯ୍ୟନ୍ତ ଭାଷାପ୍ରୀତି, ଭୂମିପ୍ରୀତି ଆସିବ କିପରି? ଭାଷାର ଅସ୍ତିତ୍ୱ ନିର୍ଭର କରେ ବ୍ୟବହାର ଉପରେ। ବ୍ୟବହାର ଉପରେ ନିର୍ଭର କରେ ଭାଷାର ବିକାଶ। ସେଥିପାଇଁ ଲୋଡ଼ା ଆବେଗଭରା। ମୋର ଏକ ସ୍ୱର୍ଣ୍ଣିମ ଇତିହାସ ଅଛି। ସ୍ୱାଧୀନତା ସଂଗ୍ରାମର ପ୍ରଥମ ବିପ୍ଳବ ମଧ ଏ ମାଟିରୁ ବାଜିଥିଲା ୧୮୦୪ରେ। ମହାତ୍ମା ବୁଦ୍ଧଙ୍କ ପ୍ରଥମ ଶିଷ୍ୟ (ତ୍ରପୁସ ଓ ଭଲିକ) ଥିଲେ ଏମାଟିର ପୁଅ। ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା। ଦେଶରେ ପ୍ରଥମ ଭାଷାନୀତି ପ୍ରଣୟନ ହୋଇଥିଲା ଏ ମାଟିରେ। ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ ସମ୍ପାଦନାର୍ଥେ 'ଓଡ଼ିଶା ସରକାରୀ ଭାଷା ଅଧିନିୟମ' ପ୍ରଥମେ ପ୍ରଣୟନ ହୋଇଥିଲା ୧୯୫୪ରେ। ଏ ମାଟିର ଭାଷା 'ଓଡ଼ିଆ' ହେଉଛି ଏକ ପ୍ରାଚୀନ ଓ ଶାସ୍ତ୍ରୀୟ ଭାଷା। ଏପରି ଗୌରବବୋଧ ରହିଲେ ସ୍ୱତଃ ଆଗ୍ରହ/ ଆଦର ଭାବ ଜାତହେବ।

ଓଡ଼ିଆ ଭାଷାର ବର୍ଣ୍ଣମାଳା ବିଜ୍ଞାନରେ ଭରା। ବର୍ଣ୍ଣମାଳାର ପ୍ରତ୍ୟେକ ଅକ୍ଷର ତାର୍କିକ ଓ ଯଥାର୍ଥ ଗଣନା ସହ କ୍ରମିକ ରୂପରେ ରଖାଯାଇଛି। ଏହିପରି ବୈଜ୍ଞାନିକ




## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ଓଡ଼ିଆ ଭାଷାକୁ କେନ୍ଦ୍ର ସରକାର ୨୦୧୪ ଫେବୃଆରୀ ୨୦ରେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରିଥିଲେ। ଏନେଇ ମାର୍ଚ୍ଚ ୧୧ରେ ଗେଜେଟ୍ ନୋଟିଫିକେସନ ଜାରି କରାଯାଇଥିଲା। ୨୦୧୫ରୁ ଏହି ଦିବସକୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଭାବେ ପାଳନ ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଗଲା। ଓଡ଼ିଆ ଭାଷା ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଲାଗି ଏହି ଦିବସ ପାଳନ କରାଯାଇଆସୁଅଛି।

ଦୃଷ୍ଟିକୋଣ ଅନ୍ୟ କୌଣସି ବିଦେଶୀ ଭାଷାର ବର୍ଣ୍ଣମାଳାରେ ନାହିଁ। ଯେପରିକି, 'କ ଖ ଗ ଘ ଙ' – ଏହି ପାଞ୍ଚ ସମୂହକୁ 'କଣ୍ଠ୍ୟ' କୁହାଯାଇଥାଏ। କାରଣ ଏହାକୁ ଉଚ୍ଚାରଣ ସମୟରେ କଣ୍ଠରୁ ଧ୍ୱନିବାହାରିଥାଏ। 'ଚ ଛ ଜ ଝ ଞ' – ଏହି ପାଞ୍ଚ ସମୂହକୁ 'ତାଲବ୍ୟ' କୁହାଯାଇଥାଏ। କାରଣ ଏହାକୁ ଉଚ୍ଚାରଣ ସମୟରେ ଜିଭ ତାଲୁରେ ଲାଗିଥାଏ। 'ଟ ଠ ଡ ଢ ଣ' – ଏହି ପାଞ୍ଚ ସମୂହକୁ 'ମୂର୍ଦ୍ଧନ୍ୟ' କୁହାଯାଇଥାଏ। କାରଣ ଏହାକୁ ଉଚ୍ଚାରଣ ସମୟରେ ଜିଭ ମୂର୍ଦ୍ଧାରେ ଲାଗିଥାଏ। 'ତ ଥ ଦ ଧ ନ' – ଏହି ପାଞ୍ଚ ସମୂହକୁ 'ଦନ୍ତ୍ୟ' କୁହାଯାଇଥାଏ। କାରଣ ଏହାକୁ ଉଚ୍ଚାରଣ ସମୟରେ ଜିଭ ଦାନ୍ତକୁ ଛୁଇଁଥାଏ। 'ପ ଫ ବ ଭ ମ' – ଏହି ପାଞ୍ଚ ସମୂହକୁ 'ଓଷ୍ଠ୍ୟ' କୁହାଯାଇଥାଏ। କାରଣ ଏହାକୁ ଉଚ୍ଚାରଣ ସମୟରେ ଦୁଇ ଓଠ ପରସ୍ପର ସହିତ ମିଶିଥାଏ।

ଆମ ଓଡ଼ିଆ ଭାଷା ପ୍ରାୟ ଦୁଇ ହଜାର ବର୍ଷର ପୁରୁଣା ଭାଷା। ଯେଉଁଠି ଇଂରାଜୀ ଭାଷା କେଇଶହ ବର୍ଷ ତଳର। ପୁନଶ୍ଚ 'ଓଡ଼ିଆ' ହେଉଛି ପୂର୍ବ ଭାରତର ପ୍ରାଚୀନତମ ଭାଷା, ଏପରିକି ବଙ୍ଗଳାଭାଷାଠାରୁ ପୁରୁଣା। ଓଡ଼ିଆ ଭାଷା ଏକ ପୂର୍ଣ୍ଣାଙ୍ଗ ଓ ପ୍ରାଚୀନ ଭାଷା। ବିଶ୍ୱର ସମୁଦାୟ ୭୧୦୨ଟି ଭାଷା ମଧ୍ୟରେ ବହୁ କଥିତ ୩୭ତମ ଭାଷା ହେଉଛି ଓଡ଼ିଆ ଭାଷା। ଦେଶରେ ସ୍ୱୀକୃତ ଭାଷା ମଧ୍ୟରୁ ଓଡ଼ିଆ ଭାଷାର ସ୍ଥାନ ଦଶମ। ଏହା ମଧ ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷା। ଅତି ଦୁଃଖ ଯେ ଆମ ମାତୃଭାଷାକୁ ଅଣଦେଖା କରି 'ଇଂରାଜୀ' ଭାଷାକୁ ପ୍ରାଧାନ୍ୟ ଦେଉଥିବା ଆମ ଯୁବବର୍ଗ ଜାଣିଥିବା ଉଚିତ ଯେ ଆଜିବି ସାରା ବିଶ୍ୱର ମାତ୍ର ୧୧ଟି ଦେଶରେ ଇଂରାଜୀ ଭାଷା ପ୍ରଚଳିତ। ମିଳିତ ଜାତିସଂଘରେ ମଧ ଏହା ପ୍ରଚଳିତ ଭାଷା ନୁହେଁ (ପ୍ରଚଳିତ ଭାଷା–ଫରାସୀ)। ଅନ୍ୟପକ୍ଷରେ ଓଡ଼ିଆ ଏକ ସବଳ, ସାବଲୀଳ, ବିଜ୍ଞାନସିଦ୍ଧ ସମୃଦ୍ଧ ଭାଷା। ମାତୃଭାଷାକୁ ଯଦି ଆମେ ଯଥୋଚିତ ସମ୍ମାନ ନ ଦେବା କି ତା'ର ସୁରକ୍ଷା ଓ ସମୃଦ୍ଧି ପାଇଁ ଯତ୍ନବାନ ନ ହେବା, ତା'ହେଲେ କିଏ କରିବ ସେ କାମ? ଆମ ଜାତିର ଜାତକ ଆମେ ନିଜେ ଲେଖିବା ନାହିଁ କାହିଁକି? ସେଥିପାଇଁ ଉତ୍କଳର ବରପୁତ୍ରମାନେ ଆମକୁ ଚେତେଇ ଯାଇଛନ୍ତି– 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗ ନିଜ ମାତୃଭାଷା' (ଗଙ୍ଗାଧର ମେହେର)। ଆମ ଭାଷାର ସୁଯୋଗ୍ୟ ସେନାପତି 'ଫକୀରମୋହନ' ଉଦ୍‌ଘୋଷ କରିଯାଇଛନ୍ତି–'ଭାଷା ହିଁ ଜାତିର ଜୀବନଶକ୍ତି ଜାତିମାନଙ୍କର'। ଏଣୁ ଆସନ୍ତୁ, ସମସ୍ତ ଓଡ଼ିଆପ୍ରାଣ ଓଡ଼ିଆ ଭାଷାର ସୁରକ୍ଷା ଓ ଅଭିବୃଦ୍ଧି ପାଇଁ ଯତ୍ନବାନ୍ ହେବା। ଭାଷା ଓ ଭୂମିର ବନ୍ଦନା କରିବା। ସେଥିପାଇଁ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ଅବସରରେ ପ୍ରତିଟି ଓଡ଼ିଆଙ୍କ ନିକଟରୁ ମାଟି ମାଆ ମାଗୁଛି ଦିନକୁ ମାତ୍ର ଗୋଟେ ଟଙ୍କା ଏବଂ ଗୋଟେ ଘଣ୍ଟା। ଭାଷା ଓ ସାହିତ୍ୟର ପ୍ରସାର ପାଇଁ ଦୈନିକ ଗୋଟିଏ ଟଙ୍କା ହିସାବରେ ବର୍ଷରେ ଅନ୍ୟୁନ ୩୬୫ ଟଙ୍କାର ପୁସ୍ତକ ନିହାତି କିଣିବା ଏବଂ ଗୋଟିଏ ଘଣ୍ଟା ନିହାତି ପଢ଼ିବା।

–ଉପେନ୍ଦ୍ର ବିଶ୍ୱାଳ
ମୋ: ୯୪୩୭୪୩୭୦୭୩

# ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କଟକ,୧୦।୩(କାର୍ତ୍ତିକ ସାହୁ)**

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକ ଆଇନ ସେବା କମିଟି ପରିସରରେ ଆସନ୍ତା ୧୪ ତାରିଖ ଶନିବାର ପୂର୍ବାହ୍ନ ୧୦ଟାରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାର ପ୍ରାକ୍ ତଥା ବିଚାରାଧୀନ ମକଦ୍ଦମା ଯଥା ସମାଧାନ ଯୋଗ୍ୟ ଟ୍ରାଫିକ ଚାଲାଣ, ଦୋଷ ସ୍ୱୀକାର ବୁଝାମଣା, ମୋଟରଯାନ ଜନିତ ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ, ଚେକ ବାଉନ୍ସ, ଦେୱାନୀ ଓ ଫୌଜଦାରି ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ମକଦ୍ଦମା/ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡ଼ାନ୍ତ।

# ଅଭିଯୋଗକାରୀ ଆକାଉଣ୍ଟାଣ୍ଟ ହିଁ ଅଭିଯୁକ୍ତ

## ୨ ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ

**ରାୟଗଡ଼ା, ୧୦।୩**
**(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ସହରର କପିଳାସ ରୋଡ୍‌ସ୍ଥିତ ପାତ୍ର ଇଲେକ୍ଟ୍ରୋନିକ୍ସ ଶୋ'ରୁମ୍‌ର ଆକାଉଣ୍ଟାଣ୍ଟ ରଞ୍ଜିତ କୁମାର ଦଳାଇଠାରୁ ସୋମବାର ୨ଲକ୍ଷ ଟଙ୍କା ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ରାୟଗଡ଼ା ପୋଲିସ। ଏହି ଘଟଣାରେ ଶୋ'ରୁମ୍‌ର ଆକାଉଣ୍ଟାଣ୍ଟ ରଞ୍ଜିତ ହିଁ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ କହିଛି । ରଞ୍ଜିତଙ୍କଠାରୁ ପୋଲିସ ୧ଲକ୍ଷ ୨୦ହଜାର ଟଙ୍କା ଜବତ କରିଛି। ତାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ପୋଲିସ ମଙ୍ଗଳବାର ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛି।

ରଞ୍ଜିତ ସୋମବାର ରାୟଗଡ଼ା ଷ୍ଟେଟ୍ ବ୍ୟାଙ୍କ ଏଡିବି ଶାଖାକୁ ୨ ଲକ୍ଷ ୩୨ ହଜାର ଟଙ୍କା ଡିପୋଜିଟ୍ କରିବାକୁ ଯାଉଥିବା ସମୟରେ ପଛ ପଟୁ ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କଠାରୁ ଟଙ୍କା ବ୍ୟାଗ୍ ଝାମ୍ପି ନେଇଥିଲେ। ଏ ନେଇ ରଞ୍ଜିତ ଶୋ'ରୁମ୍ ମ୍ୟାନେଜର ଅକ୍ଷୟ ବିବାରଙ୍କୁ ଜଣାଇବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ଏଭଳି କୌଣସି ଘଟଣା ଘଟି ନ ଥିବା ଜାଣିବାକୁ ପାଇଥିଲେ। ରଞ୍ଜିତଙ୍କୁ ତଦନ୍ତ ପରିସରଭୁକ୍ତ କରି ପୋଲିସ ଜାଣିବାକୁ ପାଇଥିଲା ଯେ, ଉକ୍ତ ଟଙ୍କାକୁ ରଞ୍ଜିତ ନିଜେ ବିଭିନ୍ନ ଦିନରେ ଚୋରିକରି ତାଙ୍କ ବ୍ୟକ୍ତିଗତ ଖର୍ଚ୍ଚ କରିଛନ୍ତି। ଲୁଟେରାଙ୍କ ଦ୍ୱାରା ଚୋରି ହେବାର ଏକ ନାଟକୀୟ ରୂପ ଦେଇଥିଲେ ବୋଲି ପୋଲିସ କହିଛି।


**GOVT. OF ODISHA**
**OFFICE OF THE HEALTH & F.W.DEPTT.,**
**V.S.S. INSTITUTE OF MEDICAL SCIENCES & RESEARCH, BURLA (SAMBALPUR)**
e-mail: vssmcburlaorissa@gmail.com / sicklecellvssmc@gmail.com
**No.1778/VIMSAR dt : 07.03.2026**
**TENDER CALL NOTICE**

**No.10001/110/2526** : Sealed tenders are invited by the undersigned from the Registered reputed manufacturers / authorized dealers, DGS & D rates contract holder/ EPM rate contract holders and registered firms under GST act for the supply of Glassware, Plastic Wares, Chemicals, Reagents, Kits for the Odisha Sickle Cell Project, Veer Surendra Sai Institute of Medical Sciences and Research, Burla on or before dt: **10.04.2026** upto **01.00 P.M** through Regd. Post/Speed Post only which will be opened on dt: 13.04.2026 at 10.00 A.M.

The detail terms and conditions of the tender call notice can be downloaded from the website http://vimsar.ac.in & https://sambalpur.odisha.gov.in from its date of publication on or before **10.04.2026** upto **01.00 P.M.**

Sd./- Dean & Principal
OIPR-10001/10012/1/25-26/0001 VSS Inst. of Med. Sc. & Research, Burla

**OFFICE OF THE EXECUTIVE ENGINEER**
**LIFT IRRIGATION DIVISION, JAJPUR ROAD**
E-mail- eeli.jajpurroad@gmail.com
**E-Procurement Notice**
**Bid Identification No.556/OLIC (JPR)/ Dt.07.03.2026**

No.32001/180/2526: The Executive Engineer, Lift Irrigation Division, Jajpur Road on behalf of Odisha Lift Irrigation Corporation Limited, Bhubaneswar invites percentage Rate bids for the work "Installation, Electrification, Energisation and Commissioning of 7 Nos. Deep Bore Well at Baliapal (Baghuapal) under Danagadi Block" Turnkey basis from reputed Contractors/Firms with valid PWD License of required class of Civil Works & for the Drilling works contractor required in possession on ownership/ lease Contract basis having set of equipment's with VES and yeild test machinery, equipment's with all required accessories etc. combination Rings and also for Electrical works i.e. including of Erection of 11KV Line, L.T. Line & Commissioning of Electrical Substation for power supply of Projects alongwith installation of Pump Sets, Starters and its energisation. The proof of registration from the appropriate authority of ELBO shall be enclosed alongwith the Bid.

| | | |
|---|---|---|
| 1. | Numbers of Packages | 1 |
| 2. | Estimated Cost | Rs.49.95 Lakh |
| 3. | Cost of Tender Paper | Rs.7080.00 as mentioned Project through online mode i.e. Paper Cost with 18% GST. as mentioned under DTCN |
| 4. | Date & time of publication | Dt.17.03.26 from 11.00 AM |
| 5. | Date & Time of Closing | Dt.25.03.26 upto 5.00 P.M. |
| 6. | Date & Time of opening of Bid | Dt.26.03.26 at 11.00 A.M. |
| 7. | The bidders have to participate in online bidding only as per Codal Provision. | |

Further details can be seen from the website www.tendersorissa.gov.in. Addendum/ corrigendum/ cancellation of tender if any, can be seen in the said site.

Sd./- Executive Engineer,
L.I. Division, Jajpur Road
OIPR-32001/32146/1/25-26/0001

**MUNICIPAL OFFICE : JEYPORE**
Ph. No.06854-321098, Fax No. 06854-230104,
Email - jeyporem.hud@nic.in
Letter. No.1103/JM Date : 02.03.2026
**JM-TCN07/2025-26**

**No.13001/532/2526** : Bid documents consisting of specification the Bill of Quantity and the Tender Call Notice can be seen in the Govt. website https://tendersorissa.gov.in/nicgep/app.

| | |
|---|---|
| Bid Documents including Schedule of Quantity available for online bidding | https://tendersorissa.gov.in/nicgep/app |
| No. of works | 01 |
| Estimated cost | As per DTCN |
| Date & Time of Bidding in portal | From **05.03.2026** at 11:00 Hours to **13.03.2026** Upto 16:00 Hours |
| Last date & time for receipt of bids in portal | **13.03.2026** Upto 16:00 Hours |
| Offline Documents Received through Speed Post | **13.03.2026** at 16:00 Hours to **18.03.2026** Up to 11:00 Hours (Working Days Only) |
| Bids received online shall be opened on | **18.03.2026** at 11:00 Hours onwards |
| Offline Documents shall be opened in presence of the Participate Bidders | **18.03.2026** at 11:00 Hours onwards |

Sd./- Executive Officer
OIPR-13001/13079/1/25-26/0025 Jeypore Municipality

**GOVERNMENT OF ODISHA**
Mail i.d. : eebbsr1@yahoo.co.in
**OFFICE OF THE SUPERINTENDING ENGINEER,**
**BHUBANESWAR (R&B) DIVISION NO.I, BHUBANESWAR**
**INVITATIONS FOR BIDS THROUGH e-Procurement**
No.34001/171/2526
**No. 1928 Date : 07.03.2026**
**Bid Identification No. S.E. (R&B) 01** **e-Procurement Notice No. (116) of 2025-26**

**1. Name of the Work :** Tender for Construction & Improvement works of HOD Building Bhubaneswar, in the Dist. of Khurda, as specified in the Column-2 of the Annexure, **2. Class of Contractor :** As specified in the Column-6 of the Annexure, **3. Time of Completion :** As specified in the Column-7 of the Annexure, **4. Details Projects :** As per Annexure attached, **5. Other Details :**

| Procurement Officer | Bid Identification | Approximate Estimated cost put to Tender (Rs. In Lakh) | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | | 3 | 4 | 5 | 6 |
| Superintending Engineer, Bhubaneswar (R&B) Division-I | e-Procurement Notice No. () of 2025-26 | 22.00 to 40.00 | 13.03.2026 at 11.00 A.M. | 27.03.2026 to 05.30 P.M. | 27.03.2026 upto 03.00 P.M. | 28.03.2026 at 12.30 P.M. |

**The bidder must possess matching class compatible Digital Signature Certificate (DSC).**
**Further details and other terms and conditions can be seen from DTCN in the e-Procurement website www.tendersorissa.gov.in**
**N.B.: Subsequent corrigendum / addendum if required shall be available in the website as indicated above.**

Sd./- Er. Prabhudatta Pradhan
OIPR-34001/34076/1/25-26/0003 Superintending Engineer, BBSR (R&B) Division No.I, Bhubaneswar

**State Selection Board**
**Department of higher Education**
**Govt. of Odisha**
**Bhubaneswar**
No.11001/51/2526
**Advertisement No.01/2026 Date: 09.03.2026**

**ADVERTISEMENT FOR RECRUITMENT TO THE POST OF JUNIOR ASSISTANTS IN STATE PUBLIC UNIVERSITIES, GOVERNMENT COLLEGES & NCC IN DIFFERENT NCC GROUP HEAD QUARTERS & NCC UNITS OF THE STATE (HIGHER EDUCATION DEPARTMENT), O.U.H.S (HEALTH & FAMILY WELFARE DEPARTMENT), B.S.E, ODISHA, SCHOOL AND MASS EDUCATION DEPARTMENT AND JUNIOR CLERKS IN NON-GOVERNMENT AIDED COLLEGES (HIGHER EDUCATION DEPARTMENT) GOVT. OF ODISHA.**

Online applications are invited from eligible candidates for recruitment of **883 posts** of Junior Assistant & Junior Clerk in various Institutions/Departments of Government of Odisha.

**Opening Date and Time of Online Applications: 11.03.2026 at 02:30 PM. Closing Date and Time of Online Applications and Online Payment: 13.04.2026 at 11:45 PM.**

Detailed advertisement will be available in the official website of State Selection Board: **www.ssbodisha.ac.in. w.e.f. 11.03.2026.**

Sd./- Secretary
OIPR-11001/11015/1/25-26/0011 State Selection Board

**OFFICE OF THE SUPERINTENDING ENGINEER,**
**P.H. DIVISION, BHUBANESWAR,**
**SAHID NAGAR, ODISHA**
NO.13001/540/2526
**Phone/ FAX :- 0674-2540578 (0) / e-Mail: eephiiibbsr@gmail.com**
**Office Order No. 2133 /Dt. 06/03/26**
**Bid Identification No. EEPHBBSR-85 / 2025-26 Dt. 20.02.2026**

**1) The Tender ID: 2026_PHEO_126373_1** for the work "Installation of 11 KV line with PSC pole and 55 SQ.MM-XLPE insulated AAA Conductor-0.65km. 25 KVA WPB Pole mounted DT-1no. LT line-0.04km at Vetabara & 11KV line using 55SQ.MM : XLPE AAA Covered conductor with 10mtr. PSC pole-0.3km. 100KVA DP Mounted DT using 11mtr. WPB Pole 1 no. LT Line using 4Cx150 Sqmm Armoured Aluminium cable-XLPE insulated-0.07Km at PHD Colony near Vetabara MIP, Ranapur, Gopalpur, Nayagarh." **is hereby cancelled 1st time due to no bidder participant.**

Sd./- SUPERINTENDING ENGINEER,
OIPR-13001/13205/1/25-26/0004 P.H.DIVISION, BHUBANESWAR

**ODISHA PUBLIC SERVICE COMMISSION**
**19, DR. P.K. PARIJA ROAD, CUTTACK-753001**
**NOTICE**
**No. 1474/PSC, Dt.09.03.2026**
**1E-05-2025/26 [DR-II]**
No.12001/45/2526
**ADVERTISEMENT NO. 07 OF 2025-26**
**WEBSITE - https://opsc.gov.in**

| | |
|---|---|
| I. | Dental Surgeon (in Group-A (Junior Branch) of the Odisha Medical Services (Dental) Cadre, under Health & Family Welfare Department) |
| II. | No. of Vacancies-124 (41-w) |

Online applications are invited from the prospective candidates through proforma application to be made available on the Website of the Commission **(https://opsc.gov.in)** for recruitment to **124 (One Hundred Twenty Four)** posts of **Dental Surgeon** in Group-A (Jr. Branch), of **Odisha Medical Services (Dental) Cadre**, under the Health & Family Welfare Department in Level-12, Cell-1 of ORSP Rules, 2017 with usual dearness and other allowances as may be sanctioned by the Government of Odisha from time to time. The posts are temporary and likely to be made permanent.

**2. VACANCY POSITION** : As per requisition furnished by the Health & Family Welfare Department, Government of Odisha, the vacancy position for the post of **Dental Surgeons** is **124 (41-w)**. Out of which 10(03-W) vacancies are for UR category, 08(03-W) vacancies are reserved for SEBC, 22(07- W) vacancies are reserved for SC category and 84(28-W) vacancies are reserved for ST category. Also, 05 posts are reserved for PwDs whose permanent disability is 40% or more, 01 post for Sports Persons. Candidates belonging to the categories of Sports Persons & PWDs shall be adjusted against the categories to which they belong.

**3. AGE** : A candidate must have attained the age of 21 (Twenty One) years and must not be above the age of 42 (Forty Two) years as on the **1st day of January 2026** i.e. he/she must not have been born earlier than **2nd January 1984** and not later than **1st January 2005**.

**4. EDUCATIONAL QUALIFICATION : A candidate must : -**
(i) have possessed a BDS or equivalent Degree from a Medical College or Medical Institution recognized by the Dental Council of India (DCI);
(ii) have possessed a valid Registration Certificate under the "Dentist Act- 1948";
(iii) have possessed required Conversion Certificates recognized by Dental Council of India (DCI) in case of candidate having degrees from universities of foreign countries.

**5. EXAMINATION FEE** : The candidates other than SC, ST and PwD category shall have to pay the examination fee amounting to **(₹ 700/-) Rupees Seven Hundred** only through online mode while filling the Online Application Form. The examination fees paid shall be **refunded only to those candidates who actually appear in the Written Test. Applications without payment of examination fees (except SC/ST/ PWD candidates) will be taken as incomplete and outrightly be rejected.**

Refund shall be issued in due course after completion of the Written Examination. Refunds will be processed to the original mode of payment used at the time of the transaction by the candidate. (Credit Card, Debit Card, UPI, Net Banking, Wallet, etc.)

**6. METHOD OF SELECTION** : The selection of candidates for recruitment to the posts of Dental Surgeons shall be made on the basis of Written Test as per the guidelines enumerated in the Odisha Medical Services (Method of Recruitment and Conditions of Service of Dental Surgeons) Rules, 2022, along with Amendment Rules, 2025.

**7. WRITTEN EXAMINATION** : The Written Examination will be held tentatively on **21/06/2026 (Sunday)**. The detailed Schedule and Centre of Examination will be notified in due course.

**The link for Online Application shall be available from 17/03/2026 to 17/04/2026 (5:00 P.M.). The last date/ closing date for submission of Registered Online Application is 17/04/ 2026 (5:00 P.M.).**

The candidates are advised to visit the Website of the Commission **http://opsc.gov.in for detailed information for applying to the above post**. Applications received through any other mode would not be accepted and summarily be rejected.

CUTTACK
DT - 09/03/2026
OIPR-12001/12002/1/25-26/0016
Sd./- SECRETARY
ODISHA PUBLIC SERVICE COMMISSION
CUTTACK

**ODISHA POLICE**
**STATE HEADQUARTERS**
**Cuttack**
**Odisha Police**
**Office of the D.G. & I.G. of Police, Odisha, Cuttack**
**Tel. : 0671-2304001, Website :** www.odishapolice.gov.in,
Email : aig-prov.odpol@od.gov.in
**RFP No.43-RFP-CCTV-2025-2026 Date : 07.03.2026**

**No.12001/46/2526** : Online Bids through e-Tender Portal https://tendersodisha.gov.in are invited from the eligible bidders for Supply and Installation of CCTV systems for odisha Police, Odisha, Cuttack, during the current financial year, 2025-26 as per the particulars mentioned below.

| Sl. No. | Name of Item | Approximate quantity |
|---|---|---|
| 1. | 43-RFP-CCTV-2025-2026 | 2 Sets |

| Events | Date |
|---|---|
| RFP Issue Date | 07.03.2026 |
| RFP Submission Due Date and time | 16.03.2026 |
| Date & Time of Opening of Technical Bids | 17.03.2026 |
| Bid to RA enabled | Yes |
| Tender Document fee {(Non-refundable Rs. 590/- {Rs.500/- + 18% GST (Rs.90/-)} | In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |
| EMD (Earnest Money Deposit) Rs : 52,000/- (Fifty two thousand only) | In favour of A.I.G of Police (Prov.), Odisha, Cuttack payable at Cuttack. (Demand Draft) |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning)
Odisha, Cuttack
OIPR-12001/12029/1/25-26/0008 (Tender Calling Authority)

**Office of District Manager** Annexure-II
**Odisha State Civil Supplies Corporation Ltd. (OSCSC), Kalahandi (District)**
**Phone : 9438200045, District Website : kalahandiodisha.gov.in**
Tender No. : **597** **Dt. 09.03.2026**

**No.7001/38/2526** : District Manager, Odisha State Civil Supplies Corporation Ltd., Kalahandi (District) invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Handling Contractor (Labour Works) for Handling of Foodgrains (Rice, Wheat etc.) at the RRCs in the district of the State of Odisha |
| 2 | Availability of bid document in the portal | From (Date) 10.03.2026 |
| 3 | Last Date / Time for Receipt of bids in the portal | Dt.25.03.2026 up to 5.00 P.M. |
| 4 | Date/Time of Opening of Technical Bid | Dt.26.03.2026 up to 11.00 A.M. |
| 5 | Name and address of the Officer Inviting Tender | District Manager, OSCSC Ltd. Kalahandi (District) |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd./- District Manager
OIPR-7001/7068/1/25-26/0001 OSCSC Ltd., Kalahandi

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୫୧ ତା:୨୫।୨।୨୬
**ବିଜ୍ଞାପନ**

No. 13001/538/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ଘର ନଂ. ଏଲ୍‌ଆଇଜି–୨/୫ (LIG-2/5), କମ୍ପୋଜିଟ୍ ହାଉସିଂ ସ୍କିମ୍ ଆମ୍ବପୁଆ, ବ୍ରହ୍ମପୁର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ରମା ଦେଇ, ସ୍ୱାମୀ: ଶ୍ରୀ ରଞ୍ଜନ କୁମାର ସାହୁ, ସା: ସୂର୍ଯ୍ୟନଗର, ନୂଆ କାଜୁ କାରଖାନା ପାଖ, ପୋ: ସାହେବ ଜେନାପଲ୍ଲୀ, ଥାନା: ଛତ୍ରପୁର, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ରମା ଦେଇ ଉକ୍ତ ଫ୍ଲାଟ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମିନତୀ ବିଦ୍ଧାଣୀ, ସ୍ୱାମୀ: ଶ୍ରୀ ଶିବରାମ ମହାରଣା, ସା: ବସନ୍ତ ବିହାର, ଚତୁର୍ଥ ଲେନ୍, ଆମ୍ବପୁଆ, ପୋ: ବ୍ରହ୍ମପୁର, ଥାନା: ଗୋପାଳପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଫ୍ଲାଟ ଗୃହର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13001/13030/1/25-26/0085 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଇରାନ ଫୁଟବଲ ଖେଳାଳିଙ୍କୁ ଶରଣ ଦେଲା ଅଷ୍ଟ୍ରେଲିଆ

**ଗୋଲ୍ଡ କୋଷ୍ଟ,୧୦।୩ (ଏପି)**

ଇରାନରେ ଯୁଦ୍ଧ ଚାଲିଥିବା ବେଳେ ଏକ ଟୁର୍ନାମେଣ୍ଟରେ ଖେଳିବା ପାଇଁ ଆସିଥିବା ଇରାନ ଫୁଟବଲ ଦଳର ୫ ସଦସ୍ୟାଙ୍କୁ ଅଷ୍ଟ୍ରେଲିଆ ଶରଣ ଦେଇଛି। ଏ ନେଇ ଅଷ୍ଟ୍ରେଲିଆର ଜଣେ ମନ୍ତ୍ରୀ ମଙ୍ଗଳବାର ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଅଷ୍ଟ୍ରେଲିଆରେ ଥିବା ଇରାନିଆନ ଗୋଷ୍ଠୀ ପକ୍ଷରୁ ଅଷ୍ଟ୍ରେଲିଆ ସରକାରଙ୍କୁ ଇରାନର ମହିଳା ଦଳକୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରାଯିବା ପରେ ଏହି ଘୋଷଣା କରାଯାଇଛି।

ଇରାନ ଦଳ ପ୍ରଥମ ମ୍ୟାଚ୍ ଖେଳିବା ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରି ନ ଥିଲେ, ଯାହାକି ପୂରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ମଙ୍ଗଳବାର ସକାଳେ ପୋଲିସ ଅଧିକାରୀ ଆସାଇଲମ ଲାଗି ଅନୁରୋଧ କରିଥିବା ୫ ଖେଳାଳିଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଯାଇଥିଲେ। ସେଠାରେ ସେମାନେ ଅଷ୍ଟ୍ରେଲିଆର ଗୃହ ମନ୍ତ୍ରୀ ଟୋନୀ ବୁରକେଙ୍କୁ ଭେଟି ସେମାନଙ୍କର ମାନବିକ ଭିଜା ପ୍ରକ୍ରିୟା ଆରମ୍ଭ କରିଥିଲେ।


### ଡଃ ସୌମ୍ୟ ରଞ୍ଜନ କରଙ୍କ ପିଏଚ୍.ଡି ଲାଭ



ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିଏସ୍‌ଏସ୍‌ୟୁଟି)ରୁ ରସାୟନ ବିଜ୍ଞାନରେ ପିଏଚ୍.ଡି ଉପାଧି ଅର୍ଜନ କରିଛନ୍ତି ସୌମ୍ୟ ରଞ୍ଜନ କର। ତାଙ୍କର ଗବେଷଣା କାର୍ଯ୍ୟ ଏହି ବିଶ୍ୱବିଦ୍ୟାଳୟର ବରିଷ୍ଠ ପ୍ରଫେସର ଡ. ପ୍ରିୟରଞ୍ଜନ ମହାପାତ୍ର ଏବଂ ବକ୍ସି ଜଗବନ୍ଧୁ ସ୍ୱୟଂଶାସିତ ମହାବିଦ୍ୟାଳୟର (ବିଜେବି) ରସାୟନ ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ପ୍ରଫେସର ଡ. ଦେବାଶିଷ ମହାନ୍ତିଙ୍କ ମିଳିତ ତତ୍ତ୍ୱାବଧାନରେ ସଫଳତାର ସହିତ ସଂମ୍ପନ୍ନ ହୋଇଛି। ସୌମ୍ୟଙ୍କ ଏହି ଗବେଷଣାତ୍ମକ ସନ୍ଦର୍ଭଟି ଅନ୍ତର୍ଜାତୀୟ ଖ୍ୟାତିସଂମ୍ପନ୍ନ ତଥା ୟୁଏଇର କେମିକାଲ ଏଣ୍ଡ ପେଟ୍ରୋଲିୟମ ଇଞ୍ଜିନିୟରିଙ୍ଗ୍ କଲେଜର ପ୍ରଫେସର ଡ. ମହମ୍ମଦ ଜାଭେଦ୍ ଏବଂ ଆସାମ ଆଇଆଇଟିର ପ୍ରଫେସର ଭୀଷ୍ମ କୁମାର ପଟେଲଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଢେଙ୍କାନାଳ ଜିଲ୍ଲାର ଆଇନଜୀବୀ ଓ ସିନିୟର ଆକାଉଣ୍ଟାଣ୍ଟ ସୁଶୀଲ୍ କୁମାର କର ଏବଂ ଶିକ୍ଷାବିତ୍ ପ୍ରତିମା ମଞ୍ଜରୀ ମିଶ୍ରଙ୍କ ପୁତ୍ର ସୌମ୍ୟରଞ୍ଜନ ନିଜ ସଫଳତା ପାଇଁ ନିଜ ପିତାମାତା, ପତ୍ନୀ ଶୁଭଶ୍ରୀ ଏବଂ ଗୁରୁଜନ, ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି। ଡଃ. କରଙ୍କ ଏହି ସଫଳତାରେ ପରିବାର ସଦସ୍ୟ, ଶିକ୍ଷକ ଓ ଶୁଭେଚ୍ଛୁମାନେ ଖୁସି ପ୍ରକାଶ କରିବା ସହିତ ତାଙ୍କର ଆଗାମୀ ଭବିଷ୍ୟତ ମଙ୍ଗଳ କାମନା କରିଛନ୍ତି। ଧ-୩୫୯୪

### ଦର୍ଶନଶାସ୍ତ୍ର ଅଧ୍ୟାପିକାଙ୍କ ପିଏଚ୍.ଡି ଉପାଧି ଲାଭ



ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ଅଧ୍ୟାପିକା (SSB) ଶ୍ରୀମତୀ ମନସ୍ୱିନୀ ପଟ୍ଟନାୟକ ଦର୍ଶନଶାସ୍ତ୍ରରେ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରି ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଉପାଧି ଲାଭ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. କବିତା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Ecosophy: Paradigm to Praxis with Special Reference to Arne Naess" ଶୀର୍ଷକ ଗବେଷଣା ନିବନ୍ଧ ପ୍ରସ୍ତୁତ କରିବା ପରେ ଏହା ନର୍ଥ ବେଙ୍ଗଲ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ପାଢ଼ୀ ଏବଂ IIT, କାନପୁରର ପ୍ରଫେସର ଡ. ବିନୀତ ସାହୁଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ମନସ୍ୱିନୀ ପଟ୍ଟନାୟକ ନୟାଗଡ଼ ଜିଲ୍ଲାର ସିଙ୍ଗାରପଲ୍ଲୀ ଗ୍ରାମନିବାସୀ ଶ୍ରୀଯୁକ୍ତ ରବୀନ୍ଦ୍ର ପଟ୍ଟନାୟକ ଓ ଶ୍ରୀମତୀ ଜ୍ୟୋତ୍ସ୍ନାବାଳା ପଟ୍ଟନାୟକଙ୍କ ପୁତ୍ରବଧୂ ଅଟନ୍ତି। ଏହି ସଫଳତାର ଶ୍ରେୟ ସେ ନିଜ ସ୍ୱାମୀ ଶ୍ରୀଯୁକ୍ତ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ସମେତ ବାପା ଶ୍ରୀଯୁକ୍ତ ସୁଶାନ୍ତ କୁମାର ପଟ୍ଟନାୟକ, ମାତା ଶ୍ରୀମତୀ ବନ୍ଦନାରାଣୀ ପଟ୍ଟନାୟକ, ପରିବାରବର୍ଗ, ଗୁରୁଜନ, ଉତ୍କଳ ବିଶ୍ୱବିଦ୍ୟାଳୟ ଦର୍ଶନ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କୁ ପ୍ରଦାନ କରିଛନ୍ତି। ଧ-୩୫୯୨


# ବଂଶିକାଙ୍କୁ ବିବାହ କରିବେ କୁଲଦୀପ

**ଲକ୍ଷ୍ନୌ,୧୦।୩:** ଷ୍ଟାର ଭାରତୀୟ ସ୍ପିନର କୁଲଦୀପ ଯାଦବ ଆସନ୍ତା ୧୪ ତାରିଖରେ ତାଙ୍କ ପିଲା ଦିନର ବନ୍ଧୁ ବଂଶିକାଙ୍କୁ ବିବାହ କରିବେ। ମସୁରିସ୍ଥିତ ଏକ ରିଜର୍ଟରେ ତାଙ୍କ ବିବାହ ହେବ ଏବଂ ୧୭ ତାରିଖରେ ଲକ୍ଷ୍ନୌରେ ବିବାହ ଭୋଜି ହେବ। କିଛି ମିଡିଆ ରିପୋର୍ଟ ମୁତାବକ, କୁଲଦୀପଙ୍କ ବିବାହ ଗତ ବର୍ଷ ନଭେମ୍ବରରେ ହେବାର ଥିଲା। ହେଲେ ସେ ଟି୨୦ ବିଶ୍ୱକପ୍ ଉପରେ ଧ୍ୟାନ ଦେବା ପାଇଁ ବିବାହକୁ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଥିଲେ। ଉଭୟ କୁଲଦୀପ ଓ ବଂଶିକାଙ୍କ ଘର କାନପୁରରେ। ଗତ ବର୍ଷ ଲକ୍ଷ୍ନୌରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା। ବଂଶିକା ଏବେ ଏଲ୍‌ଆଇସି କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି। ଏହି ସ୍ପିନରଙ୍କ ବାପା ରାମ ସିଂ ଯାଦବ ଗତ ସପ୍ତାହରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ବ୍ୟକ୍ତିଗତ ଭାବେ ଭେଟି ବିବାହ ଲାଗି ନିମନ୍ତ୍ରଣ କରିଥିଲେ।

# ରାମକୃଷ୍ଣ ମହାପାତ୍ର ଜୁନିୟର କ୍ରିକେଟରେ ୧୦ ଦଳ


ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ)**

ରାଜ୍ୟର ପ୍ରତିଷ୍ଠିତ କ୍ରିକେଟ କ୍ଲବ ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ପଣ୍ଡିତ ରାମକୃଷ୍ଣ ମହାପାତ୍ର (୧୭ ବର୍ଷରୁ କମ୍) ଜୁନିୟର କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବ। ୩୧ ପର୍ଯ୍ୟନ୍ତ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ୧୦ ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ହାଇ-ଟେକ୍ ମେଡିକାଲ କଲେଜ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ। ଦୁଇଟି ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ୨୦ ଓଭର ଲେଖାଏ ଏବଂ ଅନ୍ୟ ସମସ୍ତ ମ୍ୟାଚ ୩୦ ଓଭର ବିଶିଷ୍ଟ ହେବ। ଜୁନିୟର କ୍ରିକେଟରେ ଜନ୍ମଗତ ପ୍ରମାଣପତ୍ର ଜରୁରୀ ଥିବାରୁ ସମସ୍ତ ଖେଳାଳିଙ୍କ ଲାଗି ଆଧାର କାର୍ଡ ସହ ଡିଜିଟାଲ ବାର୍ଥ ସାର୍ଟିଫିକେଟ ପ୍ରଦାନକୁ ବାଧ୍ୟତାମୂଳକ କରାଯାଇଛି। ଚାମ୍ପିୟନ ଓ ରନରଅପ୍ ଦଳକୁ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତି ମ୍ୟାଚର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କାର ରାଶି ସହ କ୍ରିକେଟ ଉପକରଣ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଏବଂ ଅନ୍ୟ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ମଧ୍ୟ ଖେଳାଳିଙ୍କୁ ପୁରସ୍କୃତ କରାଯିବ ବୋଲି ମଙ୍ଗଳବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆୟୋଜକ ଆସୋସିଏଶନ ସମ୍ପାଦକ ଶରତ ଚନ୍ଦ୍ର ସାହୁ ଏବଂ ଗିରିଶ ପ୍ରସାଦ ମହାପାତ୍ର ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ କମିଟି ସଦସ୍ୟ ତପନ କୁମାର ପାଢ଼ୀ, ଚଣ୍ଡୀ ପ୍ରସନ୍ନ ମହାପାତ୍ର, ଚନ୍ଦ୍ର ମୋହନ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

### କାର୍ଯ୍ୟସୂଚୀ

(ଯୋଗ୍ୟତା ପର୍ଯ୍ୟାୟ)

୨୪।୩: ସହିଦ ସ୍ପୋର୍ଟିଂ ବନାମ ଓସ୍କାର ସ୍ପୋର୍ଟିଂ
୨୪।୩: ଟାଉନ୍ କ୍ଲବ ବନାମ କ୍ଲବ ଦି ରେଡ୍ ଷ୍ଟାର

**କ୍ୱାର୍ଟର ଫାଇନାଲ**

୨୫।୩: ରାମେଶ୍ୱର ସ୍ପୋର୍ଟିଂ ବନାମ ପ୍ରଗତି ସ୍ପୋର୍ଟିଂ
୨୬।୩: ପାରାମାଉଣ୍ଟ ସ୍ପୋର୍ଟିଂ ବନାମ ମୁକ୍ତେଶ୍ୱର କ୍ରିକେଟ କ୍ଲବ
୨୭।୩: ଶ୍ରୀ ଜୟଦେବ ସ୍ପୋର୍ଟ୍ସ ଆସୋସିଏଶନ ବନାମ ଭାରତ ଭୂଷଣ କ୍ରିକେଟ ଏକାଡେମୀ
୨୮।୩: ୨୪ରେ ଅନୁଷ୍ଠିତ ଦୁଇ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚର ବିଜେତା
୨୯।୩: ପ୍ରଥମ ସେମିଫାଇନାଲ
୩୦।୩: ଦ୍ୱିତୀୟ ସେମିଫାଇନାଲ
**୩୧।୩: ଫାଇନାଲ**

# ଭାରତ ଆଜି ୱେଲ୍ସକୁ ଭେଟିବ

**ମହିଳା ହକି ବିଶ୍ୱକପ୍**

**ହାଇଦ୍ରାବାଦ, ୧୦।୩ (ପି.ଟି.)**

ଭାରତ ବୁଧବାର ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ କ୍ୱାଲିଫାୟର୍ସରେ ଏହାର ଅନ୍ତିମ ପୁଲ୍ ମ୍ୟାଚରେ ବୁଧବାର ୱେଲ୍ସକୁ ଭେଟିବ। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଅତି କମ୍‌ରେ ଏହି ମ୍ୟାଚ ଡ୍ର' ରଖିବାକୁ ପଡ଼ିବ। ଭାରତ ବର୍ତ୍ତମାନ ଦୁଇଟି ଗେମ୍‌ରୁ ୪ ପଏଣ୍ଟ ସହ ପୁଲ୍ 'ବି'ରେ ଅଗ୍ରଣୀ ରହିଛି। ସ୍କଟଲାଣ୍ଡ ସମାନ ୪ ପଏଣ୍ଟ ଅର୍ଜନ କରିଥିଲେ ମଧ୍ୟ ଗୋଲ ବ୍ୟବଧାନ ଭିତ୍ତିରେ ଦ୍ୱିତୀୟ ସ୍ଥାନରେ ଅଛି। ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ଭାରତକୁ ଏହା ଅନ୍ତିମ ରାଉଣ୍ଡ ମ୍ୟାଚ ଡ୍ର' ରଖିବାକୁ ହେବ। ଭାରତ ଯଦି ଏହି ମ୍ୟାଚରେ ପରାଜିତ ହୁଏ ତେବେ ଏହାର ଯୋଗ୍ୟତା ହାସଲ ସ୍କଟଲାଣ୍ଡ ଓ ଉରୁଗୁଏ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ଫଳାଫଳ ଉପରେ ନିର୍ଭର କରିବ। ଟୁର୍ନାମେଣ୍ଟରେ ଭାରତର ପ୍ରଦର୍ଶନ ଭଲ ରହିଛି। ଦଳ ଏହାର ଓପନିଂ ମ୍ୟାଚରେ ଉରୁଗୁଏକୁ ୪-୦ ଗୋଲ୍‌ରେ ପରାସ୍ତ କରିଛି। ପରେ ସୋମବାର ସ୍କଟଲାଣ୍ଡ ବିପକ୍ଷ ମ୍ୟାଚ ୨-୨ରେ ଡ୍ର' ରଖିପାରିଛି। ଯୁବ ଫରୱାର୍ଡ ସୁନେଲିତା ଟପ୍ପୋ ଭଲ ଫର୍ମରେ ଅଛନ୍ତି। ଉଭୟ ମ୍ୟାଚରେ ସେ ସ୍କୋର କରିଛନ୍ତି। ଅଧିନାୟିକା ସାଲିମା ଟେଟେ ଦଳର ପ୍ରଦର୍ଶନକୁ ନେଇ ସନ୍ତୁଷ୍ଟ ଅଛନ୍ତି।

# ସାମସନଙ୍କ ୯୭* ଟର୍ନିଂ ପଏଣ୍ଟ ଥିଲା: ଗମ୍ଭୀର

**ନୂଆଦିଲ୍ଲୀ,୧୦।୩(ପି.ଟି.):** ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ମତରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ସୁପର-୮ ମ୍ୟାଚ୍‌ରେ ସଞ୍ଜୁ ସାମସନ ଖେଳିଥିବା ଅପରାଜିତ ୯୭ ରନର ଇନିଂସ ଭାରତୀୟ ଦଳର ଟି୨୦ ବିଶ୍ୱକପ୍ ବିଜୟ ଅଭିଯାନ ଲାଗି ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଫର୍ମକୁ ନେଇ ସଂଘର୍ଷ କରୁଥିବା ସାମସନଙ୍କୁ ଟି୨୦ ବିଶ୍ୱକପ୍‌ରେ ପ୍ରାରମ୍ଭିକ ଭାବେ ଗ୍ରୁପ ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ଦଳକୁ ପ୍ରତ୍ୟାବର୍ତ୍ତନ କରୁଥିବା ସାମସନ ୫୦ ବଲରେ ଅପରାଜିତ ୯୭ ରନର ଇନିଂସ ଖେଳି ଦଳକୁ ଜିତାଇଥିଲେ। ଏହି ବିଜୟ ଯୋଗୁ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଥିଲା।

# ଚାଇନିଜ ତାଇପେଠାରୁ ଭାରତ ପରାସ୍ତ


ଭାରତ ଓ ଚାଇନିଜ୍ ତାଇପେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ଏଏଫ୍‌ସି ମହିଳା ଏସିଆନ କପ**

## ସ୍ୱିଟି ଦେବୀ, ଟାନୁ ହସ୍ପିଟାଲରେ ଭର୍ତ୍ତି

**ସିଡ୍‌ନୀ,୧୦।୩**

ଚାଇନିଜ ତାଇପେ ବିପକ୍ଷ ଏଏଫ୍‌ସି ମହିଳା ଏସିଆନ କପ୍ ମ୍ୟାଚ୍‌ରେ ୧-୩ ଗୋଲରେ ପରାଜିତ ହେବା ପରେ ଭାରତର ଅଧିନାୟିକା ସ୍ୱିଟି ଦେବୀ ଓ ଗୋଲକିପର ପାନ୍ଥୋଇ ଚାନୁଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଭିଏଟନାମ ଓ ଜାପାନଠାରୁ ପରାଜିତ ହୋଇଥିବାରୁ ଏହି ପରାଜୟ ସହ ଭାରତୀୟ ଦଳର ଅଭିଯାନ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଶେଷ ହୋଇଛି। ମ୍ୟାଚ୍‌ର ୮୩ତମ ମିନିଟ୍‌ରେ ଚାଇନିଜ ତାଇପେ ଦଳର ଏକ ଆକ୍ରମଣକୁ ରୋକିବା ପାଇଁ ପାନ୍ଥୋଇ ଚାନୁ ଓ ସ୍ୱିଟି ଉଦ୍ୟମ କରୁଥିବା ବେଳେ ପରସ୍ପର ସହ ଧକ୍କା ହୋଇଥିଲେ। ଏଥିଯୋଗୁ ଉଭୟ ଖେଳାଳିଙ୍କୁ ଷ୍ଟ୍ରେଚରରେ ନିଆଯାଇଥିଲା। ସ୍ୱିଟିଙ୍କ ଆଣ୍ଠୁରେ ମୁହଁ ବାଜିବାରୁ ପାନ୍ଥୋଇଙ୍କ ମୁହଁ ଫୁଲି ଯାଇଛି। ଏ ସମ୍ପର୍କରେ ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ପକ୍ଷରୁ କୁହାଯାଇଛି ଯେ, ମ୍ୟାଚ୍ ବେଳେ ଇଞ୍ଜୁରିର ସମ୍ମୁଖୀନ ହୋଇଥିବା ଗୋଲକିପର ଇଲାଙ୍ଗବାମ ପାନ୍ଥୋଇ ଚାନୁ ଓ ସ୍ୱିଟି ଦେବୀ ଏନଗାନବାମଙ୍କୁ ହସ୍ପିଟାଲ ଭର୍ତ୍ତି କରାଯାଇଛି। ପରବର୍ତ୍ତୀ ସମୟରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଅଧିକ ତଥ୍ୟ ଦିଆଯିବ।

# ବାପାଙ୍କ ଲାଗି ରିଙ୍କୁଙ୍କ ଭାବବିହ୍ୱଳ ପୋଷ୍ଟ

**ଅହମଦାବାଦ,୧୦।୩**

ଫାଇନାଲରେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ଚାମ୍ପିୟନ ହେବା ପରେ ଭାରତୀୟ ଦଳର ଷ୍ଟାର ରିଙ୍କୁ ସିଂ ତାଙ୍କ ସ୍ୱର୍ଗତ ବାପା ଖାନଚାନ୍ଦ ସିଂଙ୍କ ଲାଗି ଏକ ଭାବବିହ୍ୱଳ ପୋଷ୍ଟ ଶେୟାର କରିଛନ୍ତି। ଷ୍ଟେଜ-୪ କ୍ୟାନ୍ସର ସହ ସଂଘର୍ଷ କରୁଥିବା ତାଙ୍କ ବାପାଙ୍କର ଗତ ଫେବୃଆରୀ ୨୭ ତାରିଖରେ ପରଲୋକ ଘଟିଥିଲା। ଏଥିଲାଗି ଟି୨୦ ବିଶ୍ୱକପ୍‌ରୁ ରିଙ୍କୁ ଘରକୁ ଯାଇଥିଲେ ଓ ପରେ ଦଳରେ ଯୋଗ ଦେଇଥିଲେ।

'ଆପଣଙ୍କ ସହ କଥା ନ ହୋଇ ମୁଁ କେବେ ଏତେଦିନ ରହି ନାହିଁ। ମୋତେ ଜଣା ନାହିଁ, ଆଗକୁ ଜୀବନ ଆପଣଙ୍କ ବିନା କେଉଁ ଭଳି ଚାଲିବ। କିନ୍ତୁ ପ୍ରତ୍ୟେକ ଥର ମୋତେ ଆପଣଙ୍କର ଆବଶ୍ୟକତା ପଡ଼ିବ। ଆପଣ ଶିଖାଇ ଥିଲେ ଯେ, ଦାୟିତ୍ୱ ସର୍ବଦା ଆଗେ। ଏଣୁ ଫିଲ୍ଡରେ କେବଳ ଆପଣଙ୍କ ସ୍ୱପ୍ନ ପୂରା କରିବାକୁ ଉଦ୍ୟମ କରୁଥିଲି। ଏବେ ଆପଣଙ୍କ ସ୍ୱପ୍ନ ପୂରଣ ହୋଇଛି। ମାତ୍ର ମୋତେ ଲାଗୁଛି ଯେ, ଆପଣ ଏବେ ମୋ ପାଖରେ ଥାନ୍ତେ କି। ଜୀବନର ସବୁ ଛୋଟ ବଡ଼ ଖୁସିରେ ଆପଣଙ୍କ ଅନୁପସ୍ଥିତି ଅନୁଭବ କରିବି। ବାପା ଆପଣଙ୍କୁ ମୁଁ ବହୁତ ମିସ୍ କରିବି' ବୋଲି ରିଙ୍କୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି।

# ହେଡେନ ଗୁଜରାଟ ଟାଇଟନ୍ସ ବ୍ୟାଟିଂ କୋଚ୍

**ଅହମଦାବାଦ,୧୦।୩(ପି.ଟି.)**

ଅଷ୍ଟ୍ରେଲିଆର ପୂର୍ବତନ ଓପନର ମାଥ୍ୟୁ ହେଡେନଙ୍କୁ ମଙ୍ଗଳବାର ଆଗାମୀ ଆଇପିଏଲ୍ ସିଜନ ଲାଗି ଗୁଜରାଟ ଟାଇଟନ୍ସ ପକ୍ଷରୁ ବ୍ୟାଟିଂ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଦୁଇ ଥରର ଦିନିକିଆ ବିଶ୍ୱକପ୍ ଚାମ୍ପିୟନ ଦଳର ସଦସ୍ୟ ହେଡେନ ନିଜ ସମୟରେ ଅନ୍ୟତମ ବିସ୍ଫୋରକ ବ୍ୟାଟର ଭାବେ ପରିଚିତ ଥିଲେ। ସେ ଅଷ୍ଟ୍ରେଲିଆ ପାଇଁ ୨୭୩ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୫ ହଜାରରୁ ଊର୍ଦ୍ଧ୍ୱ ରନ କରିଛନ୍ତି। ସେ ମୁଖ୍ୟ କୋଚ୍ ଆଶିଷ ନେହେରାଙ୍କ ଅଧୀନରେ କାର୍ଯ୍ୟ କରିବେ।

# କମର୍ସିଆଲ ଫ୍ଲାଇଟ୍ ବୁକ୍ କଲା ଆଇସିସି

**କୋଲକାତା,୧୦।୩(ପି.ଟି.)**

ମିଡିଲ ଇଷ୍ଟରେ ଯୁଦ୍ଧ ପରିସ୍ଥିତି ଯୋଗୁ ଅନ୍ତର୍ଜାତୀୟ ଆକାଶ ମାର୍ଗରେ କଟକଣା କାରଣରୁ ଭାରତରେ ଫଶି ରହିଥିବା ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ଦଳର ଖେଳାଳିଙ୍କ ଲାଗି ଆଇସିସି ପକ୍ଷରୁ କରାଯାଇଥିବା ଚାର୍ଟର ଫ୍ଲାଇଟ ବାତିଲ ହୋଇଯାଇଛି। ଏଥିଯୋଗୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ବ୍ୟକ୍ତିଗତ କମର୍ସିଆଲ ଫ୍ଲାଇଟରେ ଉଭୟ ଦଳର ସମସ୍ତ ଖେଳାଳିଙ୍କ ଲାଗି ଟିକେଟ୍ ବୁକ କରାଯାଇଛି।

ଭାରତରେ ଫଶିଥିବା ଖେଳାଳିଙ୍କ ଲାଗି ବ୍ୟକ୍ତିଗତ କମର୍ସିଆଲ ଫ୍ଲାଇଟ୍‌ରେ ଟିକେଟ୍ ବୁକ୍ କରାଯାଇଛି। ସମସ୍ତଙ୍କୁ ଏକାଠି ନିଆଯାଇପାରିବ ନାହିଁ। କିନ୍ତୁ ଆଇସିସି ସମସ୍ତ ଖେଳାଳିଙ୍କ ବୁକିଂ ଦାୟିତ୍ୱ ହାତକୁ ନେଇଛି। ଆଇସିସି ଚେୟାରମ୍ୟାନ ଜୟ ଶାହା ବ୍ୟକ୍ତିଗତ ଭାବେ ଖେଳାଳିଙ୍କ ସହିତ କଥା ହେବା ସହ ସେମାନଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ଲାଗି ଆଶ୍ୱାସନା ଦେଇଥିବା ଆଇସିସି ସୂତ୍ରରୁ କୁହାଯାଇଛି।


# Classified Everyday
0674-2580101, 9692975378




**BRIDE WANTED**

ଚାକିରି କରୁଥିବା ଉଚ୍ଚ ଶିକ୍ଷିତ ପୁଅ (31) ପାଇଁ ଉଚ୍ଚ ଶିକ୍ଷିତା ଝିଅ ଆବଶ୍ୟକ। ଜାତି: ବଣିଆ। ଯୋଗାଯୋଗ: 9238600228. D-3602

**GROOM WANTED**

Beautiful Brahmin girl 1998, 5'4", B- Tech (Burla) only daughter settled Bhubaneswar. ''SUNASANSAR" 9937512659. D-3573

49 ବୟସ୍କା ଅଙ୍ଗନୱାଡି Supervisor divorcee ନିଃସନ୍ତାନ ସୁନ୍ଦର ବ୍ରାହ୍ମଣ ଝିଅଙ୍କୁ ଘରଜ୍ୱାଇଁ ଦରକାର। 7873680393. D-3564

58 ବୟସ୍କା Kolkata ବାସିନ୍ଦା 90,000 ଦରମା Puriରେ ଏକାକୀ ରହୁଥିବା ବଙ୍ଗାଳୀ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 9776705242. D-3565




**REAL ESTATE SALE**

PlotsaleAIIMS Hospital, Bhubaneswar, Duplex near Retang Station. 9777433701. D-24

Premium BDA plot 3750sqft., Kalinga Vihar- K3-33 near to Sum Ultimate Hospital. All litigation free, BDA Park Main Gate front. Dr. Sanjay- 7077144498. D-246

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

**GENERAL SALE**

WELDING Works contact for any type of Roof Shedes, Gril Gates, Shutters. 7809525452, 9937507638. D-247




Godown and Showrrom near Pathargadia, Sibamandira 200ft. Road. Mob. 9938060592. D-3544

2 BHK Flat (3rd floor) with Kitchen, Drawing cum Dining, Two toilets, Front side Balcony, 24 hour Water supply, Garage, Lift Service available. Bhutia Apartment, Gudianali, Dhenkanal Town. 'Allopathic Doctor' is preferred. Contact- 9007369329. D-3563




All types of physiotherapy and massage contact 9556924059 / 7656969134. D-3591

All types of physiotherapy and massage contact 9556924059 / 7656969134. D-3523

**LOST**

ଆମେ ଅଧିକାରୀ ବେହେରା, ଅକ୍ଷୟ ବେହେରା, ପିତା- ବାଉରୀବନ୍ଧୁ ବେହେରା, ଗ୍ରାମ- ବିଲକାଙ୍କୁଡ଼ା, ଥାନା- ପୁରୀ ସଦର ଅଧିବାସୀ ଅଟୁ। ମୋର ଘରବାରି ଖାତା- 692/538ର ପୂର୍ବ ପଟ୍ଟା ଖାତା- 219, ପ୍ଲଟ୍- 1212, Mouza- କାଙ୍କୁଡ଼ା, ତହସିଲ- ବ୍ରହ୍ମଗିରି ଯାହା କାନ୍ତ ବେୱା, ସ୍ୱାମୀ- ନୀଳ ବେହେରା ନାମରେ ଥିଲା କେଉଁଠାରେ ହଜିଯାଇଛି। ଯଦି କୌଣସି ବ୍ୟକ୍ତି ଏହି ପଟ୍ଟା ପାଆନ୍ତି ନିମ୍ନ No. ରେ ଯୋଗାଯୋଗ କରିବାକୁ ଅନୁରୋଧ। ବିଶ୍ୱଜିତ୍ ପଟ୍ଟନାୟକ, 9438080023. ଧ-୩୬୦୧

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I, Tikina Behera, D/o.- Dhusasan Behera had married to Suryakanta Jena on dtd. 05.07.2013, R/o.- Old AG Colony, Unit- IV, P.S.- Kharavel Nagar, Bhubaneswar had declared by affidavit before Notary Public, Bhubaneswar. Henceforth, I shall be called, identified and known as Tikina Jena for all purpose. D-3600

By virtue of an affidavit No. 35AA 413240 sworn before Executive Magistrate, Bhubaneswar, on dtd. 10.03.2026, I, Damodar Ho, S/o.- Dasarathi Taysam, At/P.O.- Righa, P.S.- Ghagarbeda, Dist.- Mayurbhanj, PIN-757035, State- Odisha declare that I have changed my name from Damodar Taysam to Damodar Ho. Henceforth, I shall be known as Damodar Ho for all purposes. D-3593

I, Ankit Garnayak from Phulapada, Angul, Odisha, declare that my father's name wrongly printed as Anil Kumar Garanayak should be read as Anil Kumar Garnayak. D-3599

I, LOHITASREE DASH, D/o. Devi Prasad Dash, R/o.- Govindtola, P.O./P.S.- Dhanupali, Dist.- Sambalpur-768005, Odisha declare by this affidavit No. 1138, Dt.07.03.2026 that now onwards I shall be known as LOHITASHREE DASH for all future purposes. D-3598

**ମନେ ପଡ଼ନ୍ତି**

4th DEATH ANNIVERSERY



PABITRA KUMAR PRADHAN (Pagala)
1959-2022
MANGALPUR, CHHOTI, KENDRAPARA
Not a single moment goes by without you in our thoughts. Life only gets liveable knowing and believing you are watching over us always. Forever in our hearts
Deeply mourned by
Family, Friends & Relatives
D-3595

ଏକାଦଶାହ କର୍ମ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✝ବିଦ୍ୟାଧର ସାହୁ
ହନୁମାନ ମନ୍ଦିର, ନୂଆବଜାର, କଟକ
ଆବିର୍ଭାବ:- ୨୪/୦୫/୧୯୬୦
ତିରୋଧାନ:- ୦୧/୦୩/୨୦୨୬
ତୁମ ଅନୁପସ୍ଥିତିରେ ଏକ ବିରାଟ ଶୂନ୍ୟତା, ଯାହା ସମସ୍ତଙ୍କୁ ବ୍ୟଥିତ କରୁଛି। ତୁମ ଅମର ଆତ୍ମା ବ୍ରହ୍ମରେ ଲୀନ ହେଉ ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ସହଧର୍ମିଣୀ- କାଦମ୍ବିନୀ ସାହୁ, ଝିଅ- ବେବୀ, ରୁବୀ, ଟିକ, ଜ୍ୱାଇଁ- ଗୋବିନ୍ଦ, ରବି, ବିଜ, ନାତି- ନିଖିଲ, ସାହିଲ, ସାଇ, ଲକି ତଥା ବନ୍ଧୁ ଓ ପରିବାର ବର୍ଗ।
ଧ-୩୫୯୭

## କୁକୁଡ଼ା ପାଳନ



ରାଣୀକ୍ଷେତ ରୋଗର ପ୍ରତିଷେଧକ ପାଇଁ ୫ଦିନରୁ ୭ଦିନର କୁକୁଡ଼ା ଛିଆଁଙ୍କୁ ଲାସୋଟା ଟିକା ଦିଅନ୍ତୁ । ୨୧ଦିନର କୁକୁଡ଼ାଙ୍କୁ ଲାସୋଟା (ବୁଷ୍ଟର) ଟିକା ଦିଅନ୍ତୁ । ୫୬ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ଟିକା ଦିଅନ୍ତୁ । ୧୧୨ଦିନର କୁକୁଡ଼ାଙ୍କୁ ଆର୍ ଟୁ ବି ବୁଷ୍ଟର ଟିକା ଦିଅନ୍ତୁ । ବର୍ତ୍ତମାନ କୁକୁଡ଼ା ଗୃହର ଭିତରର ଉତ୍ତାପ ଦିନରେ ପାଖାପାଖି ୩୫ରୁ ୪୦ ସେଲସିୟସ୍ ରହୁଥିଲେ କୁକୁଡ଼ା ଛିଆଁ ପାଳନ ପାଇଁ ଏହାଠାରୁ ଅଧିକ ଉତ୍ତାପ ଦିଅନ୍ତୁ ନାହିଁ ଏବଂ ଗୃହର ଝରକାରେ ଓଦା ଅଖା ଓହଳାଇବା ବ୍ୟବସ୍ଥା କରନ୍ତୁ । ଟିଣ, ଆଜବେଷ୍ଟସ୍ କିମ୍ବା ସିମେଣ୍ଟ ଛାତ ଥିଲେ ତାହା ଉପରେ ନଡ଼ା ପକାଇବାର ବ୍ୟବସ୍ଥା କରନ୍ତୁ । ଘର ଅଗଣାରେ ପାଳନ କରୁଥିବା ସବୁ କୁକୁଡ଼ାଙ୍କୁ ୨ ମାସ ବେଳକୁ ଓ ତା' ପରେ ୬ ମାସ ଅନ୍ତରରେ ଆର୍ ଟୁ ବି ଟିକା ଦିଅନ୍ତୁ । ଫଳରେ ରାଣୀକ୍ଷେତ ରୋଗ ହେବ ନାହିଁ ।

## ଆଳୁ ଅମଳ କରୁଥିଲେ...

ବର୍ତ୍ତମାନ ଆଳୁ ଅମଳ ସମୟ । ଏ ସମୟରେ ଚାଷୀଭାଇ କେତୋଟି ବିଷୟ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ । ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ । ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବା ଆଶଙ୍କା କମ୍ ରହେ । ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ ଯେପରିକି ଆଳୁ କଟି ନ ଯାଏ । ଯଦି କିଛି ଆଳୁ କଟିଯାଏ ବା ଖଣ୍ଡିଆ ହୋଇଯାଏ, ସେଗୁଡ଼ିକୁ ଅଲଗାକରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଆବଶ୍ୟକ । ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲାଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୭-୮ ଦିନ ରଖି ୩-୪ ଦିନ ଅନ୍ତରରେ ପଚା ଆଳୁକୁ ଅଲଗା କରିବା ଆବଶ୍ୟକ ।



## ପନିପରିବା ଚାଷ



ଖରାଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରନ୍ତୁ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଣଦିନିଆ ପନିପରିବା ଯଥା : ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ । ଏକ ମାସର ବାଇଗଣ ଚାରା ମୁଖ୍ୟ ଜମିରେ ଲଗାନ୍ତୁ । କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ । ପ୍ରତ୍ୟେକ ମଞ୍ଚାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ । ଜମିକୁ ଭଲଭାବରେ ଚାଷକରି ଶାଗଜାତୀୟ ଫସଲ ଲଗାନ୍ତୁ । ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତର ବ୍ୟବହାର କରନ୍ତୁ । ବାଇଗଣ ଗଛରେ ଡାଳ ଓ ଫଳ ବିନ୍ଧାପୋକ ଲାଗିଲେ ହେକ୍ଟର ପ୍ରତି ୨୦୦ ଗ୍ରାମ୍ ଫେମ୍ (ଫ୍ଲୁବେଣ୍ଡିଆମାଇଡ୍) ବା ୮୦୦ ଗ୍ରାମ୍ କାର୍ଟପ ହାଇଡ୍ରୋକ୍ଲୋରାଇଡ୍ ୪୦ ଭାଗ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ୧୫ ଦିନ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସିଞ୍ଚନ କରିବା ଆବଶ୍ୟକ । ଅଧିକ ଆକ୍ରାନ୍ତ ଫସଲରେ ସ୍ପାଇନୋସେଡ଼ାମ ଏକର ପ୍ରତି ୫୦୦ ମି.ଲି. ହିସାବରେ ପ୍ରୟୋଗ କରନ୍ତୁ ।

# ଡାଲୁଅ ଧାନରେ ରୋଗପୋକ ପରିଚାଳନା



ଡାଲୁଅ ଧାନ ଜମିରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍, ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ସମ୍ଭାବନା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧-୨ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଇମିଡାକ୍ଲୋପ୍ରିଡ୍ ୩ ମି.ଲି./୧ ଲିଟର ବା ବୁପ୍ରୋଫେଜିନ୍ ୧ ମି.ଲି./୧ ଲିଟର ପାଣି ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ୩୦ଦିନର ଗଛ ହୋଇଥିଲେ ଟ୍ରାଇକୋଗାମା ଜାପୋନିକମ୍ ପରାଶ୍ରୟୀ କୀଟର ଟ୍ରାଇକୋକାର୍ଡକୁ ଏକର ପ୍ରତି ୨ଟି କାର୍ଡ ହିସାବରେ ପ୍ରତି ସପ୍ତାହ ଅନ୍ତରରେ ଜମିରେ ପ୍ରୟୋଗ କରନ୍ତୁ ।

**ଏ ମାସର କୃଷି ସୂଚନା**

**ଗହମ**

ଗହମ ଗଛ ସମ୍ପୂର୍ଣ୍ଣ ହଳଦିଆ ପଡ଼ି ଶୁଖିଗଲେ ବା କେଣ୍ଡାରେ ଗହମ ଦାନା ଝଣ ଝଣ ଶବ୍ଦ କଲେ ସେଗୁଡ଼ିକ କାଟିଆଣି ଅମଳକରି ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଡାଲି ଜାତୀୟ ଫସଲ**

ଜଳସେଚନର ସୁବିଧା ଥିଲେ ମୁଗ ଓ ବିରି ଫସଲରେ ୨୦-୨୫ ଦିନ ବେଳକୁ ଥରେ ଜଳସେଚନ କରନ୍ତୁ । ଜଳସେଚନ ପୂର୍ବରୁ ଟାର୍ଗା ସୁପର ୨ ମି.ଲି.କୁ ୧ଲିଟର ପାଣିରେ ମିଶାଇ ଫସଲକୁ ୧୫-୨୦ ଦିନ ବେଳକୁ ସିଞ୍ଚନ କଲେ ଏକ ବୀଜପତ୍ରୀ ଅନାବନା ଘାସ ଦାଉରୁ ସମ୍ପୂର୍ଣ୍ଣ ରକ୍ଷା ମିଳିଥାଏ ।

**ତୈଳବୀଜ ଜାତୀୟ ଫସଲ ଚିନାବାଦମ**

ଚିନାବାଦାମ ଅମଳଯୋଗ୍ୟ ହେଲେ ଅର୍ଥାତ୍ ଗଛ ହଳଦିଆ ପଡ଼ି ଶୁଖି ଆସିଲେ ଚିନାବାଦାମ ଖୋସା ଭିତର ପଟେ କଳାଦାଗ ପଡ଼ିଲେ ଓ ଚିନାବାଦାମ ମଞ୍ଜି ଚୋପା ଗୋଲାପୀ ପଡ଼ିଆସିଲେ ଅମଳ କରନ୍ତୁ । ଅମଳ ଚିନାବାଦାମକୁ ୩/୪ଟି ଟାଣଖରାରେ ଶୁଖାଇ ସାଇତି ରଖନ୍ତୁ ।

**ରାଶି**

ଖରାଦିନିଆ ରାଶି ଫସଲ ୩ ସପ୍ତାହର ହୋଇଗଲେ ପ୍ରଥମେ ଜଳସେଚନକରି କୋଡ଼ାଖୁସା କରନ୍ତୁ ଓ ଘାସ ବାଛିଦିଅନ୍ତୁ ।

**ସୂର୍ଯ୍ୟମୁଖୀ**

ସୂର୍ଯ୍ୟମୁଖୀ ଫସଲରେ ଧଳାମାଛି ବା ପତ୍ର ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଆସିଟାମିପ୍ରିଡ୍ ବା ୧୨୫ ଗ୍ରାମ୍ ଥାଇଓମେଥୋକ୍ସାମ୍‌କୁ ୫୦୦ ଲିଟର ପାଣି ସହ ମିଶାଇ ସିଞ୍ଚନ କରନ୍ତୁ ।

**ଫୁଲଚାଷ**

ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ, ରଜନୀଗନ୍ଧା, ଜିନିଆ ଆଦି ଫୁଲଚାଷ କରନ୍ତୁ । ବାଡ଼ି ବଗିଚା ଅଭାବରେ ଟେବୁଲ୍ ଗୋଲାପ, ଲିଲିୟମ୍ ଓ ସୂର୍ଯ୍ୟମୁଖୀ ଇତ୍ୟାଦି ଫୁଲକୁ କୁଣ୍ଡରେ ମଧ୍ୟ ଲଗାଯାଇପାରିବ । ବିହନ ମଞ୍ଜି, କୋଳା ଓ ଖଣ୍ଡରୁ ଚାରା ଉତ୍ପନ୍ନ କରାଯାଇପାରିବ ।

**ଛତୁଚାଷ**

ଛତୁଚାଷ କରୁଥିଲେ ଛତୁଘର ବିଶୋଧନକରି ପାଳଛତୁ ଚାଷ ଆରମ୍ଭ କରି ଦିଅନ୍ତୁ ।

**ଫଳଚାଷ**

ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନଦିଅନ୍ତୁ । ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷିଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ପାଇଁ ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (୮୫% ସେଚିତ ଦାନାଦାର) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୧ ମି.ଲି.କୁ ୪.୫ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଫଳ ବଗିଚାକୁ ଉଇଦାଉରୁ ରକ୍ଷାକରିବା ପାଇଁ ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ। ଦହିଆ ପୋକ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରୀଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ ଫୁଟ ଉଚ୍ଚରେ ଦିଅନ୍ତୁ ।

-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର - ୩

## ଆଖୁ ଲଗାଇବା ସମୟରେ...

**ଆ**ଖୁ ଲଗାଇବା କାର୍ଯ୍ୟ ଶେଷ କରନ୍ତୁ । ପୂର୍ବରୁ ଲଗାଯାଇଥିବା ଆଖୁ ଫସଲରେ ସଅଳ କିସମରେ ୪୫ ଓ ୯୦ ଦିନରେ ଏବଂ ମଧ୍ୟମ ଓ ବିଳମ୍ବ କିସମରେ ୪୫, ୯୦ ଓ ୧୨୦ ଦିନରେ ହେକ୍ଟର ପ୍ରତି ୩୦୦ କି.ଗ୍ରା. ଯବକ୍ଷାରଜାନ ସାର ସମାନ କିସ୍ତିରେ ପ୍ରୟୋଗ କରନ୍ତୁ। ୧୨୦ ଦିନ ପରେ ଆଖୁ ଫସଲରେ ଯବକ୍ଷାରଜାନ ସାର ପ୍ରୟୋଗ କରିବା ଉଚିତ ନୁହେଁ। କଳାଛଟା ରୋଗ ଆଖୁ ଗଛରେ ଦେଖାଦେଲେ ଆକ୍ରାନ୍ତ ଗଛକୁ ମୂଳରୁ ଓପାଡ଼ି କିଆରି ବାହାରେ ପୋଡ଼ିଦିଅନ୍ତୁ। ଆକ୍ରାନ୍ତ କିଆରିରେ କାର୍ବେକ୍ସିନ୍ ୩୭.୫% x ଥିରାମ୍ ୩୭.୫% ୩ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଏକର ପ୍ରତି ୨ଟି ଟ୍ରାଇକୋକାର୍ଡ ପ୍ରତି ସପ୍ତାହ ଅନ୍ତରରେ କିଆରିରେ ଲଗାନ୍ତୁ ।



## ଅଳ୍ପରେ...



➤ଗୋରୁଙ୍କୁ ଛାଇରେ ରଖନ୍ତୁ ଏବଂ ପରିଷ୍କାର ପାଣି ପିଇବାକୁ ଦିଅନ୍ତୁ। ଦୁଧିଆଳୀ ଓ ଗର୍ଭବତୀ ଗାଈଙ୍କୁ ପ୍ରତ୍ୟେକ ଦିନ ଅନ୍ୟାନ୍ୟ ଖାଦ୍ୟ ସହିତ ୩୦ ଗ୍ରାମ୍‌ରୁ ୫୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ନିଶ୍ଚୟ ଦିଅନ୍ତୁ। ଛେଳିର ଓଜନ ଓ ପ୍ରଜନନ ବୃଦ୍ଧି ପାଇଁ ପ୍ରତ୍ୟେକ ଦିନ ୫ ରୁ ୧୦ ଗ୍ରାମ୍ ଖଣିଜ ଲବଣ ମିଶ୍ରଣ ଦିଅନ୍ତୁ। ଗାଈମାନଙ୍କୁ ଚରିବାକୁ ଛାଡୁଥିଲେ ସକାଳୁ ଓ ଉପରଓଳି ଚରାନ୍ତୁ। ଜର୍ସି, ହଲିଷ୍ଟିନ୍ ବା ସଙ୍କର ଜାତୀୟ ଗାଈକୁ ଦିନବେଳେ ଗାଧୋଇ ଦିଅନ୍ତୁ ।

➤ମାର୍ଚ୍ଚ ମାସ ବେଳକୁ ବିନା ବର୍ଷାରେ ଚରିବା ପାଇଁ ଘାସ ଯଥେଷ୍ଟ ମିଳେ ନାହିଁ । ତେଣୁ ଛେଳି ଓ ମେଣ୍ଢାମାନଙ୍କୁ ଚରି ଆସିଲା ପରେ ଯଥେଷ୍ଟ ଡାଳପତ୍ର କାଟି ଖାଇବାକୁ ଦେବା ଉଚିତ ଓ ଛେଳି ବା ମେଣ୍ଢା ପିଛା ଦୈନିକ ୧୦୦ରୁ ୨୦୦ ଗ୍ରାମ୍ ସନ୍ତୁଳିତ ଦାନା ଖାଇବାକୁ ଦେଲେ ସେମାନେ ଅଧିକ ଓଜନର ହୁଅନ୍ତି ଓ ସେମାନଙ୍କର ମୃତ୍ୟୁ ମଧ୍ୟ ହୋଇ ନ ଥାଏ । ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶକରି ଏଣ୍ଟେରୋଟକ୍ସିମିଆ ଓ ପିପିଆର୍ ରୋଗ ଟିକା ଦିଅନ୍ତୁ ।

➤୧ ହେକ୍ଟର ବିଶିଷ୍ଟ ପୋଖରୀ ପାଇଁ ଦୈନିକ ୭.୫ କି.ଗ୍ରା. କାଣ୍ଡିଆକୁଣ୍ଡା ଓ ୭.୫ କି.ଗ୍ରା. ଚିନାବାଦାମ ପିଡ଼ିଆର ମିଶ୍ରଣ ପ୍ରସ୍ତୁତକରି ମାଛମାନଙ୍କୁ ଖାଇବାକୁ ଦିଅନ୍ତୁ ।

## ନଳିତା ବୁଣିବା ପୂର୍ବରୁ..

ଯେଉଁ ଅଞ୍ଚଳରେ କେନାଲ ଅଛି ସେଠାରେ ମାର୍ଚ୍ଚ ବୁଣାବୁଣି କାର୍ଯ୍ୟ ଆରମ୍ଭ ବୁଣିବା ପାଇଁ ଜମି ପ୍ରସ୍ତୁତ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । କିମ୍ବା ଉଠା ଜଳସେଚନର ସୁବିଧା ୧୫ତାରିଖଠାରୁ ପିତା ନଳିତା କରାଯାଇପାରିବ। ନଳିତା କରନ୍ତୁ । ମାଟିକୁ ଭଲଭାବରେ ଶଗଡ଼ ଶଢ଼ା ଗୋବର ଖତ ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ । ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ । ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରକନ୍ତୁ । ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ପାଇଁ ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ । ଏକ କି.ଗ୍ରା. ବିହନ ବିଶୋଧନ ପାଇଁ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ । ମଧୁର ନଳିତା କିସମଗୁଡ଼ିକ ହେଲା ରେବତୀ, ମହାଦେବ, ବୈଶାଖୀ ତୋଷା, ଚୈତାଳି ତୋଷା, ନବୀନ ଶକ୍ତି, ସୂର୍ଯ୍ୟ, ସୁରେନ୍ ଏବଂ ପିତା ନଳିତା କିସମଗୁଡ଼ିକ ହେଲା ବଳଦେବ, ଜୟଦେବ, ଶ୍ରେଷ୍ଠା, ସବୁଜସୁନା, ଶ୍ୟାମଳୀ, ଶ୍ରାବନ୍ତୀ ।

## ଅଣଧାନ ଫସଲ ଚାଷ କରୁଥିଲେ...

**ଅ**ଣଧାନ ଫସଲ ଯଥା ମକା-ବରଗୁଡ଼ି, ହରଡ, ବିରି, ମାଣ୍ଡିଆ, ଚିନାବାଦାମ,ଜଡା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷା ପାଣିକୁ ସଞ୍ଚୟ କରି ରଖନ୍ତୁ। ଗଡାଣିଆ ଜମିରେ ଗଡାଣିର ବିପରୀତ ଦିଗରେ ହୁଡା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷା ପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣା ଯାଇପାରିବ। ଅମ୍ଳ ମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ। ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢ଼ିପ ଜମିଗୁଡ଼ିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରୀ, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ମାଈ ପ୍ରାଣୀର ପ୍ରଜନନ ଅସଫଳତା

(ଶେଷ ଭାଗ)



**ବାଛୁରୀ ଜନ୍ମହେବାରେ ବାଧା ସୃଷ୍ଟିହେବା:** ଏହା ମୁଖ୍ୟତଃ ତିନୋଟି କାରଣରୁ ହୋଇଥାଏ। ବାଛୁରୀର ଓଜନ, ଗଠନ, ଗର୍ଭାଶୟରେ ସ୍ଥାନ, ଉପସ୍ଥିତି ଇତ୍ୟାଦି ଠିକ୍ ନ ରହିବା ଦ୍ୱାରା ଜନ୍ମହେବାରେ ଅସୁବିଧା ସୃଷ୍ଟି ହୋଇଥାଏ। ମୁଖ୍ୟତଃ ବାଛୁରୀ ଜନ୍ମ ସମୟରେ ଆଗ ଦୁଇ ଗୋଡ଼ ସହ ମୁଣ୍ଡ ବାହାରକୁ ଆସିଥାଏ। ବାଛୁରୀ ଜନ୍ମ ସମୟରେ ମାଈ ପ୍ରାଣୀର ଗର୍ଭାଶୟର ସଙ୍କୋଚନ ଏବଂ ଗ୍ରୀବାର ଦ୍ୱାର ମଧ୍ୟ ଠିକ୍ ଭାବରେ ଖୋଲିବା ଉଚିତ, ନ ହେଲେ ବାଛୁରୀ ଜନ୍ମ ସମୟରେ ବାଧା ସୃଷ୍ଟି ହୋଇଥାଏ। ବାଛୁରୀ ଏବଂ ଗାଈର ପ୍ରସବ ଦ୍ୱାର ମଧ୍ୟରେ ସମାନତା ନ ରହିଲେ ମଧ୍ୟ ବାଛୁରୀ ଜନ୍ମ ହେବାରେ ବାଧା ସୃଷ୍ଟି ହୋଇଥାଏ।

**ବାଛୁରୀ ଜନ୍ମ ପରେ ଗର୍ଭାଶୟରୁ ଫୁଲ ନ ପଡ଼ିବା :** ବାଛୁରୀ ଜନ୍ମହେବାର ୧୨ ଘଣ୍ଟା ମଧ୍ୟରେ ଫୁଲ ପଡ଼ିଯିବା ଉଚିତ। ୧୨ ଘଣ୍ଟା ପରେ ଫୁଲ ନ ପଡ଼ିବା ଦ୍ୱାରା ଗର୍ଭାଶୟ ମଧ୍ୟରେ ଜୀବାଣୁର ମାତ୍ରା ବୃଦ୍ଧି ହୋଇ ସଂକ୍ରମଣ ବ୍ୟାପିଥାଏ। ଏହାଦ୍ୱାରା ପରେ ଗାଈ ଗରମ ଆସିବାରେ ବିଳମ୍ବ ହେବା ସହ ଗର୍ଭଧାରଣ କରିବାରେ ମଧ୍ୟ ଅସମର୍ଥ ହୋଇଥାଏ। ଏହି ଅସୁବିଧା ପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

**ଗର୍ଭାବସ୍ଥାରେ ଗର୍ଭାଶୟରେ ପାଣି ଜମିବା :** ଗର୍ଭାବସ୍ଥାରେ ଗର୍ଭାଶୟରେ ପାଣି ଜମିବା ସମସ୍ୟା କିଛି ମାତ୍ରାରେ ଗାଈଙ୍କଠାରେ ଦେଖିବାକୁ ମିଳିଥାଏ। ଏହାଫଳରେ ଗର୍ଭାବସ୍ଥାର ସମୟସୀମା ମଧ୍ୟ ବୃଦ୍ଧି ପାଇଥାଏ। ଯାଆଁଳା ବାଛୁରୀ ଗର୍ଭାଶୟରେ ଥିଲେ ଗାଈ ଏହି ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି।

**ଗର୍ଭାଶୟରେ ଜୀବାଣୁ ସଂକ୍ରମଣ** ଗର୍ଭାଶୟରେ ଜୀବାଣୁ ସଂକ୍ରମଣ ହେବା ଦ୍ୱାରା ଗାଈର ଶରୀରର ତାପମାତ୍ରା ବୃଦ୍ଧିହେବା ସହ ଖାଦ୍ୟ ଖାଇବା ଛାଡ଼ି ଦେଇଥାଏ। ଗରମ ଲକ୍ଷଣ ଠିକ୍ ଭାବରେ ଦେଖାଯାଇ ନ ଥାଏ ଏବଂ ଗାଈ ମଧ୍ୟ ଗର୍ଭ ରଖି ନ ଥାଏ। ଏହାଫଳରେ ପ୍ରଜନନ ପ୍ରକ୍ରିୟାରେ ବାଧା ସୃଷ୍ଟିହୋଇଥାଏ। ଗାଈର ପ୍ରଜନନଜନିତ ସମସ୍ୟା ଚାଷୀଙ୍କ ପାଇଁ କ୍ଷତିର କାରଣ ହୋଇଥାଏ। ଏଥିପାଇଁ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରିବା ଜରୁରୀ ।

-ଡା. ହିମାଂଶୁ ବେହେରା, ମୋ : ୮୯୦୮୨୬୨୦୯୦

# ଆପଲ ବେରି ଚାଷ ପରିଚୟ ଦେଇଛି

**ସଫଳ କୃଷିଜୀବୀ**
**ଜୁଲି ବେହେରା**



ମନରେ ଇଚ୍ଛା ଓ ଉତ୍ସାହ ଥିଲେ କୌଣସି କ୍ଷେତ୍ରରେ ଜଣେ ସଫଳତା ହାସଲ କରିପାରିବ- ଏକଥାର ଅନ୍ୟତମ ଉଦାହରଣ ସାଜିଛନ୍ତି ଜୁଲି ବେହେରା। ଭଦ୍ରକ ଜିଲା ଧାମନଗର ବ୍ଲକ୍ ଖଡ଼ିପଦା ପଞ୍ଚାୟତସ୍ଥିତ କାଞ୍ଜିଆପାଳ ଗ୍ରାମରେ ତାଙ୍କର ଜନ୍ମ। କୃଷି କ୍ଷେତ୍ରରେ ସେ ସଫଳତା ଅର୍ଜନ କରିବା ସହ ସ୍ଥାନୀୟ ଅଞ୍ଚଳରେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି। ବହୁମୁଖୀ ଚାଷ ପ୍ରଣାଳୀ ଅନୁସରଣ କରି ସେ ନିଜକୁ ଆତ୍ମନିର୍ଭରଶୀଳ କରାଇବାରେ ସଫଳ ହୋଇଛନ୍ତି। ପାଠ ପଢ଼ି ଚାକିରି କରିବା ଅପେକ୍ଷା ସେ ଚାଷକୁ ଆପଣେଇ ନେଇଛନ୍ତି। ଜୁଲିଙ୍କ ଶିକ୍ଷାଗତ ଯୋଗ୍ୟତା ବିଏବିଏଡ୍ । ନିଜ ସମ୍ପର୍କରେ ସେ କହନ୍ତି, ''ପାଠ ପଢ଼ି କେବଳ ଚାକିରି କଲେ ହିଁ ଯେ ଜଣେ ରୋଜଗାର କରିପାରିବ-ଏଭଳି ଧାରଣା ମୋ ମତରେ ଠିକ୍ ନୁହେଁ। ରୋଜଗାର କରିବାର ଅନ୍ୟତମ ଉତ୍ତମ ମାଧ୍ୟମ ହେଲା କୃଷି। ଏହାକୁ ଆପଣେଇ ନେବାକୁ ପ୍ରଥମେ ମୁଁ ନିଜକୁ ମାନସିକସ୍ତରରେ ପ୍ରସ୍ତୁତ କରିଥିଲି। ତା'ପରେ ଯୋଜନାବଦ୍ଧ ଭାବରେ ଏ କ୍ଷେତ୍ରରେ ଆଗେଇଲି। ପାରମ୍ପରିକ ଚାଷଠାରୁ ଭିନ୍ନ ଧାରାରେ ଚାଷ କରିବାକୁ ପ୍ଲାନିଂ କରିବା ସହ ନିଜର ୮ ଏକର ଜମି ମଧ୍ୟରୁ ପାଖାପାଖି ୨.୫ ଏକର ଜମିରେ ଆପଲ ବେରି (କୋଳି) ଚାଷ କଲି। ବଲ ସୁନ୍ଦରୀ, କଶ୍ମୀରୀ ସୁନ୍ଦରୀ ଓ ଥାଇଗ୍ରୀନ୍ ଭଳି ୩ ପ୍ରକାର ଉନ୍ନତ ପ୍ରଜାତିର ୧୨୦୦ କୋଳି ଗଛ ରହିଛି। ଆଉ ବଳକା ଜମି ଭିତରୁ ଗୋଟିଏ ଏକରରେ ୩ ହଜାର ଗଛ ଡ୍ରାଗନ ଫ୍ରୁଟ୍ ଚାଷ କରିଛି। ଏହା ସହ ୫୦୦ଟି ମେହେଗୁନି ଗଛ ଲଗାଇଛି, ଯାହାର କାଠରୁ କ୍ରିକେଟ ବ୍ୟାଟ୍ ଓ ବନ୍ଧୁକ ବଟ୍ ତିଆରି ହୋଇଥାଏ। ନଡ଼ିଆ, କଦଳୀ, ଲେମ୍ବୁ, ସପେଟା, ଜାମରୁଳ, ପନିପରିବା ଓ ଗେଣ୍ଡୁଫୁଲ ଚାଷ ମଧ୍ୟ କରିଛି। ଏହାପରେ ମାଛ ଚାଷ ଆରମ୍ଭ କଲି। ଦୁଇଟି ପୋଖରୀ ଖୋଳି ସେଥିରେ ମାଛଚାଷ କରିଛି । ମୋର ଏହି ସମ୍ମିଳିତ କୃଷି ପ୍ରଣାଳୀକୁ ସଫଳ କରିବା ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। ବିଶେଷଭାବରେ ଆପଲବେରି ଚାଷ ମୋତେ ପରିଚୟ ଦେଇଛି ବୋଲି କହିବି।'' ଜୁଲିଙ୍କ ଦ୍ୱାରା ଉତ୍ପାଦିତ ଆପଲ ବେରି କୋଳି ବିଦେଶକୁ ମଧ୍ୟ ରପ୍ତାନି ହେଉଛି। ''ଭୁବନେଶ୍ୱରର ଏକ ସଂସ୍ଥା ମାଧ୍ୟମରେ ୧୦ କୁଇଣ୍ଟାଲ କୋଳି ଦୁବାଇ ପଠାଯାଉଛି। ମୋର ପିଲା ବେଳୁ ଫୁଲଫଳ ଗଛ ଲଗାଇବାରେ ଆଗ୍ରହ ଥିଲା। ଏହା ପରେ ଘରେ ବସିବା ପାଇଁ ଭଲ ଲାଗିଲା ନାହିଁ। ଉଦ୍ୟାନ କୃଷି ବିଭାଗ ସହାୟତା ନେଇ ଏଭଳି ପ୍ରୟାସ ଆରମ୍ଭ କରିଥିଲି। ଆଜି ଏଥିରେ ମୁଁ ସଫଳ ହୋଇଛି ଏବଂ ଏହା ମୋତେ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ପରିଚୟ ଦେଇଛି। ବର୍ତ୍ତମାନ ସୁଦ୍ଧା ୫ ଲକ୍ଷରୁ ଅଧିକ ଟଙ୍କାର ଆପଲ ବେରି ବିକ୍ରି କରିସାରିଛନ୍ତି ଓ ପ୍ରାୟ ୮ ଲକ୍ଷ ଟଙ୍କାର କୋଳି ବିକ୍ରି ହେବାର ଆଶା ରହିଛି। ମୋ ସଫଳତା ପଛରେ ସ୍ୱାମୀ ଶଶିକାନ୍ତ ବେହେରାଙ୍କ ପ୍ରେରଣା ଏବଂ ସହଯୋଗକୁ ଯେତେ ଧନ୍ୟବାଦ ଦେବି ତାହା ସେତେ କମ୍ ହେବ। ଏହି ସମଗ୍ର ପ୍ରକଳ୍ପ ପାଇଁ ମୁଁ ଓଡ଼ିଶା ସରକାରଙ୍କ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ଋଣ ନେଇଛି ଏବଂ ଧାମନଗର ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରାୟୋଗିକ ସହାୟତା ମିଳୁଛି ବୋଲି କହନ୍ତି ଏହି ମହିଳା କୃଷିଜୀବୀ। ସ୍ଥାନୀୟ ଆଖପାଖ ଅଞ୍ଚଳରୁ ବେପାରୀମାନେ ସିଧାସଳଖ ଆସି କୋଳି କିଣି ମାର୍କେଟରେ ବିକ୍ରି କରୁଛନ୍ତି। ଏହି ଚାଷ ମାଧ୍ୟମରେ ସେ ସ୍ଥାନୀୟ ପ୍ରାୟ ୧୦ ଜଣଙ୍କୁ ରୋଜଗାରକ୍ଷମ କରାଇବାରେ ସକ୍ଷମ ହୋଇଛନ୍ତି ସେ।

-ଦେବେନ୍ଦ୍ର ଆଢ଼ିଆ




# ଓଡ଼ିଶାରେ ହେବ ଫିଟ୍ ଇଣ୍ଡିଆ କାର୍ନିଭାଲ

## ସୁସ୍ଥ ଜୀବନ ଶୈଳୀକୁ ଆପଣାଇବାକୁ କ୍ରୀଡ଼ାମନ୍ତ୍ରୀଙ୍କ ଆହ୍ୱାନ



ସମୀକ୍ଷା ବୈଠକରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଅନ୍ୟମାନେ।

**ଭୁବନେଶ୍ୱର, ୧୦।୩ (ତପନ ସ୍ୱାଇଁ)**

ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଚଳିତ ମାସ ୧୫ରୁ ୧୭ ପର୍ଯ୍ୟନ୍ତ ପୁରୀ ଜିଲାରେ ଫିଟ୍ ଇଣ୍ଡିଆ କାର୍ନିଭାଲ-୨୦୨୬ ଅନୁଷ୍ଠିତ ହେବ। ଏନେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଆଞ୍ଚଳିକ କାର୍ଯ୍ୟାଳୟ, କୋଲକାତାଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଫିଟ୍ ଇଣ୍ଡିଆ ମିଶନ ଅଧୀନରେ ନାଗରିକମାନଙ୍କ ମଧ୍ୟରେ ଏକ ସୁସ୍ଥ ଓ ନିରାମୟ ଜୀବନ ଯାପନ ଶୈଳୀକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଫିଟ୍ ଇଣ୍ଡିଆ କାର୍ନିଭାଲ-୨୦୨୬ରେ ଯୁବବର୍ଗଙ୍କଠାରୁ ଆରମ୍ଭକରି ମହିଳା, ବରିଷ୍ଠ ନାଗରିକ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସମସ୍ତ ସମୁଦାୟର ଅଂଶୀଦାରିତାକୁ ସୁନିଶ୍ଚିତ କରାଯିବ। ତିନିଦିନ ଧରି ହେବାକୁ ଥିବା କାର୍ନିଭାଲରେ ସକାଳ ସମୟରେ ପୁରୀ ବେଳାଭୂମିରେ ଯୋଗ, ପ୍ରାଣାୟାମ, ୱାକାଥନ୍, ମାରାଥନ୍ ସହ ଦୌଡ଼କୁଦ, ଫୁଟବଲ, ଜୁମ୍ବା, ଏରୋବିକ୍ସ, ଭଲିବଲ ଆଦି ଖେଳର ଆୟୋଜନ ହେବ। ସନ୍ଧ୍ୟାରେ ଗୋଟିପୁଅ, ମାଲଖମ୍ଭ, ଫିଟନେଶ ଫ୍ୟାସନ ୱାକ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ।

''ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆ ମିଶନ ଅଧୀନରେ ଓଡ଼ିଶାରେ ପ୍ରଥମ ଥର ପାଇଁ ପୁରୀରେ ଫିଟ୍ ଇଣ୍ଡିଆ କାର୍ନିଭାଲର ଆୟୋଜନ କରାଯାଉଛି। ଏକ ସୁସ୍ଥ ଜୀବନ ଯାପନ ଶୈଳୀକୁ ଆପଣାଇବା ସହ ସମସ୍ତେ ଯେପରି ଶାରୀରିକ ଓ ମାନସିକ ସ୍ତରରେ ଫିଟ୍ ରହିବେ ତାହାକୁ ପ୍ରାଧାନ୍ୟ ଦିଆଯିବ'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିକୁ ଯେପରି ଆହୁରି ସୁଦୃଢ଼ କରାଯାଇପାରିବ ସେ ସମ୍ପର୍କରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଅଧିକାରୀମାନଙ୍କ ସହ ସୂରଜ ଆଲୋଚନା କରିଛନ୍ତି। ବୈଠକରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣର ଆଞ୍ଚଳିକ ନିର୍ଦ୍ଦେଶକ (ପୂର୍ବକ୍ଷେତ୍ର) ଶିବାନନ୍ଦନ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅର୍ଶଦୀପଙ୍କୁ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା

**ଦୁବାଇ, ୧୦।୩ (ପି.ଟି.)**

ଅହମଦାବାଦରେ ଅନୁଷ୍ଠିତ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଫାଇନାଲ ସମୟରେ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଡେରିଲ ମିଚେଲଙ୍କୁ ଲକ୍ଷ୍ୟ କରି ଆକ୍ରମଣାତ୍ମକ ଢଙ୍ଗରେ ବଲ୍ ଫିଙ୍ଗିଥିବାରୁ ତାଙ୍କ ମ୍ୟାଚ୍ ଫି'ର ୧୫ ପ୍ରତିଶତ ଜରିମାନା କରାଯାଇଛି। ଏହାଛଡ଼ା ତାଙ୍କ ଶୃଙ୍ଖଳାଗତ ରେକର୍ଡରେ ଗୋଟିଏ ଡିମେରିଟ୍ ପଏଣ୍ଟ ଯୋଗ କରାଯାଇଛି। ୨୪ ମାସ ମଧ୍ୟରେ ଅର୍ଶଦୀପଙ୍କର ଏହା ପ୍ରଥମ ଅପରାଧ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତରଫରୁ ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି ଯେ, ଅର୍ଶଦୀପ ଆଇସିସି ଆଚରଣ ସଂହିତାର ଧାରା ୨.୯ର ଉଲ୍ଲଂଘନ କରିଛନ୍ତି। ରବିବାର ନ୍ୟୁଜିଲାଣ୍ଡ ଇନିଂସର ୧୧ତମ ଓଭରରେ ଏହି ଘଟଣା ଦେଖିବାକୁ ମିଳିଥିଲା। ଅର୍ଶଦୀପ ତାଙ୍କ ବୋଲିଂରେ ଫଲୋ-ଥ୍ରୁରେ ଫିଲ୍ଡିଂ କରୁଥିଲେ। ବଲ୍ ସଂଗ୍ରହ କରିବା ପରେ ସେ ଆକ୍ରମଣାତ୍ମକ ଭଙ୍ଗୀରେ ନ୍ୟୁଜିଲାଣ୍ଡ ଉପଅଧିନାୟକଙ୍କ ଉଦ୍ଦେଶ୍ୟରେ ବଲ୍ ଥ୍ରୋ କରିଥିଲେ। ବଲ୍‌ଟି ବ୍ୟାଟରଙ୍କ ପ୍ୟାଡ୍‌ରେ ଯାଇ ବାଜିଥିଲା। ଆଇସିସି ଏଲିଟ୍ ପ୍ୟାନେଲ ଅଫ୍ ମ୍ୟାଚ ରେଫରିଜ୍ ଆଣ୍ଡି ପାଇକ୍ରଫ୍ଟ ପ୍ରସ୍ତାବିତ ଦଣ୍ଡକୁ ଗ୍ରହଣ କରିବାରୁ ଆନୁଷ୍ଠାନିକ ଶୁଣାଣିର ଆବଶ୍ୟକତା ପଡ଼ି ନ ଥିଲା। ଅର୍ଶଦୀପଙ୍କ ବିରୋଧରେ ଅମ୍ପାୟର ଓ ରେଫରି ଅଭିଯୋଗ ଆଣିଥିଲେ।

# ବିଶ୍ୱ ଚାମ୍ପିୟନ ଦଳକୁ ୧୩୧ କୋଟି ଟଙ୍କା ପୁରସ୍କାର

**ନୂଆଦିଲ୍ଲୀ, ୧୦।୩ (ପି.ଟି.)**

ଭାରତ ତୃତୀୟ ଥର ଟି୨୦ ବିଶ୍ୱକପ୍ ଜିତିବା ପରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଦଳ ଲାଗି ୧୩୧କୋଟି ଟଙ୍କା ଆର୍ଥିକ ପୁରସ୍କାର ଘୋଷଣା କରିଛି। ୧୫ ଜଣ ଖେଳାଳିଙ୍କ ବ୍ୟତୀତ କୋଚିଂ ଷ୍ଟାଫ୍ ଏବଂ



ବିଶ୍ୱକପ ଟ୍ରଫି ସହ ସୂର୍ଯ୍ୟକୁମାର ଯାଦବ।

ଅନ୍ୟ ସପୋର୍ଟ ଷ୍ଟାଫ୍ ଏହି ପୁରସ୍କାର ରାଶିର ହକ୍‌ଦାର ଅଟନ୍ତି। ପୁରସ୍କାରର ସିଂହଭାଗ ଖେଳାଳିମାନେ ପାଇବେ। ୨୦୨୪ରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଟି୨୦ ବିଶ୍ୱକପ୍ ଜିତିଥିବା ଭାରତୀୟ ଦଳକୁ ୧୨୫ କୋଟି ଟଙ୍କା ପୁରସ୍କାର ମିଳିଥିଲା। ଏଥର ପୁରସ୍କାର ପରିମାଣ ୬କୋଟି ଟଙ୍କା ବୃଦ୍ଧି କରାଯାଇଛି। ଖବର ଅନୁସାରେ ୧୫ଜଣ ଖେଳାଳି ଜଣ ପିଛା ୬ କୋଟି ଟଙ୍କା ଲେଖାଏ ପାଇବେ। ଅବଶିଷ୍ଟ ୪୧କୋଟି ଟଙ୍କା ସମସ୍ତ ସପୋର୍ଟ ଷ୍ଟାଫ୍‌ଙ୍କ ମଧ୍ୟରେ ବାଣ୍ଟି ଦିଆଯିବ। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଏକ ବିବୃତିରେ କହିଛନ୍ତି, ଐତିହାସିକ ସଫଳତା ପାଇଁ ବୋର୍ଡ ପୁଣି ଥରେ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଅଭିନନ୍ଦନ ଜଣାଉଛି। ଭବିଷ୍ୟତରେ ସେମାନଙ୍କ ସଫଳତା କାମନା କରୁଛି। ସୂଚନାଯୋଗ୍ୟ, ରବିବାର ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ୯୬ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିବା ଦ୍ୱାରା ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଟାଇଟଲ ବଜାୟ ରଖି ଇତିହାସ ସୃଷ୍ଟି କରିଛି। ଏହି ବିଜୟ ଦ୍ୱାରା ଆହୁରି ମଧ୍ୟ ଭାରତ ପ୍ରଥମ ଦଳ ଭାବେ ୩ଥର ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଜିତି ଫର୍ମାଟର ଇତିହାସରେ ସବୁଠାରୁ ସଫଳ ଦଳ ମଧ୍ୟରେ ନିଜର ସ୍ଥାନକୁ ଆହୁରି ସୁଦୃଢ଼ କରିପାରିଛି।

## ବୁମ୍‌ରାଙ୍କ ଲାଗି ୱାର୍କଲୋଡ୍ ମ୍ୟାନେଜମେଣ୍ଟ

କାର୍ଯ୍ୟଭାର ହ୍ରାସ କରିବା ଉଦ୍ଦେଶ୍ୟ ନେଇ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ୨୦୨୭ ପାଇଁ ପ୍ରସ୍ତୁତି ଲାଗି ଆସନ୍ତା ୧୮ମାସ ମଧ୍ୟରେ ଖେଳାଯିବାକୁ ଥିବା ଅନ୍ତର୍ଜାତୀୟ ଟି୨୦ ଦ୍ୱିପାକ୍ଷିକ ସିରିଜ ତୁଳନାରେ ଅଧିକ ସଂଖ୍ୟାରେ ଅନ୍ତର୍ଜାତୀୟ ଦିନିକିଆ ଖେଳିପାରନ୍ତି ଭାରତର ପ୍ରମୁଖ ପେସ୍ ବୋଲର ଯଶପ୍ରୀତ୍ ବୁମ୍‌ରା। ୨୦୨୭ ଅକ୍ଟୋବର-ନଭେମ୍ବରରେ ବ୍ୟସ୍ତବହୁଳ ଦ୍ୱିପାକ୍ଷିକ ସିରିଜ ଏବଂ ଜାପାନର ଆଇଚି ନାଗୋୟାଠାରେ ଏସିଆନ ଗେମ୍ସ ରହିଛି। ଏଥିରେ ଭାରତ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଖେଳିବ ବୋଲି ଆଶା କରାଯାଉଛି। ଖବର ଅନୁସାରେ ବୁମ୍‌ରାଙ୍କ ଭଳି ବହୁ ସିନିୟର ଖେଳାଳି ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ ଖେଳିବା ଲାଗି ଆଗ୍ରହୀ ଅଛନ୍ତି। ମାତ୍ର ବିଶ୍ୱକପ୍ ୨୦୨୭ ପର୍ଯ୍ୟନ୍ତ ହ୍ୱାଇଟ୍ ବଲ୍ ଫର୍ମାଟ ତାଙ୍କର ଅଗ୍ରାଧିକାର ରହିବ। ଦୁଇ ମାସ ଧରି ହେବାକୁଥିବା ଇଣ୍ଡିଆ ପ୍ରିମିୟର ଲିଗ୍ (ଆଇପିଏଲ୍) ଶେଷ ହେବା ପରେ ଭାରତର ଦିନିକିଆ ବିଶ୍ୱକପ୍ ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହେବ। ଆଇପିଏଲ୍‌ରେ ବୁମ୍‌ରା ମୁମ୍ବାଇ ଇଣ୍ଡିଆନ୍ସ ପେସ୍ ବାହିନୀର ନେତୃତ୍ୱ ନେବେ। ଖବର ଅନୁସାରେ ଆଇପିଏଲ୍ ଶେଷ ହେବାପରେ ନ୍ୟାଶନାଲ ସିଲେକ୍ସନ କମିଟି, ଭିଭିଏସ୍ ଲକ୍ଷ୍ମଣଙ୍କ ନେତୃତ୍ୱରେ ସେଣ୍ଟର ଅଫ୍ ଏକ୍ସଲେନ୍ସ ଏବଂ ଟିମ୍ ମ୍ୟାନେଜମେଣ୍ଟ ପ୍ରତିନିଧି ଗୌତମ ଗମ୍ଭୀର ଓ ଶୁବମନ ଗିଲ୍ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବେ। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେବ ବୁମ୍‌ରାଙ୍କ ୱାର୍କଲୋଡ୍ ମ୍ୟାନେଜମେଣ୍ଟ।




Authorised Dealers for BAJAJ Auto Ltd.: Berhampur: Aska Road SISIRABHA BAJAJ 9238311111 • Kodasingh BAJAPAYEE BAJAJ 9938449988 Digapahandi SISIRABHA BAJAJ 933706332 • Chatrapur SISIRABHA BAJAJ 9348472332 • Paralakhemundi BAJAPAYEE BAJAJ 811806227• Balugaon BHARAT BAJAJ 7381099441. Rayagada SITA RAMA BAJAJ – 7205631185, • Gunupur SITA RAMA BAJAJ 9437771070.

1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ